ଖାଲି ଏଇ ଥରକ

ଖାଲି ଏଇ ଥରକ ମୁଁ ମୋର ଲକ୍ଷ୍ୟସାଧନାରେ ଟିକିଏ ଖିଲାପ କରୁଛି ନା, କ'ଣ ସବୁଦିନେ ଏଇପରି କରିବି ? ଖାଲି ଏଇ ଥରକ ଖଣ୍ଡେ ସିଗାରେଟ୍ ଟାଣିଦେଉଛି, ଖାଲି ଏଇ ଥରକ ପାନଖଣ୍ଡେ ଖାଇଦେଉଛି, ଖାଲି ଏଇ ଥରକ ଗୁଡ଼ାଖୁ ଟିକିଏ ଘଷିଦେଉଛି, ଖାଲି ଏଇ ଥରକ ବ୍ୟାୟାମ, ଆସନ ନ କରି ଟିକିଏ ବୁଲିବା, ଗପିବା କିଂବା ଅନ୍ୟ କାମ କରୁଛି, ଖାଲି ଏଇ ଥରକ ଟିକେ ଅସମୟରେ ଶୋଇ ଆରାମ କରୁଛି, ଖାଲି ଏଇ ଥରକ ଟିକେ ଡେରିରେ ଉଠୁଛି, ଖାଲି ଏଇ ଥରକ ପଢ଼ାରେ ଟିକିଏ ଅବହେଳା କରୁଛି, ଶରୀର ଖରାପ ଥାଉ ପଛେ, ଖାଲି ଏଇ ଥରକ ଖଟା କିଂବା କିଛି ନିଷେଧ-ଦ୍ରବ୍ୟ ଖାଇଦେଉଛି, ଖାଲି ଏଇ ଥରକ ଦୁଶ୍ଚିନ୍ତାକୁ ମନରେ ସ୍ଥାନ ଦେଉଛି, ଖାଲି ଏଇ ଥରକ ସେ ବନ୍ଧୁ ସାଙ୍ଗରେ ପଡ଼ି କିଛି ଅବାଞ୍ଛିତ କାମ କରିପକାଇଛି ସିନା ସବୁଥର କ'ଣ କରିବି ନା ସବୁଦିନେ କରିବି ? ଏଇପରି ଅସଂଖ୍ୟ ଘଟନାରେ ଯେତେବେଳେ ମଣିଷ ନିମ୍ନ ମନ, ପ୍ରାଣର ଦାବି ନିକଟରେ ହାର୍‌ମାନେ, ସେମାନଙ୍କର କୌଶଳ ଓ ପ୍ରତାରଣା ବୁଝି ନ ପାରେ ସେତେବେଳେ ନିଜକୁ ଏଇଭଳି ଯୁକ୍ତିରେ ସନ୍ତୁଷ୍ଟ କରିଥାଏ । କିନ୍ତୁ ବୁଝିପାରେ ନାହିଁ ଏଇ 'ଥରେ' 'ବହୁଥର'ରେ ପରିଣତ ହୁଏ । ସେତେବେଳେ ଆଉ ନିଜ ଉପରେ ଆୟତ୍ତ ରହେ ନାହିଁ, ନିଜର ସଂଯମ-ଶୃଙ୍ଖଳା-ସଂକଳ୍ପସବୁ ଦୁର୍ବଳ ହୋଇଯାଏ ।

ତେଣୁ ଥରେ ନିଜର ଲକ୍ଷ୍ୟସାଧନା ପାଇଁ ଯାହା ଭଲ ତାହା ସ୍ଥିର କରି ନେଇଯିବା ପରେ ଜାଣିଶୁଣି, ବିନାକାରଣରେ ସେଥିରେ ଯଦି ଆମେ ଖିଲାପ କରୁ, ତେବେ ଆମକୁ ତା'ର ବିଷମୟ ପରିଣତି ଭୋଗିବାକୁ ପଡ଼େ । ସେଥିଲାଗି ମା' ଶରୀର-ସାଧନା, ଯଥା : ବ୍ୟାୟାମ, ଖାଦ୍ୟ, ଶୟନ, ବିଶ୍ରାମ, ଦୈନନ୍ଦିନ କର୍ମ ଇତ୍ୟାଦି ସମ୍ବନ୍ଧରେ କହିବାକୁ ଯାଇ ଗୋଟିଏ

ସ୍ଥାନରେ କହିଛନ୍ତି :

"Once the programme is fixed, one must stick to it rigorously with no fancifulness or slackness to shake it : none of those exceptions to the rule indulged in just "for once", but which are repeated often– for, when you yield to temptation even "just for once", you lessen the registance of your will and open the door to each and every defeat."

''ଥରେ ତୁମର କର୍ମସୂଚୀ ସ୍ଥିର ହୋଇଗଲେ ତାକୁ ନିଷ୍ଠାର ସହ ପାଳନ କରିବା ଉଚିତ, କୌଣସି ଖିଆଲ ବା ଶୈଥିଲ୍ୟକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ''ମାତ୍ର ଏଇ ଥରକ'' ବୋଲି କହି କୌଣସି ନିୟମକୁ ଭାଙ୍ଗିବା ଉଚିତ ନୁହେଁ, କାରଣ ଏହା ବହୁଥରରେ ପରିଣତ ହେବ ଏବଂ 'ଥରକ' ପାଇଁ ତୁମେ ପ୍ରଲୋଭନ ପାଖରେ ହାର୍ ମାନିବା ଅର୍ଥ ନିଜ ସଂକଳ୍ପଶକ୍ତିକୁ ଦୁର୍ବଳ କରିପକାଇବା ଏବଂ ସବୁପ୍ରକାର ପରାଜୟର ଦ୍ୱାର ଖୋଲିଦେବା ।''

ଏହା କେବଳ ଯେ ଆମର ଶରୀରର ସାଧନା ଦୃଷ୍ଟିରୁ ଆମ ପକ୍ଷରେ ଗ୍ରହଣୀୟ ତା' ନୁହେଁ, ଏହା ଆମର ମନ, ପ୍ରାଣ, ଶରୀରର ପୂର୍ଣ୍ଣାଙ୍ଗ ସାଧନା ନିମନ୍ତେ ପ୍ରୟୋଜନ । କାରଣ ଶରୀରର ସାଧନା ସହିତ ଅନ୍ୟ ସବୁଗୁଡ଼ିକ ସଂପୃକ୍ତ । ସେସବୁ ଶୃଙ୍ଖଳିତ, ସଂଯତ ନ ହେଲେ ଶରୀର ସାଧନା ଅସମ୍ଭବ ।

ଉଚ୍ଚତର ସତ୍ୟ ନିମନ୍ତେ, ଉଚ୍ଚତର ଚେତନା ନିମନ୍ତେ ସାଧନା କଷ୍ଟ ବୋଲି ମଣିଷର ନିମ୍ନପ୍ରକୃତି ସବୁବେଳେ ନିଜ ସପକ୍ଷରେ ଯୁକ୍ତି ଖୋଜେ । ସେ ଜାଣେ ନାହିଁ ସେଇ ଖାଲି ଟିକିଏ, ସେଇ ଖାଲି ଥରଟିଏ ତା' ଜୀବନରେ କିପରି ବିରାଟ ଓଲଟପାଲଟ ଘଟାଇ ଦିଏ । ଏହା ଭଲ ଦିଗରେ ହୋଇପାରେ, ଖରାପ ଦିଗରେ ବି ହୋଇପାରେ ।

ଗୋଟିଏ ପିଲା ଥିଲା । ସେ ବହୁତ ଶାନ୍ତ, ବହୁତ ସରଳ, ବହୁତ ବିନମ୍ର ଓ ମନୋଯୋଗୀ । କଲେଜରେ ବି ସେ ବହୁତ ଭଲ ପଢ଼େ । କାହାରି

ସଙ୍ଗରେ ବିଶେଷ ମିଶେ ନାହିଁ । ମିଶିବାକୁ ବି କାହିଁକି ତାକୁ ଭଲ ଲାଗେ ନାହିଁ । ଅନ୍ୟ ପିଲାଙ୍କର ଆଚରଣ ସ୍ୱତଃସ୍ଫୂର୍ତ୍ତ ରୂପେ କାହିଁକି ତା'ର ପ୍ରକୃତି ଗ୍ରହଣ କରିପାରେ ନାହିଁ । କାହାରି ସହ ଶତ୍ରୁତା ନ ଥାଏ; କିନ୍ତୁ ଅନ୍ତରଙ୍ଗତା ନ ଥାଏ । ବହୁତ ଏକାକୀ ଲାଗେ, ଅନ୍ୟମାନଙ୍କର ଥଟ୍ଟା ପରିହାସ ପ୍ରତି ସବୁବେଳେ ଭୟ ଥାଏ । କିନ୍ତୁ ଅନ୍ତରରେ ସେ ବୁଝି ନ ପାରିଲେ ବି ସବୁବେଳେ ଗୋଟିଏ ମହତ୍ ଭାବ ଲୁଚି ରହିଥାଏ । ଏପରି କିଛି ଥାଏ ଯାହା ଚାହୁଁ ଥାଏ ଏ ସାଧାରଣ ମଣିଷଠାରୁ ଊର୍ଦ୍ଧ୍ୱସ୍ତରକୁ ଯିବ, ସ୍ୱାର୍ଥ, ହିଂସା, ଦ୍ୱେଷ, ଶଠତା ଆଦିରେ ପୂର୍ଣ୍ଣ ମଣିଷପ୍ରକୃତିଠାରୁ ମୁକ୍ତ ହେବ । ମନଟି ମାରି ଅଧିକାଂଶ ସମୟରେ ଭାବାବିଷ୍ଟ ହୋଇ ବସିଥାଏ, ଯେପରି ଦୁନିଆଯାକର ସବୁ ଦୁଃଖ ତା'ଉପରେ ଲଦା ହୋଇଛି ।

ତାଙ୍କରି ଗ୍ରାମ ନିକଟର ଆଉ ଗୋଟିଏ ପିଲା ମଧ୍ୟ ତା'ସହ କଲେଜରେ ପଢୁଥାଏ । ତା'ର ପ୍ରକୃତି ସଂପୂର୍ଣ୍ଣ ଭିନ୍ନ । ପାଠଶାଠରେ ଆଦୌ ମନ ନ ଥାଏ । ଦରକାରୀ ବହିପତ୍ର ବି ନ ଥାଏ । ଘରୁ ଯାହା ଟଙ୍କା ଆସେ ଅଧିକାଂଶ ସାଙ୍ଗମାନଙ୍କ ସହ ଖିଆପିଆ ଓ ସିନେମା ଦେଖାରେ ଖର୍ଚ୍ଚ ହୋଇଯାଏ । ସାଙ୍ଗମହଲରେ ବହୁତ ଆଦର । କଲେଜରେ ସମସ୍ତେ ଜାଣନ୍ତି । ବିଭିନ୍ନ ରାଜନୈତିକ ନେତାଙ୍କଠାରୁ ଟଙ୍କାପଇସା ଖାଇ ଓ ଅନ୍ୟାନ୍ୟ ପ୍ରଲୋଭନର ବଶବର୍ତ୍ତୀ ହୋଇ କଲେଜର ଅନେକ ଧର୍ମଘଟ ସେଇ ସୃଷ୍ଟି କରିଛି, ସେସବୁର ନେତା ହୋଇଛି । ଏ ଦୁଇଜଣ ପିଲାଙ୍କର କଲେଜରେ ଆଦୌ ବିଶେଷ ସଂପର୍କ ନ ଥାଏ ।

କଲେଜର ପରୀକ୍ଷା ସରିଲା । ଛୁଟି ହେଲା । ସମସ୍ତେ ଘରକୁ ଗଲେ । ଏ ଦୁହେଁ ବି ଗ୍ରାମକୁ ଫେରିଲେ । ଗ୍ରାମକୁ ଫେରି ପ୍ରଥମ ପିଲାଟି ତା'ର ବାଡ଼ି ଘରେ କାମ କରେ, ଅନ୍ୟ ସମୟରେ ପଢ଼େ, ଅନ୍ୟ ପିଲାମାନଙ୍କୁ ପଢ଼ାଏ, ଗ୍ରାମର କୌଣସି ବିକାଶମୂଳକ ଅନୁଷ୍ଠାନ ଗଠନର ବ୍ୟବସ୍ଥା କରେ । ଯେଉଁମାନେ ତାକୁ ସେ ଅଞ୍ଚଳରେ ଜାଣନ୍ତି ସମସ୍ତେ ତାକୁ ଭଲ ପାଆନ୍ତି ଓ ତା'କଥାକୁ ଗୁରୁତ୍ୱ ଦିଅନ୍ତି ।

ଅନ୍ୟ ପିଲାଟି ଚା, ସିଗାରେଟ୍, ପାନ, ମଦ ପ୍ରଭୃତି ଖାଇ ଅନେକ ସମୟରେ ବଜାରରେ ବୁଲି ଏଣେ ତେଣେ ତାସ, ପଶା ଖେଳେ ଓ ଯେକୌଣସି କୁତ୍ସିତ କାମରେ ଲିପ୍ତ ହେବାକୁ ପଛାଏ ନାହିଁ । କେହି ତାକୁ ଅନ୍ତରରେ ପସନ୍ଦ କରନ୍ତି ନାହିଁ; କିନ୍ତୁ ବାହାରେ ଡରନ୍ତି ।

ଏଇ ଛୁଟି ସମୟରେ ନିର୍ବାଚନ ପଡ଼ିଲା । ଦ୍ୱିତୀୟ ପିଲାଟିକୁ ଖୋରାକ ଜୁଟିଗଲା । ତା'ର ଆନନ୍ଦ ଆଉ ସ୍ଫୂର୍ତ୍ତି କହିଲେ ନ ସରେ । ସେ ତ କୌଣସି ଦଳରେ ନିଷ୍ଠାପର ଭାବରେ ନ ଥାଏ, ଯେଉଁ ଦଳରୁ ଟଙ୍କାପଇସା ପାଏ ସେ ଦଳ ପାଇଁ କାର୍ଯ୍ୟ କରେ । ସେଇ ସମୟରେ ସେ ଅଞ୍ଚଳରୁ ଯିଏ ଭୋଟ ପାଇ ବ୍ୟବସ୍ଥାପକ ସଭ୍ୟ ହୋଇଥାନ୍ତି ସେ ପ୍ରଚାର କାର୍ଯ୍ୟରେ ଗାଁକୁ ଆସିଲେ । ଗାଁରେ ବଡ଼ ଧରଣର କୌଣସି ମିଟିଂ ନ ଡକାଇ ପ୍ରଥମେ ତାଙ୍କର କର୍ମୀ ସଂଗଠନ ନିମନ୍ତେ ଗୋଟିଏ ଛୋଟ ମିଟିଂର ବ୍ୟବସ୍ଥା କଲେ । ଏ କାର୍ଯ୍ୟରେ ଅଗ୍ରଣୀ ହୋଇଥାଏ ଦ୍ୱିତୀୟ ପିଲାଟି । ପାଖଆଖର ସବୁ ମୁଖିଆ ମୁଖିଆ ନେତାଶ୍ରେଣୀର ଓ କର୍ମୀଶ୍ରେଣୀର ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ଦିନରେ, ନିର୍ଦ୍ଦିଷ୍ଟ ସ୍ଥାନରେ ଏକଜୁଟ ହେବା ପାଇଁ ନିମନ୍ତ୍ରଣ କରିସାରିଥାଏ । ଶେଷରେ ତା'ର ନଜର ପଡ଼ିଲା ଏଇ ପ୍ରଥମ ପିଲାଟି ଉପରେ । ଭାବିଲା ଏଇଟି ଯଦି ଦଳରେ ଯୋଗ ଦେଇପାରନ୍ତା ତେବେ ଲୋକମାନଙ୍କ ଉପରେ ବହୁତ ପ୍ରଭାବ ପଡ଼ିପାରନ୍ତା । ତା'ପାଖକୁ ଗଲା । ତାକୁ କହିଲା ତାଙ୍କ ମିଟିଂରେ ଯୋଗଦେବାକୁ । କିନ୍ତୁ ସେ ମନାକଲା । କହିଲା, ''ମୋର ଏସବୁ ରାଜନୀତିରେ ଭାଗ ନେବାକୁ ଆଗ୍ରହ ଆସୁ ନାହିଁ ।'' ଦ୍ୱିତୀୟ ପିଲାଟି କହିଲା, ''ତେବେ କାହିଁକି ରାଜନୀତି-ବିଜ୍ଞାନ ପଢୁଛୁ ? ତା'ଛଡ଼ା ତୁ କ'ଣ ଦେଶର ନାଗରିକ ନୋହୁଁ ? ତୋର କ'ଣ ରାଜନୈତିକ ସଚେତନତା ନାହିଁ ?''

ପ୍ରଥମ ପିଲାଟି କହିଲା, ''ରାଜନୀତି-ବିଜ୍ଞାନ ପଢ଼ିଲି ବୋଲି ଯେ ସକ୍ରିୟ ରାଜନୀତିରେ ଭାଗନେବି ତା'ର କୌଣସି ଅର୍ଥ ନାହିଁ । ତା'ଛଡ଼ା ଦେଶର ଜଣେ ନାଗରିକ ହିସାବରେ ମୋର ରାଜନୈତିକ ସଚେତନତା

ଅଛି ଏବଂ ମୋର ଭୋଟଟି ମୁଁ ଯାହାକୁ ସାମାନ୍ୟ ଉପଯୁକ୍ତ ପ୍ରାର୍ଥୀ ବୋଲି ଭାବୁଛି ତାକୁ ଦେବି । ବର୍ତ୍ତମାନର ଏହି ରାଜନୈତିକ ଆଚରଣକୁ ମୁଁ ପସନ୍ଦ କରେ ନାହିଁ କିଂବା ସେଥିରେ ସଂପୃକ୍ତ ହେବାକୁ ଇଚ୍ଛା କରେ ନାହିଁ ।''

ଦ୍ୱିତୀୟ ପିଲାଟି କହିଲା, ''ହଉ, ସକ୍ରିୟ ଅଂଶ ଗ୍ରହଣ ନ କଲୁ ନାହିଁ, ଖାଲି ଟିକିଏ ମିଟିଂରେ ଯୋଗଦେଇ ଆସିବୁ ଆ ।''

ଦ୍ୱିତୀୟ ପିଲାଟିର ପ୍ରଭାବରେ ପ୍ରଥମ ପିଲାଟି ରାଜି ହୋଇଗଲା । ଭାବିଲା ଖାଲି ଥରଟିଏ ଯାଇ ମିଟିଂରେ ଯୋଗଦେଇ ଆସିବ । ସେଥିରେ ତାକୁ କ'ଣ କିଏ ବାନ୍ଧି ପକାଉଛି ନା କ'ଣ ? ମିଟିଂକୁ ଗଲା । ସେଠାକୁ ଖୁବ୍ କମ୍ ଲୋକ ଆସିଥିଲେ । ନେତାଜଣକ ସେମାନଙ୍କ ସହ ଦେଶର ପରିସ୍ଥିତି ଓ ସେଥିରେ ସେମାନେ କି କି କାର୍ଯ୍ୟ କରିବାକୁ ଚାହାନ୍ତି ଓ ସେସବୁ କାର୍ଯ୍ୟ କରିବାକୁ ହେଲେ ସେମାନଙ୍କୁ କିପରି ଶାସନଗାଦିକୁ ଆସିବାକୁ ହେବ– ଏସବୁ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ନିଜ ଅଞ୍ଚଳରେ କିପରି ବିଭିନ୍ନ ଅସୁବିଧା ଅଛି ଓ ସେସବୁ ଦୂର କରିବାକୁ ହେବ ତାହା ଆଲୋଚନା କଲେ । ତା'ସହ ଅନ୍ୟାନ୍ୟ ପ୍ରଲୋଭନ ମଧ୍ୟ ଥିଲା । ସେଠାରେ ଉପସ୍ଥିତ ଥିବା କେତେକ ବ୍ୟକ୍ତି ପ୍ରଥମ ପିଲାଟି କିପରି ଭଲ କାର୍ଯ୍ୟ କରିପାରିବ ସେ ସମ୍ବନ୍ଧେ ତାକୁ ଟିକିଏ ପ୍ରଶଂସା କରି ମଧ୍ୟ କହିଲେ । ଚାହା, ପାନ, ବିଡ଼ି, ସିଗାରେଟ୍‌ସବୁ ଆସିଲା । ପ୍ରଥମ ପିଲାଟି ସେସବୁକୁ ଖାଇବାକୁ ମନାକଲା । ଅତି ବାଧ୍ୟରେ ଚାହା ଟିକିଏ ଓ ସାଦାପାନ ଖଣ୍ଡେ ଖାଇଲା । ତା'ପରେ ସୁନ୍ଦର ଭୋଜନର ବ୍ୟବସ୍ଥା ହୋଇଥିଲା । ସେଠାକାର ପରିବେଶ ଓ ନେତା ତଥା ଅନ୍ୟ ଲୋକମାନଙ୍କର ଚେତନାର ପ୍ରଭାବ ଏପରି ଥିଲା ଯାହା ଅଜାଣତରେ ପ୍ରଥମ ପିଲାଟିକୁ ଅଧିକାର କରିନେଲା । ସେ ଧୀରେ ଧୀରେ ସେସବୁ ଆଲୋଚନାରେ ସନ୍ତୋଷ ଅନୁଭବ କଲା ଓ ନିଜକୁ ସେଥିରେ ମିଶି ରହିଥିବାର ଅନୁଭବ କଲା ।

ଘରକୁ ଫେରି ଦ୍ୱିତୀୟ ପିଲାଟିର ପରିଚାଳନାରେ ସେ ନିର୍ବାଚନ କାର୍ଯ୍ୟରେ ଲାଗିପଡ଼ିଲା । ଧୀରେ ଧୀରେ ଚାହା, ପାନ, ବିଡ଼ି, ସିଗାରେଟ୍,

ଗୁଡ଼ାଖୁ ଆଦି ବିଭିନ୍ନ ମାଦକଦ୍ରବ୍ୟର ସୁନ୍ଦର ଭକ୍ତ ହୋଇଉଠିଲା । ନିର୍ବାଚନରେ ତାଙ୍କ ପକ୍ଷ ଜିତିଲେ । ଧୀରେ ଧୀରେ ଛୁଟି ଶେଷ ହୋଇଗଲା । ସେ କଲେଜକୁ ଫେରିଲା । ଏଥର ସେ ନିଜେ ଅନୁଭବ କଲା ଓ ଅନ୍ୟମାନେ ମଧ ଦେଖିଲେ ତା'ର ବହୁତ ପରିବର୍ତ୍ତନ ହୋଇଛି । ଆଉ ପାଠପଢ଼ାରେ ମନ ଲାଗୁ ନାହିଁ; କିଂବା ସେସବୁ ଭଲ ଲାଗୁ ନାହିଁ । ବିଭିନ୍ନ ପ୍ରକାର ବିଶୃଙ୍ଖଳା, ଧର୍ମଘଟ ଓ ସଂଯମହୀନ କାର୍ଯ୍ୟରେ ଆପେ ଯୋଗ ଦେଇ ହୋଇଯାଉଛି । ଶେଷ ପରୀକ୍ଷା ଫଳ ବାହାରିଲା । ସେଥିରେ ସବୁ ଖରାପ ହୋଇଛି । ଆହୁରି ଦୁଇଥର ପରୀକ୍ଷା ଦେବା ପରେ ପାସ୍ ହେଲା । ଧୀରେ ଧୀରେ ଶରୀର ଦୁର୍ବଳ ହୋଇଯାଉଛି, ମନ-ପ୍ରାଣ ସବୁବେଳେ ଅସ୍ଥିର । ବେଳେବେଳେ ହତାଶା ଓ ନୈରାଶ୍ୟର ଅନ୍ଧକାର ଗ୍ରାସ କରିଯାଉଛି । ସମୟେ ସମୟେ ନିରୋଳା, ନିର୍ଜନ ପରିବେଶ ମଧ୍ୟରେ ଅନ୍ତରରୁ କିପରି ଏକ ଅବ୍ୟକ୍ତ କରୁଣ ବେଦନାର ଆର୍ତ୍ତନାଦ ଉଠୁଛି । ପୂର୍ବର ସେଇ ସରଳ, ଶାନ୍ତ, ସଂଯତ ଜୀବନର କଥା ଝାପ୍‌ସା ଛବି ଭଳି ଆଖି ଆଗରେ ନାଚିଯାଉଛି ।

କିନ୍ତୁ ଆଉ ଉପାୟ ନାହିଁ । ସେ ଆଉ ନିଜର ହୋଇ ନାହିଁ । ଗୋଟିଏ ରାକ୍ଷସ ଯେପରି ତାକୁ ଗ୍ରାସ କରିଛି । ସେ ଯେଉଁ କର୍ଯ୍ୟ କରୁଛି ତାହା ତା'ର ଦ୍ରୁତ ପତନର ମାର୍ଗ ଉନ୍ମୁକ୍ତ କରିଦେଉଛି ବୋଲି ଜାଣିଲେ ବି ସେ ଆଉ ନିଜକୁ ଅଟକାଇ ପାରୁ ନାହିଁ । ଏଇ ନିରୋଳା, ନିର୍ଜନ ମୁହୂର୍ତ୍ତର କରୁଣ ଆର୍ତ୍ତନାଦଟି ପୁଣି ସାଙ୍ଗସାଥୀଙ୍କ ମେଳରେ ଭୁଲି ହୋଇ ଯାଉଛି । ଜୀବନରେ ଆଉ ଯେ ପରିତ୍ରାଣ ହେବ ଏ ଆଶା ନାହିଁ । ପୂର୍ବେ ଯେଉଁ ଉଚ୍ଚ ଆକାଙ୍କ୍ଷା ପୋଷଣ କରିଥିଲା ସେ କଥା ମନେପଡ଼ି ଆଖିକୁ ବେଳେବେଳେ ଲୋତକପୂର୍ଣ୍ଣ କରିଦିଏ । କିନ୍ତୁ ସେ ଉପାୟହୀନ, ଶକ୍ତିହୀନ । ମନେପଡ଼େ ପୂର୍ବର କଥା । ଭାବିଥିଲା 'ଖାଲି ଥରଟିଏ' ସେ ପିଲାଟିର କଥା ରଖି ଯାଇ ମିଟିଂରେ ଯୋଗ ଦେଇ ଚାଲି ଆସିବ । କିନ୍ତୁ ସେଇ 'ଥରଟିଏ'ର ପ୍ରଭାବ ତା'ର ଦୁର୍ବଳ ମନ-ପ୍ରାଣକୁ ଏପରି ଚିରଦିନ ଲାଗି ଅଧିକାର କରିବସିବ ବୋଲି ସେ ଜାଣି ନ ଥିଲା ।

ଥରେ ସେ ଅଞ୍ଚଳକୁ ଜଣେ ଭଲ ସାଧୁ ତୀର୍ଥ ପର୍ଯ୍ୟଟନରେ ଆସି ପହଞ୍ଚିଲେ । ଅନେକ ଲୋକ ଯାଇ ତାଙ୍କୁ ଦର୍ଶନ କରୁଥିଲେ । ସେଇ ପ୍ରଥମ ପିଲାଟିର ଅନ୍ତରର ଗଭୀରରୁ କାହିଁକି ତାଙ୍କୁ ସାକ୍ଷାତ୍ କରିବାର ଏକ କ୍ଷୀଣ ବାସନା ଜାଗିଉଠିଲା; କିନ୍ତୁ ବାହାରର ମନ, ପ୍ରାଣ ଆଦୌ ଏକଥା ଚାହୁଁ ନ ଥାନ୍ତି । ଯାହାହେଉ ଶେଷରେ କୌଣସିମତେ ଦିନେ ସେ ସାଧୁଙ୍କ ସହ ସାକ୍ଷାତ୍ ହୋଇଗଲା । ସାଧୁଙ୍କୁ ପ୍ରଣାମ କରିସାରିବା ପରେ ଦେଖିଲା ତାଙ୍କର ସେହି ଶାନ୍ତ, ସ୍ନିଗ୍ଧ, କରୁଣୋଜ୍ଜ୍ୱଳ ଚକ୍ଷୁଦୁଇଟି ତାକୁ ଚାହିଁ ରହିଛି । ନିମିଷେ ମାତ୍ର ତାଙ୍କୁ ଚାହିଁ ସେ ଫେରି ଚାଲିଆସିଲା । କିନ୍ତୁ ଏ କ'ଣ ! ସେଇ ନିମିଷକର ଦେଖା ତା' ଭିତରେ ଯେପରି ସବୁକିଛିକୁ ଓଲଟପାଲଟ କରିଦେଇଛି । ହୃଦୟ ଆଲୋଡ଼ିତ କରି ଆଖିଦୁଇଟିରୁ ତା'ର କୃତଜ୍ଞତାର ଅଶ୍ରୁ ଝରିପଡୁଛି । ସେଇ ଅଶ୍ରୁ ସାଥିରେ ଯେପରି ସକଳ କାଳିମା ଧୋଇ ହୋଇଯାଉଛି ।

ତା'ପରଠାରୁ ତା'ରି ଆଚରଣ ସଂପୂର୍ଣ୍ଣ ଭିନ୍ନ ହୋଇଯାଇଛି । ଧୀରେ ଧୀରେ ତା'ର ନିଜ ଉପରେ ସଂଯମ ଫେରିଆସିଛି । ନିଜ ଜୀବନର ଲକ୍ଷ୍ୟ ତା'ଆଗରେ ସୁସ୍ପଷ୍ଟ ହୋଇଉଠିଛି । ଆପେ ଆପେ ସଂଯମହୀନ ବନ୍ଧୁମାନେ ତା'ପାଖରୁ ବିଦାୟ ନେଇଛନ୍ତି ଓ ତା' ଚାରିପଟେ ଗଢ଼ିଉଠିଛି ପୁଣି ଏକ ନୂତନ ଗୋଷ୍ଠୀ । ଏଇ ଖାଲି ଥରଟିଏ ମାତ୍ର ସାଧୁଙ୍କ ଦର୍ଶନରେ ନର୍କର କୀଟ ଉଠିଆସିଛି ସ୍ୱର୍ଗ-ପଥର ଧାରକୁ । ଖାଲି ଏତିକି ନୁହେଁ । ଅସଂଖ୍ୟ ଉଦାହରଣ ଆମେ ଜାଣୁ । ଆମେ ଜାଣୁ ପ୍ରସିଦ୍ଧ ଦୁର୍ଦ୍ଦାନ୍ତ ଦସ୍ୟୁ ରତ୍ନାକର ଥରଟିଏ ମାତ୍ର ସତ୍‌ସଙ୍ଗ ଲାଭ କରି କିପରି ମହାମୁନି ବାଲ୍ମୀକିରେ ପରିଣତ ହେଲେ । ସତ୍ୟନିଷ୍ଠ ଯୁଧିଷ୍ଠିର ଥରଟିଏ ମାତ୍ର ମିଛ କହି କିପରି ନିଜ ଜୀବନକୁ କଳଙ୍କିତ କରିଥିଲେ । ନୂଆ କରି ଲଗାଇଥିବା ଚାରାଗଛଟିରେ ଥରଟିଏ ଲାଗି ପାଣି ନ ଦେଲେ ଖରାତାପରେ ପରଦିନକୁ ସେ ଆଉ ବଞ୍ଚି ନ ଥାଏ । ଥରଟିଏ ଲାଗି ଯଦି ଆମେ ଆତ୍ମହତ୍ୟା କରୁ ତେବେ ଆଉ ଯେତେ ଚେଷ୍ଟା କଲେ ବି ସେ ଶରୀରରେ ଜୀବନ ଫେରେ ନାହିଁ ।

ଜୀବନରେ 'ଏଇ ଥରଟିଏ' ବହୁତ ଗୁରୁତ୍ୱପୂର୍ଣ୍ଣ । ସବୁ କଥାକୁ ଆମେ ଗଭୀର ଭାବରେ ବିଚାର କରି ଦେଖିଲେ ଆମେ ଦେଖିବା ସବୁକିଛି ଏଇ ଥରଟିଏରୁ ଆରମ୍ଭ ହୋଇଛି । ସେଇ ଥରଟିକୁ ଆମେ ପ୍ରଶ୍ରୟ ଦେଇ ନ ଥିଲେ ଭଲ ହେଉ ବା ମନ୍ଦ ହେଉ ଆଜି ଏ ଅବସ୍ଥାରେ ଆମେ ପହଞ୍ଚି ନ ଥାନ୍ତୁ ।

ତେଣୁ ଖାଲି 'ଏଇ ଥରକ' ପ୍ରତି ବହୁତ ସାବଧାନ ହେବାକୁ ହେବ । କାରଣ ନିଶ୍ଚିତରୂପେ ତାହା ବହୁଥରରେ ପରିଣତ ହେବ । କ୍ଷଣିକ ପ୍ରଲୋଭନ କିଂବା ପରିସ୍ଥିତିର ଚାପରେ ପଡ଼ି ଏକଥା ଯେପରି ଆମେ ଭୁଲି ନ ଯାଉ । ଉଚ୍ଚତର ଲକ୍ଷ୍ୟ ଦିଗରେ ଆମର ଦୈନନ୍ଦିନ ଅନ୍ତର ଓ ବାହ୍ୟ କାର୍ଯ୍ୟକ୍ରମରେ ଯେପରି କୌଣସି ଅନିବାର୍ଯ୍ୟ କାରଣ ବିନା ଶୈଥିଲ୍ୟ ପ୍ରକାଶ ନ ପାଏ ।

ଏକାଗ୍ରତା କାହିଁକି ଆସୁ ନାହିଁ ?

"There is no human or even superhuman domain whose key is not the power of concentration."
– The Mother

''ମାନବିକ ହେଉ ଅଥବା ଅତିମାନବିକ ବି ହେଉ, ଏପରି କୌଣସି କ୍ଷେତ୍ର ନାହିଁ ଯାହାର ଚାବି ଏକାଗ୍ରତାର ଶକ୍ତି ନୁହେଁ ।''
— ଶ୍ରୀମା

ସବୁଦିନେ ଆମେ ପୃଥିବୀପୃଷ୍ଠରେ ସୂର୍ଯ୍ୟ ତାଙ୍କର କିରଣ ପ୍ରଦାନ କରିବାର ଦେଖୁ । ପ୍ରଭାତରେ ପୂର୍ବାକାଶରେ ରକ୍ତିମ ଆଭା ଫୁଟାଇ ସେ ହସ ହସ ଶାନ୍ତ ସରଳ ଶିଶୁଟିଏ ଭଳି ମା' କୋଳରୁ ବାହାରି ଆସନ୍ତି, ମଧ୍ୟାହ୍ନରେ ପ୍ରଚଣ୍ଡ ରୁଦ୍ର ରୂପ ଧାରଣ କରି ଆଲୋକ ଓ ଉତ୍ତାପ ପ୍ରଦାନ କରନ୍ତି, ଅପରାହ୍ଣରେ ପୁଣି ଶାନ୍ତ, ସ୍ନିଗ୍ଧ, ଅବିର ବୋଳା ଶିଶୁଟିଏ ଭଳି ହସି ହସି ନିଜର କାର୍ଯ୍ୟ ସାରି ମା' କୋଳକୁ ଡେଇଁ ପଡ଼ନ୍ତି । କିନ୍ତୁ କେବେ ତାଙ୍କ କିରଣରେ ଆମର ଘରଦ୍ୱାର ଲୁଗାପଟା, ବହିପତ୍ର ଆଦି ପୋଡ଼ି ଯାଏ କି ? ନ ପୋଡ଼ିଲେ ବି ପୋଡ଼ି ଦେବାର ଶକ୍ତି ସେହି ସୂର୍ଯ୍ୟ କିରଣରେ ରହିଛି । ଯଦି ଖଣ୍ଡିଏ ଯବକାଚ ଆଣି ସେଇ କାଚ ଉପରେ ପଡୁଥିବା ସୂର୍ଯ୍ୟକିରଣକୁ କେନ୍ଦ୍ରିତ କରି ଗୋଟିଏ ବିନ୍ଦୁରେ ପକାଅ ତେବେ ଦେଖିବ ତା' ଫଳରେ କାଗଜ ଇତ୍ୟାଦିରେ ସହଜରେ ଅଗ୍ନି ଉତ୍ପନ୍ନ ହୋଇ ତାହା ପୋଡ଼ିଯିବ ।

ସ୍ଥୂଳଭାବେ ଏଇଥିରୁ ଆମେ ଦେଖିବା ଏକାଗ୍ରତାର ଶକ୍ତି (power of concentration) । ସେଇ ସୂର୍ଯ୍ୟକିରଣରେ କାଗଜ ଖଣ୍ଡେ ଘଣ୍ଟା

ଘଣ୍ଟା ଧରିଲେ ବି ତାହା ପୋଡ଼ିବ ନାହିଁ; କାରଣ ସେ କ୍ଷେତ୍ରରେ ତାହା ବିକ୍ଷିପ୍ତ । କିନ୍ତୁ ଯବକାଚର ସାହାଯ୍ୟରେ ଯେତେବେଳେ ସେଇ ସୂର୍ଯ୍ୟକିରଣର ସାମାନ୍ୟତମ ଅଂଶକୁ କେନ୍ଦ୍ରିତ ଅଥବା ଏକାଗ୍ର (concentrated) କରି ଗୋଟିଏ ବିନ୍ଦୁରେ ପକାଯାଉଛି ସେତେବେଳେ ତା'ର ଶକ୍ତି ଅସୀମ ଗୁଣରେ ବଢ଼ିଯାଉଛି । ଏହି ଏକାଗ୍ରତା ସବୁବେଳେ ଶକ୍ତିକୁ ବଢ଼ାଇଦିଏ ଓ ସବୁ କାର୍ଯ୍ୟରେ ସଫଳତାର ଦ୍ୱାର ଉନ୍ମୁକ୍ତ କରିଦିଏ ।

କୃଷକ ତା'ର କୃଷି କାର୍ଯ୍ୟରେ ଯେତେ ଏକାଗ୍ର, ତା'ର କୃଷି ସେତେ ଭଲ ହୁଏ, ବୈଜ୍ଞାନିକ ତା'ର ଗବେଷଣାରେ ଯେତେ ଏକାଗ୍ର ହୁଏ ତା'ର ଗବେଷଣା ସେତେ ସଫଳ ହୁଏ । ନୂଆ ନୂଆ କଥା ସେ ଉଦ୍ଭାବନ କରିପାରେ । ଶିଳ୍ପୀ ତା'ର ଶିଳ୍ପରେ ଯେତେ ଏକାଗ୍ର ତା'ର ଶିଳ୍ପ ସେତେ ଜୀବନ୍ତ ଓ ନିଖୁଣ ହୋଇଉଠେ । ଛାତ୍ର ତା'ର ଅଧ୍ୟୟନରେ ଯେତେ ଏକାଗ୍ର ତା'ର ଅଧ୍ୟୟନ ସେତେ ଗଭୀର ହୁଏ ଓ ସେଥିରେ ସେ ଅଧିକରୁ ଅଧିକ ଉତ୍କର୍ଷ ସାଧନ କରେ ।

ଆମେ ଯାହା ଉପରେ ଏକାଗ୍ର ହେଉ ତା'ର ଶକ୍ତି ବଢ଼ି ଯାଇଥାଏ । ଯଦି ଭଲ କଥା ଉପରେ ଏକାଗ୍ର ହେଉ ତେବେ ସେହି ଦିଗରେ ଆମର ଶକ୍ତିସାମର୍ଥ୍ୟ ବଢ଼େ; ଯଦି ଖରାପ କଥା ଉପରେ ଏକାଗ୍ର ହେଉ ତେବେ ସେ ଦିଗରେ ମଧ୍ୟ ଦ୍ରୁତ ଅଗ୍ରଗତି ହୁଏ । ତେଣୁ ଆମେ କିପରି ବସ୍ତୁ ଉପରେ ଆମର ଚେତନାକୁ ଏକାଗ୍ର କରୁଛୁ ତା'ରି ଉପରେ ଆମ ଜୀବନର ଉନ୍ନତି ଓ ଅବନତି ନିର୍ଭର କରେ ।

ଏହି ଏକାଗ୍ରତା ଉପରେ ସବୁକଥାର ସଫଳତା ନିର୍ଭର କରୁଛି; କିନ୍ତୁ ଏହି ଏକାଗ୍ରତା କିପରି ଆସେ ? ଆମ ଭିତରୁ ଅଧିକାଂଶ ଏକାଗ୍ରତା କ'ଣ ଜାଣି ନାହୁଁ; କିନ୍ତୁ ଆମେ ଏକାଗ୍ର ହୋଇ କାମ କରୁ । କୃଷକ, ବୈଜ୍ଞାନିକ, ଛାତ୍ର, ଲେଖକ, କବି, ଶିଳ୍ପୀ ଇତ୍ୟାଦି ଯେଉଁମାନେ ନିଜ କାର୍ଯ୍ୟରେ ଏକାଗ୍ର, ସେମାନେ ଏକାଗ୍ରତା ସମ୍ବନ୍ଧେ ସଚେତନ ନୁହନ୍ତି । ସେମାନଙ୍କ ଭିତରେ ସେହି କାର୍ଯ୍ୟ ପ୍ରତି ଏକ ଗଭୀର ଆଗ୍ରହ ସେମାନଙ୍କୁ

ସେସବୁରେ ଆପେ ଏକାଗ୍ର କରାଇଥାଏ । ଆଗ୍ରହ ନ ଥିଲେ ଏକାଗ୍ରତା ଆସିବା ବହୁତ କଠିନ । କୌଣସି କାର୍ଯ୍ୟ ଲାଗି ଭିତରେ ଆଗ୍ରହ ଥିଲେ ଏକାଗ୍ରତା ସ୍ୱତଃସ୍ଫୂର୍ତ୍ତ ରୂପେ ଚାଲିଆସେ । ଯେଉଁ ଛାତ୍ରମାନେ ପଢ଼ାରେ ଆଗ୍ରହୀ ସେମାନେ ଏପରିକି ଖାଇବା, ପିଇବା ଓ ଦୈନନ୍ଦିନ ଅନ୍ୟାନ୍ୟ କାର୍ଯ୍ୟ ଭୁଲିଯାଆନ୍ତି । ଶରୀର ପ୍ରତି ବି ଦୃଷ୍ଟି ନ ଥାଏ । ସେହିପରି ବୈଜ୍ଞାନିକ, କବି ଓ ଶିଳ୍ପୀମାନଙ୍କ କ୍ଷେତ୍ରରେ ଦେଖାଯାଏ । ଏସବୁ ଏକାଗ୍ରତା ଅପୂର୍ଣ୍ଣ, ଆଂଶିକ, ସାମଞ୍ଜସ୍ୟବିହୀନ ଏକାଗ୍ରତା । କାରଣ ଜୀବନର ସମସ୍ତ ଦିଗ ପ୍ରତି ଏଥିରେ ଦୃଷ୍ଟି ଦେଇହୁଏ ନାହିଁ । ଯେଉଁ ଦିଗରେ ପ୍ରାଣର ଆଗ୍ରହ ସେଇ ଦିଗରେ ସେମାନେ ଅନ୍ୟସବୁକୁ ଅବହେଳା କରି ମାଡ଼ିଯାଆନ୍ତି । ତେବେ ଯାହାହେଉ ସାଧାରଣ ଜୀବନରେ ଆମର ଏକାଗ୍ରତା ଏହି ଆଗ୍ରହ ଯୋଗୁଁ ଆପେ ଆସିଥାଏ । ଆମେ ଜାଣୁ ନାହିଁ; କିନ୍ତୁ ଏକାଗ୍ର ହୋଇ କାର୍ଯ୍ୟରେ ଲାଗିଥାଉ ।

ଏଇ ଆଗ୍ରହ ବିଶେଷ କରି ପ୍ରାଣର । ପ୍ରାଣର ଯେଉଁ କାର୍ଯ୍ୟରେ ଆଗ୍ରହ ଓ ସମ୍ମତି ଥାଏ ସେ ସେଦିଗରେ ପ୍ରବଳ ଭାବରେ ବ୍ୟକ୍ତିକୁ ନେଇଚାଲେ । ଗପ ବହିଟିଏ ପଢ଼ିବା ସମୟରେ ସବୁକଥାକୁ ଭୁଲି ହୋଇଯାଏ; କିନ୍ତୁ ପଢ଼ାବହି ପଢ଼ିଲାବେଳକୁ ଇଚ୍ଛା ହୁଏ ନାହିଁ । ଏହାର କାରଣ ସେଇ ପ୍ରାଣ । ତେଣୁ ଆମର ଯଦି ଆମ କାର୍ଯ୍ୟରେ ଏକାଗ୍ରତା ଆସୁ ନ ଥାଏ, ଦେଖିବାକୁ ହେବ ଆମର ସେ କାର୍ଯ୍ୟ ପ୍ରତି ଆଗ୍ରହ ଅଛି କି ? ଆଗ୍ରହ ଯଦି ନ ଥାଏ ଶତଚେଷ୍ଟା କଲେ ବି ଏକାଗ୍ରତା ଆସିବ ନାହିଁ ।

ଏସବୁ ସାଧାରଣ ଜୀବନର କଥା । କିନ୍ତୁ ଆମେ ଯଦି ଯୋଗଜୀବନର କଥା କହୁଁ ତେବେ ସେ କ୍ଷେତ୍ରରେ ଏକାଗ୍ରତା ଆମର ଇଚ୍ଛାଧୀନ । କୌଣସି କାର୍ଯ୍ୟରେ ଆଗ୍ରହ ଥିଲେ ତ ଆପେ ଏକାଗ୍ରତା ଚାଲିଆସିବ, ସେଥିରେ କିଛି ସନ୍ଦେହ ନାହିଁ । କିନ୍ତୁ ଯଦି କୌଣସି କାର୍ଯ୍ୟରେ ପ୍ରାଣର ଆଗ୍ରହ ନାହିଁ ଅଥଚ ସେ କାର୍ଯ୍ୟଟି ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ଆବଶ୍ୟକ ଓ ଭଲ, ତେବେ ସେ କାର୍ଯ୍ୟଟି ଆମକୁ କରିବାକୁ

ହୋଇଥାଏ । ଏ କ୍ଷେତ୍ରରେ ଆଗ୍ରହ ନ ଥିଲେ ବି ଆମକୁ ଯଦି କାର୍ଯ୍ୟଟି କରିବାକୁ ହେଉଥାଏ ତେବେ ସେଥିରେ ଆମେ ଆଗ୍ରହ ଓ ଏକାଗ୍ରତା ଇଚ୍ଛା କରି ସୃଷ୍ଟି କରିପାରୁ ।

ଆମେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗସାଧନା କରୁଥାଉ ତେବେ ଆମେ ମା'ଙ୍କ ନିକଟରେ ନିଜକୁ ସମର୍ପଣ କରୁ । ଆମେ ତାଙ୍କରି ଲାଗି ବଞ୍ଚିରହୁ ଓ ତାଙ୍କରି ଲାଗି କାର୍ଯ୍ୟ କରୁ । ତେଣୁ ଆମର ବ୍ୟକ୍ତିଗତ ପସନ୍ଦ ଅପସନ୍ଦ ଆଉ ରହେ ନାହିଁ । ଯଦି କୌଣସି କାର୍ଯ୍ୟ ପ୍ରତି ଅପସନ୍ଦ ଭାବ ଥାଏ ଓ ତାକୁ ଆମକୁ କରିବା ଆବଶ୍ୟକ ପଡୁଥାଏ ତେବେ ତାହା ଭଗବତ୍ କାର୍ଯ୍ୟ ବୋଲି ଭାବି ସେଇ ଭଗବାନଙ୍କ ଲାଗି ନିଃସ୍ୱାର୍ଥପରଭାବେ କଲେ ସେଥିରେ ପୁଣି ଆଗ୍ରହ ଓ ଏକାଗ୍ରତା ଆସେ । କାରଣ ଭଗବାନ୍ ଆମର ଲକ୍ଷ୍ୟ, କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନୁହେଁ । ନିର୍ଦ୍ଦିଷ୍ଟ କାର୍ଯ୍ୟଟି କେବଳ ମାଧ୍ୟମ ମାତ୍ର ।

ଉଦାହରଣସ୍ୱରୂପ ପଢ଼ାପଢ଼ିରେ ଯଦି ଆମର ଏକଗ୍ରତା ଆସୁ ନ ଥାଏ ତେବେ ଜାଣିବାକୁ ହେବ ଆମର ସେଥିପ୍ରତି କେଉଁଠି ଆଗ୍ରହର ଅଭାବ ଅଛି । କେତେକଙ୍କର ଏହି ଆଗ୍ରହ ସୃଷ୍ଟି ହୋଇଥାଏ, ସେମାନେ ପାଠପଢ଼ି ବଡ଼ ଚାକିରି କରି, ପ୍ରସିଦ୍ଧ ବ୍ୟକ୍ତି ହୋଇ, ବହୁ ଅର୍ଥ ଉପାର୍ଜନ କରି ଖୁବ୍ ବିଳାସବ୍ୟସନରେ ଜୀବନ କଟାଇବେ– ଏଇ ଭାବ ଯୋଗୁଁ । ନଚେତ୍ ସେମାନଙ୍କ ଭବିଷ୍ୟତ ସୁଖ ଆଶା ମିଳାଇଯିବ । ସେଇଥିଲାଗି ସେମାନେ ପ୍ରାଣପଣେ ଲାଗିଥାଆନ୍ତି । କିନ୍ତୁ ଯେଉଁମାନେ ଯୋଗସାଧନା କରନ୍ତି ସେମାନଙ୍କ କଥା ଭିନ୍ନ । ସେମାନଙ୍କର ଯଦି ସ୍ୱତଃ ଆଗ୍ରହ ଥାଏ ତ ଭଲ । ନଚେତ୍ ସେମାନେ ଆଗ୍ରହ ସୃଷ୍ଟି କରିପାରିବେ । କାରଣ ସେମାନଙ୍କ ଦୃଷ୍ଟିରେ ସାଂସାରିକ, ସାଧାରଣ ପଦମର୍ଯ୍ୟାଦା ବଡ଼ କଥା ନୁହେଁ । ତାହା ସେମାନଙ୍କ ଜୀବନରେ ଆସିପାରେ; କିନ୍ତୁ ସେମାନଙ୍କର ପ୍ରଧାନ ଲକ୍ଷ୍ୟ ତାହା ନ ଥାଏ । ସେମାନେ ଭଗବାନଙ୍କ ସାଧନା ଲାଗି ନିଜ ଜୀବନକୁ ପ୍ରସ୍ତୁତ କରୁଥାଆନ୍ତି । ତେଣୁ ସେମାନଙ୍କର ବର୍ତ୍ତମାନର ପଢ଼ା ଆଗ୍ରହଦାୟକ ବୋଧ ନ ହେଲେ ବି ସେଇ ସାଧନାର ଏକ ଅଙ୍ଗ ହିସାବରେ ସେମାନେ ତାକୁ ଭଗବାନଙ୍କ ଲାଗି

କରନ୍ତି । ସେମାନେ ନିଷ୍ଠାର ସହ ନିୟମିତ ପଢ଼ନ୍ତି । ଗୁଡ଼ାଏ ଅଯଥା ବ୍ୟଗ୍ରତା କିଂବା ବିଚଳିତତା ନ ଥାଏ, ପରୀକ୍ଷାର ଫଳାଫଳ ସେମାନଙ୍କର ଲକ୍ଷ୍ୟ ନ ଥାଏ, ତାହା ଥାଏ ପରିଣାମ ମାତ୍ର । ସେମାନଙ୍କର ପଢ଼ା ହୁଏ ଶାନ୍ତ, ଗଭୀର ଓ ବ୍ୟାପକ । ସାଧାରଣ ବୁଦ୍ଧିଜୀବୀ ଭଳି ଗୁଡ଼ାଏ ଏଣୁତେଣୁ ବହି ପଢ଼ାପଢ଼ି କରି, ଗୁଡ଼ାଏ ତଥ୍ୟ ସଂଗ୍ରହ କରି ପଣ୍ଡିତ ହୁଅନ୍ତି ନାହିଁ । ଯେତିକି ପଢ଼ନ୍ତି ତାକୁ ଭଲଭାବେ ପଢ଼ନ୍ତି । ଯେହେତୁ ସେମାନେ ସାଧନାର ଜୀବନ ଗ୍ରହଣ କରିଛନ୍ତି ତେଣୁ ସେମାନେ ଉଚ୍ଚତର ସତ୍ୟର ଦୃଷ୍ଟିକୋଣରୁ ସବୁକଥା ବିଚାର କରି ପଢ଼ନ୍ତି । ସେଇ ଦୃଷ୍ଟିକୋଣରୁ ନିଜ ପଢ଼ା ବହିରେ କ'ଣ ଭୁଲ ଓ କ'ଣ ଠିକ୍ ତାହା ବି ଜାଣିପାରନ୍ତି । କିନ୍ତୁ ସାଧାରଣ ଜୀବନରେ ସେ ପଢ଼ା ଦରକାର ହେଉଥାଏ ବୋଲି ସେମାନେ ପଢ଼ି ତାହା ପରୀକ୍ଷା ଦିଅନ୍ତି । ତଥାପି ଭିତରେ ସବୁକଥାର ପ୍ରକୃତ ମୂଲ୍ୟ ବୁଝିପାରନ୍ତି । ପାଠପଢ଼ାରେ ଏକାଗ୍ରତା ସେମାନଙ୍କ ସାଧନାରେ ଏକାଗ୍ରତାର ଏକ ସାମାନ୍ୟତମ ଅଂଶ ମାତ୍ର ।

ଯୋଗସାଧନା ଫଳରେ ଯେଉଁ ଏକାଗ୍ରତା ଆସେ ତାହା ଜୀବନର ସକଳ କ୍ଷେତ୍ରରେ କାର୍ଯ୍ୟରେ ଲାଗେ । କୌଣସି କାର୍ଯ୍ୟରେ ଆଗ୍ରହ ନ ଥିଲେ ବି ଏକାଗ୍ରତା ସୃଷ୍ଟି କରିହୁଏ । ବର୍ତ୍ତମାନ ଆମେ ଆମ ସାଧନାରେ ଏକାଗ୍ରତା ସମ୍ବନ୍ଧେ ଆଲୋଚନା କରିବା । ସାଧାରଣତଃ ଆମର ଚେତନା ସବୁବେଳେ ଅସ୍ଥିର, ବିକ୍ଷିପ୍ତ, ଏଣେତେଣେ ଯୁଆଡ଼େ ଇଚ୍ଛା ସିଆଡ଼େ ଧାଁ ଦୌଡ଼ରେ ଲାଗିଥାଏ । ବାହାରର ଘଟନାରେ ସବୁବେଳେ ପ୍ରାଧାନ୍ୟ ଦେଇ ସେଥିରେ ମାତିରହେ । ତେଣୁ ଏହାକୁ ଗୋଟିଏ ଦିଗରେ ଚଳାଇବା, ଗୋଟିଏ କାମରେ ଲଗାଇବା ବା ଗୋଟିଏ ବିନ୍ଦୁରେ ଏକାଗ୍ର କରିବା କଷ୍ଟ ହୁଏ । କିନ୍ତୁ ଅଭ୍ୟାସରେ ନିଷ୍ଠାର ସହ ଲାଗିରହିଲେ ଏହି ଶକ୍ତି ଧୀରେ ଧୀରେ ବୃଦ୍ଧିପାଏ ।

ଏହି ଏକାଗ୍ରତା ସମ୍ବନ୍ଧେ ମା'ଶ୍ରୀଅରବିନ୍ଦ ଅନେକ ସ୍ଥାନରେ ଲେଖି ଯାଇଛନ୍ତି । ସାଧାରଣତଃ ଶ୍ରୀଅରବିନ୍ଦଙ୍କ ଯୋଗରେ ଦୁଇଟି ସ୍ଥାନରେ ଏକାଗ୍ରତା ଅଭ୍ୟାସ କରାଯାଇପାରେ । ଭ୍ରୁଯୁଗଳର ମଧ୍ୟସ୍ଥ ସ୍ଥାନରେ କିଂବା ହୃଦୟରେ । ହୃଦୟରେ ଏକାଗ୍ରତା ଅଧିକ ନିରାପଦ ଓ ଭଲ ବୋଲି

କୁହାଯାଏ । ଆମେ ଏକ ଭାବ, ମା'ଙ୍କ ରୂପ, ଏକ ବିନ୍ଦୁ, ଓଁ ବା ମା'ଙ୍କ ନାମ ଉପରେ ଏକାଗ୍ର ହୋଇପାରୁ । ଯାହା ଉପରେ ଆମେ ଏକାଗ୍ର ହେବୁ କେବଳ ସେଇ କଥାର ଚିନ୍ତା ଓ ତାହାରି ଦର୍ଶନ ଛଡ଼ା ଅନ୍ୟ କିଛିକୁ ପ୍ରଶ୍ରୟ ଦିଆଯାଏ ନାହିଁ, ତାହା ଯେତେ କମ୍ ସମୟ ପାଇଁ ହେଉ ପଛେ । ଆରମ୍ଭରେ ଲୋଭରେ ପଡ଼ି ଅଧିକଗୁଡ଼ାଏ ଏକାଗ୍ର ହୋଇ ନିଜକୁ କ୍ଲାନ୍ତ କରିବା ଠିକ୍ ନୁହେଁ । ହୃଦୟରେ ମଧ୍ୟ ମା'ଙ୍କ ନାମ କିଂବା ଅନ୍ୟ କିଛି ନାମ ଜପ କରାଯାଇପାରେ । ଶ୍ରୀଅରବିନ୍ଦ କହିଛନ୍ତି, ''ନାମ ଉପରେ ଏକାଗ୍ର ହେବାକୁ ହେବ ଏବଂ ନାମଟି ଯେପରି ହୃଦ୍‌କେନ୍ଦ୍ରରେ ସ୍ୱତଃ ଉଚ୍ଚାରିତ ହୁଏ ସେଥିପ୍ରତି ଲକ୍ଷ୍ୟ ରଖିବାକୁ ହେବ ।''

ଏକାଗ୍ରତା ଅଭ୍ୟାସ ହେଲେ ସେ ସମୟରେ ସମସ୍ତ ସତ୍ତା ନୀରବ, ଶାନ୍ତ ହୋଇଯାଇପାରେ କିଂବା ଯେଉଁ ଅଂଶରେ ଆମେ ଏକାଗ୍ର ହେଉ ସେଇ ଅଂଶଟି ନୀରବ, ଶାନ୍ତ ରହି ଅନ୍ୟ ଅସ୍ଥିର, ବିକ୍ଷିପ୍ତ ଅଂଶ ପ୍ରତି ନଜର ଦେଇ ନ ଥାଏ କିଂବା ଗୁରୁତ୍ୱ ଦେଇ ନ ଥାଏ । ଦିନ ମଧ୍ୟରେ ଏଇ ଅଳ୍ପ ସମୟର ଏକାଗ୍ରତା ସମଗ୍ର ଦିନର କାର୍ଯ୍ୟ ଉପରେ ପ୍ରଭାବ ପକାଇଥାଏ ।

ଶ୍ରୀଅରବିନ୍ଦ କହିଛନ୍ତି, ''ଅଭ୍ୟାସ ନ ଥିଲେ ଆରମ୍ଭରେ ଅଧିକ ସମୟ 'ଏକାଗ୍ରତା'ରେ ରହି ନିଜକୁ କ୍ଲାନ୍ତ କରିବା ଉଚିତ ନୁହେଁ, କାରଣ ତାହାଦ୍ୱାରା ମନ ଅବସନ୍ନ ହୋଇପଡ଼େ । ଅବସନ୍ନ ମନରେ ଏକାଗ୍ରତାର ଶକ୍ତି ଓ ଉପକାରିତା କାର୍ଯ୍ୟକାରୀ ହୋଇପାରେ ନାହିଁ । ସେତେବେଳେ ସାଧକ ଆଉ ଏକାଗ୍ରତାରେ ଲାଗି ନ ରହି ଚେତନାକୁ କିଞ୍ଚିତ୍ ବିଶ୍ରାମ ଦେଇ ସହଜ ଭାବେ ଧ୍ୟାନ କରିପାରନ୍ତି । ଏକାଗ୍ରତା ଯେତେବେଳେ ସ୍ୱାଭାବିକ ହୋଇଯାଏ ସେତେବେଳେହିଁ ସାଧକ ସେହି ସମୟର ମାତ୍ରା କ୍ରମେ କ୍ରମେ ବଢ଼ାଇପାରେ ।''

ଅହଂକାରର ଗୋଟିଏ ଦିଗ

''ମୁଁ ଲକ୍ଷ ଲକ୍ଷ ଶିଷ୍ୟ ଚାହେଁନି । ଶହେ କ୍ଷୁଦ୍ର 'ଅହଂଶୂନ୍ୟ' ପୂର୍ଣ୍ଣମାନବ ଭଗବାନଙ୍କ ଯନ୍ତ୍ରରୂପେ ଯଦି ପାଏ, ତାହାହିଁ ଯଥେଷ୍ଟ ।''

— ଶ୍ରୀଅରବିନ୍ଦ

କିନ୍ତୁ ଏହି ଅହଂକାର (ego) ଟି କ'ଣ ? ଯାକୁ ତ ଆମେ କେବେ ଦେଖିନୁ । ସାଧାରଣ ଅବସ୍ଥାରେ ଥିଲାବେଳେ ଏଥିରେ ଆମେ ବୁଡ଼ି ରହିଥିଲେ ବି ଏହା ବିଷୟରେ କିଛି ଭାବୁ ନାହିଁ କିଂବା ଜାଣିପାରୁ ନାହିଁ । ଯେତେବେଳେ ଭଗବାନଙ୍କୁ ପାଇବା ଲାଗି ସାଧନା ଆରମ୍ଭ ହୁଏ ସବୁଠାରୁ ପ୍ରଧାନ ବାଧାରୂପେ ଏହି ଅହଂକାର ଆସି ଛିଡ଼ାହୁଏ । କାରଣ ଭଗବାନଙ୍କୁ ପାଇଲେ ଏହାର ରାଜତ୍ୱ ଚିରକାଳ ଲାଗି ଲୋପପାଇବ ।

ଯାହାହେଉ କିନ୍ତୁ ଅହଂକାର ନ ଥିଲେ ବର୍ତ୍ତମାନର ସୃଷ୍ଟି ସମ୍ଭବ ହୋଇ ନ ଥାନ୍ତା । 'ମୁଁ', 'ମୋର' ଏସବୁ ଭାବ ନ ଥିଲେ ମଣିଷ ଟିକିଏ ବି କାମ କରିବାକୁ କିଂବା ବଞ୍ଚିବାକୁ ପ୍ରେରଣା ଲାଭ କରିପାରନ୍ତା ନାହିଁ । ମୁଁ ଜଣେ ସ୍ୱତନ୍ତ୍ର ବ୍ୟକ୍ତି, ମୁଁ ବଡ଼ ହେବି, ମୁଁ ଧନୀ ହେବି, ମୁଁ କ୍ଷମତାଶାଳୀ ହେବି, ମୋର ପରିବାର ଭଲରେ ରହିବେ, ମୋର ସମ୍ପତ୍ତି, ମୋର ବ୍ୟବସାୟ— ଏସବୁ ଭାବ ସାଧାରଣ ବ୍ୟକ୍ତିଠାରୁ କାଢ଼ିନେଲେ ସେ ଆଉ କାମ କରିବାକୁ ପ୍ରେରଣା ପାଏ ନାହିଁ । ନିଶ୍ଚେଷ୍ଟ ଓ ନିଷ୍କ୍ରିୟ ହୋଇପଡ଼େ । ଜଣେ ସ୍କୁଲ ପ୍ରଧାନ ଶିକ୍ଷକଙ୍କଠାରୁ ଯଦି ତାଙ୍କ ପଦବୀଟା କାଢ଼ିନେଇ ତାଙ୍କ ସ୍ଥାନରେ ଆଉ ଜଣକୁ ପ୍ରଧାନ ଶିକ୍ଷକ କରିଦିଆଯାଏ ଓ ତାଙ୍କୁ ପୂର୍ବର ସମସ୍ତ ସୁବିଧାସୁଯୋଗ ଦିଆଯାଇ ସହକାରୀ ଶିକ୍ଷକ ଭାବରେ ରହି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଗୁଡ଼ିକ କରିବାକୁ କୁହାଯାଏ ତେବେ ତାହା ସେ କରିବାକୁ ରାଜି ହେବେ ନାହିଁ କିଂବା ଆଗ୍ରହ କି ଉତ୍ସାହ ଆସିବ ନାହିଁ । ସେ ଅନୁଭବ କରନ୍ତି ତାଙ୍କଠାରୁ ଯେପରି ସବୁକିଛି କାଢ଼ି ନିଆଯାଇଛି । କିନ୍ତୁ ବାସ୍ତବରେ ତାଙ୍କଠାରୁ ପଦବୀଟା

ଛଡ଼ା ଆଉ କିଛି କାଢ଼ି ନିଆଯାଇ ନ ଥାଏ । ପୂର୍ବପରି କାମ କରିବାର ସବୁ ସୁଯୋଗ ଦିଆଯାଉଥିଲେ ବି ସେ କିଛି ନ ଥିଲା ଭଳି ଅନୁଭବ କରନ୍ତି । ସେହିପରି ସଂପତ୍ତି, ପରିବାର, ବ୍ୟବସାୟ ଆଦିରେ ବ୍ୟକ୍ତିର ନିଜର ମାଲିକାନା ନ ରହିଲେ ସେଥିଲାଗି କାମ କରିବାକୁ ସାଧାରଣ ବ୍ୟକ୍ତି ଆଦୌ ପ୍ରେରଣା ଲାଭ କରେ ନାହିଁ ।

ଯଥାର୍ଥରେ ଏହି ଅହଂକାର ଯାହା ନିଜକୁ 'ମୁଁ' ବୋଲି କହି ଅନ୍ୟମାନଙ୍କଠାରୁ ପୃଥକ୍ ବୋଲି ଅନୁଭବ କରେ ଓ ନିଜର ସ୍ୱାର୍ଥ ଛଡ଼ା ଦୁନିଆରେ ଅନ୍ୟ କିଛି ବସ୍ତୁ ଅଛି ବୋଲି ଭାବିପାରେ ନାହିଁ, ତାକୁ ଟିକିଏ ଗଭୀରଭାବେ ବିଚାର କଲେ ଦେଖାଯିବ ଯେ ତା'ର କୌଣସି ସ୍ୱରୂପ ନାହିଁ । ତାହା କେବଳ ଗୋଟିଏ ମିଥ୍ୟା ମାୟା ଛଡ଼ା ଆଉ କିଛି ନୁହେଁ । ଆମେ ସଚେତନ ହେଲେ ଜାଣିପାରୁ ସବୁକିଛି ଭଗବାନଙ୍କର ଓ ତାଙ୍କରି ସେବା କରିବା ଲାଗି କେତେକ ଜିନିଷର ଭାର କିଛିକାଳ ଲାଗି ଆମକୁ ଦିଆଯାଇଛି । ଆମର କିଛି ନୁହେଁ, ଆମର କେବଳ ଭଗବାନ୍ । ଆମେ ସମସ୍ତେ ପରସ୍ପରଠାରୁ ପୃଥକ୍ ନୋହୁ । ସେହି ଏକ ଭଗବାନଙ୍କର ବିଭିନ୍ନ ନାମ ରୂପର ପରିପ୍ରକାଶ ମାତ୍ର । ବାସ୍ତବରେ ଭଗବାନଙ୍କ ଛଡ଼ା ଆମ ଦ୍ୱାରା କିଛି ହୋଇପାରିବ ନାହିଁ । ସେ ସବୁ କରୁଛନ୍ତି, କିନ୍ତୁ ସେହି ଦୁରନ୍ତ ଅହଂକାରର କୌଣସି ସ୍ଥିତି ନ ଥିଲେ ମଧ ତାହା ଆମକୁ ଏହି ଯଥାର୍ଥ ବିଚାର କରାଇଦିଏ ନାହିଁ । ଅଧିକାର, କ୍ଷମତା, ପ୍ରତିପତ୍ତି, ନାମ, ଯଶ ବିଭିନ୍ନ ଆକାରରେ ଆସି ଆମ ପଥରୋଧ କରେ । ଏପରିକି ମା' କହିଛନ୍ତି, କୌଣସି ରୋଗ କିଂବା ଶାରୀରିକ ଯନ୍ତ୍ରଣା ଦୀର୍ଘକାଳ ଭୋଗିବା କେବଳ ଶରୀରର ଅହଂକାର ଛଡ଼ା ଅନ୍ୟକିଛି ନୁହେଁ । ଅହଂକାର ବହୁତ ଛଦ୍ମବେଶରେ ଆସେ । ଆମେ ତାକୁ ବୁଝି ନ ପାରି ତା'ରି ଫାନ୍ଦରେ ପଡ଼ି ଆମ ଲକ୍ଷ୍ୟଠାରୁ ଦୂରେଇଯାଉଁ ।

ଏହି ଅହଂକାର ଯୋଗୁଁ ଆମେ ବହୁତ ସଂକୀର୍ଣ୍ଣ, ସୀମିତ, ଲୋଭୀ ଓ ସ୍ୱାର୍ଥପର ହୋଇ ଜୀବନରେ ଅନେକ ଦୁଃଖକଷ୍ଟ ଭୋଗ କରୁ; କିନ୍ତୁ ତାକୁ ଚିହ୍ନିପାରୁ ନାହିଁ କି ଛାଡ଼ିପାରୁ ନାହିଁ ।

ଥରେ ଗୋଟିଏ ବିରାଟ ହନୁମାଙ୍କଡ଼ ଜଙ୍ଗଲର ଗୋଟିଏ ବଡ଼ ଆମ୍ବଗଛଟିରେ ଆସି ରହିଲା । କିଛିଦିନ ଯିବା ପରେ ସେ ଗୋଟିଏ ଆଦେଶ ଜାରି କରିଦେଲା ଯେ ସେ ଗଛର ସେ ହେଉଛି ଏକଚ୍ଛତ୍ର ମାଲିକ । କୌଣସି ଚଢ଼େଇ କିଂବା ଜୀବଜନ୍ତୁ ସେ ଗଛରେ ତା'ର ବିନାନୁମତିରେ ଆଶ୍ରୟ ନେଇପାରିବେ ନାହିଁ କିଂବା ଫଳ ଖାଇପାରିବେ ନାହିଁ ।

କିଛିଦିନ ପରେ ଦେଖାଗଲା ଦୁଇଟି କାଉ ଆସି ଗୋଟିଏ ଡାଳରେ ବସା କରିଛନ୍ତି । ହନୁ ତା'ର ସିଂହାସନ ବୋଲି ମନେକରି ଯେଉଁ ଡାଳରେ ବସେ, ସେ ଡାଳରୁ ଉଠିପଡ଼ି ରାଗରେ ସେ କାଉବସା ପାଖକୁ ଗଲା ଓ ତାକୁ କହିଲା, ''କିଏ କହିଲା ତୁମକୁ ଏ ଗଛରେ ବସା ବାନ୍ଧିବାକୁ ? ତୁମେମାନେ କ'ଣ ଜାଣ ନାହିଁ ମୁଁ ଏ ଗଛର ରାଜା ? ଯାହାହେଉ, ଶୀଘ୍ର ବସା ଉଠାଇନେଇ ଅନ୍ୟତ୍ର ପଳାଇଯାଅ !''

କାଉଦୁଇଟି ଆଶ୍ଚର୍ଯ୍ୟ ହୋଇ କହିଲେ, ''କାହିଁକି ? ଏ ଗଛରେ ବସା କଲେ କ୍ଷତି କ'ଣ ? ଆମେ ତ କରିସାରିଲୁଣି । ଅନ୍ୟଜାଗାକୁ ଯିବା ଦରକାର କ'ଣ ? ଆପଣଙ୍କର ତ ଆମେ କିଛି ଅସୁବିଧା କରୁନୁ ।''

ଏତିକି ଶୁଣି ହନୁଟି ରାଗରେ ବସାଟିକୁ ଟାଣି ତଳକୁ ଫିଙ୍ଗିଦେଲା । ତା'ର ଉଗ୍ରମୂର୍ତ୍ତି ଦେଖି କାଉଦୁଇଟି ଭୟରେ ଉଡ଼ି ପଳାଇଗଲେ ।

ଆଉଥରେ କ'ଣ ହୋଇଛି ନା ଉଦୁଉଦିଆ ଖରାବେଳ, ଝାଞ୍ଜିପବନ ବହୁଛି, ଦୁଇଟି ଶୁଆ ଖରାଦାଉ ସମ୍ଭାଳି ନ ପାରି ଗଛର ଗୋଟିଏ ସରୁ ଡାଳରେ ବସି ବିଶ୍ରାମ କରୁଛନ୍ତି । ହନୁର ଆଖି ଯେପରି ସେମାନଙ୍କ ଉପରେ ପଡ଼ିଗଲା, ସଙ୍ଗେ ସଙ୍ଗେ ସେ ପାଟିକରି ଉଠିଲା– ''ତୁମମାନଙ୍କୁ କିଏ କହିଲା ମୋ ରାଜ୍ୟରେ ଅନଧିକାର ପ୍ରବେଶ କରିବାକୁ ? ଶୀଘ୍ର ଏଠାରୁ ଉଡ଼ିଯାଅ, ନଚେତ୍ ପୁଣି ଦେଖିବ ।''

ଶୁଆଦୁଇଟି କହିଲେ, ''ଜଙ୍ଗଲର ଗଛରେ ତ ସବୁ ଚଢ଼େଇ, ଜୀବଜନ୍ତୁଙ୍କର ସମାନ ଅଧିକାର ଅଛି । ପାଣି ପିଇବାକୁ, ନିଶ୍ୱାସ-ପ୍ରଶ୍ୱାସରେ ପବନ ନେବା ଆଣିବା କରିବାକୁ କ'ଣ କାହାର ଅନୁମତି ଦରକାର ?

ସେହିପରି ଗଛ ତ ସମସ୍ତଙ୍କର । ଆମେ ସେଥିରେ ଟିକେ ବିଶ୍ରାମ କରିବୁ ବୋଲି ତୁମକୁ କାହିଁକି ପଚାରିବୁ ?''

''କାହିଁକି ପଚାରିବ ? ନା ! ଆରେ ମୂର୍ଖ !'' ଏତିକି କହି ହନୁଟି ସେମାନଙ୍କ ପାଖ ଡାଳକୁ ଚାଲିଗଲା ଓ ତା'ର ଲମ୍ବା ହାତ ବଢ଼ାଇ ଗୋଟିଏ ଶୁଆର ଲାଞ୍ଜକୁ ଧରିପକାଇଲା । ଶୁଆଟି ରାଗରେ ତା'ର ହାତକୁ କାମୁଡ଼ି ଦେଲା । ହନୁଟି ଯନ୍ତ୍ରଣାରେ ଶୁଆଟିକୁ ଛାଡ଼ିଦେଲା । ହାତରୁ ତା'ର ଝରଝର ହୋଇ ରକ୍ତ ବହିବାକୁ ଲାଗିଲା । ଶୁଆ ଦୁଇଟି ଉଡ଼ି ପଳାଇଗଲେ ।

ହନୁର ଏ ଦୁରବସ୍ଥା ପାଖରେ ଗୋଟିଏ ଗୁଣ୍ଡୁଚିମୂଷା ରହି ଦେଖୁଥିଲା । କହିଲା, ''ଠିକ୍ ହୋଇଛି, ରାଜା ହେବାର ଫଳ ଭୋଗୁଥା ।'' ହନୁ ତା'ର ହାତକୁ ଚାହିଁବା ଛାଡ଼ି ମୁଣ୍ଡଟେକି ଆଖି ବଡ଼ ବଡ଼ କରି ଦେଖିଲା ତା' ଉପର ଡାଳରେ ଗୁଣ୍ଡୁଚିମୂଷାଟାଏ ବସି କିରିକିରି ହୋଇ ହସୁଛି । ସାଙ୍ଗେ ସାଙ୍ଗେ ତା'ର ହାତର ଜ୍ୱାଳା ସେ ଭୁଲିଗଲା ଓ କହିଲା– ''ତୁ କିପରି ଏଠାକୁ ଆସିଲୁ ?''

ଗୁଣ୍ଡୁଚିମୂଷା କହିଲା, ''କାହିଁକି ? ମୁଁ ତ ଅନେକ ଦିନ ହେବ ଏହି ଗଛରେ ଆରାମରେ ଅଛି ।''

ହନୁ ଆଶ୍ଚର୍ଯ୍ୟ ହୋଇ କହିଲା, ''ଅନେକ ଦିନ ହେବ ଅଛୁ ? ଅଥଚ ମୁଁ ଏକଥା ତ ଜାଣେ ନାହିଁ ! ମୋର ଅନୁମତି ନେଇଥିଲୁ ?''

ଗୁଣ୍ଡୁଚିମୂଷା କହିଲା, ''ତୋର ଅନୁମତି କାହିଁକି ନେବି ? ଗଛ ତ ପଡ଼ିଛି, ଯେ ଆସିବ ସେ ରହିବ । ତୋର କ'ଣ ମୁଁ ଖାଇ ଯାଉଛି ନା ନେଇ ଯାଉଛି ? ତୁ ମୋଟା ଜନ୍ତୁ, ମୋଟା ଡାଳରେ ଅଛୁ । ମୁଁ ସରୁ ଜନ୍ତୁ, ସରୁ ଡାଳରେ ରହିଛି । ତୋର କ'ଣଟା ଅସୁବିଧା ହେଉଛି ?''

ଖିଙ୍କାରି ହୋଇ ହନୁ କହିଲା, ''ପାଜି, ବଦମାସ୍, ବହୁତ କଥା କହି ଜାଣୁ । ଶୀଘ୍ର ମୋ ରାଜ୍ୟ ଛାଡ଼ି ପଳା, ନଚେତ୍....''

''ନଚେତ୍ କ'ଣ କରିବୁ ? ମୋର ଘର ଛାଡ଼ି ମୁଁ ଯାଇପାରିବି ନାହିଁ, କ'ଣ କରୁଚୁ କ'ର !''

ହନୁ ରାଗରେ ପାଚିଯାଇ ତା' ଆଡ଼କୁ ଦୌଡ଼ିଲା । ଚତୁର ଗୁଣ୍ଡୁଚିମୂଷାଟି କ୍ଷିପ୍ର ଗତିରେ ଗଛର ଏଣେ ତେଣେ ଦଉଡ଼ିବାକୁ ଲାଗିଲା । ହନୁ ବିଚରା ଗୋଡ଼େଇ କ୍ଳାନ୍ତ ହୋଇ ପଡ଼ିଲା । ଶେଷରେ ଗୁଣ୍ଡୁଚିମୂଷାଟି ଗଛ ତଳକୁ ଓହ୍ଲାଇଯାଇ କହିଲା, ''ଦେଖ୍, ମୁଁ ତୋଠାରୁ କେତେଦୂରରେ ।''

କ୍ରୁଦ୍ଧ ମର୍କଟ କାଳବିଳମ୍ବ ନ କରି ସଙ୍ଗେ ସଙ୍ଗେ ତା'ଉପରକୁ ଡେଇଁପଡ଼ିଲା । ତଳେ ଦୁମ୍‌କିନା କଚାଡ଼ି ହୋଇ ପଡ଼ିବା ଫଳରେ ଶରୀରରେ ତା'ର ବହୁତ ଆଘାତ ଲାଗିଲା । ହେଲେ ବି ବଦମାସ୍ ଗୁଣ୍ଡୁଚିମୂଷାଟା ତା' ଶରୀର ତଳେ ଚିପିହୋଇ ମରିଯାଇଥିବ ଭାବି ଟିକିଏ ଖୁସି ହେଲା । କିନ୍ତୁ ଝାଡ଼ିଝୁଡ଼ି ହୋଇ ଶରୀରଟାକୁ ଉଠାଇ ନେଇ ଦେଖେତ ଗୁଣ୍ଡୁଚିମୂଷାଟି ପାଖ ଗୋଟିଏ ଗଛରେ କିରି କିରି ହୋଇ ହସୁଛି ।

ଖାଲି ରାଗରେ ଫଁ ଫଁ ହେବାଛଡ଼ା ହନୁ ବିଚରା ଆଉ କିଛି କରିପାରିଲା ନାହିଁ । ତେବେ ଶତ୍ରୁ ତା'ର ରାଜ୍ୟ ଛାଡ଼ି ଚାଲିଯାଇଛି, ଏତିକି ଭାବି ଟିକିଏ ଆଶ୍ୱସ୍ତ ହୋଇ ପୁଣି ଗଛକୁ ଚଢ଼ିଲା । କିନ୍ତୁ ଏ କ'ଣ ? ଗୋଟିଏ ଗହଳିଆ ଡାଳରେ ପୁଣି ଗୋଟିଏ କଳା ହୋଇ ଜନ୍ତୁଟାଏ କ'ଣ ଓହଳିଛି ? ଏଥର ହନୁ ଆଉ ସମ୍ଭାଳି ନ ପାରି କଷିକରି ମାରିଲା ଗୋଟାଏ ଚଟକଣା । ସେ କଳା ଅଂଶରୁ ସାମାନ୍ୟ ଭାଙ୍ଗିଗଲା । ସେଇଟି ବାସ୍ତବରେ ଗୋଟିଏ ଜନ୍ତୁ ନ ଥିଲା, ଥିଲା ଗୋଟାଏ ମହୁଫେଣା । ହଜାର ହଜାର ମହୁମାଛି ବାହାରି ହନୁର ଆଖି, ମୁହଁ, ପେଟ, ପିଠି ସାରା ଶରୀର ବିନ୍ଧି ଦେଇଗଲେ । ଗଛରୁ ଓହ୍ଲାଇ ଜଙ୍ଗଲସାରା ଦୌଡ଼ିଲେ ବି ସେମାନେ ଛାଡ଼ିଲେ ନାହିଁ । ଶେଷକୁ ବିଚରା ଜଙ୍ଗଲ ଛାଡ଼ି କୁଆଡ଼େ ପଳାଇଗଲା । ଆଉ ସେହିଦିନଠାରୁ ତା' ରାଜ୍ୟକୁ କେବେ ଫେରି ନାହିଁ ।

ଏହି ଅହଂକାର ଯୋଗୁଁ ମଣିଷ ଯେତେ ଦୁଃଖ କଷ୍ଟ ପାଇଲେ ବି ଅହଂକାରକୁ ଛାଡ଼ିବା ତା'ପକ୍ଷରେ ସହଜ ହୋଇ ନ ଥାଏ । କାରଣ ସେହି ଅହଂକାରକୁ ନେଇ ତା'ର ବ୍ୟକ୍ତିତ୍ୱ ଗଢ଼ା ଯାଇଥାଏ । କିନ୍ତୁ ଏ ଅହଂକାର ଥିବା ପର୍ଯ୍ୟନ୍ତ ବ୍ୟକ୍ତି ଭଗବାନଙ୍କୁ ପୂର୍ଣ୍ଣରୂପେ ପାଇପାରେ ନାହିଁ । ଏହି

କ୍ଷେତ୍ରରେ ଗୋଟିଏ କଥା କଲେ ଧୀରେ ଧୀରେ ଅହଂକାର ଲୋପପାଇ ବ୍ୟକ୍ତି ଭଗବାନଙ୍କୁ ଅଧିକରୁ ଅଧିକ ଉପଲବ୍ଧି କରେ । ସେଇଟି ହେଉଛି ନିଜର ଅହଂକାରକୁ ଭଗବାନଙ୍କ ସେବାରେ ଲଗାଇଦେବା । ନିଜେ ଯଦି ବହୁତ କର୍ମଦକ୍ଷ, ସୁନ୍ଦର ବକ୍ତା, ସଙ୍ଗୀତଜ୍ଞ, କଳାକାର, ସାହିତ୍ୟିକ ଓ ଏହିପରି ଆଉକିଛି, ତେବେ ସେସବୁକୁ କେବଳ ଭଗବାନଙ୍କ ସେବାରେ ଲଗାଇଦେଲେ, ତାହା ମଧ୍ୟଦେଇ ସେ ଅହଂକାର ବି ମୁକ୍ତ ହୁଏ ଓ ଧୀରେ ଧୀରେ ଉପଲବ୍ଧି କରେ ଯେ, ସେ କିଛି ନୁହେଁ, ତା'ଦ୍ୱାରା ବାସ୍ତବରେ କିଛି ହେଉ ନାହିଁ । ସବୁ ଭଗବାନ୍ କରୁଛନ୍ତି, ସେ କେବଳ ନିମିତ୍ତ ମାତ୍ର । ସେ ଏକ ସ୍ୱତନ୍ତ୍ର ବ୍ୟକ୍ତି ନୁହେଁ, ସେହି ଏକ ଭଗବାନଙ୍କର ଏକ ଅଂଶବିଶେଷ । ପୃଥିବୀରେ ସବୁ ଜୀବ ସହ ତା'ର ସଂପର୍କ ରହିଛି । ଏସବୁ ଭାବ ଭାଗବତ ସାଧନା ଲାଗି ବିଶେଷ ଆବଶ୍ୟକ । ସେଇଥିଲାଗି ମା' କହିଛନ୍ତି—

''If you are a candidate for super humanity you must be resolved to get rid of your ego.''

ଅର୍ଥାତ୍ ''ଅତିମାନବତ୍ୱ ପାଇଁ ତୁମେ ଯଦି ଜଣେ ପ୍ରାର୍ଥୀ ତେବେ ଅହଂକାରବିମୁକ୍ତ ହେବା ନିମନ୍ତେ ତୁମକୁ ସଂକଳ୍ପବଦ୍ଧ ହେବାକୁ ହେବ ।''

ଜୀବନଟା କି ଗୋଟାଏ ବୋଝ !

ସାଇକେଲ ଉପରେ ବସି ସିନା ତାକୁ ଚଳାଇଲେ ଚାଲିବା କାର୍ଯ୍ୟ ସହଜ ହେବ ଓ ଅଳ୍ପ ସମୟରେ ବହୁବାଟ ଯାଇହେବ । ଆଉ ତା' ନ କରି ଯଦି ସାଇକେଲକୁ ମୁଣ୍ଡରେ ବହିଚାଲିବା ତେବେ ତାହା ବୋଝ ହେବ ନାହିଁ ତ ଆଉ କ'ଣ ସହାୟକ ହେବ ? ଜୀବନଟାକୁ ଠିକ୍ ସେଇଭଳି ଯଦି ଆମେ ନିଜେ ଚଳାଇବୁ ତେବେ ସିନା ଯାଇ ସେ ବିକାଶମୂଳକ ଓ ଆନନ୍ଦଦାୟକ ହେବ । ତା' ନ ହୋଇ ଯଦି ଜୀବନଟା ଆମ ଉପରେ ବସି ଆମକୁ ଚଳାଏ ତେବେ ତ ତାହା ନିଶ୍ଚିତରୂପେ ଏକ ବୋଝ ଓ ସମସ୍ତ ପ୍ରକାର ହତାଶା ଓ ନିରାନନ୍ଦର ଭଣ୍ଡାର ହେବ ।

ସାଧାରଣତଃ ଆମମାନଙ୍କ ସମସ୍ତଙ୍କ କ୍ଷେତ୍ରରେ ଆମର ଜୀବନ ହେଉଛି ଆମ ଚାଳକ । ଆମେ ଜୀବନକୁ ଚଳାଉନୁ କିଂବା ଚଳାଇବାର ଉଦ୍ୟମ ବି କରୁନୁ । ସେଥିଲାଗି ଆମ ସମସ୍ତଙ୍କ ଜୀବନ ଦୁଃଖ, ଜଞ୍ଜାଳ, ହତାଶା, ନୈରାଶ୍ୟ, ରୋଗ, ମୃତ୍ୟୁରେ ପୂର୍ଣ୍ଣ । ତେବେ ପ୍ରଶ୍ନ ଉଠେ ସାଇକେଲ୍‌ଟା ସିନା ସ୍ଥୂଳ ଜିନିଷ, ତାକୁ ଆମେ ଚଳାଇ ପାରିବୁ; କିନ୍ତୁ ଜୀବନଟା ତ କିପରି ଆମେ ତାକୁ ଦେଖି ପାରୁନୁ, ତାକୁ ଚଳାଇବୁ କିପରି ?

ଏଇଠି ଆମେ ଦୁଇଟି ଛାତ୍ରଙ୍କ ଜୀବନର ଏକ ବିଶେଷ ଦିନର ଘଟନା ଉଲ୍ଲେଖ କରିବା । ଦୁଇଟି ଛାତ୍ର । ଏକା ବୟସର । ଏକା କ୍ଲାସରେ ପଢ଼ନ୍ତି । ଯେଉଁ ଦିନର କଥା କୁହାଯାଉଛି ସେଦିନ ପ୍ରଥମ ଛାତ୍ରଟି ପୂର୍ବଦିନ ସ୍କୁଲରେ ଦିଆଯାଇଥିବା ପଢ଼ା କରି ନ ଥିଲା । ତା'ଛଡ଼ା ତା'ର ପ୍ରକୃତି ଅତ୍ୟନ୍ତ ଖାମ୍‌ଖିଆଲି ଢଙ୍ଗର । ଜୀବନରେ ତା'ର କୌଣସି ସଂଯମ କି ଶୃଙ୍ଖଳା ନ ଥାଏ । ସେଦିନ ସେ ସ୍କୁଲକୁ ଯିବାକୁ ଚାହିଁଲା ନାହିଁ । କିନ୍ତୁ ଘରେ ରହିଲେ ତ ଗାଳି ଖାଇବ । ତେଣୁ ଠିକ୍ କଲା କୁଆଡ଼େ ହେଲେ ବହିପତ୍ର ଧରି ଚାଲିଗଲେ ଘରେ ଭାବିବେ ପଢ଼ିବାକୁ ଯାଉଛି । କୁଆଡ଼େ ଯିବ କିଛି ସ୍ଥିର

କରି ନ ଥିଲା । ଘରଠାରୁ କିଛି ଦୂରରେ ଗୋଟିଏ ଅଳ୍ପ ଜଙ୍ଗଲିଆ ମଶାଣି ପଡ଼ିଲା । ସେଠାରେ ଗୋଟାଏ ବୁଦା ଆଢୁଆଳରେ ବହିପତ୍ର ରଖି ବଣୁଆ କୋଳିସବୁ ଖାଇବାରେ ଲାଗିଲା । ସବୁବେଳେ ଭୟରେ ଏଣେତେଣେ ଚାହୁଁଥାଏ, କାଳେ କିଏ ପଡ଼ୋଶୀ ଲୋକ ତାକୁ ଦେଖି ପକାଇବ । କଣ୍ଟା ବୁଦାରେ ବେଳେବେଳେ ସାର୍ଟ ଲାଗି ଠାଏ ଠାଏ ଚିରିଗଲା । କୋଳି ଖାଇସାରି କିଛି ସମୟ ବଣ ବୁଦା ଆଢୁଆଳରେ ବସି ସମୟ କଟାଇବାକୁ ଲାଗିଲା । ଅନେକ ସମୟ ବସିବସି ବହୁତ ଖରାପ ଲାଗିଲା । ନିକଟରେ କେତେକ ଗାଈଆଳ ପିଲା ଗାଈ ଛାଡ଼ିଦେଇ ବାଗୁଡ଼ି ଖେଳୁଥିବାର ଶୁଣି ପାରିଲା । ଧୀରେ ଧୀରେ ଯାଇ ସେମାନଙ୍କ ସହ ଯୋଗ ଦେଲା । ସେହି ହୁଣ୍ଡା ପିଲାମାନଙ୍କ ମଧ୍ୟରୁ ଜଣେ ତା' ଉପରେ ପଡ଼ିବା ଫଳରେ ଗୋଡ଼ ଗୋଟିଏ ସ୍ଥାନରେ ଜଖମ ହୋଇଗଲା । ଦୁଃଖରେ ଛୋଟେଇ ଛୋଟେଇ ପୁଣି ଲୁଚିବା ସ୍ଥାନକୁ ଫେରୁ ଫେରୁ ସାଇର ଜଣେ ପରିଚିତ ବ୍ୟକ୍ତି ତାକୁ ଦେଖିଲେ ଓ ଜାଣିଲେ ସେ ସ୍କୁଲକୁ ନ ଯାଇ ଲୁଚିଛି । ଦୁଃଖ ସାଙ୍ଗକୁ ଆହୁରି ଭୟ ମିଶିଗଲା । ତା' ସହ ପୁଣି ଚିନ୍ତା ଆସିଲା ଯେ ଆଜିର ଯାହା ପଢ଼ା ସ୍କୁଲରେ ହୋଇଥିବ ତାହା ତ ସେ ଜାଣିପାରିଲା ନାହିଁ; ତେଣୁ କାଲିକୁ ତାକୁ ବେଶୀ ଖରାପ ଲାଗିବ । ଘରକୁ ଫେରିଲା ବେଳକୁ ଭୟ, ବିଷାଦ ଓ ହାତାଶାରେ ମସ୍ତିଷ୍କ ଏପରି ଭାରାକ୍ରାନ୍ତ ଲାଗୁଥାଏ ଯେ ଘରକୁ ଫେରିବାକୁ ପାଦ ନ ଚଳିଲେ ବି ବାଧ୍ୟ ହୋଇ ଶଙ୍କାକୁଳ ହୃଦୟରେ ଫେରୁଥାଏ ।

ଦ୍ୱିତୀୟ ପିଲାଟି ପଢ଼ା କରିବାରେ ହେଳା କରି ନ ଥିଲେ ବି ଗୋଟିଏ ବିଷୟ କରିପାରି ନ ଥିଲା । କାରଣ ପ୍ରଥମ କଥା ସମୟ ଅଣ୍ଟିଲା ନାହିଁ, ଦ୍ୱିତୀୟ କଥା କେତେକ ସ୍ଥାନରେ ସେ ବୁଝିପାରି ନ ଥିଲା । ସେଦିନ ସ୍କୁଲକୁ ଯାଇ ନିଶ୍ଚୟ ସେସବୁ ଶିକ୍ଷକଙ୍କଠାରୁ ବୁଝିବ ବୋଲି ସେ ସ୍ଥିର କରିଥିଲା । ତାହାହିଁ କଲା ।

ଶିକ୍ଷକ ମଧ୍ୟ ଥିଲେ ବହୁତ ଉନ୍ନତ ପ୍ରକୃତିର ଲୋକ । ପିଲାଙ୍କ ଅସୁବିଧା ସେ ବୁଝିପାରନ୍ତି ଓ ଯାହା ସେମାନେ ପଚାରନ୍ତି ସେ ବୁଝାଇ

ଦିଅନ୍ତି । ବରଂ ପିଲାମାନେ ଆଗ୍ରହୀ ହୋଇ ପ୍ରଶ୍ନ ପଚାରିଲେ ସେ ବିରକ୍ତ ନ ହୋଇ ବେଶୀ ଖୁସି ହୁଅନ୍ତି । ଘରେ ଟିଉସନ୍ କରି ଟଙ୍କା ରୋଜଗାର କରିବାର ମନୋବୃତ୍ତି ନେଇ ସେ ପଢ଼ାନ୍ତି ନାହିଁ । କାରଣ ସେ ଜାଣନ୍ତି ଭଗବାନଙ୍କର ସେବା ହିସାବରେ ସେ ଯେଉଁ କାର୍ଯ୍ୟ କରୁଛନ୍ତି ତାହାର ପାରିଶ୍ରମିକ ସେ ଦରମା ଆକାରରେ ସ୍କୁଲରୁ ପାଉଛନ୍ତି ଓ ପିଲାମାନଙ୍କୁ ପଢ଼ାଇବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଛନ୍ତି । ତେଣୁ ସ୍କୁଲରେ ହେଉ, ବାହାରେ ହେଉ, ଯେକୌଣସି ସ୍ଥାନରେ ଛାତ୍ରଙ୍କୁ ସାହାଯ୍ୟ କରିବା ଦରକାର ପଡ଼ିଲେ ସେଇଟା ତାଙ୍କର କର୍ତ୍ତବ୍ୟର ଭିତରେ । ସେଥିଲାଗି ସ୍କୁଲ ସମୟ ବ୍ୟତୀତ ଅନ୍ୟ ସମୟରେ ପିଲାମାନେ ତାଙ୍କର କିଛି ସାହାଯ୍ୟ ଲୋଡ଼ିଲେ ସେ ଅକୁଣ୍ଠିତ ଚିତ୍ତରେ ଅର୍ଥ ରୋଜଗାରରେ କୌଣସି ଲାଳସା ନ ରଖି ତାଙ୍କର ଅବସର ସମୟରେ ସାହାଯ୍ୟ କରିଥା'ନ୍ତି । ପିଲାମାନେ ଅର୍ଥ ଯାଚିଲେ ବି ସେ କହନ୍ତି ମୁଁ ଯଦି ସ୍କୁଲରୁ ଦରମା ପାଉ ନ ଥା'ନ୍ତି ତେବେ ନିଅନ୍ତି; କିନ୍ତୁ ମୁଁ ତ ମୋ କାମ ଲାଗି ଦରମା ପାଉଛି ।

କିନ୍ତୁ ସବୁ ଶିକ୍ଷକ ସେପରି ନୁହନ୍ତି । କେତେକ ଅଯଥା ନିଜର ଦୁର୍ବଳତା ହେତୁ ପିଲାମାନଙ୍କ ଅସୁବିଧା ବୁଝି ନ ପାରି ରାଗନ୍ତି ଓ ଟିଉସନ୍ କରିବାର ମନୋବୃତ୍ତି ରଖି ପଢ଼ାନ୍ତି । ସେଭଳି ଶିକ୍ଷକଙ୍କ ପ୍ରତି ମଧ୍ୟ ସେ ପିଲାଟିର ଭୟ ନ ଥାଏ କି ଘୃଣା ନ ଥାଏ । ବରଂ ସେହି ବିଚରା ଅଜ୍ଞାନୀ, ଲୋଭୀ, ସ୍ୱାର୍ଥପର ବ୍ୟକ୍ତିଙ୍କ ପ୍ରତି ହୃଦୟରେ ତା'ର ଦୟା ଏବଂ ସଦିଚ୍ଛା ଭାବ ଥାଏ । ସେମାନଙ୍କଠାରୁ ସେମାନଙ୍କ ପ୍ରକୃତି ସତ୍ତ୍ୱେ ବି ଯେତେଦୂର ସମ୍ଭବ ସେ ନିଜର ଆବଶ୍ୟକ ପଢ଼ା ଆଦାୟ କରିଥାଏ । ଯାହା ବୁଝି ନ ପାରିଥାଏ ନିଜେ ପ୍ରବଳ ଉଦ୍ୟମ କରି ଓ ସାଙ୍ଗ ପିଲାମାନଙ୍କଠାରୁ ମଧ୍ୟ ବୁଝିନିଏ ।

ସେଦିନ ସ୍କୁଲକୁ ଯାଇ ସବୁ କ୍ଲାସରେ ସେ ଆନନ୍ଦରେ ଯୋଗ ଦେଲା । ଯାହା ଯାହା ଅସୁବିଧା ଥିଲା ବୁଝିଲା ଓ ପରଦିନ ପାଇଁ କ'ଣ ପଢ଼ାକରି ଆସିବାକୁ ହେବ ସେସବୁ ନୋଟ୍ କଲା । ଖେଳ ପିରିଅଡ଼ରେ ଖେଳିବାକୁ ଗଲା । ଖେଳରେ ସାର୍ଟଟି ମଧ୍ୟ ଟିକିଏ ଚିରିଗଲା ଓ ନିଜର

ଅସାବଧାନତା ଯୋଗୁଁ ଗୋଡ଼ ମଧ୍ୟ ଗୋଟିଏ ସ୍ଥାନରେ ସାମାନ୍ୟ ଜଖମ ହେଲା । ଯାହାହେଉ ସ୍କୁଲ ଛୁଟି ପରେ ଘରକୁ ଫେରିଲା । ଚିରାସାର୍ଟ ଓ ଜଖମ ଗୋଡ଼ ନେଇ ଘରକୁ ଫେରିଲେ ବି ମନରେ ଅବସାଦ ନାହିଁ, ଦୁଃଖ ନାହିଁ କି ଭୟ ନାହିଁ । ବରଂ ନିଜର ସମସ୍ତ କାର୍ଯ୍ୟ ଭଗବାନଙ୍କ ଚରଣରେ ସମର୍ପଣ କରିଦେଇ କେଉଁଠି କେଉଁଠି ଭୁଲ୍ ହେଲା ପରଦିନ ସେସବୁକୁ ସଂଶୋଧନ କରିବା ପାଇଁ ମନେ ମନେ ସଂକଳ୍ପ କରୁଥିଲା ଓ ସାହାଯ୍ୟ ଲାଗି ଭଗବାନଙ୍କୁ ପ୍ରାର୍ଥନା କରୁଥିଲା ।

ଦୁଇଟି ପିଲାଙ୍କ ମଧ୍ୟରୁ କାହାକୁ ଜୀବନଟା ବୋଝଭଳି ଲାଗୁଥିବ ଆମେ ସହଜରେ ଜାଣିପାରୁଛେ । କାହିଁକି ଏପରି ହେଲା ? ତା'ର କାରଣ ନୁହେଁ କି ଦ୍ୱିତୀୟ ପିଲାଟି ନିଜ ଜୀବନକୁ ଯେତେବେଳେ ନିଜ ସଂକଳ୍ପ ଦ୍ୱାରା ପରିଚାଳିତ କରୁଥିଲା ପ୍ରଥମ ପିଲାଟି ନିମ୍ନ ମନ-ପ୍ରାଣର ପ୍ରରୋଚନାରେ ଜୀବନଟାକୁ ତା'ର ସ୍ୱାଭାବିକ ଢଙ୍ଗରେ ଛାଡ଼ି ଦେଇ ତା' ଦ୍ୱାରା ସେ ନିଜେ ପରିଚାଳିତ ହେଉଥିଲା ।

ଏଇଠି ଆମ ମନରେ ପ୍ରଶ୍ନ ଉଠେ କିପରି ଆମେ ଜୀବନ ଦ୍ୱାରା ପରିଚାଳିତ ନ ହୋଇ ନିଜେ ଜୀବନକୁ ପରିଚାଳିତ କରିବା । ଏହା କେବଳ ହୋଇପାରିବ ଆମ ଜୀବନରେ ଯଦି ଆମେ ଗୋଟିଏ ଲକ୍ଷ୍ୟ ରଖୁ । ସେ ଲକ୍ଷ୍ୟର ଗୁଣଧର୍ମ ଉପରେ ଆମ ଜୀବନର ଗୁଣଧର୍ମ ନିର୍ଭର କରିବ । ଆମେ ଯଦି ଲକ୍ଷ୍ୟ ରଖୁ ପାଠଶାଠ ପଢ଼ି ଚାକିରି ଖଣ୍ଡିଏ କରି ଘରସଂସାର କରି ଟିକିଏ ଆରାମରେ ରହିବୁ ଓ ପରିବାରଟି ପୋଷିବୁ, ତେବେ ସେହି ଅନୁସାରେ ଆମ ଜୀବନ ଗଢ଼ି ହୋଇଯାଏ । ଅଧିକାଂଶ କ୍ଷେତ୍ରରେ ଆମେ ସ୍ୱାର୍ଥପର, ଲୋଭୀ ଓ ସଂକୀର୍ଣ୍ଣମନା ହୋଇପଡୁ । ଯଦି ଆମର ଲକ୍ଷ୍ୟ ରହେ ଜଣେ ବଡ଼ ଡାକ୍ତର ହେବୁ କି ଇଂଜିନିଅର ହେବୁ କି ବୈଜ୍ଞାନିକ ହେବୁ କି କୃଷି-ବିଶାରଦ ହେବୁ ଓ ସେସବୁ କ୍ଷେତ୍ରରେ କିଛି ନୂତନ ନୂତନ ତଥ୍ୟ ଆବିଷ୍କାର କି ଉଦ୍ଭାବନ କରିବୁ ତେବେ ଏହା ପ୍ରଥମ ଲକ୍ଷ୍ୟ ଅପେକ୍ଷା ଆଉ ଟିକିଏ ଉନ୍ନତ, ବିଶାଳ, ଉଦାର ତଥା ନିଃସ୍ୱାର୍ଥପର । କିନ୍ତୁ ଆମେ ଯଦି

ଲକ୍ଷ୍ୟ ରଖୁ ଭଗବାନଙ୍କୁ ନିଜ ମଧ୍ୟରେ ପାଇବୁ ଓ ଆମର ଜୀବନ ତଥା ସକଳ କର୍ମରେ ତାଙ୍କୁ ପ୍ରକାଶ କରିବୁ ତେବେ ଏହା ହେବ ସବୁଠାରୁ ବ୍ୟାପକ, ବୃହତ୍ ଓ ଉଚ୍ଚତମ ଲକ୍ଷ୍ୟ । ଏହା ମଧ୍ୟରେ ପୂର୍ବରୁ ଆମେ କହିଥିବା କାର୍ଯ୍ୟଗୁଡ଼ିକ ରହିଲେ ବି ତାହା ଗୌଣ ହୋଇପଡ଼େ । ସେସବୁ କାର୍ଯ୍ୟ ଯଥା : କୃଷି ବିଜ୍ଞାନ, ଇଂଜିନିଅରିଂ, ଡାକ୍ତରି, ଶିକ୍ଷକତା, କାରିଗରି କିଂବା ଏହିପରି ଆଉକିଛି ଆମର ଲକ୍ଷ୍ୟ ନ ହୋଇ ଏହି ଅସଲ କାର୍ଯ୍ୟର ଉପାୟରୂପେ ବ୍ୟବହୃତ ହୁଏ । ସେସବୁ କାର୍ଯ୍ୟ ନିଜ ଲାଗି, ପରିବାର ଲାଗି, ଦେଶ ଲାଗି ବା ମାନବସମାଜ ଲାଗି ନ ହୋଇ ହୁଏ ଭଗବାନଙ୍କ ଲାଗି । ତା'ଫଳରେ ଆପେ ଆପେ ନିଜଠାରୁ ଆରମ୍ଭ କରି ମାନବସମାଜ ପର୍ଯ୍ୟନ୍ତ ସମସ୍ତେ ଉପକୃତ ହୁଅନ୍ତି । ସେଇଥି ଲାଗି ମା' ୧୯୭୨ ନଭେମ୍ବର ଇଂରାଜୀ ବୁଲେଟିନ୍‌ରେ କହିଛନ୍ତି, ''It goes without saying that the discovery of the Divine in oneself and uniting with Him and accomplishing His work is the highest and most disinterested aim, and the least selfish.''

ଅର୍ଥାତ୍, ''ଏହା କହିବା ଅନାବଶ୍ୟକ ଯେ ନିଜ ମଧ୍ୟରେ ଭଗବାନଙ୍କୁ ଆବିଷ୍କାର କରିବା, ତାଙ୍କ ସହ ଯୁକ୍ତ ହେବା ଓ ତାଙ୍କରି କାର୍ଯ୍ୟ ସଂପାଦନା କରିବା ହେଉଛି ସର୍ବୋଚ୍ଚ ଏବଂ ସବୁଠାରୁ ନିରପେକ୍ଷ ତଥା ନିଃସ୍ୱାର୍ଥପର ଲକ୍ଷ୍ୟ ।

ଆମେ ଦେଖିଲୁଁ ଯେଉଁ ଗୋଟିଏ ଲକ୍ଷ୍ୟର ପୂରଣ ଫଳରେ ଆମ ଜୀବନର ଆଉସବୁ ଛୋଟ ଛୋଟ ଲକ୍ଷ୍ୟ ଆପେ ପୂରଣ ହେଉଛି ଓ ଜୀବନଟା ଆମକୁ ବୋଝ ବୋଲି ବୋଧ ହେବା ପରିବର୍ତ୍ତେ ଏକ ମହାନ୍ ଅନନ୍ତ ଲକ୍ଷ୍ୟ ସାଧନର ଉପାୟରୂପେ ପ୍ରତୀତ ହେଉଛି, ତା' ହେଉଛି ଆତ୍ମ-ଉପଲବ୍ଧି ବା ନିଜ ମଧ୍ୟରେ ଭଗବାନଙ୍କୁ ଆବିଷ୍କାର କରିବା ଓ ତାଙ୍କୁହିଁ ଆମର ମନ, ପ୍ରାଣ, ଶରୀର ତଥା ବାହ୍ୟ ଜୀବନ ଓ କର୍ମରେ ପ୍ରକାଶ କରିବା । ଏହାଛଡ଼ା ଆମେ ଅନ୍ୟ ଯେକୌଣସି ଲକ୍ଷ୍ୟ ରଖିବୁ ସେଥିରୁ କେବେ ବି ଆମେ ପରମ ଶାନ୍ତି ଓ ଆନନ୍ଦ ପାଇପାରିବୁ ନାହିଁ । କାରଣ ଆମେ ଯଦି ଲକ୍ଷ୍ୟ ରଖୁ

ପାଠଶାଠ ପଢ଼ି, ଭଲ ଚାକିରି ଖଣ୍ଡିଏ କରି ଆରାମରେ ଏକ ସୁନ୍ଦର ପାରିବାରିକ ଜୀବନଯାପନ କରିବୁ, ତେବେ ସେ ଲକ୍ଷ୍ୟରେ ପହଞ୍ଚିସାରିବା ପରେ ଆମେ ଦେଖିବୁ ସେଥିରେ ନିମ୍ନପ୍ରାଣର ଟିକିଏ ସମ୍ଭୋଗ ଛଡ଼ା ଆଉ କିଛି ନାହିଁ ଯାହାକି ଯଥାର୍ଥ ଶାନ୍ତି ଓ ଆନନ୍ଦଠାରୁ ବହୁତ ଦୂରରେ । ସେହିପରି ଆମେ ଯଦି ଲକ୍ଷ୍ୟ ରଖିବୁ ଜଣେ ବଡ଼ ଇଂଜିନିଅର, ଡାକ୍ତର, କବି, ବୈଜ୍ଞାନିକ କିଂବା ଦେଶନେତା ହେବାକୁ, ତା' ହୋଇସାରିବା ପରେ ପୁଣି ଜୀବନଟା ଆମକୁ ଦୁର୍ବିଷହ ଓ ଅପୂର୍ଣ୍ଣ ଲାଗିବ । ଏସବୁ ପରିବର୍ତ୍ତେ କେବଳ ଭଗବାନ୍ ଯଦି ଆମର ଲକ୍ଷ୍ୟ ହୁଅନ୍ତି, ତେବେ ସବୁ ସମସ୍ୟାର ସମାଧାନ ହେବ । କାରଣ କେବଳ ଭଗବାନହିଁ ପରମ ଶାନ୍ତି, ପରମ ଆନନ୍ଦ ଓ ପରମ ବିକାଶର ଉତ୍ସ । ତାଙ୍କୁ ପାଇ ତାଙ୍କୁହିଁ ପ୍ରକାଶ କରିବାର ଲକ୍ଷ୍ୟ ଅନନ୍ତ ଓ ଅସୀମ ବିକାଶ ଦିଗରେ ଜୀବନକୁ ଖୋଲିଦିଏ । ସେ ଲକ୍ଷ୍ୟରେ ବିରାମ ନାହିଁ, ଅବସାଦ ନାହିଁ, ହତାଶା ନାହିଁ କିଂବା ଶେଷ ନାହିଁ । ଯଦି ସାମୟିକ ଭାବେ ଦୁଃଖ ହତାଶା ନିଜ ଅନ୍ତରକୁ ଆଚ୍ଛନ୍ନ କରେ ତେବେ ଲକ୍ଷ୍ୟର ସ୍ମରଣରେ ସବୁ ଉଭେଇଯାଏ । ନିଜେ ଆଉ ସଂକୀର୍ଣ୍ଣ, ସୀମିତ, ସ୍ୱାର୍ଥପର ନ ହୋଇ ଏକ ବିଶାଳ, ମହାନ୍, ଅନନ୍ତ ଚେତନାର ଅଂଶ ବୋଲି ବୋଧ ହୁଏ ।

ଅନ୍ୟ ଯୋଗ ହୋଇଥିଲେ ଭଗବାନଙ୍କ ଲାଗି ସଂସାର କର୍ମ ତ୍ୟାଗ କରିବାକୁ ହେଉଥା'ନ୍ତା, କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହା କରିବାକୁ ପଡୁ ନ ଥିବାରୁ ସମଗ୍ର ଜୀବନଟାହିଁ ଯୋଗ ଓ ଭଗବତ୍ ସେବା ବୋଲି ବୋଧହୁଏ । କର୍ମ ହିସାବରେ ଆଉ ବଡ଼ସାନ କିଛି ରହେ ନାହିଁ । ସକଳ କର୍ମ ସେହି ଭଗବାନଙ୍କ ଦିଗରେ ପରିଚାଳିତ ହୁଏ ।

ଯେଉଁ ଲକ୍ଷ୍ୟ ଆମକୁ ନେଇ ଆମ ଜୀବନର ପରମ ଉତ୍ସ ସହ ସଂଯୁକ୍ତ କରେ, ଜୀବନରେ ଅଖଣ୍ଡ ଶାନ୍ତି, ଆନନ୍ଦ ଓ ଅଗ୍ରଗତି ଆଣିଦିଏ ସେ ଲକ୍ଷ୍ୟ ଗ୍ରହଣ କରିବା ଓ ପୂରଣ କରିବା ମଧ୍ୟ ଆବଶ୍ୟକ କରେ ଦୁରୂହ ଏକନିଷ୍ଠ ସାଧନା । ସେଥିପାଇଁ ଅନନ୍ତ ଧୈର୍ଯ୍ୟ ଓ ତ୍ୟାଗ ସ୍ୱୀକାର କରିବାକୁ ହୁଏ । ସବୁ କ୍ଷେତ୍ରରେ, ସବୁସମୟରେ କେବଳ ସେଇ ଗୋଟିଏ ଲକ୍ଷ୍ୟକୁହିଁ

ସାମନାରେ ରଖି କାମ କରିବାକୁ ହୁଏ । ତା' ଫଳରେ ଆମ ଜୀବନର ଅସଂଖ୍ୟ ତ୍ରୁଟି ସଂଶୋଧିତ ହୁଏ ଓ ଆମେ ଦ୍ରୁତ ଗତିରେ ସେଇ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉ । ମହାଭାରତର ଗୋଟିଏ ଘଟନା :

ଅର୍ଜୁନଙ୍କର ଧନୁର୍ବିଦ୍ୟାରେ ପାରଦର୍ଶିତା ଦେଖି କୌରବମାନେ ବହୁତ ପ୍ରତିହିଂସାପରାୟଣ ହୋଇଉଠିଲେ । ଗୁରୁ ଦ୍ରୋଣ ଏସବୁ କଥା ମନେମନେ ବୁଝିପାରିଲେ । କାହାକୁ କିଛି ନ କହି ସେ ଗୋଟିଏ କାରିଗରକୁ କହି ଛୋଟ ନୀଳ ଚେଢ଼ଇଟିଏ ତିଆରି କରାଇନେଲେ । ତାକୁ ଗୋଟିଏ ଗଛଡାଳରେ ରଖିଦେଇ ସବୁ ରାଜପୁତ୍ରମାନଙ୍କୁ ତୀର ଧନୁ ନେଇ ଆସିବାକୁ ଡକାଇଲେ ।

ସମସ୍ତେ ଆସି ପହଞ୍ଚିବା ପରେ ସେମାନଙ୍କୁ ଗଛଡାଳରେ ନୀଳ ଚଢ଼େଇଟିକୁ ଦେଖାଇଦେଇ କହିଲେ, ''ତୁମମାନଙ୍କୁ ପ୍ରତ୍ୟେକଙ୍କୁ ତୀର ମାରିବାକୁ ହେବ । ମୋର ଆଦେଶ ପାଇଲା ମାତ୍ରେ ତୀର ମାରି ପକ୍ଷୀଟିର ମୁଣ୍ଡଟିକୁ କାଟିଦେବାକୁ ହେବ ।''

ପ୍ରଥମେ ଯୁଧିଷ୍ଠିରଙ୍କୁ ଡକାଗଲା । ସେ ଧନୁ ତୀର ଧରି ପ୍ରସ୍ତୁତ ହେଲେ । ଦ୍ରୋଣ ତାଙ୍କୁ ପଚାରିଲେ, ''କ'ଣ ଦେଖୁଛ ?''

ଯୁଧିଷ୍ଠିର ଉତ୍ତର ଦେଲେ, ''ଗଛ ଦେଖୁଛି, ଆପଣଙ୍କୁ ଦେଖୁଛି, ଅନ୍ୟମାନଙ୍କୁ ଦେଖୁଛି ଓ ପକ୍ଷୀଟିକୁ ମଧ୍ୟ ଦେଖୁଛି ।''

ଏକଥା ଶୁଣି ଦ୍ରୋଣ କହିଲେ, ''ତେବେ ତୁମେ ପାରିବ ନାହିଁ । ଘୁଞ୍ଚି ଛିଡ଼ା ହୁଅ ।''

ଏହିପରି ଜଣ ଜଣ କରି ସମସ୍ତେ ଆସିଲେ । ସମସ୍ତେ ପକ୍ଷୀଟି ସହ ଅନ୍ୟ କିଛି କିଛି ଦେଖି ପାରୁଥିବାର କହିଲେ ଓ ସେମାନଙ୍କୁ ଅନୁପଯୁକ୍ତ ବୋଲି ଫେରାଇ ଦିଆଗଲା ।

ଶେଷରେ ଆସିଲେ ଅର୍ଜୁନ । ସେ ଧନୁ ତୀର ଧରି ପ୍ରସ୍ତୁତ ହେବାମାତ୍ରେ ଦ୍ରୋଣ ତାଙ୍କୁ ପଚାରିଲେ, ''କ'ଣ ଦେଖୁଛ ?''

ଅର୍ଜୁନ କହିଲେ, ''ମୁଁ କେବଳ ପକ୍ଷୀଟି ଛଡ଼ା ଆଉ କିଛି ଦେଖିପାରୁ ନାହିଁ ।''

ଦ୍ରୋଣ ପୁଣି ପଚାରିଲେ, ''କ'ଣ ସମୁଦାୟ ପକ୍ଷୀଟିକୁ ଦେଖିପାରୁଛ ?''

ଅର୍ଜୁନ କହିଲେ, ''ନା, କେବଳ ପକ୍ଷୀଟିର ମୁଣ୍ଡଟିକୁ ଦେଖିବାକୁ ପାଉଛି ।''

ଦ୍ରୋଣ ମନେ ମନେ ଖୁସି ହୋଇ କହିଲେ, ''ଏଥର ତୀର ଛାଡ଼ ।''

ସଙ୍ଗେ ସଙ୍ଗେ ଅର୍ଜୁନଙ୍କ ତୀରରେ ପକ୍ଷୀର ମୁଣ୍ଡିଟି କଟିଗଲା । ଦ୍ରୋଣ ଆନନ୍ଦରେ ଅର୍ଜୁନଙ୍କୁ କୁଣ୍ଢାଇ ପକାଇଲେ ଓ ଅନ୍ୟମାନେ ନିଜ ନିଜର ଭୁଲ୍ ବୁଝିପାରିଲେ ।

ଏଠାରେ ଆମେ ଦେଖିଲୁ ଅର୍ଜୁନଙ୍କ ସଫଳତା ନିର୍ଭର କଲା ସେ ଏକନିଷ୍ଠ ଭାବରେ କେବଳ ଲକ୍ଷ୍ୟ ଉପରେ ଏକାଗ୍ର ହୋଇଥିବାରୁ । ଆମ ଜୀବନରେ ମଧ୍ୟ ଛୋଟ ହେଉ ବା ବଡ଼ ହେଉ ଯଦି ସମସ୍ତ ଲକ୍ଷ୍ୟ ପୂରଣରେ ଆମେ ସେହିପରି ଏକନିଷ୍ଠ ହୋଇପାରିବୁ, ତେବେ ନିଶ୍ଚୟ ସଫଳତା ଲାଭ କରିବୁ । ଏ ତ ଏକ ସାଧାରଣ ସ୍ଥୂଳ ଲକ୍ଷ୍ୟ; କିନ୍ତୁ ପରମ ଲକ୍ଷ୍ୟକୁ ହାସଲ କରିବାକୁ ହେଲେ ସେହିପରି ପରମ ନିଷ୍ଠା, ପରମ ଏକାଗ୍ରତା, ପରମ ଅଧ୍ୟବସାୟ ଓ ପରମ ଧୈର୍ଯ୍ୟ ଆବଶ୍ୟକ । ଯେତେ ସମୟ ଲାଗୁ ପଛେ, ଏପରିକି ଜୀବନ ପରେ ଜୀବନ ଲାଗୁ ପଛେ (ଯଦିଓ ଆମର ତାହା ଲକ୍ଷ୍ୟ ନୁହେଁ, କାରଣ ଏଇ ଜୀବନରେ ଆମକୁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ।) ତଥାପି ଆମେ ସେଇ ଗୋଟିଏ ଲକ୍ଷ୍ୟରେ ଲାଗି ରହିବାର ଓ ତାକୁ ସାଧନ କରିବାର ସଂକଳ୍ପ କରିବୁ । ତେବେ ଯାଇ ପୃଥିବୀପୃଷ୍ଠରେ ଆମ ଜୀବନର ରହିବ ଏକ ଉଦ୍ଦେଶ୍ୟ ଓ ଆମକୁ ଆଉ ଜୀବନଟା ବୋଝ ବୋଲି ବୋଧ ନ ହୋଇ ଭଗବତ୍ ଲକ୍ଷ୍ୟସାଧନର ଏକ ଯନ୍ତ୍ର ବୋଲି ବୋଧ ହେବ । ଏ ଜୀବନ ଆଉ ଆମର ନ ହୋଇ, ହୋଇ ଉଠିବ ପରମ ପ୍ରଭୁଙ୍କର । ସେତେବେଳେ ଆମର ଆଉ ଜୀବନ ବିରୋଧରେ ପ୍ରତିବାଦ କରିବାର କି ଅଭିଯୋଗ କରିବାର ଅଧିକାର ରହିବ ନାହିଁ । ତାହା ସୁଖମୟ ହେଉ କି ଦୁଃଖମୟ ହେଉ, ବୋଝପରି ଲାଗୁ କି ଆନନ୍ଦଦାୟକ ଲାଗୁ, ସେସବୁ ତାଙ୍କର । ଆମର କେବଳ ସେ ନିଜେ ।

ତୁ ଖାଲି ନିର୍ଭରତା ରଖ

ଅନେକ ଦିନ ତଳର କଥା । ଥିଲା ଗୋଟିଏ ଛୋଟ ଗାଁ । ଗାଁଟି ପାଖରେ ଥିଲା ଗୋଟିଏ ବଡ଼ ଜଙ୍ଗଲ । ଗାଁଟିରେ ଗୋଟିଏ କାଠୁରିଆ ରହୁଥିଲା । ସେ ଭାରି ଗରିବ । ତା'ର ପରିବାର ଭିତରେ ଥାଆନ୍ତି ସ୍ତ୍ରୀଟିଏ, ପୁଅଟିଏ ଓ ଝିଅଟିଏ । ଏମାନଙ୍କ ଛଡ଼ା ଘରେ ଥାଏ ଗୋଟିଏ ଗାଈ ଓ ଗୋଟିଏ ବିଲେଇ । କାଠୁରିଆ ପ୍ରତିଦିନ କାଠ କାଟିବାକୁ ଜଙ୍ଗଲକୁ ଯାଏ ଓ କାଠ ବିକି ଯାହା ପଇସା ଆଣେ ସେଥିରେ ପରିବାରର ସମସ୍ତେ ଚଳନ୍ତି । ସବୁବେଳେ ଅଭାବ ଲାଗି ରହିଥାଏ । ଏ ଅଭାବ ସାଙ୍ଗକୁ ଆଉ ଗୋଟିଏ କଥା ଲାଗି ରହିଥିଲା ଯାହା ପରିବାରର ସମସ୍ତ ଶାନ୍ତି ନଷ୍ଟ କରୁଥିଲା, ସେଇଟି ହେଉଛି କାଠୁରିଆ ଓ ତା' ସ୍ତ୍ରୀର କେବେ ପଡ଼ୁ ନ ଥିଲା । ଘର ଭିତରେ ଦୁହିଁଙ୍କର ସବୁବେଳେ ଝଗଡ଼ା ଓ ମାଡ଼ଗୋଳ ଲାଗି ରହୁଥିଲା । ଏହା ତାଙ୍କ ପରିବାରରେ ଅତି ସ୍ୱାଭାବିକ ହୋଇଯାଇଥିଲା । କାଠୁରିଆର ସ୍ତ୍ରୀ ଧରି ନେଇଥିଲା ଯେ ସେ ଯେତେ ଯାହା ଭଲ କଲେ ବି କାଠୁରିଆ ତାକୁ ନିଶ୍ଚୟ ଦି'ପଦ କହିବ । ତେଣୁ ସେ ପ୍ରତିଦିନ କାଠୁରିଆର ଫେରିବାକୁ ଅପେକ୍ଷା କରିବା ସଙ୍ଗେ ସଙ୍ଗେ ତା'ର ମାଡ଼ଗାଳି ଲାଗି ମଧ୍ୟ ପ୍ରସ୍ତୁତ ହୋଇଥାଏ ।

ଦିନକର କଥା । ଘରେ ଗାଈଦୁଧ ଥାଏ । କାଠୁରିଆ ସ୍ତ୍ରୀର ଖିରି କରିବାକୁ ଭାରି ମନ ହେଲା । ଯାହା କିଛି ଅଳ୍ପ ଚାଉଳ ଥିଲା ତାକୁ ନେଇ ସେ ଖିରି କଲା । ପିଲା ଦୁହିଁଙ୍କୁ କିଛି କିଛି ଖାଇବାକୁ ଦେଲା । ଆଉ ତା' ଲାଗି ଓ କାଠୁରିଆ ଲାଗି କିଛି ରଖିଲା । ମନେ ମନେ ଭାବୁଥାଏ ଯେତେ ଯାହା ଭଲ କଲେ ବି ତ ଆସିଲେ କଳି ଲଗାଇବ ।

କିନ୍ତୁ କାଠୁରିଆ ସେଦିନ ଅନ୍ୟପ୍ରକାର ସଂକଳ୍ପ ନେଇଥାଏ । ସେ ସ୍ଥିର କରି ନେଇଥାଏ ଆଜି ଫେରିଲେ ସ୍ତ୍ରୀ ତା'ର ଯାହା କରିଥିବ ଚୁପ୍‌ଚାପ୍

ଖାଇବ, ତାକୁ କିଛି କହିବ ନାହିଁ । ସେ ଘରକୁ ଫେରିବା ମାତ୍ରେ ସ୍ତ୍ରୀ ତା'ର ଖିରି ଆଣି ବାଢ଼ିଦେଲା । କାଠୁରିଆ କିଛି ନ କହି ଚୁପ୍‌ଚାପ୍ ଖାଉଥାଏ । ଆଜି ତାକୁ ଖିରି ବହୁତ ଭଲ ଲାଗୁଥାଏ । ଯଦିଓ ଭାବିଥିଲା ସ୍ତ୍ରୀକୁ ଆଜି କିଛି କହିବ ନାହିଁ, ତଥାପି ଖିରି ତାକୁ ଅତ୍ୟନ୍ତ ସୁଆଦିଆ ଲାଗୁଥିବାରୁ ଆଉ ଟିକିଏ ମାଗିଲା । ସ୍ତ୍ରୀ କାଠୁରିଆର ବ୍ୟବହାରରେ ଆଜି ଖୁସି ହୋଇ ଆଉ ଟିକିଏ ବି ଆଣି ଦେଲା । ସେତକ ଚଟ୍ କରି ଚାଟିଦେଇ କାଠୁରିଆ ଆଉ ଟିକିଏ ମାଗିଲା ।

ଏଥର ସ୍ତ୍ରୀ ତା'ର ରାଗିଗଲା । କହିଲା ''ତୁମେ କ'ଣ ଏକା ସବୁ ଖାଇବ ? ଆଉ କେହି ଖାଇବେ ନାହିଁ ? ହାଣ୍ଡିରେ ତ ଆଉ ଟିକିଏ ନାକୁରୁ ଖିରି ଅଛି, ତୁମକୁ ତ ତାକୁ ଦେବି, ମୁଁ କ'ଣ ଖାଇବି ?'' ଏତିକିରେ କାଠୁରିଆର ମୁଣ୍ଡକୁ ପିତ୍ତ ଚଢ଼ିଗଲା । ସେ ଦୁମ୍ ଦୁମ୍ ହୋଇ ହାଣ୍ଡିଶାଳକୁ ପଶିଗଲା ଓ ହାଣ୍ଡିରେ ଯେତିକି ଖିରି ଥିଲା ତାକୁ ଅଜାଡ଼ି ନେବାକୁ ବସିଥିବା ସମୟରେ ସ୍ତ୍ରୀଟି ତା' ହାତରୁ ହାଣ୍ଡିଟିକୁ ଛଡ଼ାଇ ନେଇ ପଳାଇଲା । କାଠୁରିଆ ସ୍ତ୍ରୀକୁ ପିଟିବ ବୋଲି ପାଖରେ କିଛି ନ ପାଇ ପଡ଼ିଥିବା ଡଙ୍କାଟି ଧରି ତା' ପଛେ ପଛେ ଗୋଡ଼ାଇଲା । ସ୍ତ୍ରୀ ଖିରିହାଣ୍ଡି ଧରି ଆଗେ ଆଗେ ଦଉଡୁଥାଏ, କାଠୁରିଆ ଡଙ୍କା ଧରି ପଛେ ପଛେ ଗୋଡ଼ାଇଥାଏ । କୁଆଡ଼େ ଦୁହେଁ ଯାକ ଗୋଡ଼ିଆଗୋଡ଼ି ହୋଇ ଗଲେ ଯେ ଦିନ ଯାଇ ରାତି ହେଲା ଆଉ ଫେରିଲେ ନାହିଁ । ତା' ଆରଦିନ ବି ଗଲା, ଆଉ ଫେରିଲେ ନାହିଁ । ଘରେ କିଛି ଖାଇବାକୁ ନାହିଁ । ପିଲା ଦୁଇଟି ଭୋକରେ ଆଟୁପାଟୁ ହେଲେଣି । ଆଉ ଦିନେ ଖଣ୍ଡେ ଅପେକ୍ଷା କଲେ । ଶେଷରେ ବାପା ବୋଉ ଆଉ ନ ଫେରିବାରୁ ଭାଇ ଭଉଣୀ ଦୁହେଁ ସ୍ଥିର କଲେ ଯେ ଘର ଛାଡ଼ି କୁଆଡ଼େ ଯାଇ ନିଜ ନିଜର ଭରଣପୋଷଣର ବ୍ୟବସ୍ଥା କରିବେ ।

ଭାଇଟି ବଡ଼, ଭଉଣୀଟି ଛୋଟ । ଭାଇ କହିଲା, ''ଘରେ ତ ଗୋଟିଏ ଗାଈ ଓ ଗୋଟିଏ ବିଲେଇ ଛଡ଼ା ଆଉ କିଛି ନାହିଁ । ମୁଁ ଗାଈଟିକୁ ନେଉଛି, ତୁ ବିଲେଇଟିକୁ ନେ ।'' ଭଉଣୀ ଭାବିଲା, ''ଗାଈଟିରୁ ତ କିଛି

ଅର୍ଥ ଉପାର୍ଜନ ହୋଇପାରିବ, ନ ହେଲେ ତାକୁ ବିକିଦେଲେ ବି ଅନେକ ଟଙ୍କା ମିଳିବ । କିନ୍ତୁ ବିଲେଇଟିକୁ ନେଇ ମୁଁ କ'ଣ କରିବି ?'' ତେଣୁ ସେ ମନା କରିଦେବାକୁ ବସିଥିଲା । ଏତିକିବେଳେ ବିଲେଇଟି ପଛରୁ ତା' ଗୋଡ଼ରେ ଘଷି ହୋଇ ତାକୁ ଚୁପ୍‌ଚୁପ୍ ହୋଇ କହିଲା, ''ମନା କରନା, ମୋତେ ପାଖରେ ରଖ, ତୋର ବହୁତ ଉପକାର ହେବ ।'' ଝିଅଟି ଆଉ ମନା କରି ନ ପାରି ବିଲେଇଟିକୁ ଗ୍ରହଣ କଲା ।

ବର୍ତ୍ତମାନ ପୁଅଟି ତା'ର ଗାଈଟିକୁ ନେଇ କୁଆଡ଼େ ଚାଲିଗଲା । ଝିଅଟି ବିଚାରୀ କରିବ କ'ଣ ? ବିଲେଇଟିକୁ ନେଇ ଯିବ କୁଆଡ଼େ ? ଝିଅଟିର ମନ କଥା ବୁଝିପାରି ବିଲେଇଟି ତାକୁ ଆଶ୍ୱାସନା ଦେଇ କହିଲା, ''କିଛି ଭୟ କର ନାହିଁ । ମୋ ଉପରେ ସଂପୂର୍ଣ୍ଣରୂପେ ତୁ ଖାଲି ନିର୍ଭରତା ରଖ । ମୁଁ ଯୁଆଡ଼େ ଯାଉଛି ମୋ ପଛେ ପଛେ ଆ, ମୁଁ ଯାହା କହୁଛି ସେଇଆ କର । ଦେଖିବୁ ତୋ ଭାଗ୍ୟ କୁଆଡ଼େ ବଦଳିଯିବ !''

ଝିଅଟିର ବା ଆଉ କିଏ ଅଛି ତା' ଲାଗି ଆହା ବୋଲି ପଦଟିଏ କହିବାକୁ ! ନିରାଶ୍ରୟ ଜୀବନରେ ବିଲେଇଟିକୁ ଏକମାତ୍ର ଆଶ୍ରୟ ଭାବି ତା'ରି ଉପରେ ନିର୍ଭର ରଖି ସେ ତା' ପଛେ ପଛେ ଚାଲିଲା । ବିଲେଇଟି ଗାଁ ଗଣ୍ଡା ବାଟ ନ ଦେଇ ବଣଜଙ୍ଗଲ ଭିତର ଦେଇ ଚାଲିଲା । ଜଙ୍ଗଲ ଭିତରେ ଚାଲି ଚାଲି ଝିଅଟି ଥକି ପଡ଼ିଲାଣି । ଜଙ୍ଗଲ ଶେଷ ହେବାକୁ ଆଉ ଅଳ୍ପ ବାଟ ଅଛି । ଦିନ ବି ଶେଷ ହେବାକୁ ବସିଲାଣି । ଝିଅଟି କହିଲା, ''ଆଉ ଚାଲିପାରିବି ନାହିଁ ।'' ବିଲେଇ କହିଲା, ''ଠିକ୍ ଅଛି । ଆଉ ଚାଲିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ତୋର ପେଟିକୋଟ୍‌ଟିକୁ ଛାଡ଼ି ସବୁ ପୋଷାକ ଖୋଲି ପକା ।'' ଝିଅଟି ତ ପୂର୍ବରୁ ପ୍ରତିଶ୍ରୁତି ଦେଇଛି ଯେ ବିଲେଇ ଯାହା କହିବ ତା' କଥା ମାନିବ । ବର୍ତ୍ତମାନ ବିଲେଇ କଥା ମାନି ସବୁ ପୋଷାକ ତା'ର ଖୋଲି ପକାଇଲା । ବିଲେଇ ସେ ପୋଷାକଗୁଡ଼ିକୁ ଟିକି ଟିକି କରି ଚିରି ଚାରିଆଡ଼ଯାକ ବିଛେଇ ପକାଇ ଦେଲା ଓ ଝିଅଟିକୁ କହିଲା ପାଖ ଗଛରେ ଚଢ଼ି ଲୁଚି ବସିବାକୁ । ଝିଅଟି ଏସବୁର ଅର୍ଥ କିଛି ବୁଝିପାରୁ

ନ ଥାଏ । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ଏସବୁ କରିବା କ'ଣ ଦରକାର ?'' ବିଲେଇ କହିଲା, ''ତୋତେ ଖାଲି ମୋ ଉପରେ ନିର୍ଭରତା ଆଉ ବିଶ୍ୱାସ ରଖିବାକୁ ହେବ । କ'ଣ, କାହିଁକି, ଏସବୁ ପ୍ରଶ୍ନ ପଚାରିବା ଆବଶ୍ୟକ ନାହିଁ । ଯାହା କରିବାକୁ ହେବ ତାହା ମୁଁ କରୁଛି ଓ କରିବି ।''

ଝିଅଟିକୁ ସବୁ କାବା ଲାଗୁଥିଲେ ବି ବିଲେଇଟି ଉପରେ ତା'ର ବିଶ୍ୱାସ ଥିବାରୁ ତା' କଥା ମାନି ସେଇଆ କଲା । ଗଛରେ ଚଢ଼ି ଲୁଚି ବସିରହିଲା । ବିଲେଇଟି ସେଠାରୁ ଯାଇ ଜଙ୍ଗଲ ପାରି ହୋଇ ପାଖରେ ଥିବା ଗୋଟିଏ ରାଜ-ଉଆସରେ ପହଞ୍ଚିଲା । ସେଠାରେ ପହଞ୍ଚି ସେ ରାଜାଙ୍କୁ କହିଲା, ''ଇନ୍ଦ୍ରପୁରୀ ରାଜ-ଉଆସର ରାଜକନ୍ୟା ପାରିଷଦବର୍ଗଙ୍କ ସହ ଜଙ୍ଗଲକୁ ପାରିଧି ଦେଖିବାକୁ ଆସିଥିଲେ । ଜଙ୍ଗଲରେ ଏକ ଦୁର୍ଦାନ୍ତ ଡକାୟତଦଳ ସମସ୍ତଙ୍କୁ ଆକ୍ରମଣ କରି ମାରି ସବୁ ଜିନିଷ ନେଇଗଲେ । ସୌଭାଗ୍ୟକ୍ରମେ ମୁଁ ଓ ରାଜକନ୍ୟା ଖସି ଆସିଛୁ । ରାଜକନ୍ୟାଙ୍କର ବି କିଛି ନାହିଁ । ତାଙ୍କର ସବୁ ଅଳଙ୍କାର, ପୋଷାକପତ୍ର ଚୋରି ହୋଇଯାଇଛି । ସେ ଗୋଟିଏ ଗଛରେ ଲୁଚି ବସିଛନ୍ତି । ମୁଁ ଆସିଛି ଛାମୁଙ୍କୁ ଏକଥା ଜଣାଇବାକୁ ।''

ରାଜା ଏକଥା ଶୁଣି ବ୍ୟସ୍ତ ହୋଇ ପଡ଼ିଲେ । ସଙ୍ଗେ ସଙ୍ଗେ ରାଜପୁତ୍ରଙ୍କୁ ଡାକି କହିଲେ ସୈନ୍ୟସାମନ୍ତ ନେଇଯାଇ ରାଜକନ୍ୟାକୁ ଜଙ୍ଗଲରୁ ଉଦ୍ଧାର କରି ଆଣିବାକୁ । ସଙ୍ଗରେ ମଧ୍ୟ ମୂଲ୍ୟବାନ୍ ରାଜକୀୟ ପୋଷାକ କିଛି ନେଇଯିବାକୁ କହିଲେ । କାରଣ ରାଜକନ୍ୟା ରାଜକୀୟ ପୋଷାକରେ ନ ଆସି ଦରିଦ୍ର ଭଳି ଆସିବାଟାକୁ ସେ ପସନ୍ଦ କଲେ ନାହିଁ ।

ବାସ୍ତବରେ ସମସ୍ତେ ଯାଇ ଜଙ୍ଗଲରେ ପହଞ୍ଚି ଦେଖିଲା ବେଳକୁ ପୋଷାକପତ୍ରସବୁ ଛିଣ୍ଡାଛିଣ୍ଡି ହୋଇ ପଡ଼ିଛି, ରାଜକନ୍ୟା ଭୟରେ ଗଛରେ ଲୁଚି ବସିଛନ୍ତି । ବିଲେଇଟି ଝିଅଟିକୁ ଗଛରୁ ଡାକି ସବୁ କଥା ବୁଝାଇ ପୋଷାକ ପିନ୍ଧିବାକୁ କହିଲା । ରାଜକୀୟ ପୋଷାକ ପିନ୍ଧି ଝିଅଟି ବହୁତ ସୁନ୍ଦର ଦେଖାଯାଉଥାଏ । ରାଜପୁତ୍ର ତାକୁ ଦେଖି ବହୁତ ଖୁସି । ଖୁବ୍ ଜାକଜମକର ସହ ସେ ଝିଅକୁ ରାଜନଅରକୁ ଅଣାଗଲା । ସମସ୍ତେ ଦେଖି ଖୁସି ହେଲେ ।

କିଛିଦିନ ପରେ ରାଜା ଚାହିଁଲେ ତାଙ୍କ ପୁଅ ସହ ତା'ର ବିବାହ ଦେବାକୁ । ରାଣୀ କିନ୍ତୁ ବିଶ୍ୱାସ କରି ପାରୁ ନ ଥା'ନ୍ତି ଯେ ସେ ଜଣେ ରାଜକନ୍ୟା । ତାଙ୍କର ସନ୍ଦେହ ହେଉଥାଏ । ବିଲେଇ ଏକଥା ଲକ୍ଷ୍ୟ କରି ବହୁତ ସତର୍କ ଥାଏ । ସବୁବେଳେ ସେ ଝିଅକୁ ଶିଖାଉଥାଏ କିପରି ରାଜକୀୟ ଚାଲି ଚାଲିବାକୁ ହେବ, କିପରି ଆଚାର ବ୍ୟବହାର କରିବାକୁ ହେବ ।

ରାଜାପୁଅ ଦିନୁଦିନ ସେ ଝିଅକୁ ବହୁତ ଭଲ ପାଇଲେ । ସେ କହିଲେ ତା' ଛଡ଼ା ସେ ଆଉ କାହାକୁ ବିଭା ହେବେ ନାହିଁ । ଫଳରେ ରାଣୀଙ୍କର ମହାଭାଳେଣି ପଡ଼ିଲା । ସେ ଝିଅଟି ପ୍ରକୃତରେ ରାଜବଂଶର କି ନା ପରୀକ୍ଷା କରିବା ଲାଗି ସେ ତତ୍ପର ହୋଇ ପଡ଼ିଲେ । ଦିନେ ସେ ସେହି ଝିଅ ପାଖକୁ ଗୋଟିଏ ରାଜକୀୟ ଗାଉନ୍ ପଠାଇ ଗୋଟିଏ ଚା ଭୋଜିକୁ ତାକୁ ପିନ୍ଧି ଆସିବାକୁ କହିଲେ । ବିଲେଇ ସବୁ ବୁଝିପାରିଲା । ସେ ସଙ୍ଗେ ସଙ୍ଗେ ବୁଝାଇ ଦେଲା ଯେ କିପରି ଗାଉନ୍ ପିନ୍ଧି ରାଜକୀୟ ଠାଣିରେ ଚାଲିବାକୁ ହୁଏ । ଆଉ ତା'ଛଡ଼ା କହିଦେଲା ଯେ ଯେଉଁଠି କିଛି ଅସୁବିଧା ମନେ କରିବ ସେଠାରେ ସେ ଖାଲି କହିବ, ''ଆମ ଇନ୍ଦ୍ରପୁରୀର ବ୍ୟବସ୍ଥା କି ସ୍ୱତନ୍ତ୍ର ଧରଣର !''

ଯାହାହେଉ ଗାଉନ୍‌ଟି ପିନ୍ଧି ରାଜକୀୟ ଠାଣିରେ ଝିଅଟି ଯାଇ ଚା' ଭୋଜିରେ ପହଞ୍ଚିବା ଦେଖି ରାଜପୁତ୍ରର ଆନନ୍ଦର ସୀମା ରହିଲା ନାହିଁ ।

ଆଉ ଦିନେ ରାଜପରିବାରର ସମସ୍ତେ ବୈଠକଖାନାରେ ବସି ଖୁସିଗପ କରୁଛନ୍ତି । ଏତିକିବେଳେ ରାଣୀ କିଛି ଫଳରସ ସମସ୍ତଙ୍କୁ ଦେବା ପୂର୍ବରୁ ଗୋଟିଏ ରୁପାପାତ୍ର ଓ ଗୋଟିଏ ସୁନାପାତ୍ରରେ କିଛି ଫଳରସ ଟେବୁଲ ଉପରେ ରଖି ସେ ଝିଅକୁ ଚାଖିବାକୁ କହିଲେ । ସେ ଭାବିଲେ ପ୍ରକୃତରେ ଝିଅଟି ଯଦି ରାଜବଂଶର ହୋଇଥିବ ତେବେ ପ୍ରଥମେ ରୁପାପାତ୍ରରୁ ପିଇ ପରେ ସୁନାପାତ୍ରରୁ ପିଇବ ।

ବିଲେଇଟି ଏକଥା ବୁଝିପାରିଲା । କିନ୍ତୁ କରିବ କ'ଣ ? ଉପଦେଶ ଦେବାକୁ ସମୟ ନାହିଁ । ଝିଅଟି ପ୍ରଥମରେ ସୁନାପାତ୍ରଟି ଉଠାଇ ନେଉଥିଲା ।

କିନ୍ତୁ ବିଲେଇଟା ତା' ଗୋଡ଼ରେ ଖାଲି ମୁଣ୍ଡିଆ ମାରିଲା । ଝିଅଟି ବୁଝିପାରିଲା ଯେ ସେ କିଛି ଭୁଲ୍ କରିଛି । ତେଣୁ ସେ ସଙ୍ଗେ ସଙ୍ଗେ ସୁନାପାତ୍ର ଛାଡ଼ି ରୁପାପାତ୍ରଟି ଉଠାଇନେଲା । ଏକଥାରେ ରାଣୀଙ୍କ ମୁହଁ ଲଜ୍ଜାରେ ଟିକିଏ ଝାଉଁଳି ପଡ଼ିଲା । ତଥାପି ତାଙ୍କର ସନ୍ଦେହ ତୁଟି ନ ଥାଏ ।

ଆଉ ଦିନେ 'କ'ଣ ହୋଇଛି ନା ଝିଅଟି ତା' ଘରେ ନ ଥିବା ସମୟରେ ରାଣୀ ଗୋଟିଏ ନଡ଼ା ଆଣି ତା' ବିଛଣା ଚଦର ତଳେ ରଖିଦେଲେ ଓ ମନେ ମନେ ଭାବିଲେ ଯେ ଯଥାର୍ଥରେ ଯଦି ସେ ରାଜାଝିଅ ହୋଇଥିବ ତେବେ ଶୋଇବା ସମୟରେ ଏକଥା ନିଶ୍ଚୟ ଜାଣିପାରିବ । ବିଲେଇଟି ଏସବୁ କଥା ଦେଖୁଥାଏ । ଯେମିତି ସେ ଝିଅଟି ଆସିଲା ତାକୁ ସବୁକଥା କହିଲା ଓ ପରଦିନ ରାଣୀ ପଚାରିଲେ କ'ଣ କହିବ ତାହା ମଧ୍ୟ କହିଲା ।

ତା' ଆରଦିନ ସକାଳ ହେଲା । ରାଣୀଙ୍କର ତ ମନ ଲାଗିଚି । ଆସି ସେ ଝିଅକୁ ପଚାରିଲେ, ''କାଲି ରାତିରେ କିପରି ନିଦ ହେଲା ?'' ଝିଅଟି କହିଲା, ''କାଲି ରାତିରେ ମୋତେ ଲାଗୁଥାଏ ମୋ ବିଛଣା ତଳେ ଯେପରି ଗଛଟିଏ ରହିଛି । କିନ୍ତୁ ଆମ ଇନ୍ଦ୍ରପୁରୀର ବ୍ୟବସ୍ଥା କି ଭିନ୍ନ ଧରଣର !'' ରାଣୀ ଏକଥା ଶୁଣି ଲଜ୍ଜାବୋଧ କରିବା ସଙ୍ଗେ ସଙ୍ଗେ ଜାଣିଗଲେ ଯେ ଏ ନିଶ୍ଚୟ ଏକ ରାଜକନ୍ୟା । ଏଣିକି ପୁଅର ବିବାହରେ ସେ ଆଉ ବାଧା ଦେଲେ ନାହିଁ ।

ରାଜାପୁଅ ସବୁବେଳେ ସେ ଝିଅ ସହ ଲଗାଇଥାଏ ଯେ ଇନ୍ଦ୍ରପୁରୀ ଯାଇ ଶୀଘ୍ର ସେଠାରେ ସେମାନଙ୍କର ବିବାହ କାର୍ଯ୍ୟ ଶେଷ କରିବାକୁ । ଝିଅଟି ଯିବା ଯିବା ବୋଲି କହି ସମୟ ଗଡ଼ାଇବାରେ ଲାଗିଥାଏ ।

ଦିନେ ରାଜାପୁଅ ଓ ସେ ଝିଅ ରାଜ-ଉଦ୍ୟାନରେ ବସିଛନ୍ତି । ଏତିକିବେଳେ ସେଇ ବାଟ ଦେଇ ଗୋଟିଏ ସ୍ତ୍ରୀଲୋକ ହାଣ୍ଡିଟିଏ ଧରି ଓ ତା' ପଛରେ ପୁରୁଷଟିଏ ଡଙ୍କାଟିଏ ଧରି ଦୌଡୁଥିବାର ଦେଖାଗଲା । ସେମାନଙ୍କୁ ଦେଖି ଝିଅଟି ହସିଉଠିଲା । ରାଜାପୁଅ କାହିଁକି ହସିଲା ବୋଲି ପଚାରିବାରୁ ଝିଅଟି କ'ଣ କହିବ କିଛି ସ୍ଥିର କରିପାରିଲା ନାହିଁ । ହଠାତ୍

ତା'ର ବିଲେଇ କଥା ମନେ ପଡ଼ିଗଲା । ସେ କହିଲା ଆମ ଇନ୍ଦ୍ରପୁରୀ କଥା ମନେ ପଡ଼ି ହସ ଲାଗିଲା । ରାଜାପୁଅ ବର୍ତ୍ତମାନ ଜିଦ୍‌ଧରି ବସିଲା ଯେ ଶୀଘ୍ର ଇନ୍ଦ୍ରପୁରୀ ଯାଇ ବିବାହ କାର୍ଯ୍ୟ ଶେଷ କରିବାକୁ ।

ଝିଅଟି ମହା ଅଡୁଆରେ ପଡ଼ିଲା । ବିଲେଇକୁ ଏକଥା ଯାଇ କହିଲା । ବିଲେଇ କହିଲା, ''ରାଜାପୁଅକୁ କହ, କାଲି ପ୍ରସ୍ତୁତ ହୋଇ ଚାଲନ୍ତୁ, ଇନ୍ଦ୍ରପୁରୀରେ ବିବାହ କାର୍ଯ୍ୟ ଶେଷ ହେବ ।'' ଝିଅଟି ବିଲେଇ କଥା ଶୁଣି ଆଶ୍ଚର୍ଯ୍ୟ ହେଲା; କିନ୍ତୁ କଥା ତ ଦେଇଛି ଯେ ତା' ଉପରେ ସଂପୂର୍ଣ୍ଣ ନିର୍ଭରତା ରଖିବ । ତେଣୁ ସେ ଆଉ ବିଲେଇକୁ ସନ୍ଦେହ ନ କରି ରାଜାପୁଅକୁ ଯାଇ ସେ କଥା କହିଲା । ରାଜାପୁଅ ତା' ବାପାଙ୍କୁ ଏକଥା କହିବାରୁ ସେ ବହୁତ ଖୁସି ହୋଇ ପରଦିନ ପାତ୍ରମନ୍ତ୍ରୀ, ସୈନ୍ୟସାମନ୍ତ, ସବାରି, ପାଲିଙ୍କି, ଘୋଡ଼ା, ହାତୀ ପ୍ରଭୃତି ଧରି ବିରାଟ ପଟୁଆରରେ ଇନ୍ଦ୍ରପୁରୀ ପାରିହେଲେ । ବିଲେଇ ସମସ୍ତଙ୍କୁ ବାଟ କଢ଼େଇ ନେଉଥାଏ । କିଛିବାଟ ଯିବା ପରେ ଗୋଟିଏ ଜଙ୍ଗଲ ପଡ଼ିଲା । ସେତେବେଳକୁ ସନ୍ଧ୍ୟା ହୋଇ ଆସିଲାଣି । ସମସ୍ତେ ସେଠି ବିଶ୍ରାମ ନେଲେ ।

ବିଲେଇ କିନ୍ତୁ ମିଛରେ ଆଖିବୁଜି ପଡ଼ିଥାଏ । ଦେଖିଲା ଯେମିତି ସମସ୍ତେ ଶୋଇ ପଡ଼ିଛନ୍ତି ସେ ଉଠି ଜଙ୍ଗଲ ଭିତରେ ବହୁତ ଦୂର ଚାଲିଗଲା । ସେ ଜଙ୍ଗଲରେ ଗୋଟିଏ ଭୟଙ୍କର ନିଶାଚର ରାକ୍ଷସ ରହୁଥାଏ । ଚାରିଆଡୁ ଧନରତ୍ନ ଆଣି ସେ ଗୋଟିଏ ମସ୍ତବଡ଼ ସୁନାର ଉଆସ ତିଆରି କରିଥାଏ । ଯେତେ ଯୁଆଡୁ ଲୋକଙ୍କୁ ଆଣେ ସେଇଠି ସମସ୍ତଙ୍କୁ ବନ୍ଦୀ କରି ରଖିଥାଏ । ସେ କେବଳ ରାତିରେ ବୁଲିବାକୁ ଯାଏ, ସକାଳ ହେବା ପୂର୍ବରୁ ଫେରିଆସେ । ତା'ର ପୃଥିବୀରେ କାହାକୁ ଭୟ ନ ଥାଏ । କେବଳ ଗୋଟିଏ କଥାକୁ ଭୟ ଥାଏ, ସେ ହେଉଛନ୍ତି ସୂର୍ଯ୍ୟ । ସୂର୍ଯ୍ୟଙ୍କୁ ଦେଖିଲେ କିଂବା ସୂର୍ଯ୍ୟ କିରଣ ତା' ଉପରେ ପଡ଼ିଲେ ତା' ଶରୀର ଫାଟି ମିଳେଇ ଯିବ । ଅନ୍ଧକାରର ଜୀବ ସେ । ଆଲୋକ ତା'ର ଶତ୍ରୁ । ବିଲେଇ ଏକଥା ଜାଣି ଥାଏ । ସେ ଚୁପ୍ ଚୁପ୍ ଯାଇ ଦରଜା ନିକଟରେ ଦେଖିଲା ଗୋଟାଏ ବିରାଟ ସୁନାର ତାଲା ଝୁଲୁଛି ।

ନିଶାଚର ବାହାରକୁ ବୁଲିବାକୁ ଯାଇଥାଏ, ଫେରି ନ ଥାଏ । ବିଲେଇ ଚଟ୍‌କରି ନିଜକୁ ଛୋଟ କରିଦେଇ ସେ ତାଲାର ଚାବି ପଶିବା ସ୍ଥାନରେ ଯାଇ ଖୁବ୍ ଆସ୍ତେ ବସିପଡ଼ିଲା ।

ରାତି ପାହିବାକୁ ବସିଲାଣି । ଏତିକିବେଳେ ହାତରେ ଗୋଟିଏ ସୁନାଚାବି ଧରି କୁଆଡୁ ସେ ନିଶାଚର ଘୋର ଗର୍ଜନ କରି ମାଡ଼ିଆସିଲା । ତା' ପାଦଶବ୍ଦରେ ଭୂଇଁ ଦୁଲୁକି ଉଠୁଥାଏ । ଆସି ସେ ସୁନାଚାବିଟିକୁ ତାଲା ଭିତରେ ଯେପରି ପୂରାଇଛି ଦେଖିଲାବେଳକୁ ଚାବି ଆଦୌ ଭିତରକୁ ଯାଉ ନାହିଁ । ବାରଂବାର ଚେଷ୍ଟା କରି ଶେଷକୁ ରାଗିଯାଇ ଦରଜାକୁ ଧକ୍‌କା ମାରିଲା । ବିଲେଇ ତାଲା ଭିତରେ ଥାଇ କହିଲା, ''କାହିଁକି ରାଗୁଛ ? ମୋ କାହାଣୀ ପ୍ରଥମେ ଶୁଣିସାର, ତା'ପରେ ଯାଇ ଯାହା କରିବ ।'' ଏଣେ ସକାଳ ହୋଇ ଆସିଲାଣି । ନିଶାଚର ରାଗରେ ଅସମ୍ଭାଳ ହୋଇ ଆହୁରି ଜୋର୍‌ରେ କବାଟକୁ ଧକ୍‌କା ମାରି କହିଲା, ''ତା' ଭିତରୁ ଶୀଘ୍ର ବାହାର, କାହାଣୀ ଶୁଣାଇଲା ମୋତେ !''

ବିଲେଇ ଟିକେ ସ୍ମିତ ହସି କହିଲା, ''ହଉ, ମୋ କହାଣୀ ନ ଶୁଣିଲ ନାହିଁ, ଟିକିଏ ପଛକୁ ଚାହିଁଲ, କି ଅପୂର୍ବ ସୁନ୍ଦର ଝିଅଟିଏ ଆସୁଛି ।''

ନିଶାଚର ବିଲେଇ କଥାରେ ଭୁଲିଯାଇ ପଛକୁ ଚାହିଁଦେବା ମାତ୍ରେ ଦେଖିଲାବେଳକୁ ଗଛ ପାଙ୍ଗରେ ରକ୍ତ ରଙ୍ଗର ସୂର୍ଯ୍ୟ ଉଦୟ ହୋଇ ଆସୁଛନ୍ତି । ତାକୁ ଦେଖିବା ମାତ୍ରେ ତା'ର ଶରୀର ଫାଟି ମିଳେଇଗଲା । ନିଶାଚର ମରିଯିବାରୁ ବିଲେଇ ଖପ୍ କରି ତାଲା ମଧ୍ୟରୁ ଡେଇଁପଡ଼ି ସୁନା ଚାବିରେ ଦରଜା ଫିଟାଇ ଉଆସ ଭିତରେ ପ୍ରବେଶ କରି ଯେତେ ଲୋକଙ୍କୁ ସେ ନିଶାଚର ବନ୍ଦୀ କରି ରଖିଥିଲା ସମସ୍ତଙ୍କୁ ଖଲାସ କରିଦେଲା ଓ କହିଲା, ''ସେ ନିଷ୍ଠୁର ନିଶାଚର ଆଉ ଜୀବନରେ ନାହିଁ । ତୁମ୍ଭେମାନେ ସମସ୍ତେ ମୁକ୍ତ । ବର୍ତ୍ତମାନ ଏ ଉଆସର ରାଜକନ୍ୟା ତାଙ୍କର ଭବିଷ୍ୟତ ବର ଏକ ରାଜପୁତ୍ରଙ୍କ ସହ ପଟୁଆରରେ ଆସୁଛନ୍ତି । ଏହି ଉଆସରେ ସେମାନେ ବିବାହ କରି ଏଇଠି ରହିବେ । ତୁମ୍ଭେମାନେ ଏଣିକି ଆନନ୍ଦରେ ସେମାନଙ୍କ

ପାଖରେ ବାସ କରିବ । ବର୍ତ୍ତମାନ ବିବାହ ପାଇଁ ସମସ୍ତ ଆୟୋଜନରେ ଲାଗିପଡ଼ । ସେମାନେ ଯେପରି ଆସି ପହଞ୍ଚିବେ, ସେମାନଙ୍କୁ ଖୁବ୍ ଆଦର ସମ୍ମାନ ସହ ଅଭ୍ୟର୍ଥନା ଜଣାଇ ପାଛୋଟି ଆଣିବ ।'' ବହୁ କାଳରୁ ଦୁଃଖକଷ୍ଟ ଭୋଗି ଭୋଗି ନିଶାଚରର ଅତ୍ୟାଚାରରେ ଆଉ ଜୀବନ ପାଇବେ ବୋଲି ସେ ଲୋକଙ୍କର ବିଶ୍ୱାସ ନ ଥାଏ । ବର୍ତ୍ତମାନ ଉଆସକୁ ସେମାନଙ୍କ ରାଜକୁମାରୀ ଆସୁଥିବାର ଓ ନିଶାଚର ମରିଥିବାର ଖବର ପାଇ ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେମାନେ ସଙ୍ଗେ ସଙ୍ଗେ ଆୟୋଜନରେ ଲାଗିପଡ଼ିଲେ ।

ଏଣେ ସବୁ ବ୍ୟବସ୍ଥା କରି ବିଲେଇଟି ଯାଇ ସେ ପଟୁଆର ନିକଟରେ ପହଞ୍ଚିଲା । ଦେଖିଲାବେଳକୁ ସେମାନେ ଉଠି ନିତ୍ୟକର୍ମ ସାରି ଯାତ୍ରା ଲାଗି ପ୍ରସ୍ତୁତ ହୋଇଗଲେଣି । ବିଲେଇକୁ ସମସ୍ତେ ମନେ ମନେ ଖୋଜୁଥିଲେ, ବର୍ତ୍ତମାନ ଦେଖିପକାଇ ଖୁସି ହୋଇଗଲେ । କିନ୍ତୁ ଝିଅଟି ମୁହଁରେ ଟିକିଏ ରକ୍ତ ନ ଥିଲା ଭଳି ଦେଖାଯାଉଥିଲା । ବିଲେଇ କିନ୍ତୁ ଖୁବ୍ ଆଡ଼ମ୍ବରରେ ଆଗେ ଆଗେ ଚାଲିଥାଏ । ଉଆସ ପାଖ ଯେମିତି ହୋଇଗଲା ଅସଂଖ୍ୟ ଦାସଦାସୀ ଆସି ସମସ୍ତଙ୍କୁ ଅତି ଆଦରର ସହ ପାଛୋଟି ନେଲେ । ଉଆସ ଭିତରକୁ ପଶିଯିବା ମାତ୍ରେ ବିଲେଇ କହିଲା, ''ଏଇ ହେଉଛି ଆମ ରାଜକୁମାରୀଙ୍କର ଇନ୍ଦ୍ରପୁରୀ ।'' ସୁନା, ରୁପା, ମଣିମୁକ୍ତାରେ ଶୋଭା ପାଉଥିବା ଦାସଦାସୀପୂର୍ଣ୍ଣ ସେହି ବିରାଟ ଉଆସକୁ ଦେଖି ସମସ୍ତଙ୍କ ଆଖି ଖୋସି ହୋଇଗଲା । ଏତେ ଧନରତ୍ନ ପୁଣି ଦୁନିଆରେ କେଉଁଠି ଥାଏ ! ଖୁବ୍ ଧୁମ୍‌ଧାମ୍‌ରେ ବିଭାଘର ହେଲା । ପୁଅବୋହୂ ସବୁଦିନ ଲାଗି ସେଇ ଉଆସରେ ରହିଲେ । ବିଲେଇର ପ୍ରଶଂସା କହିଲେ ନ ସରେ । ଏ ଘଟନାରେ ସମସ୍ତେ ଆଶ୍ଚର୍ଯ୍ୟ ହେଉଥା'ନ୍ତି । ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ହେଉଥାଏ ସେ ଝିଅଟି ।

ମୋତେ କିନ୍ତୁ ଆଦୌ ଆଶ୍ଚର୍ଯ୍ୟ ଲାଗୁ ନ ଥାଏ । ମୋ ମନକୁ ଆସୁଥାଏ ବିଲେଇଟିକୁ ଏଠି ନିର୍ଭରତାର ମାହାତ୍ମ୍ୟ ପ୍ରତିପାଦନ କରିବା ନିମନ୍ତେ ଏକ ମାଧ୍ୟମରୂପେ ବ୍ୟବହାର କରାଯାଇଛି । ସାମାନ୍ୟ ଜନ୍ତୁଟାଏ

ଉପରେ ନିର୍ଭର କରି ବ୍ୟକ୍ତି ଯଦି ଏତେ ନିରାପତ୍ତା ଓ ସମ୍ପଦର ଅଧିକାରୀ ହୋଇପାରେ ତେବେ ସ୍ୱୟଂ ଭଗବାନଙ୍କ ଉପରେ ନିର୍ଭରତା ରଖିଲେ ସେ କ'ଣ ବା ଲାଭ ନ କରିପାରିବ ! କିନ୍ତୁ ସେ ଝିଅଟି ଭଳି ସେହିପରି ସରଳ ନିଃସନ୍ଦେହଭାବେ ନିର୍ଭରତା ରଖିବାକୁ ହେବ । ସୁଖ-ଦୁଃଖ, ହର୍ଷ-ବିଷାଦ, ଉତ୍‌ଥାନ-ପତନ ସବୁ ଭିତରେ ସେହି ପରମ ପ୍ରେମମୟ, ମଙ୍ଗଳମୟଙ୍କର ପ୍ରଚ୍ଛନ୍ନ ଶକ୍ତି କାର୍ଯ୍ୟ କରୁଛି ଓ ଆମକୁ ଗଭୀର ଶ୍ରଦ୍ଧାର ଆଚରଣ ମଧ୍ୟରେ ଧାରଣ କରି ପୋଷଣ ଓ ବର୍ଦ୍ଧନ କରି ଚାଲିଛି ବୋଲି ଖାଲି ମନରେ ବିଶ୍ୱାସ ନୁହେଁ, ହୃଦୟରେ ଅନୁଭବ କରିବାକୁ ହେବ । ତେବେଯାଇ ଆମର ନିଜର ଚିନ୍ତା ଆଉ କେବେ ଆମକୁ ଦୁଃଖ ଦେବ ନାହିଁ, ଅସ୍ଥିର କିଂବା ହତାଶ କରିବ ନାହିଁ । ଆମର ସଂକୀର୍ଣ୍ଣ ସୀମିତ ଶକ୍ତି ଏକ ମହାନ୍ ଅନନ୍ତ ଦିବ୍ୟ ଶକ୍ତିର ପ୍ରବାହ ସହ ସଂଯୋଗ ଲାଭ କରିବ । ସେତେବେଳେ ମହାନ୍ ଦୁଃସାଧ୍ୟ କର୍ମ ଆମ ପକ୍ଷରେ ସହଜ ସ୍ୱାଭାବିକ ହୋଇଉଠିବ ।

ସେଇଥିଲାଗି ଶ୍ରୀଅରବିନ୍ଦ କହିଛନ୍ତି :

''Rely for the sadhana on the Mother's Grace and her Force, yourself, remembering always to keep only two things, quietude and confidence.''

''ନିଜ ତରଫରୁ ସ୍ଥିରତା ଓ ଭରସା ଏହି ଦୁଇଟି କଥା ବଜାୟ ରଖିବା ନିମନ୍ତେ ସତତ ସ୍ମରଣ ରଖି ସାଧନା ନିମନ୍ତେ ମା'ଙ୍କର କୃପା ଓ ଶକ୍ତି ଉପରେ ନିର୍ଭରତା ରଖ ।''

✶

''It is reliance on the Divine Force, the Mother's Force and Light and openness to it that is the real capacity.''

''ଦିବ୍ୟ ଶକ୍ତି ଉପରେ, ମା'ଙ୍କ ଶକ୍ତି ତଥା ଆଲୋକ ଉପରେ ନିର୍ଭରତା ଓ ଏଥିପ୍ରତି ଉନ୍ମୀଳନହିଁ ଯଥାର୍ଥ ସାମର୍ଥ୍ୟ ।''

ଆମର ଯଥାର୍ଥ ସମସ୍ୟା କ'ଣ ?

ଗାଁଟିଏ । ସେ ଗାଁରେ ଥାଏ ଗୋଟିଏ କ୍ଲବ୍ । ଗାଁର ଯୁବକମାନେ ସେ କ୍ଲବର ସଭ୍ୟ । ଥରେ ସେମାନେ ସ୍ଥିର କଲେ ଗୋଟିଏ ନାଟକ କରିବେ । ସେମାନଙ୍କ ଭିତରେ ଯିଏ ମୁଖିଆ ସେ ଥିଲେ ଟିକିଏ ଶିକ୍ଷିତ, ବୟସ୍କ ଓ ଅଭିଜ୍ଞ ଯୁବକ । ତାଙ୍କରି ପରାମର୍ଶ ଅନୁଯାୟୀ ବହି ବଛାଗଲା ଓ ସମସ୍ତଙ୍କୁ ପାର୍ଟ ବାଣ୍ଟି ଦିଆଗଲା । କାମଧନ୍ଦାରୁ ଫେରି ସନ୍ଧ୍ୟା କେତେଟା ସମୟରେ ସମସ୍ତେ ଆସି କ୍ଲବ୍ ଘରେ ଏକଜୁଟ ହେବେ ତାହା ସ୍ଥିର କରି ଦିଆଗଲା । ରୀତିମତ ଅଭ୍ୟାସ ଆରମ୍ଭ ହୋଇଗଲା ।

ନାଟକଟିର ଅଭ୍ୟାସ ନିୟମିତ ଚାଲିଲା । କିଛିଦିନ ପରେ ଗୋଟିଏ ପିଲା କହିଲା, ''ମୋର ଟିକିଏ ସନ୍ଧ୍ୟାବେଳେ ଘରେ କାମ ପଡୁଛି । ମୁଁ ଟିକିଏ ଡେରି କରି ଆସିବି । ମୋ ପାର୍ଟ ପଡ଼ିଲା ବେଳକୁ ମୁଁ ଆସି ପହଞ୍ଚି ଯାଇଥିବି ।'' ଅଧିକାଂଶ ସଭ୍ୟ ଏକାବେଳକେ କହିଉଠିଲେ, ''ନା, ନା, ତା' କେମିତି ହେବ ? ଆମେସବୁ ଆସିବୁ ଠିକ୍ ସମୟରେ; ତୁ କାହିଁକି ଆସିବୁ ଏତେ ଡେରିରେ ?'' କିଛି ସମୟ ଗୋଳମାଳ ଚାଲିଲା । ଶେଷରେ ତାଙ୍କ ଭିତରେ ଯିଏ ନେତା ସେ କହିଲେ, ''ନା, ନା, ତା' ହୋଇପାରିବ ନାହିଁ । ତୁମକୁ ଆମ ଭିତରେ ରହିବାକୁ ହେଲେ ଆମର ନିୟମ ମାନିବାକୁ ପଡ଼ିବ । ଯଦି ଠିକ୍ ସମୟରେ ଆସି ଏଠାରେ ପହଞ୍ଚି ନ ପାରିବ, ତେବେ ତୁମର ପାର୍ଟ ଛାଡ଼ିଦିଅ ।''

ପିଲାଟି ନିରୁପାୟ ହୋଇ ଶେଷକୁ ତା'ର ପାର୍ଟ ଛାଡ଼ିଦେଲା । ସେ ଗୋଟିଏ ଭିକାରି ପାର୍ଟ ନେଇଥିଲା । ତା'ର ବିଶେଷ ଅସୁବିଧା ଦୃଷ୍ଟିରୁ ତାକୁ ଟିକିଏ ବିଳମ୍ବରେ ଆସିବା ଲାଗି ଅନୁମତି ଦେଇଥିଲେ ନାଟକ ଅଭ୍ୟାସରେ କିଛି ବ୍ୟାଘାତ ଘଟି ନ ଥା'ନ୍ତା । କାରଣ ନାଟକର ମଝିରେ ତା'ର ଅଳ୍ପ ସମୟ ମାତ୍ର ଥରୁଟିଏ ପାର୍ଟ ଥିଲା । ସେ ବି ତା'ର ପାର୍ଟ ସୁନ୍ଦର

ରୂପେ ଆଗ୍ରହର ସହ କରୁଥିଲା । କିନ୍ତୁ ତା'ର ବ୍ୟକ୍ତିଗତ ଅସୁବିଧା ପ୍ରତି ଦୃଷ୍ଟି ଦିଆ ନ ଯାଇ, ସାମୂହିକ କାର୍ଯ୍ୟରେ ବାଧା ନ ପଡୁଥିଲେ ବି ସାମୂହିକ ନିୟମକୁ ତା' ଉପରେ ଅଯଥା ଜୋର କରି ଲଦି ଦେବାରୁ ସେ ବାଧ ହୋଇ ଗୋଷ୍ଠୀ ମଧ୍ୟରୁ ଅଲଗା ହୋଇଗଲା ।

ତା'ପରେ ସେ ପାର୍ଟଟି କିଏ ନେବ ବୋଲି ପଚରାଗଲା । ଭିକାରି ପାର୍ଟଟାଏ, ପୁଣି ଅଳ୍ପସମୟ ଲାଗି ଥରୁଟିଏ ହୋଇଥିବାରୁ କେହି ରାଜି ହେଲେ ନାହିଁ । ସମସ୍ତେ ଚାହିଁଲେ ବଡ଼ ବଡ଼ ମାନସମ୍ମାନ ଥିବା ପାର୍ଟ ନେବାକୁ, କାରଣ ଗାଁରେ କାଳେ କିଏ ତାଙ୍କୁ କହିଦେବ ଭିକାରି ପାର୍ଟଟାଏ ନେଇଥିଲା ବୋଲି ! ଅଭିନୟର କଳା ଦୃଷ୍ଟିରୁ ଅଭିନୟକୁ ନିପୁଣ ଭାବରେ ଫୁଟାଇ ପାରିବାହିଁ ଯଥାର୍ଥ ସାର୍ଥକତା ଓ ସମ୍ମାନଜନକ କଥା ବୋଲି କେହି ବୁଝିଲେ ନାହିଁ । କ'ଣ କରାଯିବ ? କିଛିଦିନ ସେ ଭୂମିକାରେ କେହି ନ ଥାଇ ଅଭ୍ୟାସ ଚାଲିଲା । କେହି ରାଜି ନ ହେବାରୁ ପୁଣିଥରେ ସେ ପିଲା ଯିଏକି କ୍ଲବରୁ ବାହାରି ଯାଇଛି ତାକୁ ଅନୁରୋଧ କଲେ ସେ ପାର୍ଟ ନେବାକୁ । ଏଥର ତାକୁ ତା'ର ସୁବିଧା ଅନୁଯାୟୀ ସମୟ କରି ଆସିବାକୁ କୁହାଗଲା । କିନ୍ତୁ ସେ ପିଲାର ପୂର୍ବ ଆଗ୍ରହ ଆଘାତ ପାଇ ମଉଳି ଯାଇଥିଲା । ସେ ଆଉ ଯୋଗ ଦେବାକୁ ରାଜି ହେଲା ନାହିଁ । ଶେଷକୁ ନାଟକଟି ମଞ୍ଚସ୍ଥ ହେବାକୁ ଅଳ୍ପଦିନ ବାକି ଅଛି, ଗୋଟିଏ ପିଲାକୁ ବହୁତ ଖୋସାମତ କରି ପାର୍ଟଟି ଦିଆଗଲା । ସେ ବି କହୁଥିଲା, ନାଟକ ତୁମର ଭଲହେଉ ନ ହେଉ ମୋର ସେଥିରେ କ'ଣ ଅଛି, ଆଉ କାହାକୁ ସେ ପାର୍ଟ ଦିଅ । ଯାହା ହେଉ ଶେଷକୁ ନେଲା ।

ନାଟକ ମଞ୍ଚସ୍ଥ ହେବାର ସମୟ ପହଞ୍ଚିଗଲା । ସେଥିଲାଗି ଆବଶ୍ୟକ ଖର୍ଚ୍ଚଠାରୁ ଅଧିକ ଟଙ୍କା ପଇସା ଲୋକମାନଙ୍କଠାରୁ ଆଦାୟ ହୋଇଛି । ବହୁତ ଆଗ୍ରହରେ ଆଖପାଖ ଗାଁ ଲୋକମାନେ ନୂଆକଥା କ'ଣ ଦେଖିବେ ବୋଲି ଖୁସିରେ ଟଙ୍କା ପଇସା ଦେଇଛନ୍ତି । ଆଉ ଦୁଇଦିନ ବାକି, ଷ୍ଟେଜ୍ ପ୍ରଭୃତି ବନ୍ଧା ହେବା କଥା । କିନ୍ତୁ ନାଟକରେ ଅଂଶଗ୍ରହଣ କରିଥିବା

ପିଲାମାନଙ୍କ ମଧ୍ୟରୁ ୨-୪ ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କର ଦେଖା ନାହିଁ । କିଏ କହୁଛି ମୋର ପାର୍ଟ ମୁଖସ୍ଥ ସରି ନାହିଁ । କିଏ କହୁଛି ମୋର ଅନ୍ୟକାମ ଅଛି । ଶେଷକୁ ମୂଲିଆଙ୍କ ଦ୍ୱାରା ଷ୍ଟେଜ୍ ଇତ୍ୟାଦି ବନ୍ଧା ସରିଲା । ବହୁତ ଟଙ୍କା ଦିଆଯାଇ ମୂଲ୍ୟବାନ୍ ପୋଷାକ ଓ ସୁନ୍ଦର ସୁନ୍ଦର ସିନ୍‌ସବୁ ଆସିଥାଏ ।

ଆଜି ସଂଧ୍ୟାରେ ନାଟକ ହେବ । ଲୋକମାନେ ସବୁ ବେଳାବେଳି ରୋଷେଇବାସ ସାରି ଖାଇପିଇ ଦେଇ ନାଟକ ଦେଖିବା ଲାଗି ଆସି ଜମା ହେଲେଣି । ଷ୍ଟେଜ୍‌ରେ କେତେକ ବନ୍ଧାବନ୍ଧି କାର୍ଯ୍ୟ ସେପର୍ଯ୍ୟନ୍ତ ଚାଲିଛି । ପଛଆଡ଼େ ପିଲମାନେ ସବୁ ପେଣ୍ଟିଙ୍ଗ୍ ହେଉଛନ୍ତି । ନିଜ ନିଜର ପେଣ୍ଟିଙ୍ଗ୍ ଓ ପୋଷାକପିନ୍ଧା ଆଗ ସାରିଦେବା ଲାଗି ସେମାନଙ୍କ ଭିତରେ ଟଣା ଓଟରା ଓ କଳିକଜିଆ ଲାଗିଛି । ଯାହାର ପଛରେ ପାର୍ଟ ଅଛି ତା'ର ପେଣ୍ଟିଙ୍ଗ୍ ସରିଗଲାଣି; କିନ୍ତୁ ଯାହାର ପ୍ରଥମେ ଅଛି ତା'ର କିଛି ହୋଇ ନ ଥିବାରୁ ସେ ଅଭିମାନ କରି ବସିଛି । ସେ ଭିକାରି ପାର୍ଟ ଯେଉଁ ପିଲାଟି ନେଇଥିଲା ସେ କହୁଛି : ସମସ୍ତେ ଭଲ ଭଲ ପୋଷାକ ପିନ୍ଧୁଛନ୍ତି, ମୁଁ କାହିଁକି ଛିଣ୍ଡା ଲୁଗା ପିନ୍ଧିବି ? ସେ ବି ଭଲ ପୋଷାକ ଦାବି କରି ତାକୁ ଦିଆଯାଇଥିବା ପୋଷାକ ପିନ୍ଧୁ ନାହିଁ । କେହି ତାଙ୍କର ନିର୍ଦ୍ଦେଶକଙ୍କର କଥା ମାନୁ ନାହାନ୍ତି । ପ୍ରତ୍ୟେକେ ନିଜର ଯାହା ଇଚ୍ଛା ହେଉଛି ତା' କରିବାରେ ଲାଗିଛନ୍ତି ।

ନିର୍ଦ୍ଦିଷ୍ଟ ସମୟରୁ ଘଣ୍ଟାଏ ଡେରି ହୋଇଗଲାଣି । ଷ୍ଟେଜ୍ ଉପରେ କାହାରି ଦେଖା ନାହିଁ । ଖାଲି ପଛଆଡ଼େ ଖଡ଼୍‌ଖାଡ଼୍ ଧଡ଼୍‌ଧାଡ଼୍ କ'ଣସବୁ କରୁଛନ୍ତି । ଲୋକମାନେ ଥଣ୍ଡାଟାରେ ବସି ବସି ବ୍ୟତିବ୍ୟସ୍ତ ଓ ବିରକ୍ତ ହୋଇପଡ଼ିଲେଣି । କେତେକ ଦୁଷ୍ଟପିଲା ତାଳିମାରି କମ୍ପାଇ ଦେଉଥା'ନ୍ତି । ଶେଷକୁ ସେମାନଙ୍କ ଆଶା ସଫଳ ହେଲା । ପରଦା ଉଠିଲା । ଷ୍ଟେଜ୍ ଉପରେ ଆଲୁଅ ଦେଖାଗଲା । ସମସ୍ତେ ନୀରବ ଉତ୍କଣ୍ଠାର ସହ ସିଆଡ଼େ ଚାହିଁ ରହିଲେ । ଦେଖିଲାବେଳକୁ ଗୋଟିଏ ମନ୍ଦିର ସିନ୍ ପଡ଼ିଛି, ଜଣେ ଶିକ୍ଷକ ବସି କେତେକ ଛାତ୍ରଙ୍କୁ ପଢ଼ାଉଛନ୍ତି । ଯେଉଁମାନଙ୍କର ନାଟକ ସମ୍ବନ୍ଧେ କିଛି

ଅଭିଜ୍ଞତା ନାହିଁ ସେମାନେ ବସି ଦେଖୁଛନ୍ତି; ଅଳ୍ପ କେଇଜଣ ଯେଉଁମାନେ ସହର ଆଦି ସ୍ଥାନରେ ଥିଏଟର ଦେଖିଛନ୍ତି, ସେମାନେ ନିଜ ନିଜ ଭିତରେ ଫୁସ୍‌ଫାସ୍ ହେଉଛନ୍ତି । ହଠାତ୍ ସେହି ନାଟକରେ ଅଂଶ ଗ୍ରହଣ କରିଥିବା ପିଲାଙ୍କ ମଧ୍ୟରୁ କାହାର ନଜର ପଡ଼ିଗଲା ଯେ ସ୍କୁଲ୍ ସିନ୍ ନ ପଡ଼ି ମନ୍ଦିର ସିନ୍‌ଟାଏ ପଡ଼ିଛି । ସେ ଅନ୍ୟମାନଙ୍କୁ କହିଦେବାରୁ ସଙ୍ଗେ ସଙ୍ଗେ ମଞ୍ଚ ଅନ୍ଧାର କରିଦିଆଗଲା । ଷ୍ଟେଜ୍ ଉପରେ ଥିବା ପିଲା ଓ ଶିକ୍ଷକ କ'ଣ ହେଲା ବୋଲି ବୁଝି ନ ପାରି ଉଠିପଡ଼ି ଟିକିଏ ଇତସ୍ତତଃ ହୋଇପଡ଼ିଲେ । ଏତିକିବେଳେ ସେ ମନ୍ଦିର ସିନ୍‌ଟା ଉଠିଯାଇ ଦୁମ୍ କରି ଆଉ ଗୋଟିଏ ସିନ୍ ପଡ଼ିଲା । ଯୋଗକୁ ସେ ପିଲା କିଂବା ଶିକ୍ଷକ କାହାରି ମୁଣ୍ଡ ଉପରେ ପଡ଼ିଲା ନାହିଁ । ଆଲୁଅ ଜଳିଲା ବେଳକୁ ଦେଖାଗଲା ସ୍କୁଲ୍ ସିନ୍‌ଟାଏ ପଡ଼ିଛି । ଲୋକମାନେ ହସିଲେ, ତାଳିମାରି ସେମାନଙ୍କ ଆନନ୍ଦ ଜଣାଇଦେଲେ । ଏ ଗୋଳମାଳ ଭିତରେ ସେମାନେ ଯାହା ପାର୍ଟ କରିଥିଲେ ତାହା ସହଜରେ ଜଣା । ପାର୍ଟ କଲାବେଳେ ଅଭିନେତା ଅଭିନେତ୍ରୀଙ୍କର କଥା ଦର୍ଶକମାନେ ବିଶେଷ କିଛି ନ ଶୁଣି ପଛଆଡୁ ଜଣେ କିଏ ବଡ଼ ବଡ଼ ପାଟିରେ ସବୁ କହୁଥିବାର ଶୁଣୁଥାଆନ୍ତି । ଭିକାରିଟାକୁ ଦେଖିଲା ବେଳକୁ ସୁନ୍ଦର ଦାମିକା ଧୋତି ପିନ୍ଧି ପାର୍ଟ କରୁଛି । ବେଳେବେଳେ ମଞ୍ଚ ଉପରେ କାହାରି ପାର୍ଟ ମନେ ନ ପଡ଼ିଲେ କିଂବା ଭୁଲ୍‌ଭାଲ୍ କରି କହିଲେ ପଛରୁ ଗର୍ଜନ ତର୍ଜନ ଶୁଭୁଥାଏ ।

ଗାଉଁଲି ଲୋକ । ଥିଏଟରରେ ଏସବୁ ତ୍ରୁଟି ବିଶେଷ ଜାଣି ପାରୁ ନ ଥିଲେ ବି ସେମାନଙ୍କୁ କାହିଁକି କିଛି ଭଲ ଲାଗୁ ନ ଥାଏ । ନାଟକ ଅଧା ହେଲାବେଳକୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଘରକୁ ପଳାଇଲେଣି । ଅଳ୍ପ କେତେଜଣ ପିଲା ବସି ନିଜ ନିଜ ଭିତରେ ଆଲୋଚନା କରୁଥା'ନ୍ତି ଓ ବେଳେବେଳେ ମଞ୍ଚ ଆଡ଼କୁ ଚାହିଁ ଦେଉଥାଆନ୍ତି । ସକାଳକୁ ଗାଁରେ ଯେଉଁ ଟୀକା ଟିପ୍ପଣୀ ଓ ମନ୍ତବ୍ୟସବୁ ପ୍ରକାଶ ପାଇଲା ସେଥିରେ ଅଭିନୟକାରୀମାନେ କିଛିଦିନ ପର୍ଯ୍ୟନ୍ତ ଲଜ୍ଜା ଓ ଅପମାନରେ ଲୁଚି ଲୁଚି କାରବାର ହେଲେ ।

କିଛିଦିନ ପରେ ସେଇ ନାଟକଟି ସ୍ଥାନୀୟ ସ୍କୁଲରେ ହେଲା, ବହୁତ ସୁନ୍ଦର ହେଲା । ଏମାନଙ୍କ ଭଳି ସେମାନେ ଏତେ ମୂଲ୍ୟବାନ୍ ବେଶ ପୋଷାକ, ସିନ୍ ଆଦି ଆଣି ନ ଥିଲେ କି ଏତେ ଟଙ୍କା ମଧ୍ୟ ଖର୍ଚ୍ଚ କରି ନ ଥିଲେ । ଜଣେ ଦକ୍ଷ, ନିଷ୍ଠାପର ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସବୁ ପରିଚାଳିତ ହୋଇଥିଲା ।

✶

ଗୋଟିଏ ପରିବାର ସହରରେ ବାସ କରୁଥାଆନ୍ତି । ପ୍ରଚୁର ସମ୍ପତ୍ତି । ସ୍ୱାମୀ ଖୁବ୍ ବଡ଼ ଚାକିରି କରିଥା'ନ୍ତି, ସ୍ତ୍ରୀ ମଧ୍ୟ ଚାକିରି କରିଥା'ନ୍ତି । ଯେତେ ଆଡ୍‌ଡାରେ ରହି ପିଲାମାନଙ୍କ ଲାଗି ଖର୍ଚ୍ଚ କରି ବି ଅର୍ଥ ବଳେ । କିନ୍ତୁ ଘର ଭିତରେ ଶାନ୍ତି ନ ଥାଏ । ସଂଧ୍ୟା ହେଲେ ସ୍ୱାମୀ ତାଙ୍କର ସିନେମା, ମଦଦୋକାନ ଆଦିରେ ସମୟ କଟାଇ ଗଭୀର ରାତ୍ରିରେ ଘରକୁ ଫେରନ୍ତି । ସ୍ତ୍ରୀ ବି ତାଙ୍କର କୁଆଡ଼େ ମନ ଇଚ୍ଛା ବୁଲି ବୁଲି ଘରକୁ ଫେରନ୍ତି । ଘରେ ଯେଉଁ ସମୟତକ ଉଭୟ ରହନ୍ତି, ସବୁବେଳେ କଳିକଜିଆ, ମନାନ୍ତର ଓ ମାରପିଟ୍ ଚାଲେ ! ପିଲାମାନଙ୍କ ଖବର ଚାକର ପୂଜାରୀମାନେ ବୁଝନ୍ତି । ସେମାନେ ବି ବାପା ମା'ଙ୍କ ଢଙ୍ଗ ଦେଖି ନିଜ ନିଜ ରାସ୍ତା ବାଛି ନେଲେଣି । ବାପା ମା'ଙ୍କ କଥାକୁ ସେମାନେ ମାନନ୍ତି ନାହିଁ । ଫଳରେ ତାଙ୍କ ଉପରେ ବି ବାଡ଼ିଆପିଟା ଚାଲି ଘର ସବୁବେଳେ କମ୍ପୁଥାଏ ।

✶

ପିଲାଟିଏ ସୁନ୍ଦର ଭାବରେ ସଜ୍ଜିତ ତା'ର ପଢ଼ାଘରେ ବସିଛି । ଗୋଟିଏ ପଢ଼ାବହି ଆଗରେ ଓଲଟା ହୋଇପଡ଼ିଛି । କିନ୍ତୁ ମନ ଯାଇ କେତେ କୁଆଡ଼େ ଘୂରୁଛି । ବହିର ଯେଉଁ ପାଖଟି ଖୋଲା ହୋଇଛି ସେହି ପାଖଟି ଆଉ ଆରପଟ ଓଲଟା ହୋଇ ନାହିଁ । ଖୁବ୍ ଜୋର୍ ୪-୫ ଧାଡ଼ି ପଢ଼ିଦେଲା ପରେ ମନ ଯାଇ ଆଉ କୁଆଡ଼େ । ପରୀକ୍ଷା ନିକଟ ହେଲାଣି । ସେ କଥା ମନେ ପଡ଼ିଲାବେଳକୁ ଛାତି ଥରି ଉଠୁଛି । କିନ୍ତୁ ମନଟା ତା'ର ନିଜ ବାଟରେ ଚାଲିଛି । ବସି ବସି କେତେବେଳେ ନିଦ ଆସିଯାଉଛି । ପୁଣି ରାତିରେ ଉଠି ପଢ଼ିବ ବୋଲି ଠିକ୍ କରି ଶୋଇପଡ଼ିଛି । ଆଉ ରାତିରେ ନିଦ ଭାଙ୍ଗି ନାହିଁ ।

ସକାଳୁ ଉଠି ମହା ବ୍ୟସ୍ତ । ଦିନସାରା ଦ୍ୱନ୍ଦ୍ୱ, ଭୟ, ଆଶଙ୍କାରେ ସମୟ ଯାଉଛି । ଜୀବନଟା ବିଷମୟ ଲାଗୁଛି ।

✶

ରୋଗୀଟିଏ । ଜ୍ୱରରେ କମ୍ପୁଛି । କାଲି ଭଲ ଥିଲା । ହଠାତ୍ ଏଇ ଜ୍ୱରଟା କୁଆଡୁ ଆସିଲା । ଅନେକ କାମବାକି ଅଛି, ଉଠି କରିବାକୁ ଇଚ୍ଛା କରୁଛି କିନ୍ତୁ ଶରୀର ଅସମର୍ଥ । ମଥା ବାତଚକ୍ର ଭଳି ଘୂରୁଛି । ଖାଇବା ପଦାର୍ଥ ବି ଭଲ ଲାଗୁ ନାହିଁ । କିଏ କ'ଣ କହିଲେ ଚିଡ଼ି ଲାଗୁଛି । ଗୋଡ଼ ପକାଇଲାବେଳକୁ ଆଉଠାଏ ଯାଇ ପଡୁଛି ।

✶

ହାର୍‌ମୋନିୟମ ବଜାଇ ଜଣେ ଗୀତ ବୋଲୁଛି । କେହି ତାକୁ ଶୁଣିବାକୁ ଇଚ୍ଛା କରୁ ନାହାନ୍ତି । ବିରକ୍ତିକର ବୋଧ ହେଉଛି । ହାର୍‌ମୋନିୟମ ଗୋଟିଏ ପ୍ରକାର ବାଜୁଛି ତ ତା'ର ଗୀତର ସ୍ୱର ଭିନ୍ନ ପ୍ରକାର ଶୁଭୁଛି ।

✶

ଜଙ୍ଗଲରେ ବହୁତ ପ୍ରକାର ଗଛ ଉଠିଛି । ସୁନ୍ଦର ଦେଖାଯାଉ ନାହିଁ, ବରଂ ଭୟ ସଞ୍ଚାର କରୁଛି । କିନ୍ତୁ ସେହିସବୁ ଗଛକୁ ସରକାର ଆଣି ଗୋଟିଏ ବଟାନିକାଲ ଗାର୍ଡ଼େନ୍ କରିଛନ୍ତି, ସୁନ୍ଦର ଦେଖାଯାଉଛି ।

✶

ପୃଥିବୀର ସବୁ ବଡ଼ ବଡ଼ ଉନ୍ନତ ଦେଶ ମିଶି ମିଳିତ ଜାତିସଂଘ ଗଢ଼ିଛନ୍ତି । କିନ୍ତୁ ଦେଶ ଦେଶ ଭିତରେ ଝଗଡ଼ା ବୃଦ୍ଧି ପାଇବାରେ ଲାଗିଛି । କେହି ତାଙ୍କ କଥା ମାନିବାକୁ ରାଜି ନୁହନ୍ତି ।

✶

କାରଖାନାଟିଏ । ସେଥିରେ ସବୁବେଳେ ମାଲିକ ବିରୋଧରେ ଶ୍ରମିକମାନଙ୍କର ଧର୍ମଘଟ । ଯେତେ ସେମାନଙ୍କ ଦରମା ବୃଦ୍ଧି କଲେ ବି କିଛିଦିନ ପରେ ପୁଣି ଯେଉଁ କଥାକୁ ସେହି କଥା ।

✶

ଚାଷୀଟିଏ । ସମସ୍ତେ ବିଲରେ ଧାନ ବୁଣିଲେ । ସେ କ'ଣ କଲାନା ଧାନ, ବିରି, ହରଡ଼, ମୁଗ, ସୋରିଷସବୁ ଏକାଠି ମିଶାଇ ତା' ବିଲରେ ବୁଣିଲା । ସବୁ ଗଜା ହେଲା, ଅଳ୍ପ ବଢ଼ି ନଷ୍ଟ ହୋଇଗଲା । ସମସ୍ତେ ସୁନ୍ଦର ଭାବରେ ଧାନ କାଟିଲେ, ସେ କିଛି ପାଇଲା ନାହିଁ ।

✶

ଛାତ୍ରଟିଏ । ମନ ତା'ର ସବୁବେଳେ ଚାହୁଁଛି ଡାକ୍ତରି କିଂବା ଇଞ୍ଜିନିୟରିଂ ପଢ଼ିବ; କିନ୍ତୁ ଏଣେ ପରୀକ୍ଷାରେ ପାସ୍ କରିପାରୁ ନାହିଁ ।

✶

ଲୋକଟିଏ । କିଛି ଅଭାବ ନାହିଁ । କିନ୍ତୁ ସବୁବେଳେ ଅଶାନ୍ତି । ସବୁବେଳେ ବିରକ୍ତି । କେତେଥର ଆତ୍ମହତ୍ୟା କରିବାକୁ ବାହାରିଲାଣି । କେବେ ଯେ ତାହା କରିବ ଜଣା ନାହିଁ । କ'ଣ ଗୋଟାଏ ଭିତରେ ଚାହୁଁଛି, ତାହା ପାଉ ନାହିଁ । ଯାହା ଚାହୁଁଛି ବୋଲି ଭାବୁଛି ତାହା ପାଇଲେ ବି ଶାନ୍ତି ନାହିଁ । କ'ଣ ଯେ ଚାହୁଁଛି ତାହା ନିଜେ ଠିକ୍ କରି ଜାଣିପାରୁ ନାହିଁ । ଭିତରେ ସବୁବେଳେ ଦ୍ୱନ୍ଦ୍ୱ, ସଂଘର୍ଷ । କାହାରି ସହ ଭଲ ପଡୁ ନାହିଁ, କିଂବା ଭଲ କଥାବାର୍ତ୍ତା ନାହିଁ ।

ଉପରେ ଯେତେସବୁ ସମସ୍ୟା, ଯେତେସବୁ ଅସୁବିଧା କଥା କୁହାଗଲା, ସେସବୁର କାରଣ କ'ଣ ? କାହିଁକି ଆମେ ରୋଗ ଭୋଗ କରୁଛୁ, କାହିଁକି ଆମର ଅନ୍ୟ ସହ କଳି ଝଗଡ଼ା ହେଉଛି, କାହିଁକି ଆମେ ସବୁ ଥାଇ ମଧ୍ୟ ହତାଶା, ଅଶାନ୍ତି ଭୋଗ କରୁଛୁ, କାହିଁକି ଆମେ ଜୀବନରେ ବିଫଳ ହେଉଛୁ, କାହିଁକି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଝଗଡ଼ା ଓ ସଂଘର୍ଷ ଜାତ ହେଉଛି । ଏସବୁର ଏକମାତ୍ର ଗୋଟିଏ କାରଣ ଅଛି । ସେଇଟି ହେଉଛି ସଙ୍ଗତି (Harmony) । ଏଇ ସଙ୍ଗତିର ଅଭାବରୁ ସବୁକିଛି ବିଭ୍ରାଟ, ବିଶୃଙ୍ଖଳା, ସଂଘର୍ଷ, ଝଗଡ଼ା ଆଦି ସୃଷ୍ଟି ହେଉଛି । କାମ ଚଳିବା ଲାଗି ଆମେ ଜୀବନ କ୍ଷେତ୍ରରେ ଅସଂଗତି ସକଳକୁ ଉପରେ ଉପରେ ଟିକିଏ ଆପୋଷ ସମାଧାନ କରିଦେଇ ଚାଲିଯାଉଛୁ; କିନ୍ତୁ ଅସଲ ଅସଙ୍ଗତି ଆମ

ଚେତନାରେ ଲୁଚି ରହୁଛି, ତାହା ସମୟ ଓ ସୁଯୋଗ ପାଇଲେ ବଡ଼ ଆକାରରେ ନିଜକୁ ପ୍ରକାଶ କରୁଛି । ଯେତେବେଳେ ବଡ଼ ଆକାରରେ ପ୍ରକାଶ ପାଉଛି ସେତେବେଳେ ସେ ଚାହୁଁଛି ଧ୍ୱଂସ, ନଚେତ୍ ଏକ ବୃହତ୍ତର ସଙ୍ଗତି । ଶ୍ରୀଅରବିନ୍ଦ ତାଙ୍କ Life Divine ଗ୍ରନ୍ଥର ଆରମ୍ଭରେ ଏଇ କଥା ଉପରେହିଁ ଗୁରୁତ୍ୱ ଦେଇଛନ୍ତି । ସେ ଲେଖିଛନ୍ତି :

"For all problems of existence are essentially problems of harmony. They arise from the perception of an unsolved discord and the instinct of an undiscovered agreement or unity. To rest content with an unsolved discord is possible for the practical and more animal part of man, but impossible for his fully awakened mind, and usually even his practical parts only escape from the general necessity either by shutting out the problem or by accepting a rough, utilitarian and unillumined compromise. For essentially, all Nature seeks a harmony, life and matter in their own sphere as much as mind in the arrangement of its perceptions. The greater the apparent disorder of the materials offered or the apparent disparateness, even to irreconcilable opposition, of the elements that have to be utilised, the stronger is the spur, and it drives towards a more subtle and puissant order than can normally be the result of a less difficult endeavour."

''ଜୀବନର ଯେତେ ସମସ୍ୟା, ସବୁକିଛି ହେଉଛି ସଙ୍ଗତି ବା

ସାମଞ୍ଜସ୍ୟର ସମସ୍ୟା । ଗୋଟିଏ ଦିଗରେ ମନେ ହେଉଥିବ କେଉଁଠି କୌଣସି ଅଡୁଆ ଅସମାହିତ ହୋଇ ରହିଛି, ଏଣେ ଅନ୍ୟ ଦିଗରେ ବୋଧ ହେଉଥିବ ଏକ ଐକ୍ୟ ବା ସମାଧାନ ବି ଲୁଚି ରହିଛି– ଏହିଥିରୁହିଁ ସବୁ ସମସ୍ୟାର ସୃଷ୍ଟି । ଜୀବନରେ କୌଣସି ଅସମାହିତ ଅଡୁଆର ସମାଧାନ ଖୋଜି ନ ପାଇଥିଲେ ମଧ୍ୟ ମନୁଷ୍ୟର ବ୍ୟବହାରିକ ଓ ଅପେକ୍ଷାକୃତ ଅଧିକ ପଶୁଧର୍ମୀ ମନ ସେଥିରେ ବେଶ୍ ସନ୍ତୁଷ୍ଟ ହୋଇ ରହିଯାଇପାରେ, କିନ୍ତୁ ତା'ର ପୂର୍ଣ୍ଣ ଜାଗ୍ରତ୍ ମନ ପକ୍ଷରେ ଏହା ସମ୍ଭବ ହୋଇପାରେ ନାହିଁ । ସାଧାରଣତଃ ତା'ର ବ୍ୟବହାରିକ ଅଂଗ ଗୁଡ଼ିକ କ'ଣ କରିଥା'ନ୍ତି ନା ସମସ୍ୟାଟିକୁ ଅବରୁଦ୍ଧ କରିଦେଇ କିଂବା ସମସ୍ୟା ସହିତ ଏକ ବାଜେ, କାମଚଳା, ଯଥାର୍ଥ ଜ୍ଞାନହୀନ ସାଲିସ୍ କରିନେଇ ସେମାନେ ସମାଧାନର ଆବଶ୍ୟକତାଟିକୁ ଏଡ଼ାଇ ଦେଇ ଥାଆନ୍ତି । ମୂଳତଃ, ସମଗ୍ର ପ୍ରକୃତି ଏହି ସଙ୍ଗତି ଖୋଜୁଛି, ଜଡ଼ ଏବଂ ପ୍ରାଣ ସେମାନଙ୍କ ନିଜ ନିଜ ସ୍ତରରେ ଓ ମନ ତା'ର ନିଜସ୍ୱ ଦୃଷ୍ଟିର ଧାରାରେ । ବାହାରର ଦୃଶ୍ୟମାନ ଦ୍ୱନ୍ଦ୍ୱ ବା ଅସଙ୍ଗତି ଯେତିକି ପ୍ରବଳ ହେଉଥାଏ, ସେଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ଆଣିପାରିବା ଯେତିକି ଅସମ୍ଭବ ବୋଲି ମନେ ହେଉଥାଏ, ଏଣେ ସଙ୍ଗତିର ଆକାଙ୍‌କ୍ଷା ଓ ସେଥିଲାଗି ଚେଷ୍ଟା ମଧ୍ୟ ସେତିକି ତୀବ୍ର ହେଉଥାଏ । ଏହି ତୀବ୍ରତା, ସାଧାରଣତଃ ଅପେକ୍ଷାକୃତ ଅଳ୍ପତର ଆୟାସରେ ଯେତିକି ସାଧିତ ହୋଇ ପାରିଥା'ନ୍ତା ତାହାଠାରୁ ଏକ ସୂକ୍ଷ୍ମତର ଓ ଅଧିକ ଶକ୍ତିଶାଳୀ ସଙ୍ଗତି ଅଭିମୁଖରେ ନେଇଚାଲେ ।''

ବ୍ୟକ୍ତିଗତ ଜୀବନ କୁହ, ରାଷ୍ଟ୍ରୀୟ ଜୀବନ କୁହ, ଆନ୍ତଃରାଷ୍ଟ୍ରୀୟ ଜୀବନ କୁହ ବା ସମଗ୍ର ବିଶ୍ୱଜୀବନ କୁହ, ସବୁକିଛି ଏହି ସଙ୍ଗତି ବଳରେ ଚାଲୁଛି । ଯେଉଁଠି ସଙ୍ଗତିରେ ଟିକିଏ ଏପାଖ ସେପାଖ ହୋଇଯାଉଛି ସେଠି ସବୁକିଛି ଗୋଳମାଳିଆ ହୋଇ ଯାଉଛି ।

ଏହି ସଙ୍ଗତି ବା ସାମଞ୍ଜସ୍ୟ, ଯାହା ଉପରେ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସମଗ୍ର ଜଗତର ସ୍ଥିତି ନିର୍ଭର କରୁଛି ତାହା ଆସିବ କିପରି ?

ଆମେ କ'ଣ କରୁ ନା ବାହ୍ୟ ଉପାୟ ଅବଲମ୍ବନ କରି ବିଭିନ୍ନ ଉପାୟରେ ଆପୋଷ ମିଳାମିଶା, ଉପରଠାଉରିଆ ସାଲିସ୍ ଦ୍ୱାରା ସଙ୍ଗତି ରଖିବାକୁ ଚେଷ୍ଟା କରିଥାଉ । ମନେକର ଦୁଇ ଭାଇଙ୍କ ମଧ୍ୟରେ କଳି ଲାଗୁଛି । କେହି କାହାରି କଥା ସହିପାରୁ ନାହାନ୍ତି । ଯେତେବେଳେ ଝଗଡ଼ା ଟିକିଏ ଗୁରୁତର ଆକାର ଧାରଣ କରୁଛି ଆମେ ଭଦ୍ରଲୋକ ବସାଇ ଯେଉଁ ଘଟନାରୁ ଏ କଳହ ଉପୁଜିଲା ସେଇ ଶେଷ ଘଟନାକୁ କାରଣ ବୋଲି ଧରିନେଇ ସେମାନଙ୍କ ମଧ୍ୟରେ ଏକ କାମଚଳା ସାଲିସ୍ କରିଦେଉଛୁ । କିନ୍ତୁ ବାସ୍ତବରେ ସେଇ ଶେଷ ଘଟନା ବା କୌଣସି ଗୋଟିଏ ଘଟନା ଅସଙ୍ଗତି ବା କଳହର କାରଣ ନୁହେଁ । କଳହର କାରଣ ହେଉଛି, ସେମାନଙ୍କ ଚେତନାରେ କୌଣସି କାରଣରୁ ଅସଙ୍ଗତି ବା ଅସାମଞ୍ଜସ୍ୟ ରହିଛି । ବାହ୍ୟ ଘଟନା ତା'ରି ଏକ ପରିପ୍ରକାଶର ମାଧ୍ୟମ ମାତ୍ର; କାରଣ ନୁହେଁ । ତେଣୁ ଉପରଠାଉରିଆ ସାଲିସ୍ ଦ୍ୱାରା ଯେତେ ଏହି ଅସଙ୍ଗତିକୁ ଚାପିଦେବାକୁ ଚେଷ୍ଟା କଲେ ତାହା ପୁଣି ଦିନେ ଗୁରୁତର ଆକାରରେ ଆତ୍ମପ୍ରକାଶ କରେ, ହୁଏତ ଧ୍ୱଂସସାଧନ ଘଟାଏ, ନଚେତ୍ ବୃହତ୍ତର ସଙ୍ଗତି ପ୍ରତିଷ୍ଠା କରେ ।

ତେଣୁ ଅସଙ୍ଗତି ବ୍ୟକ୍ତି-ଚେତନାରେ ଥାଏ । ନିଜ ଚେତନାରୁହିଁ ତାକୁ ଦୂର କରିବାକୁ ହେବ । ତା'ହେଲେ ଆମେ ରୋଗ, ଦୁଃଖ, କଳହ, ଦୁର୍ଘଟଣା, ଯୁଦ୍ଧ, ସଂଘର୍ଷ ଓ ଶେଷକୁ ମୃତ୍ୟୁ ମୁଖରୁ ମଧ୍ୟ ରକ୍ଷା ପାଇପାରିବା । ଏହି ଅସଙ୍ଗତି ଦୂର କରି ସଙ୍ଗତି ସ୍ଥାପନର ଉପାୟ ସଂପର୍କରେ ମା' କହିଛନ୍ତି :

"It is only in union with the Divine and in the Divine that harmony and peace can be established.''

''କେବଳ ଭଗବାନଙ୍କ ସହ ମିଳନ ଫଳରେ ଓ କେବଳ ତାଙ୍କରି ମଧ୍ୟରେ ସଙ୍ଗତି ଓ ଶାନ୍ତି ପ୍ରତିଷ୍ଠିତ ହୋଇପାରିବ ।''

''ତେଣୁ ଆମର ଯିଏ ମୂଳ ଉତ୍ସ, ଯେଉଁଠୁ ଆମର ସକଳ ସତ୍ତା, ସକଳ ଜଗତ୍ ସୃଷ୍ଟି କେବଳ ତାଙ୍କରି ମଧ୍ୟରେହିଁ ଯଥାର୍ଥ ସଙ୍ଗତିର ଚାବିକାଠି ରହିଛି । ସେ ଆମ ଅନ୍ତରର ଗଭୀରରେ ଅଛନ୍ତି ଓ ଆମ ଉର୍ଦ୍ଧ୍ୱରେ ରହିଛନ୍ତି ।

ତାଙ୍କରି ସହ ସଂଯୋଗ ସ୍ଥାପନ ଫଳରେ, ତାଙ୍କରି ଦ୍ୱାରା ଆମର ଅନ୍ୟାନ୍ୟ ମନ-ପ୍ରାଣ ଶରୀର ଅଂଶକୁ ପରିଚାଳିତ ହେବାକୁ ଦେବାରେ ଆମ ନିଜ ଭିତରେ ଓ ବାହାରେ ସଙ୍ଗତି ପ୍ରତିଷ୍ଠା ହୋଇଥାଏ । ନଚେତ୍ ମନର ଗୋଟିଏ ଅଂଶ ଚାହୁଁଥାଏ ଗୋଟିଏ କଥା, ଅନ୍ୟ ଅଂଶ ଚାହୁଁଥାଏ ଅନ୍ୟ କଥା, ପ୍ରାଣର ଗୋଟିଏ ଅଂଶ ଚାହୁଁଥାଏ ଗୋଟିଏ କଥା, ଅନ୍ୟ ଅଂଶ ଚାହୁଁଥାଏ ତା'ର ବିପରୀତ କଥା, ଶରୀର ବି ସେହିପରି ଚାହୁଁଥାଏ ପରସ୍ପର ବିପରୀତ କଥା; ତେଣୁ ବ୍ୟକ୍ତିର ନିଜ ଭିତରେ ଚାଲିଥାଏ ତୁମୁଳ ସଂଘର୍ଷ । ଏ କ୍ଷେତ୍ରରେ ସେ ବାହାରେ ବା କିପରି ସଙ୍ଗତି ସ୍ଥାପନ କରିପାରିବ ? କେବଳ ନିଜ ଚେତନାରେ ଭଗବାନଙ୍କ ସହ ସଂଯୋଗ ରଖିପାରିଲେ, ନିଜର ମନ, ପ୍ରାଣ, ଶରୀରକୁ ତାଙ୍କରି ପ୍ରଭାବର ଅଧୀନରେ ରଖିଲେ, ବାହାରେ ସଙ୍ଗତି ଥାଉ ବା ଅସଙ୍ଗତି ଦ୍ୱନ୍ଦ୍ୱ ଆଦି ଥାଉ ବ୍ୟକ୍ତି ନିଜ ଭିତରେ ଶାନ୍ତି, ସଙ୍ଗତି ଅନୁଭବ କରେ । ତା'ର ପ୍ରଭାବ ମଧ୍ୟ ବାହାର ଉପରେ ପଡ଼େ । ନଚେତ୍ ଉପରଠାଉରିଆ, କାମଚଳା ସମାଧାନ ପାଇଁ ବ୍ୟସ୍ତ ହେଲେ ତାହା ବେଶୀ କାଳ ସ୍ଥାୟୀ ହୁଏ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଚେତନାରୁହିଁ ଅସଙ୍ଗତିର ବୀଜକୁ ନଷ୍ଟ କରିବାକୁ ହେବ । ତେବେ ଦୁନିଆ ଯାହା ଥାଉ ନା କାହିଁକି, ଅତି କମ୍‌ରେ ସେ ନିଜେ ଅଧିକ ସଙ୍ଗତି ମଧ୍ୟରେ ବାସ କରିପାରିବ । ଥରେ ମା'ଙ୍କୁ ଆଶ୍ରମରେ ଜଣେ କେହି ପ୍ରଶ୍ନ କରିଥିଲେ :

''ମା, ମୁଁ ବାସ୍ତବରେ ଅନୁଭବ କରୁଛି ଏଠାରେ ଆମମାନଙ୍କ ମଧ୍ୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସଙ୍ଗତି ଓ ସହଯୋଗର ଏକ ବିରାଟ ଅଭାବ ରହିଛି । ଏହା ଫଳରେ ଅର୍ଥ ଓ ଶକ୍ତିର ପ୍ରବଳ ଅପଚୟ ଘଟୁଛି । ଏ ଅସଙ୍ଗତି କାହିଁକି ଘଟୁଛି ଓ ଏହା କେବେ ଯିବ ?

ଅଥବା, ଏପରି ମୋର ବୋଧ ହେବାର କାରଣ ମୋ ନିଜ ପ୍ରକୃତିର ଏକ ପ୍ରତିଫଳନ ?''

ଏହାର ଉତ୍ତରରେ ମା' କହିଥିଲେ :

''ତୋର ପ୍ରଶ୍ନର ସର୍ବୋତ୍ତମ ଉତ୍ତର ଶ୍ରୀଅରବିନ୍ଦଙ୍କ ଏଇ ଲେଖାରେ

ରହିଛି : ପ୍ରତ୍ୟେକ ବ୍ୟକ୍ତି ତା' ନିଜ ମଧ୍ୟରେ ଅସଙ୍ଗତିର ବୀଜକୁ ବହନ କରି ଚାଲିଛି ଓ ତା' ପକ୍ଷରେ ସବୁଠାରୁ ଜରୁରୀ କାର୍ଯ୍ୟ ହେଉଛି ଏକ ନିରନ୍ତର ଅଭୀପ୍ସା ଦ୍ୱାରା ନିଜକୁ ଶୁଦ୍ଧ କରିବା ।'' (Each one carries in himself the seeds of this disharmony and his most urgent work is to purify himself by a constant aspiration.)

ସବୁଠାରୁ ବଡ଼ ସାହସ କ'ଣ ?

ମଫସଲ ଅଞ୍ଚଳ । ନଈଟିଏ କେଉଁ କାଳରୁ ବହିଯାଉଛି କେହି ଜାଣନ୍ତି ନାହିଁ । ନଈର ଦୁଇପାଖ ପଠାରେ ସୁନ୍ଦର ଫସଲ ହୁଏ । ନଈର ଏପାଖ ସେପାଖରେ ଗାଁସବୁ ଅଛି; କିନ୍ତୁ ନଈକୂଳକୁ ଲାଗି ନାହିଁ । ନଈକୂଳରେ ଠାଏ ଠାଏ ବିସ୍ତୀର୍ଣ୍ଣ ପଡ଼ିଆ ରହିଛି । ଏହିଭଳି ଏକ ନିର୍ଜନ ସୁନ୍ଦର ପଡ଼ିଆରେ ଥିଲା ଗୋଟିଏ ସ୍କୁଲ୍ । ସ୍କୁଲ୍ ଆଗରେ ଥାଏ ଏକ ବିରାଟ ବଟବୃକ୍ଷ । ସୁନ୍ଦର ସୁଶୀତଳ ଛାୟାଦାନ ସହ ପରିବେଶକୁ ଆହୁରି ଗମ୍ଭୀର, ପବିତ୍ର ଓ ମନୋରମ କରି ତୋଳୁଥାଏ । ସ୍କୁଲଟି ଗୋଟିଏ ଆଶ୍ରମ ଭଳି ବୋଧ ହେଉଥାଏ । ସକାଳେ ସ୍କୁଲ୍ ଆରମ୍ଭ ପୂର୍ବରୁ ଯେତେବେଳେ ପିଲା ଓ ଶିକ୍ଷକମାନେ ବାହାରକୁ ଆସି ବରଗଛ ମୂଳେ ଧାଡ଼ିବାନ୍ଧି ପ୍ରାର୍ଥନା କରନ୍ତି, ସେତେବେଳେ ପବିତ୍ର, ଗମ୍ଭୀର ପରିବେଶ ସହ ଏକ ପ୍ରଶାନ୍ତ ଦିବ୍ୟ ଭାବ ଖେଳିଯାଇ ମନ, ପ୍ରାଣରେ ସ୍ୱଚ୍ଛତା ଭରିଦିଏ । ତା'ପରେ ଦୈନନ୍ଦିନ ସ୍କୁଲ ଆରମ୍ଭ ହୁଏ ।

ଏ ସ୍କୁଲରେ ପ୍ରତିବର୍ଷ ଏକ ପୁରସ୍କାର ବିତରଣ ଉତ୍ସବ ହୁଏ । ବିଭିନ୍ନ ବିଷୟରେ କୃତୀ ଛାତ୍ରମାନଙ୍କୁ ପୁରସ୍କାର ଦିଆଯାଏ । ସେଥିରେ ଗୋଟିଏ ପୁରସ୍କାର ଥାଏ, ସେଇଟି ସବୁଠାରୁ ଯିଏ ସାହସୀ ପିଲା ତାକୁ ଦିଆଯାଏ ।

ଗୋଟିଏ ବର୍ଷର କଥା । ସେ ବର୍ଷ ବହୁତ ଜାକଜମକରେ ପୁରସ୍କାର ବିତରଣ ଉତ୍ସବ ହେଉଥାଏ । ସେହି ବର୍ଷ ଅନେକ ପିଲା ଅନେକ ସାହସିକ କାର୍ଯ୍ୟ କରିଥା'ନ୍ତି । ତେଣୁ କିଏ ସେଇ ପୁରସ୍କାରଟି ପାଇବ, ସମସ୍ତେ ଉତ୍କଣ୍ଠାର ସହ ଚାହିଁଥା'ନ୍ତି । କାରଣ ଅନ୍ୟସବୁ ପୁରସ୍କାର ଯିଏ ଯାହା ପାଇବେ ତା' ତ ଜଣାଶୁଣା । ଶେଷକୁ ସେଇ ପୁରସ୍କାରଟିର ପାଳି ପଡ଼ିଲା । ପୁରସ୍କାରଟିକୁ ପ୍ରଧାନ ଅତିଥିଙ୍କ ହାତକୁ ବଢ଼ାଇଦେଇ ଶିକ୍ଷକଜଣକ ଯେଉଁ ପିଲାର ନାମ ଡାକିଲେ ତାହା ଶୁଣି ଓ ସେ ପୁରସ୍କାର ଆଣିବାର ଦେଖି

ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ସେ ପିଲାଟି ନିଜେ ବି ଆଶ୍ଚର୍ଯ୍ୟ ହେଲା । କାରଣ ଆମର ସାଧାରଣ ଦୃଷ୍ଟିରେ ତଥାକଥିତ କୌଣସି ସାହସିକ କାର୍ଯ୍ୟ ସେ କରିଥିବାର ତା'ର କିଂବା ଅନ୍ୟମାନଙ୍କର କାହାରି ମନେ ପଡୁ ନାହିଁ । ସମସ୍ତେ ଭାବିଲେ ଏସବୁ ପକ୍ଷପାତ ବିଚାର । କୌଣସି କାରଣରୁ ସେ ପିଲାକୁ କିଂବା ତା'ର କୌଣସି ମୁରବିକୁ ସନ୍ତୁଷ୍ଟ କରିବାକୁ ଏପରି କରାଯାଇଛି ।

ଉତ୍ସବ ଶେଷ ହେଲା, ତା'ପରେ ସାଧାରଣ ଭାବେ ସ୍କୁଲକାର୍ଯ୍ୟ ଚାଲିଲା । ବିଶେଷ କରି ଯେଉଁ ତିନିଜଣ ପିଲା ସବୁଠାରୁ ବେଶୀ ସାହସିକ କାର୍ଯ୍ୟ କରିଥିଲେ ବୋଲି ସମସ୍ତେ କହୁଥିଲେ ସେ ତିନିଜଣ ଏ ପିଲାଟି ପୁରସ୍କାର ପାଇବାରେ ଅନେକ ଅସନ୍ତୋଷ ପ୍ରକାଶ କଲେ । ପିଲାମାନଙ୍କ ମଧ୍ୟରେ ଏ ସମ୍ବନ୍ଧେ ଆଲୋଚନା ଓ ସମାଲୋଚନା ଆଦି ଶିକ୍ଷକମାନଙ୍କ କାନକୁ ଓ ପ୍ରଧାନ ଶିକ୍ଷକଙ୍କ କାନକୁ ଆସିଲା ।

ସେଇ ଯେଉଁ ପିଲା ତିନୋଟି ସବୁଠାରୁ ବେଶୀ ସାହସୀ ବୋଲି ସମସ୍ତେ ଭାବୁଥିଲେ ସେ ତିନିଜଣ ବାସ୍ତବରେ ଦୁଃସାହସିକ କାର୍ଯ୍ୟ ମଧ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଥରେ ସେ ଅଞ୍ଚଳରେ ଘରପୋଡ଼ି ସମୟରେ ତା'ର ଦୁଃସାହସିକ କାର୍ଯ୍ୟ ଦେଖାଇଥିଲା : ଗାଁରେ ଗୋଟିଏ ଘରେ ନିଆଁ ଲାଗିଯାଇଛି । ଘର ଭିତରୁ ସମସ୍ତେ ବାହାରକୁ ପଳାଇ ଆସିଲେଣି; କିନ୍ତୁ ଗୋଟିଏ ଘରେ ଗୋଟିଏ ଛୋଟ ଶିଶୁ ଶୋଇରହିଛି । ନିଆଁ ଡାଉରେ କେହି ସାହସ କରି ସେ ଘରକୁ ପଶୁ ନାହାନ୍ତି; କିନ୍ତୁ ସମସ୍ତେ ଦୁଃଖ ଓ ଆଶଙ୍କାରେ ଚିତ୍କାର କରୁଛନ୍ତି । ଏ ପିଲାଟି କିନ୍ତୁ ଜୀବନ ପ୍ରତି ଟିକିଏ ଭୃକ୍ଷେପ ନ କରି ସେ ଘର ଭିତରକୁ ପଶିଯାଇ ସେ ଶିଶୁକୁ କୋଳରେ ଧରି ନିରାପଦରେ ବାହାରକୁ ନେଇ ଆସିଲା । ଅବଶ୍ୟ ତା' ନିଜ ଶରୀରର ସ୍ଥାନେ ସ୍ଥାନେ ଅଗ୍ନି ସ୍ପର୍ଶରେ ଦଗ୍ଧ ହୋଇଯାଇଥିଲା ।

ଆଉ ଜଣେ ଥରେ ଗୋଟିଏ ଜଳଭରା ବଡ଼ ପୁଷ୍କରିଣୀ କୂଳରେ ବସି ଦାନ୍ତ ଘଷୁଛି । ଏଇ ସମୟରେ ଅନ୍ୟ ଛୋଟ ଛୋଟ ପିଲାମାନେ

ପୋଖରୀ ହୁଡ଼ା ଚାରିପଟେ ବୁଲି ଫୁଲସବୁ ଦେଖୁଛନ୍ତି, ପ୍ରଜାପତି ଧରୁଛନ୍ତି । ମାଛସବୁ ପୋଖରୀ ଭିତରେ ଖେଳୁଥିବାର ଦେଖୁଛନ୍ତି । ଏତିକିବେଳେ ସେମାନଙ୍କ ମଧ୍ୟରୁ ଜଣକର କିପରି ଅତଡ଼ାରୁ ଗୋଡ଼ ଖସିଗଲା, ସେ ଯାଇ ପାଣିରେ ପଡ଼ିଯାଇ ଅଣନିଶ୍ୱାସୀ ହୋଇ, ପାଣି ପିଇଯାଇ ଛଟପଟ ହେଉଛି । ପାଖରେ ବଡ଼ ମଣିଷ କେହି ନାହାନ୍ତି । ଅନ୍ୟ ପିଲାମାନେ ଭୟରେ ତଟସ୍ଥ । ଏ ପିଲାଟି ଏ ଘଟନା ଦେଖି ସଙ୍ଗେ ସଙ୍ଗେ ତା'ର ଦାନ୍ତଘଷା ଛାଡ଼ି ପୋଖରୀ ହୁଡ଼ାର ସେଇ ସ୍ଥାନକୁ ଦଉଡ଼ିଆସି ପାଣିକୁ ଡେଇଁପଡ଼ି ସେ ପିଲାଟିକୁ କୂଳକୁ ଟାଣିଆଣିଲା । ପିଲାଟି ପୋଖରୀ ହୁଡ଼ାର ଖୁବ୍ ପାଖରେ ଥିଲା । ସେଠାରେ ପାଣି ଅବଶ୍ୟ ବହୁତ ଗଭୀର; କିନ୍ତୁ ହୁଡ଼ାର ଖୁବ୍ ନିକଟରେ ଥିବାରୁ ସେ ସହଜରେ ତାକୁ କୂଳକୁ ନେଇ ଆସି ଗୋଟିଏ ଛୋଟ ବୁଦାକୁ ଧରି ରହିଲା । ତା'ପରେ ଅନ୍ୟ ଲୋକମାନେ ଆସି ତାକୁ ଉଠାଇଲେ । ଆଉ ଟିକିଏ କାଳବିଳମ୍ବ କରିଥିଲେ ସେ ପିଲାଟିର ପ୍ରାଣ ଯାଇଥା'ନ୍ତା ।

ତୃତୀୟ ପିଲାଟି ଥରେ ତା'ର ସାଙ୍ଗମାନଙ୍କ ସହ ସ୍କୁଲକୁ ଆସୁଛି । ସ୍କୁଲ୍ ଆଉ ଅଳ୍ପ ଦୂରରେ ଅଛି । ଗୋଟିଏ ପାଗଳା ବିଲୁଆ ନଈକୂଳ ବଣବୁଦା ଉହାଡ଼ରେ କେଉଁଠି ଥିଲା, ସେମାନଙ୍କ ଆଡ଼କୁ ଝପଟି ଆସିଲା । ଅନ୍ୟ ପିଲାମାନେ ଭୟରେ ଚିତ୍କାର କରି ଏଣେତେଣେ ବିକ୍ଷିପ୍ତ ହୋଇ ପଳାଇଗଲେ । କିନ୍ତୁ ଏ ପିଲାଟି ସ୍ଥିର ହୋଇ ବିଲୁଆଟି ଆଡ଼େ ଚାହିଁଲା ଓ ସେ ପାଟି ମେଲା କରି ତା' ଆଡ଼କୁ କାମୁଡ଼ିବାକୁ ଧାଇଁ ଆସିବା ମାତ୍ରେ ପିଲାଟି ତା'ର ମୁହଁକୁ ଦୁଇହାତରେ ଜାବୁଡ଼ି ଧରି ଉଠାଇ ତଳେ ପିଟିଦେଲା ଯେ ଏକାଥରକେ ବିଲୁଆ ମରି ଚିତ୍‌ପଟାଙ୍ଗ । ବହୁତ ଶିକ୍ଷକ ଓ ଛାତ୍ର ଆସି ଜମା ହୋଇ ସେ ବିଲୁଆକୁ ଦେଖିଲେ । ବିଲୁଆଟି ଏହା ପୂର୍ବରୁ ଅନେକ ଲୋକଙ୍କୁ କାମୁଡ଼ିଥିଲା । ବର୍ତ୍ତମାନ ବିଲୁଆଟି ମରିବାରୁ ଲୋକମାନେ ବହୁତ ଆଶ୍ୱସ୍ତ ହେଲେ ଓ ସେ ପିଲାକୁ ବହୁତ ପ୍ରଶଂସା କଲେ ।

ଏତେ ଏତେ ଆଖିଦୃଶିଆ ବୀରତ୍ୱପୂର୍ଣ୍ଣ କାମ କରି ଏମାନେ ପୁରସ୍କାର ପାଇଲେ ନାହିଁ, ଅଥଚ ଯାହା ବିଷୟରେ କିଛି ଜଣା ନାହିଁ କି ଶୁଣା ନାହିଁ

ସେ ପୁରସ୍କାର ପାଇଲା ! ଅନ୍ୟ ପିଲାମାନେ ଓ ବିଶେଷ କରି ସେ ପିଲା ତିନୋଟି ଏଥିରେ ବହୁତ ଅସନ୍ତୁଷ୍ଟ ।

ଦିନେ ହଠାତ୍ ଆଉ ତିନୋଟି ପିରିଅଡ୍ ବାକି ଅଛି, ଗୋଟିଏ ନୋଟିସ୍ ଆସିଲା ଯେ ଦେଶର ଜରୁରୀକାଳୀନ ପରିସ୍ଥିତି ଯୋଗୁଁ ସ୍କୁଲରେ ସବୁ ଛାତ୍ର ଓ ଶିକ୍ଷକମାନଙ୍କୁ ନେଇ ଏକ ମିଟିଂ ହେବ । ସେଥିରେ ପିଲାମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମ୍ବନ୍ଧେ ବୁଝାଇ ଦିଆଯିବ । ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧେ ସଚେତନ କରାଇ ଦିଆଯିବ ।

ସମସ୍ତେ ଆସି ପଡ଼ିଆରେ ରୁଣ୍ଡ ହେଲେ । ଜରୁରୀକାଳୀନ ପରିସ୍ଥିତି ସମ୍ବନ୍ଧେ ଭଲଭାବେ ଜାଣିଥିବା ଶିକ୍ଷକମାନେ ଛାତ୍ରମାନଙ୍କୁ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଭାଷଣ ଛଳରେ ବୁଝାଇଦେଲେ । ଶେଷକୁ ସଭାପତି ପ୍ରଧାନ ଶିକ୍ଷକ ମହୋଦୟ ଉଠି ପିଲାମାନଙ୍କୁ କୋମଳ ସ୍ୱରରେ ପଚାରିଲେ : ''କ'ଣ ପିଲାଏ, ସମସ୍ତେ ଭଲ ଭାବରେ ବୁଝିପାରିଲ ତ ? ସମସ୍ତେ ଏକ ସ୍ୱରରେ କହିଉଠିଲେ, ''ହଁ ସାର, ବୁଝିପାରିଲୁ ।'' କିନ୍ତୁ ଗୋଟିଏ ପିଲା ଠିଆହୋଇ କହିଲା, ''ନାଇଁ ସାର୍, ମୁଁ କେତେକ କଥା ବୁଝିପାରିଲି ନାହିଁ ।''

ପ୍ରଧାନ ଶିକ୍ଷକ ପଚାରିଲେ, ''କେଉଁ କଥା ବୁଝିପାରିଲ ନାହିଁ ?'' ସେ କହିଲା, ''ଜରୁରୀକାଳୀନ ପରସ୍ଥିତି ସମୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କିପରି ସଂପର୍କ ରୁହେ, ସେ କଥାଟି ଭଲଭାବେ ବୁଝିପାରିଲି ନାହିଁ ।''

ତା'ପରେ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିବା ସମସ୍ତ ଛାତ୍ରଙ୍କୁ ଲକ୍ଷ୍ୟ କରି କହିଲେ, ''କିଏ ଏହାକୁ ବୁଝିଛ ଉଠି ବୁଝାଇଦିଅ ।'' କିଛି ସମୟ ବିତିଗଲା । କେହି ଉଠିଲେ ନାହିଁ । ଶେଷକୁ ସେ ଯେଉଁ ତିନିଜଣ ପିଲା ବିଶେଷସାହସିକ କାର୍ଯ୍ୟ କରିଥିବାର ପୂର୍ବରୁ ବର୍ଣ୍ଣନା କରାଯାଇଛି ସେମାନଙ୍କୁ ଜଣ ଜଣ କରି ପଚରାଗଲା ବୁଝିଥିଲେ ଉଠି ବୁଝାଇଦେବାକୁ, କିଂବା ଯେତିକି ବୁଝିଛନ୍ତି ସେତିକି ବୁଝାଇ ଦେବାକୁ ! ସେମାନଙ୍କ ଭିତରୁ କେହି ଉଠିଲେ ନାହିଁ କି ବୁଝାଇଲେ ନାହିଁ ।

ଏଥିରୁ ସ୍ପଷ୍ଟଭାବେ ଜଣାପଡ଼ିଲା ଯେ ସେ ପିଲାଟି ପଚାରିଥିବା

ପ୍ରଶ୍ନଟିର ଉତ୍ତର ଦେବାକୁ କେହି ସମର୍ଥ ନୁହନ୍ତି; କାରଣ ସେ ସମ୍ବନ୍ଧେ ବୁଝାଯିବା ସମୟରେ କେହି ତାକୁ ଭଲ ଭାବରେ ବୁଝି ନାହାନ୍ତି, ଅଥଚ ବୁଝିଛ କି ନାହିଁ ପଚରା ଯିବାରେ କେହି ସାହସ କରି ଉଠି କହୁ ନ ଥିଲେ । ସେମାନେ ଭାବୁଥିଲେ, ତା' ଫଳରେ ସେମାନଙ୍କ ଦୁର୍ବଳତା ଧରାପଡ଼ିଯିବ ।

ତା'ପରେ ପ୍ରଧାନ ଶିକ୍ଷକ ନିଜେ ଉଠି ସେ ପ୍ରଶ୍ନଟି ସମସ୍ତଙ୍କୁ ଭଲକରି ବୁଝାଇଦେଲେ ଓ କହିଲେ– ଦେଖିଲ ତ, କାହିଁକି ସେ ପିଲାଟିକୁ ସବୁଠାରୁ ସାହସୀ ପିଲା ହିସାବରେ ପୁରସ୍କାର ଦିଆଯାଇଥିଲା ? ଅବଶ୍ୟ ଅନ୍ୟ ତିନିଜଣ ଯେଉଁ କାର୍ଯ୍ୟ କରିଛନ୍ତି ତାହା ଅସାଧାରଣ ସାହସିକତାପୂର୍ଣ୍ଣ କାର୍ଯ୍ୟ । ଏ ପିଲାଟି ନ ଥିଲେ ସେମାନେ ନିଶ୍ଚୟ ପୁରସ୍କାର ପାଇଥାଆନ୍ତେ । ଏ ପିଲାଟିର କାର୍ଯ୍ୟ ବାସ୍ତବରେ ବାହାରକୁ ବିଶେଷ ସାହସିକତାପୂର୍ଣ୍ଣ କାର୍ଯ୍ୟ ବୋଲି ଜଣା ନ ପଡୁଥିଲେ ବି ତାହା ସକଳ ପ୍ରକାର ଦୁଃସାହସିକତାପୂର୍ଣ୍ଣ କାର୍ଯ୍ୟଠାରୁ ଶ୍ରେଷ୍ଠ । ସେପରି କାର୍ଯ୍ୟ ଖୁବ୍ କ୍ୱଚିତ୍ ଲୋକ ପୃଥିବୀରେ କରିପାରନ୍ତି । ତା' ହେଉଛି ନିଜର ଭୁଲ୍ ନିଜେ ଜାଣିପାରିବା ଓ ତାକୁ ନିଜ ନିକଟରେ ହେଉ, ଭଗବାନଙ୍କ ନିକଟରେ ହେଉ ବା ଅନ୍ୟ ନିକଟରେ ହେଉ ସ୍ୱୀକାର କରିବା ।

ଏଇ ଯେଉଁ ପିଲାଟି ପୁରସ୍କାର ପାଇଛି ବୋଲି ସମସ୍ତେ ଭାବୁଛ ଏହା ଅବିଚାର କରାଯାଇଛି, ତାହା ତୁମ୍ଭେମାନେ ଭାବିବା ସ୍ୱାଭାବିକ । କାରଣ ତୁମ୍ଭେମାନେ ପ୍ରାୟ ଜାଣ ନାହିଁ କିଂବା ତୁମମାନଙ୍କର ମନେ ନାହିଁ ସେ କ'ଣ କରିଥିଲା । ତେବେ ମୁଁ କହୁଛି ଶୁଣ :

''ଗଲା ବର୍ଷ ଏହି ଗେଟ୍ ପାଖରେ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ଧାରରେ କୁସୁମ ଫୁଲର ଗଛ ଲଗାଯାଇଥିଲା । ସୁନ୍ଦର ବଡ଼ ବଡ଼ ଈଷତ୍ ଲାଲ ଓ ହଳଦିଆ ମଣ୍ଡା କୁସୁମରେ ଗଛସବୁ ଭରିଯାଇଥାଏ । ମୃଦୁ ପବନରେ ସେମାନେ ମୁଣ୍ଡ ହଲାଇ ଦର୍ଶକର ମନ-ପ୍ରାଣରେ ଆନନ୍ଦ ସଞ୍ଚାର କରି ନିଜ ପ୍ରତି ସେମାନଙ୍କୁ ଆକର୍ଷିତ କରୁଥାଆନ୍ତି । ବେଳେବେଳେ ପିଲାମାନଙ୍କ ମଧ୍ୟରୁ କେହି କେହି ଲୁଚାଇ ସେଥିରୁ ଫୁଲ ଛିଡ଼ାଇ ନେଇଯାଆନ୍ତି । ପଚାରିଲେ

କେହି ମାନନ୍ତି ନାହିଁ । ଦିନେ ଦେଖାଗଲା ଗୋଟିଏ ଗଛ ପୂରାପୂରି ଉପୁଡ଼ି ପଡ଼ି ଝାଉଁଳି ଯାଇଛି ଓ ସେଥିରୁ ଦୁଇ ତିନୋଟି ଫୁଲ ଛିଡ଼ା ଯାଇଛି । ଏଥିରେ ମୁଁ ବହୁତ ବିଗିଡ଼ିଗଲି । ଆଜି ପର୍ଯ୍ୟନ୍ତ ମୁଁ ଏଥିରେ ବିଶେଷ ଗୁରୁତ୍ୱ ଦେଉ ନ ଥିଲି; କିନ୍ତୁ ଝାଉଁଳି ପଡ଼ିଥିବା ଉପୁଡ଼ା ଗଛଟିକୁ ଦେଖି ମୁଁ ବହୁତ ଦୁଃଖ ଅନୁଭବ କଲି । ତା' ପରଦିନ ପ୍ରାର୍ଥନା କ୍ଲାସରେ ସମସ୍ତେ ସମବେତ ହେଲେ, ପ୍ରାର୍ଥନା ସରିଲା, ମୁଁ ସମସ୍ତଙ୍କୁ ଅଟକାଇ ସ୍କୁଲର ପଥ ଧାରରୁ ଫୁଲ ଛିଡ଼ାଇବା ଓ ଶେଷକୁ ଫୁଲଗଛ ଉପାଡ଼ିବା କିପରି ମାରାତ୍ମକ ଦୋଷାବହ କାର୍ଯ୍ୟ ଓ ନିଜ ଭିତରେ ନିଷ୍ଠୁରତା, ସୌନ୍ଦର୍ଯ୍ୟ ପ୍ରତି ଅସହିଷ୍ଣୁତା ଓ ଲାଳସାର ନିଦର୍ଶନ ବୋଲି ବୁଝାଇଦେଲି ଏବଂ ପଚାରିଲି, ତୁମମାନଙ୍କ ଭିତରୁ କିଏ ଏପରି କାର୍ଯ୍ୟ କରିଛ ?

''ମୁଁ ଜାଣିଥିଲି କେହି ମାନିବା ସମ୍ଭବ ନୁହେଁ । ଯାହା ବା ସମ୍ଭବ ହୋଇଥା'ନ୍ତା, ଏପରି ସମବେତ ପ୍ରାର୍ଥନା ସଭାରେ, ସମସ୍ତଙ୍କ ଆଗରେ ତାହା ଆଦୌ ସମ୍ଭବ ନୁହେଁ । କେବଳ ମୁଁ ପ୍ରାର୍ଥନା ସଭାରେ ଏପରି କଥା ପକାଇବାର କାରଣ ହେଉଛି, ସମସ୍ତେ ଜାଣିବେ ଓ ଭବିଷ୍ୟତରେ ଆଉ ଏପରି କାର୍ଯ୍ୟ କରିବା ଲାଗି କୁଣ୍ଠାବୋଧ କରିବେ ।

''କିନ୍ତୁ ମୋର ପୂର୍ବର ସମସ୍ତ ବିଚାର ଓ କଳ୍ପନାର ଜାଲ କାଟି ଆଶ୍ଚର୍ଯ୍ୟଜନକ ଭାବରେ ଏଇ ପିଲାଟି ଧାଡ଼ି ମଧ୍ୟରୁ ବାହାରି ଆସି, ଯୋଡ଼-ହସ୍ତରେ ମସ୍ତକ ଅବନତ କରି ମୋ ସାମନାରେ ଠିଆହୋଇ କଇଁ କଇଁ ହୋଇ କାନ୍ଦିପକାଇ କହିଲା, 'ସାର୍, ସେ ଗଛଟି ମୁଁ ଉପାଡ଼ି ଦେଇଛି । ଆଗରୁ କେବେ ମୁଁ କୌଣସି ଦିନ ଫୁଲ ଛିଡ଼ାଇ ନାହିଁ । କିନ୍ତୁ କାଲି ରାତିରେ ଘରେ ଆମର ଗୁରୁବାର ଲକ୍ଷ୍ମୀପୂଜା ଆରମ୍ଭ ହେବାର ଥିଲା । ସେଥିଯୋଗୁଁ ମୋତେ ଘରେ ମା' କହିଥିଲେ କିଛି ଫୁଲ କୁଆଡୁ ଆଣିବା ଲାଗି । ମୁଁ ସ୍କୁଲ ଛୁଟି ପରେ ଏଇ ଫୁଲ ପ୍ରତି ଆସକ୍ତ ହୋଇ ଗୋଟିଏ, ଦୁଇଟି, ତିନୋଟି ଏଇପରି ଲାଗଲାଗ ଗୋଟିଏ ଗଛରୁ ତରବର ହୋଇ ଜୋରରେ ଟାଣି ଫୁଲ ଛିଡ଼ାଇବା ଫଳରେ ଗଛଟି ଉପୁଡ଼ି ପଡ଼ିଲା ଓ କାଳେ କିଏ ଦେଖିବ

ବୋଲି ମୁଁ ଫୁଲ ନେଇ ଶୀଘ୍ର ପଳାଇଗଲି । ମୋର ତ ଭୁଲ୍ ହୋଇଛି । କିନ୍ତୁ ମୁଁ ଖାଲି ଭୁଲ୍ ସ୍ୱୀକାର କରୁ ନାହିଁ, ଦଣ୍ଡ ପାଇଁ ମଧ୍ୟ ପ୍ରାର୍ଥନା କରୁଛି । ମୋତେ ଉପଯୁକ୍ତ ଶାସ୍ତି ଦିଆଯାଉ ।'

''ତା'ର ଏଇ ସରଳତା, ସ୍ୱଷ୍ଟବାଦିତା ଓ ଶାନ୍ତ ନିର୍ଭୀକତା ମୋତେ ଏତେ ସ୍ୱର୍ଶ କରିଥିଲା ଯେ, ଏପରି ଛାତ୍ର ସ୍କୁଲରେ ଅଛନ୍ତି ଭାବି ହୃଦୟ ମୋର ଆନନ୍ଦ ଓ କୃତଜ୍ଞତାରେ ଫାଟି ପଡ଼ିଲା । ମୋ ପାଟିରୁ କିଛି କଥା ବାହାରିଲା ନାହିଁ କି କହିବା ବି ଆବଶ୍ୟକ ନ ଥିଲା । କାରଣ ସମୁଦାୟ ପରିବେଶଟା ସେଇଭଳି ହୋଇଯାଇଥିଲା । ଖାଲି ମୁଁ ଏତିକି କହିଲି– 'ତୁମର ଉପଯୁକ୍ତ ଶାସ୍ତି ତୁମେ ଠିକ୍ ସମୟରେ ପାଇବ ।'

''ତା' ପରଠାରୁ ଦେଖାଗଲା ଆଉ କେହି ବି ଗୋଟିଏ ଫୁଲରେ ହାତ ଦେଉ ନାହାନ୍ତି । ଫୁଲଗୁଡ଼ାକ ଆନନ୍ଦ ଓ ନିରାପଦରେ ଫୁଟି ପବନରେ ଦୋଳି ଖେଳୁଛନ୍ତି । କିନ୍ତୁ ପିଲାଟିର କଥା ମୋର ହୃଦୟରେ ଗାର ଭଳି ରହିଲା । ଏଇ ପୁରସ୍କାର ବିତରଣ ଉତ୍ସବରେ ତା'ର ଉପଯୁକ୍ତ ଶାସ୍ତିବିଧାନରୂପେ ମୁଁ ସର୍ବଶ୍ରେଷ୍ଠ ସାହସୀ ଛାତ୍ର ନିମନ୍ତେ ପୁରସ୍କାରଟି ତାହାରି ପାଇଁ ରଖିଥିଲି ।

''ଏଥର ତୁମମାନଙ୍କର କିଛି ଅଭିଯୋଗ ଅଛି ? ଯଦି ଥାଏ କୁହ ! ମୋର କଥା ସରିଗଲା ।''

ସମସ୍ତେ ନୀରବ ନିସ୍ପନ୍ଦ । ଆଉ ସେଇଦିନଠାରୁ ସେ ପିଲାକୁ ପୁରସ୍କାର ଦିଆଯାଇ ଅବିଚାର କରାଯାଇଛି ବୋଲି କାହାରି ମୁହଁରୁ ଶୁଣାଯାଇ ନାହିଁ । ବରଂ ନିଜ ନିଜ ଦୋଷ ସମ୍ବନ୍ଧେ ସଚେତନ ହୋଇ ପ୍ରତ୍ୟେକେ ନିଜକୁ ନୀରବରେ ସଜାଡ଼ି ନେବାକୁ ଚେଷ୍ଟା କଲେ ।

ଏଇକଥା ଶୁଣି ମା'ଙ୍କର ଗୋଟିଏ ସୁନ୍ଦର ବାଣୀ ମନେପଡ଼େ :

''There is not greater courage than that of recognising one's own mistakes.

With my blessings.''

''ନିଜର ଭୁଲ୍‌କୁ ନିଜେ ସ୍ୱୀକାର କରିବାଠାରୁ ବଡ଼ ସାହସର କଥା ଆଉ କିଛି ନାହିଁ ।

ମୋର ଆଶୀର୍ବାଦ ସହ ।''

ନିଜର ଦୋଷକୁ ନିଜେ ଧରିପାରିବା, ଅନୁଭବ କରିପାରିବା, ଏକ ଉନ୍ନତ ମାର୍ଜିତ ଚେତନାର ପରିଚୟ ଦେଇଥାଏ । ସମସ୍ତେ ଏହା କରି ପାରିବେ ନାହିଁ । ସବୁବେଳେ ଅନ୍ୟ ଉପରେ ଦୋଷ ଲଦି ନିଜକୁ ନିର୍ଦୋଷ ବୋଲି ପ୍ରମାଣିତ କରିବା ସାଧାରଣତଃ ସମସ୍ତଙ୍କର ଅଭ୍ୟାସ । ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତି ପ୍ରତିକ୍ରିୟାଶୀଳ ହୋଇ ଯୁକ୍ତି, ତର୍କ, ଝଗଡ଼ା କରି ନିଜକୁ ଦୋଷଶୂନ୍ୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛି ସେତେବେଳ ପର୍ଯ୍ୟନ୍ତ ତା' ମଧ୍ୟରେ ଦୋଷଟି ରହିଛି । ଯେତେବେଳେ କୌଣସି ଘଟନାରେ ତା' ମଧ୍ୟରେ ଟିକିଏ ପ୍ରତିକ୍ରିୟା ସୃଷ୍ଟି ନ ହେବ, ସେ ସ୍ଥିର, ପ୍ରଶାନ୍ତ, ଅନାସକ୍ତ ରହି କାର୍ଯ୍ୟ କରୁଥିବ ସେତେବେଳେ ସେ ନିଜେ ଭଗବାନଙ୍କ ନିକଟରେ ଦୋଷଶୂନ୍ୟ ବୋଲି ଅନୁଭବ କରିପାରିବ । ଅନ୍ୟ କେହି ଜାଣୁ ନ ଜାଣୁ ସେଥିପ୍ରତି ସେ ଭ୍ରୂକ୍ଷେପ କରିବ ନାହିଁ । ତା' ଚେତନାକୁ କୌଣସି କିଛି ଦୋଷାରୋପ ସ୍ପର୍ଶ କରିବ ନାହିଁ ।

ନିଜ ଦୋଷଟି ଜାଣି ତାକୁ ସଂଶୋଧନ କରି ଆଗକୁ ଚାଲିବା ଭଲ । କିନ୍ତୁ ଦୋଷଟି ଉପରେ ସବୁବେଳେ ଏକାଗ୍ର ହୋଇ, ସେଇକଥା ଚିନ୍ତା କରି, ନିଜକୁ ଦୋଷୀ, ଦାୟୀ ବୋଲି ଭାବିହୋଇ ବ୍ୟସ୍ତ ବା ବିଚଳିତ ହେବା ଏକ ଅହଂକାରର ଚିହ୍ନ । ନିଜକୁ ସଂପୂର୍ଣ୍ଣ ନିର୍ଦୋଷ ଭାବି ଝଗଡ଼ା କରିବା ଯେପରି ଅହଂକାର, ନିଜକୁ ସଂପୂର୍ଣ୍ଣ ଦୋଷୀ ଭାବି ଭାଙ୍ଗି ପଡ଼ିବା ମଧ୍ୟ ସେହିପରି ଏକ ଅହଂକାର । ସେଇ ଏକ କଥାର ଦୁଇଟି ଦିଗ ।

ସବୁଠାରୁ ଭଲ କଥା ହେଉଛି ନୀରବ, ଶାନ୍ତ ଭାବରେ ନିଜ ଦୋଷଟିକୁ ଚିହ୍ନି ତାହା ଆଉ ନ ଘଟୁ ଓ ତାକୁ ଆଉ ନ କରିବାର ସଂକଳ୍ପ କରି ଓ ତାହା ସଂପୂର୍ଣ୍ଣରୂପେ ଭୁଲିଯାଇ ଆନନ୍ଦରେ ଅନ୍ତରସ୍ଥ ଭଗବାନଙ୍କ

ଉପସ୍ଥିତି ଉପରେ ଏକାଗ୍ର ହେବାକୁ ହେବ । ତା'ହେଲେ ଆପେ ଆପେ ଭୁଲ୍ ସଂଶୋଧନ ହେବା ସଙ୍ଗେ ସଙ୍ଗେ ଶାନ୍ତି ଓ ପ୍ରଗତି ଆସିବ ।

ଆମେ କ'ଣ କରୁଛୁ, କ'ଣ କହୁଛୁ ବାସ୍ତବରେ ସେଥିରେ ଆମର ଭୁଲ୍ ନାହିଁ, ଆମର ଭୁଲ୍ ରହିଛି ଆମେ ସବୁବେଳେ ଯଥାର୍ଥ ଚେତନାରେ ବାସ କରିପାରୁ ନାହୁଁ ବୋଲି । ଠିକ୍ ଚେତନାରେ ବାସ କଲେ ଆଉସବୁ ଆପେ ଠିକ୍ ହେବ । ଠିକ୍ ଚେତନାରେ ବାସ କରିବାର ସହଜ ଉପାୟ ହେଉଛି ସବୁବେଳେ ଭିତରେ ଓ ବାହାରେ ମା'ଙ୍କ ଉପସ୍ଥିତି ପ୍ରତି ଉନ୍ମୁକ୍ତ ହୋଇ ରହିବା, ସବୁବେଳେ ସେ ଆମକୁ ମଧୁର କୃପାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି ବୋଲି ଦେଖିବା ।

ଜୀବନରେ ସବୁଠାରୁ କଷ୍ଟ କ'ଣ ?

''ଆଉ ହବ ନାହିଁ, ଛାଡ଼ ! କେତେ ଲୋକ କହିଲେଣି, କେତେଥର ମୁଁ ନିଜେ ଇଚ୍ଛା କଲିଣି ଆଉ ଚେଷ୍ଟା ବି କଲିଣି; କିନ୍ତୁ କାହିଁ ଯେଉଁ କଥାକୁ ସେଇ କଥା । ଶେଷକୁ ଘଣ୍ଟାରେ ଆଲାର୍ମ ଦେଇ ବି ଶୋଇଲି; ତଥାପି ଏ ଶରୀର ତାକୁ ମାନିବାକୁ ନାରାଜ । ଟିକିଏ ସକାଳ ୫ଟା ପୂର୍ବରୁ ଉଠି ମୋର ସମସ୍ତ ନିତ୍ୟକର୍ମ ସାରି କିଛି ଶରୀରଚର୍ଚ୍ଚା କରିବା ଲାଗି ପ୍ରବଳ ଇଚ୍ଛା ହେଉଥିଲେ ବି ଦିନେ ତ ଯାକୁ କାର୍ଯ୍ୟକାରୀ କରିପାରିଲି ନାହିଁ । ଉଠୁ ଉଠୁ ସବୁଦିନେ ସାଢ଼େ ଛଅ, ସାତ । ତା'ପରେ ନିତ୍ୟକର୍ମ ସରୁ ସରୁ ସାଢ଼େ ଆଠ, ନଅ । କଲେଜ ପଢ଼ା କଥା ଛାଡ଼, ବହି ଧରୁ ଧରୁ ଖାଇ କଲେଜ ଯିବାବେଳ ହୋଇଯାଉଛି । କଲେଜରୁ ଫେରି ଟିକିଏ ଶରୀରଚର୍ଚ୍ଚା କରିବାକୁ ଇଚ୍ଛା ଥିଲେ ବି ଶରୀରରେ କାହିଁକି ସେ ପ୍ରକାର ଆଗ୍ରହ, ଉତ୍ସାହ, କ୍ରିୟାଶୀଳତା ଲକ୍ଷ୍ୟ କରୁନି । ସବୁବେଳେ ସର୍ଦ୍ଦି ଲାଗିରହିଥିବ । ଆଜି ବଦ୍ ହଜମି ତ କାଲି ଛାତି ଯନ୍ତ୍ରଣା, ପରଦିନ ମୁଣ୍ଡବ୍ୟଥା, ତା' ଆରଦିନ କୋଷ୍ଠବଦ୍ଧତା, ତା' ଆରଦିନ ଦେହହାତ ଦରଜ— ଏହିପରି ଲାଗିରହିଛି । କେତେ ଔଷଧ ଖାଇଲିଣି, କେତେ ଚେଷ୍ଟା କଲିଣି ଏସବୁ ଅଳସୁଆମି ଓ ଆଉ ଦୁର୍ବଳତାକୁ ତ୍ୟାଗ କରିବି ବୋଲି; କିନ୍ତୁ ସବୁ ବୃଥା । ଏ କଷ୍ଟକୁ ଆଉ ଦୂର କରି ହେବ ନାହିଁ ।'' ଏହିପରି କହି ଜଣେ କଲେଜ ଛାତ୍ର ବହୁତ ମନସ୍ତାପ କରନ୍ତି । ପଢ଼ାପଢ଼ିରେ ଆଦୌ ମନ ଲାଗେ ନାହିଁ, ପରୀକ୍ଷାରେ ବି ଭଲ ହୁଏ ନାହିଁ । ଶେଷକୁ ଚାକିରି ପାଇଁ ବିଭିନ୍ନ ବିଭାଗରେ ଚେଷ୍ଟା କରି କରି କେଉଁଠି ମିଳିଲା ନାହିଁ । ଗୋଟିଏ ସୁବିଧା ମିଳିଲା । ସେଇଟି ହେଉଛି ସୈନ୍ୟ ବିଭାଗ ଟ୍ରେନିଂରେ ଯିବା । ବାଧ୍ୟ ହୋଇ ସେ ତାକୁ ଗ୍ରହଣ କରିନେଲେ ।

ଟ୍ରେନିଂରେ ଦୁଇ ତିନି ମାସ କଟିଗଲାଣି । ଥରେ ପୁରାତନ ବନ୍ଧୁଜଣଙ୍କ

ସହ ସୈନ୍ୟଶିବିରରେ ଦେଖାହେଲା । ବନ୍ଧୁଜଣକ ତାଙ୍କୁ ଦେଖି ଚିହ୍ନି ପାରିଲେ ନାହିଁ । ସେ ରୋଗାକ୍ରାନ୍ତ, ଦୁର୍ବଳ, ତମୋଗ୍ରସ୍ତ ଶରୀର ପରିବର୍ତ୍ତେ ଏକ ସୁସ୍ଥ, ସବଳ, କର୍ମତତ୍ପର ଶରୀର । ବିଷଣ୍ଣ ମୁଖ ପରିବର୍ତ୍ତେ ପ୍ରଫୁଲ୍ଲ, ସତେଜ ମୁଖ । ପଚାରିଲେ, ''ଏଠା ଜୀବନ କିପରି ଲାଗୁଛି ?''

ହସ ହସ ମୁଖରେ ଉତ୍ତର ମିଳିଲା, ''ପ୍ରଥମ ଦଶ ପନ୍ଦର ଦିନ କଥା ଛାଡ଼ । ଭାବିଲି ପ୍ରାଣ ଛାଡ଼ିଯିବ, ଆଉ ଜୀବନ ନେଇ ଫେରିବି ନାହିଁ । କିନ୍ତୁ ତା'ପରେ ଧୀରେ ଧୀରେ ସବୁ ଅଭ୍ୟାସରେ ପଡ଼ିଗଲା । ବର୍ତ୍ତମାନ ମୁଁ ନିଜକୁ ବହୁତ ସୁସ୍ଥ, ସବଳ, ପ୍ରଫୁଲ୍ଲ, କର୍ମଠ, କଷ୍ଟସହିଷ୍ଣୁ ଅନୁଭବ କରୁଛି । ଅଳସୁଆମି କଥା ଛାଡ଼ । ରାତି ଚାରିଟାରୁ ନିଦ ଭାଙ୍ଗିଯାଉଛି । ପ୍ୟାରେଡ଼ରେ ଯୋଗଦେବା ମାତ୍ରେ କି ସ୍ଫୂର୍ତ୍ତି ଆଉ ସତେଜତା ! ପେଟ ଗୋଳମାଳ, ମୁଣ୍ଡବ୍ୟଥା, ଛାତିଯନ୍ତ୍ରଣା, କୋଷ୍ଠବଦ୍ଧତା, ସର୍ଦ୍ଦି ଦୁର୍ବଳତା ଆଦି ସବୁ କୁଆଡ଼େ ବିଦାୟ ନେଇଛନ୍ତି । ବର୍ତ୍ତମାନ ମୋତେ ଅଳସୁଆମି କିଂବା ଶାରୀରିକ ଅସୁବିଧା ଆଉ କଷ୍ଟ ଦେଉ ନାହିଁ । ସେସବୁ ବିଷୟରେ ମୋତେ ଭାବିବାକୁ ବି ପଡୁ ନାହିଁ । ବର୍ତ୍ତମାନ ମୋତେ କଷ୍ଟ ଲାଗୁଛି ଏ ସୈନିକ ପୋଷାକ, ବୁଟ୍, ରାଇଫଲ୍, ଓ୍ୱାଟର୍ ବଟଲ୍, ହ୍ୟାଭରସ୍ୟାକ୍ ଇତ୍ୟାଦି ସହ ବଣଜଙ୍ଗଲରେ ମାଇଲି ମାଇଲି ଧରି ମାର୍ଚ୍ଚିଂ କରିବା, ପାହାଡ଼ ଉପରେ ଚଢ଼ିବା, କେଉଁଠି ଆବଡ଼ା ଖାବଡ଼ା, କେଉଁଠି କଣ୍ଟାଝଣ୍ଟା, କେଉଁଠି କାଦୁଆମାଦୁଆ ସ୍ଥାନରେ ସବୁ ଜିନିଷ ସହ ଘୁଷୁରି ଘୁଷୁରି ଦୀର୍ଘ ପଥ ଯିବା । ଏହା କଷ୍ଟ ସତ; କିନ୍ତୁ ବିଷାଦମୟ ନୁହେଁ, ଆନନ୍ଦମୟ ।''

ଏଇଠି ଆମେ ଦେଖିଲେ କଲେଜ ପିଲାଟି ଶରୀରର ସେଇସବୁ ଛୋଟ ଛୋଟ ଅସୁବିଧାକୁ ନେଇ ଯେତେଦିନ ପର୍ଯ୍ୟନ୍ତ ବ୍ୟସ୍ତ ଥିଲା ସେତେଦିନ ପର୍ଯ୍ୟନ୍ତ ସେ ସେଇଥିରେ ଆବଦ୍ଧ ଥିଲା । କିଛି ଅଗ୍ରଗତି କରିପାରୁ ନ ଥିଲା । କିନ୍ତୁ ସେ ଯେତେବେଳେ ତା'ର ଜୀବନର ମୋଡ଼ ଘୂରାଇ ଦେଲା ଓ ଶରୀର ପାଇଁ ଏକ ଆହୁରି କଷ୍ଟକର କାର୍ଯ୍ୟ (ବାଧ୍ୟ ହୋଇ ପଛେ

ହେଉ) ରଖିଲା, ସେତେବେଳେ କଷ୍ଟଟା ଅନ୍ୟ ଏକ କଠିନତର କାର୍ଯ୍ୟ ଉପରକୁ ଚାଲିଗଲା, ଆଉ ପୂର୍ବର ସେଇ ଅଳସୁଆମି ଓ ଅସୁସ୍ଥତା ଉପରେ ରହିଲା ନାହିଁ ।

ବର୍ତ୍ତମାନ ଶୁଣିବା ଜଣେ ପାଠଚକ୍ର ପରିଚାଳକଙ୍କ କଥା । ପରିଚାଳକ ଜଣକ ବହୁତ ନିଷ୍ଠାପର । ସପ୍ତାହରେ ନିର୍ଦ୍ଦିଷ୍ଟ ଦିନରେ ଠିକ୍ ସମୟରେ ଆସି ପାଠଚକ୍ରରେ ଉପସ୍ଥିତ ହୁଅନ୍ତି । ପ୍ରତିମାସ ଶେଷରେ ନିୟମିତ ରିପୋର୍ଟ ଲେଖି ଆଶ୍ରମକୁ ପଠାନ୍ତି । ସେ ସିନା ପାଠଚକ୍ରକୁ ନିୟମିତ ଆସନ୍ତି; କିନ୍ତୁ ଅନ୍ୟ ସଭ୍ୟମାନେ କେହି ନିୟମିତ ଆସନ୍ତି ନାହିଁ । କେଉଁଦିନ ଜଣେ ଦୁଇଜଣ ଆସିଲେ ତ କେଉଁଦିନ ଆଦୌ ନାହାନ୍ତି । ଘରେ ଓ ବାହାରେ ପରିଚାଳକ ମହାଶୟଙ୍କ ଉପରେ ଗାଳି ଯେ ସେ କୁଆଡ଼େ ପିଲାମାନଙ୍କୁ ଭଗବତ୍ ମାର୍ଗରେ ନେଇଯାଇ ସଂସାର ବିମୁଖ କରିପକାଉଛନ୍ତି । ପରିଚାଳକ ବିଚରା ସବୁବେଳେ ବ୍ୟସ୍ତ ହୁଅନ୍ତି । ହେଲା ପଛେ ଯିଏ ଯୁଆଡ଼େ ଗାଳି ଦେଉଛନ୍ତି ଦିଅନ୍ତୁ; କିନ୍ତୁ ଏ ପିଲାମାନେ ସବୁ ନିୟମିତ କାହିଁକି ପାଠଚକ୍ରକୁ ଆସୁ ନାହାନ୍ତି । ପାଠଚକ୍ରରେ ସପ୍ତାହରେ ଥରେ ବସିବା ଲାଗି କି ଶାନ୍ତି, କି ଆନନ୍ଦ ଲାଗୁଛି ! ସେମାନେ ଏହା କ'ଣ ଅନୁଭବ କରିପାରୁ ନାହାନ୍ତି ?

ଥରେ ଆଶ୍ରମରୁ ସେ ଚିଠି ପାଇଲେ ଯେ ଗୋଟିଏ ପାଠଚକ୍ର ସମ୍ମିଳନୀ ସେଠାରେ କରନ୍ତୁ । ମୂଳରୁ ପାଠଚକ୍ର ହୋଇପାରୁ ନାହିଁ, ସେଥିରେ ପୁଣି ପାଠଚକ୍ର ସମ୍ମିଳନୀ କିପରି ହେବ– ଏଇ କଥା ଚିନ୍ତାକରି ସେ ଟିକିଏ ବିବ୍ରତ ହୋଇ ପଡ଼ିଲେ । କିନ୍ତୁ ଆଶ୍ରମରୁ ଯେତେବେଳେ ଚିଠି ଆସିଛି ତାକୁ ନିଶ୍ଚୟ ପାଳନ କରିବାକୁ ହେବ ବୋଲି ସ୍ୱତଃସ୍ଫୂର୍ତ୍ତରୂପେ ଏକ ଅବ୍ୟକ୍ତ ଆନନ୍ଦ ସହ ଅନ୍ତର ତାକୁ ଗ୍ରହଣ କରିନେଲା । ସମ୍ମିଳନୀ ପାଇଁ ସମସ୍ତ ଉଦ୍ୟମ ଚାଲିଲା । ବେଳେବେଳେ ସେଥିଲାଗି ଆଲୋଚନା ସଭାମାନ ଡକାଯାଇ କ'ଣ କ'ଣ କରାଯିବ ସେସବୁ ସ୍ଥିର ହେଲା । ଦେଖାଗଲା କେବଳ ପାଠଚକ୍ର ସଭ୍ୟ ନୁହନ୍ତି, ସ୍ଥାନୀୟ ଅନେକ ଯୁବକ, ଛାତ୍ର ଓ ଭଦ୍ରବ୍ୟକ୍ତି ଏଥିରେ ଯୋଗଦେଲେ । ଆଗ୍ରହର ସହ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ନେଲେ ।

ଅସମ୍ଭବରୂପେ ଆଶା କରାଯାଉ ନ ଥିବା ସ୍ଥାନରୁ ସାହାଯ୍ୟ ସହଯୋଗ ମିଳିଲା । କେତେକେ ନିଜର ସମସ୍ତ କାର୍ଯ୍ୟ ଭୁଲିଯାଇ ଦିନରାତି ଆନନ୍ଦ ଓ ଅପୂର୍ବ ଉତ୍ସାହରେ ସେଇ କାର୍ଯ୍ୟରେ ଲାଗିଲେ । ସମ୍ମିଳନୀ ଆଶାତୀତଭାବେ ସୁନ୍ଦର ହେଲା । ସମ୍ମିଳନୀ ସରିଗଲା; କିନ୍ତୁ ଯେଉଁମାନେ ଉନ୍ମୁକ୍ତ ଥିଲେ, ଛାଡ଼ିଗଲା ସେମାନଙ୍କ ଚେତନାରେ ଅଲିଭା ଦାଗ । କି ଏକ ଦିବ୍ୟ ଅପାର୍ଥିବ ଶକ୍ତି, ଆଲୋକ, ପବିତ୍ରତା ଆଉ ମଧୁରତା ସେମାନେ ଅନୁଭବ କଲେ ତା' କେବଳ ସେଇମାନେ ଜାଣନ୍ତି ।

ସମ୍ମିଳନୀ ପରେ ଦେଖାଗଲା ଯଦିଓ ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ବ୍ୟକ୍ତି ପାଠଚକ୍ରକୁ ଆସୁ ନାହାନ୍ତି ତଥାପି ପୂର୍ବ ଅପେକ୍ଷା ଅଧିକ ବ୍ୟକ୍ତି ଆସୁଛନ୍ତି । ଏଣିକି ସ୍ଥିର ହେଲା, ଖାଲି ପାଠଚକ୍ର ନୁହେଁ; ପାଠଚକ୍ର ତରଫରୁ କିଛି କିଛି କାମ କରିବା । ପାଖରେ ଗୋଟିଏ ସ୍କୁଲ ଥାଏ । ସ୍ଥିର ହେଲା, ସ୍କୁଲ୍ ପିଲାଙ୍କର ଆବଶ୍ୟକ ଜିନିଷ କିଛି ପାଠଚକ୍ର ତରଫରୁ ରଖିବା ଓ ତା'ଛଡ଼ା ଆଶ୍ରମର ବହିପତ୍ର, ଧୂପକାଠି, ଫଟୋ ଇତ୍ୟାଦି କିଛି ମଧ୍ୟ ରଖିବା । ଦେଖାଗଲା ଆଗ୍ରହର ସହ ପାଠଚକ୍ର ଷ୍ଟୋରରୁ ସମସ୍ତେ ଜିନିଷ ନେଲେ । କିନ୍ତୁ ପଇସା ପତ୍ର ଦେବାରେ ଟିକିଏ ନିୟମିତ ହେଲେ ନାହିଁ । ଏସବୁ ଲକ୍ଷ୍ୟକରି ଦାୟିତ୍ୱରେ ଥିବା ସଭ୍ୟ ଜଣକ ଟିକିଏ କଡ଼ା ହୋଇଯିବାରୁ ସେ ଅସୁବିଧା ଦୂର ହୋଇଗଲା । ଛୁଟି ଦିନମାନଙ୍କରେ ପାଠଚକ୍ରର ଛାତ୍ରସଭ୍ୟମାନେ ପ୍ରୋଗ୍ରାମ କରି ବିଭିନ୍ନ ଗ୍ରାମକୁ ଯାଇ ସେ ଗ୍ରାମର ଯୁବକ ଓ ଛାତ୍ରମାନଙ୍କୁ ନେଇ ଗ୍ରାମର ସର୍ବସାଧାରଣ ପୋଖରୀରୁ ଦଳ ସଫା, ଗ୍ରାମଦାଣ୍ଡ ପରିଷ୍କାର-ପରିଚ୍ଛନ୍ନ ଓ ମରାମତି ସହ ସଂଧ୍ୟାରେ ଆଲୋଚନା-ସଭାମାନ କଲେ । ପ୍ରତ୍ୟେକ ଦିନ ସଂଧ୍ୟାରେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ବ୍ୟାୟାମ, ଆସନ, ଖେଳକସରତ ଆଦି ଶରୀରଚର୍ଚ୍ଚାମାନ କଲେ । ତା'ପରେ ସ୍ଥିରହେଲା ପାଠଚକ୍ରର ଗୋଟିଏ ସ୍ଥାୟୀ ଗୃହ ହେଲେ ସମସ୍ତ କାର୍ଯ୍ୟ ଲାଗି ସୁବିଧା ହେବ । ସେଥିପାଇଁ ମା'ଙ୍କ ଦୟାରୁ ଆବଶ୍ୟକ ଜମି ବି ମିଳିଗଲା । ଏଣିକି ଅନ୍ୟାନ୍ୟ କାମ ସହ ଘର ତିଆରିର ଆୟୋଜନ

ଚାଲିଲା । ବର୍ଷକୁ ଥରେ ସେହିଭଳି ସମ୍ମିଳନୀ ବି ହେଉଥାଏ । ପାଠଚକ୍ରର ଆୟ ବଢ଼ାଇବା ପାଇଁ କେତେକ ଯୁବକ ମଧ୍ୟ ଭାଗରେ କିଛି ଜମି ନେଇ ଓ ପାଠଚକ୍ର ଗୃହ ପାଇଁ ପ୍ରଦତ୍ତ ଜମିରେ ବିଭିନ୍ନ ଫସଲ କଲେ । ଏବେ ପାଠଚକ୍ର ପରିଚାଳକଙ୍କୁ ପଚାରିଲେ କହନ୍ତି ଯେ ପାଠଚକ୍ର ରୀତିମତ ଚାଲିଛି, ସେଥିରେ ଆଉ କିଛି ଅସୁବିଧା ନାହିଁ, ତା' ଉପରେ କାହାରି ନଜର ନାହିଁ, ସେ ତା'ର ଜୀବନର ସ୍ୱାଭାବିକ କର୍ମଭାବରେ ଚାଲିଛି । ବର୍ତ୍ତମାନ କଷ୍ଟ ହେଉଛି ପାଠଚକ୍ର ଘରଟିକୁ ସଂପୂର୍ଣ୍ଣ କରିବା ଓ ବର୍ଷରେ ଥରେ ସମ୍ମିଳନୀ କରିବା ।

ଏ ତ ସବୁ ଗଲା ବାହାର କାମ । ଭିତରର କାର୍ଯ୍ୟ ମଧ୍ୟ ସେଇପରି । ଥରେ ଜଣେ ସାଧନା କରିବା ଉଦ୍ଦେଶ୍ୟରେ ବୁଲି ବୁଲି ଶେଷରେ ଜଣେ ଗୁରୁଙ୍କ ଆଶ୍ରୟ ନେଲେ । ଗୁରୁ ତାଙ୍କୁ ସାଧନା ପ୍ରଣାଳୀ ବତାଇ ଦେଇ କହିଲେ, ''ସଂସାରରେ ରହି ସଂସାରକର୍ମ ସହ ସାଧନା କର । ପୂର୍ବେ ଯେଉଁ କାର୍ଯ୍ୟକୁ ତୁମର ନିଜର, ତୁମ ପରିବାରର ବୋଲି ଭାବି କରୁଥିଲ, ଏବେ ସେସବୁକୁ ଭଗବାନଙ୍କର ଭାବି କରିବ । ତୁମେ ନିଜକୁ ଓ ନିଜର ସବୁକିଛିକୁ ତାଙ୍କୁ ସମର୍ପଣ କରି ସବୁବେଳେ ତାଙ୍କରି ନାମ ସ୍ମରଣ କରି ସକଳ କର୍ମ କରିବ । ଯେଉଁ କାର୍ଯ୍ୟ ତୁମକୁ ଭଗବତ୍ ସାଧନାରେ ବାଧା ଦେବ, ସେଭଳି କାର୍ଯ୍ୟ ପରିତ୍ୟାଗ କରିବ । ସକଳ କର୍ମ ଭିତରେ ଭଗବାନଙ୍କୁ ପାଇବାର ଲକ୍ଷ୍ୟ ରଖିବ ।''

ଶିଷ୍ୟଜଣକ କହିଲେ, ''ସଂସାରର କର୍ମ କରି, ସଂସାରର ଲୋକଙ୍କ ସହ ସମ୍ପର୍କ ରଖି ସାଧନା କରିବା ବହୁତ କଷ୍ଟ । ମୋ ଭିତରେ ବହୁତ କ୍ରୋଧ, ବହୁତ ହିଂସା, ବହୁତ ଈର୍ଷା, ବହୁତ କାମନା ବାସନା ରହିଛି । ମୋତେ ସେସବୁ ଭଗବାନଙ୍କ ଆଡ଼କୁ ଆସିବାରେ, ତାଙ୍କୁ ଅନୁଭବ କରିବାରେ ପ୍ରବଳ ବାଧା ଦେଉଛନ୍ତି । ଏସବୁ ପ୍ରତିକୂଳ ଶକ୍ତି ସହ ସଂଘର୍ଷ କରି କରି ମୋର ସମସ୍ତ ଶକ୍ତି ଓ ସମୟ ଯାଉଛି । ତଥାପି ବୋଧ ହେଉଛି ସେମାନଙ୍କୁ ଜୟ କରିବା ବହୁତ କଷ୍ଟ, ସମ୍ଭବ ବି ନୁହେଁ । ସେଇମାନଙ୍କ ଜ୍ୱାଳାରେହିଁ ମୋର ସମଗ୍ର ଜୀବନ ଶେଷ ହେବ ।''

ଗୁରୁ କହିଲେ, ''ହଉ ଯାଅ, ଜୀବନର ସକଳ କର୍ମ ଭିତରେ, ସମସ୍ତ ସୁଖ-ଦୁଃଖ, ଆନନ୍ଦ-ଯନ୍ତ୍ରଣା ଭିତରେ କେବଳ ଭଗବାନଙ୍କୁ ପାଇବାକୁ ଚାହଁ ।'' ଶିଷ୍ୟ ଜଣକ ଚାଲିଗଲେ । କିଛିଦିନ ପରେ ପୁଣି ଗୁରୁଙ୍କ ସହ ଥରେ ସାକ୍ଷାତ ହେଲା । ଗୁରୁ ପଚାରିଲେ, ''କ'ଣ ଭଲ ଅଛ ତ ?''

ଶିଷ୍ୟ କହିଲେ, ''ହଁ, ଭଲ ଅଛି । କିନ୍ତୁ ଗୋଟିଏ କଥା ଜୀବନରେ ସବୁଠାରୁ କଷ୍ଟ ଲାଗୁଛି । ପୂର୍ବେ ମୋ ଭିତରେ ଯେଉଁ କାମନା-ବାସନା, ହିଂସା, ଦ୍ୱେଷ, କ୍ରୋଧ, ରୋଗଯନ୍ତ୍ରଣା ଇତ୍ୟାଦି ମୋତେ ବାଧା ଦେଉଥିଲେ, ବ୍ୟତିବ୍ୟସ୍ତ କରି ପକାଉଥିଲେ, ବର୍ତ୍ତମାନ ସେସବୁ ଗୌଣ ହୋଇଯାଇଛନ୍ତି; ସେମାନଙ୍କ ପ୍ରତି ମୋର ଆଉ ଖାତିର ନାହିଁ, କିଂବା ଭୟ ନାହିଁ । କେବଳ ଗୋଟିଏ କଥା, ଜୀବନର ପରମ ପ୍ରାପ୍ୟହିଁ ଆଜି ମୋତେ କଷ୍ଟ ବୋଧ ହେଉଛି ।''

ଗୁରୁ କହିଲେ, ''ତୁମକୁ ଯାହା ଚରମ କଷ୍ଟ ବୋଧ ହେଉଛି ସେଇଟି କ'ଣ ?''

ଶିଷ୍ୟ କହିଲେ, ''କେବଳ ଭଗବାନଙ୍କୁ ପାଇବାହିଁ ଜୀବନରେ ସେବୁଠାରୁ ବେଶୀ କଷ୍ଟ ବୋଧ ହେଉଛି, ଆଉସବୁ କଷ୍ଟ ତା' ତୁଳନାରେ ତୁଚ୍ଛ ।''

ଗୁରୁ ଖୁସି ହୋଇ କହିଲେ, ''ଦୁଃଖ କଷ୍ଟ ଓ ବାଧାବିପତ୍ତିକୁ ଅତିକ୍ରମ କରିବାର ଯଥାର୍ଥ ଚାବିକାଠି ତୁମେ ପାଇଛ । ସେଇ କଷ୍ଟହିଁ ତୁମ ଜୀବନର ପରମ ଆନନ୍ଦ । ପ୍ରତିକୂଳ ବସ୍ତୁ, ନିଜର ଅସୁବିଧା ଆଦି ଉପରେ ଗୁରୁତ୍ୱ ନ ଦେଇ ନିଜର ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଲେ, ବିନା ସଂଗ୍ରାମରେ ପ୍ରତିକୂଳ ବସ୍ତୁ ଅପସରି ଯାଆନ୍ତି, ଅଥବା ସେମାନଙ୍କର ଗୁରୁତ୍ୱ କମିଯାଏ ଓ ନିଜର ଲକ୍ଷ୍ୟ ପ୍ରାଧାନ୍ୟ ବିସ୍ତାର କରି ଅଗ୍ରଗତି କରାଇ ନେଇଯାଏ ।''

ଶେଷରେ ପ୍ରଭୁଙ୍କର ମନ୍ତ୍ର ସଦୃଶ ଗୋଟିଏ ବାଣୀ ମନେପଡ଼େ–

''The defects should be noticed and rejected, but the concentration should be positive– on what

you are to be, i.e., on the development of the new consciousness rather than on this negative side.''

– Sri Aurobindo

''ଭୁଲଭ୍ରାନ୍ତିସବୁକୁ ଲକ୍ଷ୍ୟ କରିବାକୁ ହେବ ଏବଂ ସେସବୁକୁ ତ୍ୟାଗ କରିବାକୁ ହେବ । କିନ୍ତୁ ଏକାଗ୍ରତା ସବୁବେଳେ ଅନୁକୂଳ ବସ୍ତୁ, ଯାହା ତୁମକୁ ହେବାକୁ ହେବ, ତାହାରି ଉପରେ ନିବଦ୍ଧ ହେବା ଉଚିତ । ଏହାର ଅର୍ଥ ହେଉଛି ଏକାଗ୍ରତା ପ୍ରତିକୂଳ ବସ୍ତୁ ଉପରେ ନ ରହି ନୂତନ ଚେତନାର ବିକାଶ ଉପରେ ରହିବା ଉଚିତ ।''

– ଶ୍ରୀଅରବିନ୍ଦ

ବନ୍ଧୁତା ନା ବନ୍ଧନ !

ଦୁଇଜଣ ବନ୍ଧୁ । ଜଣକ ନାମ ରବୀନ୍ଦ୍ର, ଆଉ ଜଣକ ନାମ ନଗେନ୍ଦ୍ର । ଘର ଏକା ଗାଁରେ ନ ହେଲେ ବି ଖୁବ୍ ପାଖପାଖ ଗାଁରେ । ଉଭୟ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ନିଜ ନିଜ ଗାଁ ସ୍କୁଲରେ ପଢ଼ା ଶେଷକରି ୪ର୍ଥ ଶ୍ରେଣୀଠାରୁ ଗୋଟିଏ ହାଇସ୍କୁଲରେ ଆସି ପଢ଼ିଲେ । ରବୀନ୍ଦ୍ର ଟିକିଏ ବହୁତ ଶାନ୍ତ, ନୀରବ ପିଲା; ନଗେନ୍ଦ୍ର ଟିକିଏ ବହୁତ ମେଳାପି ଓ ଫରୱାର୍ଡ଼ ପିଲା । ରବୀନ୍ଦ୍ର ଖୁବ୍ ଭଲ ପଢ଼େ, ନଗେନ୍ଦ୍ର ଖାଲି କଷ୍ଟେମଷ୍ଟେ ପାସ୍ କଲାଭଳି ପଢ଼େ । ନଗେନ୍ଦ୍ରର ଘରେ ଚଳିବା ଖୁବ୍ ଭଲ; କିନ୍ତୁ ରବୀନ୍ଦ୍ରର ଆର୍ଥିକ ଅବସ୍ଥା ସେତେ ଭଲ ନୁହେଁ । ନଗେନ୍ଦ୍ର ଅପେକ୍ଷା ରବୀନ୍ଦ୍ର ଟିକିଏ ବେଶୀ ଭାବପ୍ରବଣ ।

କ୍ଲାସରେ ଦୁହେଁ ଏକ ସ୍ଥାନରେ ବସନ୍ତି । ନଗେନ୍ଦ୍ରକୁ କେତେବେଳେ ପଢ଼ା ନ ଆସିଲେ ରବୀନ୍ଦ୍ର ବତାଇ ଦିଏ । ଖେଳଛୁଟି ହେଲେ ଦୁହେଁ ଏକସଙ୍ଗେ ଖେଳନ୍ତି । ନଗେନ୍ଦ୍ର ରବୀନ୍ଦ୍ର ଅପେକ୍ଷା ଭଲ ଖେଳେ । ଜଣେ ନ ଖେଳିଲେ ଆଉ ଜଣେ ଖେଳେ ନାହିଁ କି ଖେଳିବାକୁ ତା'ର ସ୍ପୃହା ଆସେ ନାହିଁ । ରବୀନ୍ଦ୍ରର ଯଦି କେତେବେଳେ ଟଙ୍କାପଇସା ଆବଶ୍ୟକ ହୁଏ ନଗେନ୍ଦ୍ର ଅକୁଣ୍ଠିତ ଚିତ୍ତରେ ତାହା ଯୋଗାଇ ଦିଏ । ଅନେକ ସମୟରେ ସାମାନ୍ୟ ସାମାନ୍ୟ କଥା ଯୋଗୁଁ ପରସ୍ପର ଭିତରେ ରାଗ ଅଭିମାନ ସୃଷ୍ଟି ହୁଏ । ଯଦି ଦୁହିଁଙ୍କ ଭିତରୁ କେହିଜଣେ କୌଣସି ସ୍ଥାନକୁ ଯାତ୍ରା ଦେଖି ଚାଲିଯାଇଛି, ଅନ୍ୟକୁ ଡାକି ନାହିଁ ତେବେ ତହିଁ ଆରଦିନ ପାଟି ଫିଟାଫିଟି ବନ୍ଦ । କ୍ଲାସରେ ଯଦି ପିଲାମାନେ ଜଣକ ସହ କିଛି ଯୁକ୍ତି କରୁଥା'ନ୍ତି ଓ ଅନ୍ୟ ଜଣକ ପିଲାମାନଙ୍କ ପକ୍ଷ ନେଇ ଥଟ୍ଟାରେ କିଛି କହେ ତେବେ ତ କଥା ସରିଲା ! ରାଗ ଅଭିମାନ ସେ ଦିନସାରା ରହି ତା' ଆର ଦିନକୁ ମଧ୍ୟ କିଛି ବାକି ଥାଏ । ନଗେନ୍ଦ୍ର ଦିନେ ଦିନେ ଯଦି ବିନା କାରଣରେ ସ୍କୁଲକୁ ନ ଆସେ ଏବଂ ଅଙ୍କ ଓ ଅନ୍ୟାନ୍ୟ ବିଷୟ ନ ବୁଝି ତା' ଖାତାରୁ ଖାଲି ଉତାରି ନେବାକୁ ବସେ,

ସେତେବେଳେ ରବୀନ୍ଦ୍ର ଯଦି ତାକୁ ଟିକିଏ ଗାଳିଦିଏ ତେବେ ନଗେନ୍ଦ୍ରକୁ ଭଲ ଲାଗେ ନାହିଁ । ସେ ଆଉ କଥା କହେ ନାହିଁ । ସେ କଥା ନ କହିଲେ, ଟିକିଏ ଅଭିମାନ କଲେ ଭାବପ୍ରବଣ ରବୀନ୍ଦ୍ର ଆଉ ସମ୍ଭାଳି ହୋଇ ରହିପାରେ ନାହିଁ, ଆଉ ତା' କାର୍ଯ୍ୟରେ କେବେ ପ୍ରତିବାଦ କରେ ନାହିଁ ।

ଏବେ ନଗେନ୍ଦ୍ର ଟିକିଏ ଟିକିଏ ସିଗାରେଟ୍ ଖାଇବା ଆରମ୍ଭ କଲାଣି । ଯାତ୍ରା ପୂଜା ଦେଖି ଯାଉଥିବା ସମୟରେ କେତେଥର ସେ ରବୀନ୍ଦ୍ରକୁ ମଧ୍ୟ ଧରାଇଲାଣି । ରବୀନ୍ଦ୍ର ପ୍ରଥମେ ଟିକିଏ ଟିକିଏ ଅମଙ୍ଗ ହୋଇ ଶେଷରେ ବନ୍ଧୁର ବାଧରେ ସିଗାରେଟ୍‌ର ପରମଭକ୍ତ ପାଲଟି ଗଲାଣି । ସିଗାରେଟ୍ ଧୂଆଁ ଏବେ ପାଟିବାଟେ ନ ବାହାରି ସିଧା ପେଟକୁ ଚାଲିଯାଉଛି, ସେଠାରେ ଯାହା ରହିବାର ରହୁଛି, ବାକିତକ ସୁବିଧାକ୍ରମେ ନାକବାଟେ ବାହାରି ଆସୁଛି ।

ମଫସଲ ଅଞ୍ଚଳ ହେଲେ ବି ଏବେ ସେଠାକାର ଜଣେ ଧନଶାଳୀ ବ୍ୟକ୍ତି ସେଠା ବଜାରରେ ଏକ ସିନେମା ଗୃହ ଆରମ୍ଭ କଲେଣି । ନଗେନ୍ଦ୍ର କୌଣସି ସିନେମା ମିସ୍ କରେ ନାହିଁ । କୌଣସି ସିନେମା ମିସ୍ କରିବାର ଅର୍ଥ ନିଜର ବୋକାମି ବା ମୂର୍ଖତାର ଚିହ୍ନ ବୋଲି ସେ ଭାବେ । ପ୍ରଥମେ ପ୍ରଥମେ ଏକା ଯାଉଥିଲା । ଏବେ ରବୀନ୍ଦ୍ରକୁ ସାଙ୍ଗରେ ନ ନେଲେ ଭଲ ଲାଗୁ ନାହିଁ । ରବୀନ୍ଦ୍ର ପ୍ରଥମେ ରାଜି ହେଉ ନ ଥିଲା; କିନ୍ତୁ ପରେ ଯେତେବେଳେ ନଗେନ୍ଦ୍ର ଅଭିମାନ କରି କହିଲା : ତୁ ନ ଗଲେ ମୁଁ ଆଉ ଯିବି ନାହିଁ ସେତେବେଳେ ରବୀନ୍ଦ୍ର ଆଉ ସମ୍ଭାଳି ପାରିଲା ନାହିଁ; ସେ ବି ନିୟମିତ ନଗେନ୍ଦ୍ର ସହ ସିନେମା ଦେଖିବାକୁ ଗଲା । ଅବଶ୍ୟ ଟିକେଟ୍ ଖର୍ଚ୍ଚ ସବୁ ନଗେନ୍ଦ୍ର ଦିଏ ।

ଧୀରେ ଧୀରେ ରବୀନ୍ଦ୍ରର ପଢ଼ାପଢ଼ିରେ କ୍ଷତି ଘଟିଲା । କ୍ଲାସ୍ ପରୀକ୍ଷାରେ ଦେଖାଗଲା ତା'ର ସବୁ ବିଷୟରେ କମ୍ ନମ୍ବର ରହିଛି । ଆଉ ବର୍ଷଟିଏ ଅଛି ମାଟ୍ରିକ୍ ଶେଷ ପରୀକ୍ଷା ଦେବାକୁ । ସ୍କୁଲରେ ସମସ୍ତେ ଆଶା କରିଥିଲେ ରବୀନ୍ଦ୍ର ଫାଷ୍ଟ ଡିଭିଜନରେ ପାସ୍ କରି ସ୍କୁଲର ସୁନାମ ରଖିବ ।

କାରଣ ପ୍ରାଇଭେଟ୍ ସ୍କୁଲ । ପିଲାମାନଙ୍କ ପରୀକ୍ଷା ଫଳ ଉପରେ ତାହାର ସରକାରୀ ଗ୍ରାଣ୍ଟ୍ ଅନେକ ପରିମାଣରେ ନିର୍ଭର କରୁଛି ।

ରବୀନ୍ଦ୍ରର ଧୀରେ ଧୀରେ ଅଧୋଗତି ଦେଖି ପ୍ରଧାନ ଶିକ୍ଷକ ଚିନ୍ତିତ ହୋଇ ପଡ଼ିଲେ । ତା' ବିଷୟରେ ସମସ୍ତ ଖବର ବୁଝି ଜାଣିଲେ ଯେ ନଗେନ୍ଦ୍ର ସାଙ୍ଗରେ ପଡ଼ି ସେ ଏପରି ହୋଇ ଯାଇଛି । ଦିନେ ତାକୁ ଅଫିସକୁ ଡକାଇ ବୁଝାଇ ଦେଲେ ଯେ ସେ ନଗେନ୍ଦ୍ରର ସାଙ୍ଗ ଛାଡ଼ି ପଢ଼ାପଢ଼ିରେ ଅଧିକ ମନୋଯୋଗୀ ହୋଇ ପରୀକ୍ଷାରେ ନିଜର ତଥା ସ୍କୁଲର ସୁନାମ ରଖୁ ।

ପ୍ରଧାନ ଶିକ୍ଷକଙ୍କର ଏ କଥା ରବୀନ୍ଦ୍ର ନଗେନ୍ଦ୍ରକୁ କହିଲା । ନଗେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ରହିଲା : ତାଙ୍କର କି ଅଧିକାର ଅଛି ଆମର ବନ୍ଧୁତ୍ୱ ଉପରେ ଆଞ୍ଚ ଆଣିବାକୁ । ସ୍କୁଲ୍ ବାହାରେ ଆମେ ସ୍ୱାଧୀନ, ଆମର ଇଚ୍ଛା ଯାହା ଆମେ ତାହା କରିବୁ । ତାଙ୍କର କ'ଣ ଅଛି ? ରବୀନ୍ଦ୍ର ଭିତରେ ଟିକିଏ ଟିକିଏ ପ୍ରଧାନ ଶିକ୍ଷକଙ୍କ କଥାକୁ ହୃଦୟଙ୍ଗମ କରୁଥିଲେ ବି ନଗେନ୍ଦ୍ରର ପ୍ରାଣିକ ପ୍ରଭାବରେ ଭୋଳ ହୋଇଗଲା ଓ ସେ ଯାହା କହୁଛି ଠିକ୍ ବୋଲି ଅନୁଭବ କଲା । ପୂର୍ବଭଳି ସେମାନଙ୍କର ସବୁ କାର୍ଯ୍ୟ ଚାଲିଲା । ସେମାନେ କାହାକୁ ଖାତିର କଲେ ନାହିଁ ।

ପ୍ରଧାନ ଶିକ୍ଷକ ଏକଥା ଜାଣିଲେ । ରବୀନ୍ଦ୍ର ଗରିବ ପିଲା ହେତୁ ସ୍କୁଲରୁ ଯେଉଁ ସାହାଯ୍ୟ ପାଉଥିଲା ସେ ତାହା ବନ୍ଦ କରିଦେଲେ । ତାଙ୍କର ଯୁକ୍ତି ହେଲା ଏଇ ଯେ, ଯେଉଁ ପିଲା ସିନେମା ଆଦି ଦେଖିବାରେ ଏତେ ଅର୍ଥ ବ୍ୟୟ କରି ପାରୁଛି ସେ ସ୍କୁଲର ଦରମା ଓ ଅନ୍ୟାନ୍ୟ ଚାନ୍ଦା କାହିଁକି ନ ଦେବ । ଏପରି ଘଟଣାରେ ଅନ୍ୟ ଶିକ୍ଷକ ଓ ଛାତ୍ରମାନେ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ନଗେନ୍ଦ୍ର ରବୀନ୍ଦ୍ରକୁ ସାହସ ଦେଇ କହିଲା : କିଛି ଚିନ୍ତା କରନା, ଯାହା ଟଙ୍କା ଆବଶ୍ୟକ ମୁଁ ଦେବି । ସେଇଆ ହେଲା ।

ମାଟ୍ରିକ୍‌ର ଶେଷ ପରୀକ୍ଷା ନିକଟ ହୋଇ ଆସିଲା । ଦୁହେଁ ପୂର୍ବ ଅପେକ୍ଷା ଟିକିଏ ଅଧିକ ପଢ଼ାପଢ଼ିରେ ଲାଗିଲେ । ପରୀକ୍ଷା ଶେଷ ହେଲା । ଫଳ ବାହାରିଲା । ରବୀନ୍ଦ୍ର ସେକେଣ୍ଡ ଡିଭିଜନ୍‌ରେ ପାସ୍ କରିଛି ଓ ନଗେନ୍ଦ୍ର

ଫେଲ୍ ହୋଇଛି । ଏଥିରେ ଦୁହେଁ ମର୍ମାହତ ହେଲେ । ରବୀନ୍ଦ୍ର କହିଲା : ତୁ ପାସ୍ ନ କଲେ ମୁଁ ବି କଲେଜରେ ନାମ ଲେଖାଇବି ନାହିଁ । ତେଣୁ ସେ ବି କୌଣସି କଲେଜକୁ ଦରଖାସ୍ତ ପଠାଇଲା ନାହିଁ । ସପ୍ଲିମେଣ୍ଟାରୀ ପରୀକ୍ଷାରେ କଷ୍ଟେମଷ୍ଟେ ନଗେନ୍ଦ୍ର ପାସ୍ କଲା । ତା'ପରେ ଦୁହେଁ ଗୋଟିଏ ପ୍ରାଇଭେଟ୍ କଲେଜରେ ନାମ ଲେଖାଇଲେ । ଗୋଟିଏ ଭଡ଼ାଘରେ ରହିଲେ ।

ରବୀନ୍ଦ୍ର ଯେତେ ନମ୍ବର ରଖିଥିଲା ସେଥିରେ ସାଇନ୍ସ୍ ପଢ଼ିପାରିଥାଆନ୍ତା ଓ ତା'ର ମଧ୍ୟ ସାଇନ୍ସ ପଢ଼ିବା ପ୍ରତି ଆଗ୍ରହ ଥିଲା । କିନ୍ତୁ ନଗେନ୍ଦ୍ର ନମ୍ବର ଦୃଷ୍ଟିରୁ ସେ ସାଇନ୍ସ୍ ନେଇ ପାରିବ ନାହିଁ ବୋଲି ରବୀନ୍ଦ୍ର ବି ତା' ସହ ଆର୍ଟସ୍ ନେଇ ପଢ଼ିଲା । ଖାଲି ସେତିକି ନୁହେଁ, ଗୁରୁତ୍ୱପୂର୍ଣ୍ଣ ବିଷୟସବୁ ନେବା ପରିବର୍ତ୍ତେ ନଗେନ୍ଦ୍ର ଯେଉଁ ସହଜ ସହଜ ବିଷୟ ନେଲା ସେ ବି ସେହିସବୁ ବିଷୟ ନେଲା । ଦୁହେଁ ଏକ ସଙ୍ଗରେ କଲେଜକୁ ଯାଆନ୍ତି, ଏକ ସଙ୍ଗରେ ଫେରନ୍ତି । ଜଣେ ଯଦି କୌଣସି କାରଣରୁ କଲେଜ ନ ଯାଏ, ଆଉ ଜଣେ ବି ଯାଏ ନାହିଁ । ଯଦି ଯାଏ ତେବେ ମନାନ୍ତର ଘଟେ ।

ଯାହାହେଉ କଲେଜରେ ଗୋଟିଏ ବର୍ଷ ସରିଯାଇ ଦ୍ୱିତୀୟ ବର୍ଷ ଶେଷ ହେବାକୁ ଯାଉଛି । ଆଇ.ଏ.ର ଶେଷ ପରୀକ୍ଷା ଦୁହେଁ ଦେଲେ । ପରୀକ୍ଷାଫଳ ବାହାରିବାରୁ ଦେଖାଗଲା ଯେ ରବୀନ୍ଦ୍ର ପାସ କରିଛି; କିନ୍ତୁ ନଗେନ୍ଦ୍ର ଫେଲ୍ ହୋଇଛି । ରବୀନ୍ଦ୍ରର ମନ ବହୁତ ଦୁଃଖ ହେଲା । ସେ ଆଉ ତୃତୀୟ ବର୍ଷରେ ନାମ ଲେଖାଇଲା ନାହିଁ । ସେଇଠି ନଗେନ୍ଦ୍ର ସହ ରହି କିଛି ଟିଉସନ୍ କରି ଅପେକ୍ଷା କଲା । ନଗେନ୍ଦ୍ର ସପ୍ଲିମେଣ୍ଟାରୀ ପରୀକ୍ଷା ଦେଲା, ସେଥିରେ ବି ଫେଲ୍ ହେଲା । ଫଳରେ ଦୁହେଁ ପଢ଼ା ଛାଡ଼ିଦେଇ ଚାକିରି ଖୋଜିବାରେ ଲାଗିଲେ । ବହୁ କଷ୍ଟରେ ସ୍ଥାନୀୟ ଏମ୍.ଏଲ୍.ଏ.ଙ୍କୁ ଧରାଧରି କରି ୟାଡୁ ସାଡୁ ଗୋଟିଏ ପ୍ରକାର ଚାକିରି ଦୁହେଁ କଲେ ।

ଏହା ଭିତରେ ନଗେନ୍ଦ୍ରର ଧୂମପାନ ଆଦି ଅଭ୍ୟାସ ବହୁତ ବଢ଼ି ଯାଇଛି । ତା'ସହ ଆଉ କିଛି ବଦ ଅଭ୍ୟାସ ବି ମିଶିବଣି । ରବୀନ୍ଦ୍ର ବନ୍ଧୁ

ମନରେ ଦୁଃଖ ହେବ ବୋଲି ଏସବୁରେ ତାକୁ ବାଧା ଦିଏ ନାହିଁ, ବରଂ ନିଜେ ଟିକିଏ ଟିକିଏ ସେଥିରେ ଯୋଗ ଦିଏ ।

ଗାଁ ସ୍କୁଲରେ ପଢ଼ିଲା ବେଳେ ନଗେନ୍ଦ୍ରର ଗୋଟିଏ ଝିଅ ସହ ସମ୍ପର୍କ ଥିଲା ଓ ଉଭୟେ ଉଭୟକୁ ଭଲ ପାଉଥିଲେ । ଏବେ ସେ ଝିଅର ଗୋଟିଏ ସ୍ଥାନରେ ବିବାହ ସ୍ଥିର ହୋଇଛି; କିନ୍ତୁ ସେ ରାଜି ହେଉ ନାହିଁ, କହୁଛି ସେ ନଗେନ୍ଦ୍ରକୁ ବିବାହ କରିବ ତ କରିବ ନଚେତ୍ ଆତ୍ମହତ୍ୟା କରିବ । ଘରେ ତା'ର ବହୁତ ବାଧବାଧକତା ଓ ଜୋର ଜୁଲମ ସତ୍ତ୍ୱେ ସେ କୌଣସିଥିରେ ରାଜି ହେଉ ନାହିଁ । ନଗେନ୍ଦ୍ର ଘର ଅପେକ୍ଷା ତାଙ୍କର ଚଳିବା ଭଲ ଓ ନଗେନ୍ଦ୍ରଠାରୁ ଏକ ଉଚ୍ଚଶିକ୍ଷିତ ଜ୍ୱାଇଁ ତା'ର ବାପା ମା' ସ୍ଥିର କରିଛନ୍ତି । ହେଲେ ଝିଅର ସେହି ଏକା ଜିଦ୍ । ନଗେନ୍ଦ୍ରର ଘର ତରଫରୁ କୌଣସି ଅସୁବିଧା ନ ଥିଲା । ଝିଅର ଏକଜିଦ୍ ଦେଖି ବାପା ମା' ଶେଷକୁ ନଗେନ୍ଦ୍ର ସହ ତା'ର ବିବାହ ଦେବାକୁ ରାଜି ହେଲେ ଓ ତା' ବିଷୟରେ ଆଉ ଚିନ୍ତା ନ କରିବାକୁ ସ୍ଥିର କଲେ । ନଗେନ୍ଦ୍ରକୁ ପଚରାଗଲା, ସେ କହିଲା, ରବୀନ୍ଦ୍ର ବିବାହ ନ କଲେ ସେ କରିବ ନାହିଁ ।

ରବୀନ୍ଦ୍ର ବର୍ତ୍ତମାନ ମହା ଅଡୁଆରେ ପଡ଼ିଲା । ସେ ଚାହିଁ ନ ଥିଲା ବିବାହ କରିବାକୁ । ତା' ଛଡ଼ା ତା'ର ଅବସ୍ଥା ବି ଏପରି ଯେ ନିଜେ ନିଜର ଦାନା ଗଣ୍ଡାକ ଯୋଗାଡ଼ କରି ପାରିବା ବି ମୁସ୍କିଲ । ତେଣୁ ସେ ନଗେନ୍ଦ୍ରକୁ ବହୁତ ବୁଝାଇଲା ଯେ ତାକୁ ଛାଡ଼ିଦେଇ ସେ ବିବାହ କରିନେଉ । ପରେ ସୁବିଧା ହେଲେ ସେ ବିବାହ କରିବ । କିନ୍ତୁ ନଗେନ୍ଦ୍ର ନଛୋଡ଼ବନ୍ଦା । ସେ ରବୀନ୍ଦ୍ରର କୌଣସି କଥା ଶୁଣିଲା ନାହିଁ । ଶେଷରେ ରବୀନ୍ଦ୍ର ବାଧ ହେଲା ବିବାହ କରିବାକୁ । ଏକାଦିନେ ଦୁହିଙ୍କର ବିବାହ ହୋଇଗଲା ।

ବର୍ତ୍ତମାନ ଦୁହିଙ୍କର ଅବସ୍ଥା ପୂର୍ବଭଳି ନାହିଁ । ପୂର୍ବଭଳି ସେମାନେ ଆଉ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ନୁହନ୍ତି । ରବୀନ୍ଦ୍ର ବହୁତ ଅସୁବିଧା ଅନୁଭବ କରୁଛି । ଏକେ ତ ସେ ବିବାହ କରିବାକୁ ଇଚ୍ଛୁକ ନ ଥିଲା, ଦ୍ୱିତୀୟରେ ତା'ର ଚଳିବା ବହୁତ ଖରାପ । ବେଳେ ବେଳେ ଉପାସ ବି ରହିବାକୁ ପଡୁଛି; କ'ଣ କରିବ

କିଛି ସ୍ଥିରକରି ପାରୁ ନାହିଁ । ଅବଶ୍ୟ ସ୍ତ୍ରୀ ତା'ର ବହୁତ ଭଲ ଲୋକ । ଦୁଃଖ କଷ୍ଟ, ଅଭାବ ଅସୁବିଧା ଭିତରେ ସେ ବି ସମଭାଗୀ ହୋଇଛି । ତେବେ ରବୀନ୍ଦ୍ରକୁ ଅବମାନନା କରି ନାହିଁ କି ତା' ମନରେ ଦୁଃଖ ଦେବାକୁ ଚାହିଁ ନାହିଁ । ରବୀନ୍ଦ୍ର କିନ୍ତୁ ବୃଶ୍ଚିକର ଦଂଶନ ଭଳି ଜ୍ୱାଳା ଅନୁଭବ କରୁଛି । ତାକୁ ଚାରିଆଡ଼ ଅନ୍ଧକାର ଦେଖା ଯାଉଛି । ନଗେନ୍ଦ୍ର ସହିତ ବି ଆଉ ବିଶେଷ ଭେଟ ହେଉ ନାହିଁ ।

ବର୍ତ୍ତମାନ ସେ ଅତୀତ ଜୀବନ କଥା ଭାବୁଛି । ଭାବୁଛି, ଇଏ କ'ଣ ବନ୍ଧୁତା ନା ବନ୍ଧନ ! ମୁଁ ବନ୍ଧୁତାର ମୋହରେ ପଡ଼ି କ'ଣ ନ କରିଛି ? ମୁଁ ତ ଖୁବ୍ ଭଲ ପଢୁଥିଲି, ଇଚ୍ଛା କରିଥିଲେ ବହୁତ ଉଚ୍ଚ ଶିକ୍ଷିତ ହୋଇ ମୋର ଅବସ୍ଥାକୁ ବଦଳାଇ ଦେଇ ପାରିଥା'ନ୍ତି । ମୁଁ ଯଦି ପଢ଼ିଥା'ନ୍ତି ବନ୍ଧୁର ତ କିଛି ଅପକାର ହୋଇ ନ ଥାଆନ୍ତା, ବରଂ ମୋର ପ୍ରଭାବରେ ଓ ମୋର ଆଦର୍ଶକୁ ଅନୁସରଣ କରି ସେ ଫେଲ୍ ହେଉ, ପାସ୍ କରୁ, ପଢ଼ିଉଠି ଆହୁରି ଅଧିକ ପଢ଼ିବାକୁ ଚେଷ୍ଟା କରିଥାଆନ୍ତା । କିନ୍ତୁ ମୁଁ ବନ୍ଧୁତା ଦେଖାଇ ହୋଇ ପଢ଼ା ଛାଡ଼ିବା ଫଳରେ କାହାରି ତ କିଛି ଉପକାର ହେଲା ନାହିଁ । ଠିକ୍ ସେହିପରି ସେ ଯେତେବେଳେ ମୋତେ ସିନେମା ଦେଖିବା, ଧୂମପାନ ଆଦି କରିବା ଲାଗି ପ୍ରବର୍ତ୍ତାଇଲା, ସେତେବେଳେ ମୁଁ ତାକୁ ଦୃଢ଼ଭାବରେ ବାରଣକରି ଉପଦେଶ ଦେଇପାରିଥା'ନ୍ତି, ଯାହାଫଳରେ ସେ ଏସବୁ ଅଭ୍ୟାସ ବଢ଼ାଇ ନ ଥା'ନ୍ତା, ଯଦିବା ମୋ ଉପଦେଶ ମାନି ନ ଥା'ନ୍ତା; ତଥାପି ଏତେ ଉତ୍ସାହିତ ହୋଇ ନ ଥାଆନ୍ତା । ଅନ୍ତତଃ ପକ୍ଷେ ମୁଁ ତ ସେଥିରୁ ମୁକ୍ତ ରହି ପାରି ଥାଆନ୍ତି ! କିନ୍ତୁ ବନ୍ଧୁର ଚେତନା ମୋତେ ଆଛନ୍ନ କରିଛି, ମୋର ସମସ୍ତ ବିଚାରବୁଦ୍ଧି, ନିଜସ୍ୱ ଗୁଣ ହଜିଯାଇଛି । ମୁଁ ମୋର ସର୍ବନାଶ କରି ତା'ର ସର୍ବନାଶରେ ବି ସାହାଯ୍ୟ କରିଛି । ସେ ଯାହାହେଉ ମୁଁ ମୋର ସର୍ବନାଶ କରେ ପଛେ, ମୁଁ ମୋର ଏକୁଟିଆ ରହି ମୋର କର୍ମ ଫଳ ଭୋଗ କରୁଥିଲି, କିନ୍ତୁ ତା'ର ଅନୁରୋଧ ଓ ପ୍ରରୋଚନାରେ ପଡ଼ି ଏଇ ଅବସ୍ଥାରେ ଯେଉଁ ବିବାହ କଲି ତା'ଫଳରେ ଆଉ ଜଣକର ଜୀବନକୁ ବି ଦୁଃଖ କଷ୍ଟମୟ କରି ପକାଇଲି ।

ବର୍ତ୍ତମାନ ଖାଇବାକୁ ବି ମୁଠାଏ ମିଳୁ ନାହିଁ ! ବନ୍ଧୁତ୍ୱର ଅର୍ଥ କ'ଣ ବନ୍ଧୁର ସକଳ ନିମ୍ନ କାମନା ବାସନା ପୂରଣରେ ସହାୟକ ହୋଇ ଉଠିବା ନା ନିଜେ ସେଥିରୁ ମୁକ୍ତ ରହି ତାକୁ ମୁକ୍ତ କରିବାକୁ ଚେଷ୍ଟା କରିବା ? ଯାହାହେଉ, ବର୍ତ୍ତମାନ ଆଉ କୌଣସି ଉପାୟ ନାହିଁ । ଏଭଳି ଚିନ୍ତା କରିବାର ସମୟ ଚାଲି ଯାଇଛି । ବର୍ତ୍ତମାନ କେବଳ ଏକମାତ୍ର ବନ୍ଧୁ ହେଉଛନ୍ତି ଭଗବାନ୍ । ଏତେ ଦୁଃଖ ଭିତରେ ସେଇ ଅଦୃଶ୍ୟ ବନ୍ଧୁଙ୍କର ସାମାନ୍ୟ ମାତ୍ର ନାମ ସ୍ମରଣ ମୋତେ କେତେ ସାନ୍ତ୍ୱନା, କେତେ ଶାନ୍ତି ଦେଉଛି ! ଦେଖେ, ଚେଷ୍ଟା କରେ, ତାଙ୍କରି ଉପରେ ଭରସା ରଖି ମୋର ଛିନ୍ନଭିନ୍ନ ବିନଷ୍ଟ ଜୀବନକୁ ପୁଣି ଥରେ ନୂଆ କରି ଗଢ଼ି ପାରୁଛି କି ନାହିଁ । କିନ୍ତୁ ତାଙ୍କର ସ୍ମରଣ, ବର୍ତ୍ତମାନର ଗାଢ଼ ଅନ୍ଧକାର ସତ୍ତ୍ୱେ, ମୁଁ ତାହା କରି ପାରିବି ବୋଲି କାହିଁକି ମୋ ମଧ୍ୟରେ ଦୃଢ଼ ପ୍ରତ୍ୟୟ ସୃଷ୍ଟି କରୁଛି ।

ବର୍ତ୍ତମାନ ନଗେନ୍ଦ୍ରର ଅବସ୍ଥା ବି ତଦ୍ରୂପ । ସେ ବର୍ତ୍ତମାନ ଅନୁଭବ କରୁଛି ବନ୍ଧୁତା କିପରି ବନ୍ଧନରେ ପରିଣତ ହୋଇଛି । ଭଲ ପାଇବା କିପରି ବିବାହର ରୂପ ନେଇଛି । ବିବାହ ପରେ କିପରି ଭଲ ପାଇବା ଶେଷ ହୋଇଯାଇ ଖାଲି ହାତ ଗୋଡ଼ରେ ବେଡ଼ି ରହିଯାଇଛି । ବର୍ତ୍ତମାନ ଏହି ନୀତିହୀନ, ସଂଯମହୀନ ବ୍ୟକ୍ତିଟିକୁ ପତ୍ନୀଙ୍କର ନିର୍ଦ୍ଦେଶ ଅନୁଯାୟୀ ଚଳିବାକୁ ହେଉଛି । ନିଜର ନୈତିକ ଚରିତ୍ର ଉନ୍ନତ ଓ ଶକ୍ତିଶାଳୀ ନ ଥିବାରୁ ସବୁବେଳେ ସେ ଡରି ଡରି ଚଳୁଛି । ପତ୍ନୀଙ୍କର ବିଭିନ୍ନ ସମୟରେ ବିଭିନ୍ନ ଫରମାସି ପୂରଣ ନ ହେଲେ ଯାବତୀୟ ଅପମାନ ଓ ଲାଞ୍ଛନା ସହିବାକୁ ହେଉଛି ।

ନଗେନ୍ଦ୍ରକୁ ସବୁଠାରୁ ବେଶୀ ବାଧୁଛି ତା'ର ଯେତେବେଳେ ରବୀନ୍ଦ୍ର କଥା ମନେ ପଡ଼ିଯାଉଛି । ଭାବୁଛି, ଆହା ! ବିଚରା ମୋ ଲାଗି ଆଜି ପେଟପୂରା ମୁଠିଏ ଖାଇବାକୁ ବି ପାଉ ନାହିଁ । ବନ୍ଧୁତାର ଅର୍ଥ କ'ଣ ବନ୍ଧୁକୁ ନିଜ ସ୍ୱଭାବ, ଭଲ ବା ଖରାପ ଯାହାହେଉ, ସେଇ ଅନୁସାରେ ଚଳିବାକୁ ବାଧ୍ୟ କରିବା ? ନିଜେ ଯାହା ସିଏ ସେଇଆ ହେଉ ବୋଲି ଚାହିଁବା ? ନିଜେ ନିଜ ବାଟରେ ଯାଇ ବନ୍ଧୁକୁ ତା' ବାଟରେ ଯିବାକୁ ଛାଡ଼ିଦେଇ

ଅନ୍ତରରେ ପରସ୍ପର ପ୍ରତି ସ୍ନେହ, ପ୍ରେମ କ'ଣ ରହି ପାରିବ ନାହିଁ ? କେହି କାହାରିଠାରୁ କିଛି ଦାବି ନ କରି ପରସ୍ପର ପ୍ରତି ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ବୁଝାମଣାର ଭାବ ପୋଷଣ କରି ନିଜ ନିଜ ଜୀବନର ଉଚ୍ଚତମ ଲକ୍ଷ୍ୟ ସାଧନରେ ସତତ ବ୍ରତୀ ହେବା କି ସ୍ୱର୍ଗୀୟ ବସ୍ତୁ ! ଆଉ ବନ୍ଧୁତ୍ୱର ଦ୍ୱାହି ଦେଇ ନିଜ ଅଭ୍ୟାସକୁ ଜୋର ଜବରଦସ୍ତ ବନ୍ଧୁ ଉପରେ ଲଦିବାର ପରିଣାମ କି ମର୍ମନ୍ତୁଦ !

ପ୍ରଥମେ ପ୍ରଥମେ ନଗେନ୍ଦ୍ର ରବୀନ୍ଦ୍ରର ଚଳିବା ଅସୁବିଧା ଦେଖି ତାକୁ ବିଭିନ୍ନ ପ୍ରକାରେ ସାହାଯ୍ୟ କରୁଥିଲା । କିନ୍ତୁ ଏ ସବୁ କଥା ତା'ର ସ୍ତ୍ରୀ ଜାଣିପାରି ଏବେ କଡ଼ା ହୁକୁମ ଜାରି କରି ଦେଇଛି ଯେ ସେ ଆଉ ରବୀନ୍ଦ୍ର ଘରକୁ ଯାଇପାରିବ ନାହିଁ । ନିଜ ଘର ଚଳାଇ ପାରିବାର କ୍ଷମତା ନାହିଁ, ସେଥିରେ ପୁଣି ଅନ୍ୟକୁ ସାହାଯ୍ୟ କରାଯାଉଛି ! ନଗେନ୍ଦ୍ର ଆଉ ରବୀନ୍ଦ୍ର ଘରକୁ ନ ଯିବା ଲାଗି ବାଧ୍ୟ । ନଚେତ୍ ପରିଣାମକୁ ସମ୍ଭାଳି ପାରିବାର କ୍ଷମତା ତା'ର ନାହିଁ । ସେତେବେଳେ ସଂସାର ଜଞ୍ଜାଳ ଭିତରେ ରବୀନ୍ଦ୍ର କଥା ମନେପଡ଼େ, ନିଜ କଥା ମନେପଡ଼େ । ବ୍ୟଥାଭରା, ଅସହାୟ ଦୀର୍ଘ ନିଃଶ୍ୱାସଟିଏ ଖାଲି ବାହାରି ଆସେ ।

ଏଇ ପରିସ୍ଥିତିରେ ବନ୍ଧୁତ୍ୱ ସମ୍ପର୍କରେ ମା ଓ ଶ୍ରୀଅରବିନ୍ଦଙ୍କ କଥା ମନେପଡ଼େ । ମା' କହିଛନ୍ତି :

''Our best friend is he who loves us in our best part, and yet does not ask of us to be other than what we are... In a more positive way, I would say : he who encourages you to descend to the lowest level in you, who drives you to do stupid things with him or become vicious along with him or approves all that is vile in you is not your friend... one should regard him only as his best friend who re-

fuses to take part in a bad or ugly act, who encourages you to resist all lower temptations. He is indeed your friend... In reality, you should take as friends only those persons who are wiser than you, whose company ennobles you, helps you to transcend yourself, to progress, to act better and see clearer. And finally, the best friend that one can have, is it not the Divine !''

''ଆମର ସର୍ବୋତ୍ତମ ବନ୍ଧୁ ହେଉଛି ସେଇ ଯିଏ ଆମକୁ ଆମର ସର୍ବୋତ୍ତମ ଅଂଶରେ ଭଲପାଏ ଏବଂ ଆମେ ଯାହା, ତାହାଠାରୁ ଅନ୍ୟକିଛି ହେବା ଲାଗି ଦାବି କରେ ନାହିଁ । ...ଆହୁରି ସ୍ପଷ୍ଟ ଭାବରେ କହିବାକୁ ଗଲେ, ମୁଁ କହିବି ଯେ ଯିଏ ତୁମକୁ ତୁମ ଚେତନାର ନିମ୍ନତମ ସ୍ତରକୁ ଖସିଯିବାରେ ଉତ୍ସାହ ଯୋଗାଏ, ତା'ସହ ମିଶି ନିର୍ବୋଧ କାର୍ଯ୍ୟ ବା ଦୁଷ୍କର୍ମ କରିବା ଲାଗି ତୁମକୁ ପ୍ରବର୍ତ୍ତାଏ ବା ତୁମ ମଧ୍ୟରେ ଯାହା କିଛି ମନ୍ଦ ସେସବୁକୁ ସମର୍ଥନ ଜଣାଏ, ସିଏ ତୁମର ବନ୍ଧୁ ନୁହେଁ । ...ସେଇଆକୁ ତୁମେ କେବଳ ତୁମର ସର୍ବୋତ୍ତମ ବନ୍ଧୁ ବୋଲି ଗ୍ରହଣ କରିବ ଯିଏ ମନ୍ଦ ଅଥବା କୁତ୍ସିତ କର୍ମରେ ଅଂଶ ଗ୍ରହଣ କରିବାକୁ ମନା କରେ ଓ ଯିଏ ତୁମକୁ ତୁମର ସକଳ ନିମ୍ନ ପ୍ରବୃତ୍ତିର ବିରୁଦ୍ଧାଚରଣ କରିବା ଲାଗି ପ୍ରେରଣା ଦିଏ । ସେହିଁ ହେଉଛି ଯଥାର୍ଥରେ ତୁମ ବନ୍ଧୁ । ...ପ୍ରକୃତ ପକ୍ଷରେ, ତୁମେ କେବଳ ସେଇମାନଙ୍କୁ ବନ୍ଧୁରୂପେ ଗ୍ରହଣ କରିବା ଉଚିତ, ଯେଉଁମାନେ ତୁମଠାରୁ ବିଜ୍ଞ, ଯେଉଁମାନଙ୍କର ସମ୍ପର୍କ ତୁମକୁ ମହତ୍ କରେ, ନିଜକୁ ଅତିକ୍ରମ କରିଯିବାରେ, ଅଗ୍ରଗତି କରିବାରେ, ଅଧିକ ଉତ୍ତମରୂପେ କାର୍ଯ୍ୟ କରିବାରେ ଓ ଅଧିକ ସୂକ୍ଷ୍ମଦୃଷ୍ଟିର ସହ ସବୁକିଛିକୁ ଦେଖିବାରେ ସାହାଯ୍ୟ କରେ । ପରିଶେଷରେ ତୁମର ଯିଏ ସର୍ବୋତ୍ତମ ବନ୍ଧୁ ହୋଇପାରନ୍ତି, ସେ କ'ଣ ସ୍ୱୟଂ ଭଗବାନ୍ ନୁହନ୍ତି !''

ଶ୍ରୀଅରବିନ୍ଦ କହିଛନ୍ତି :

''Friendship or affection is not excluded from the yoga. Friendship with the Divine is a recognised relation in the SADHANA. Friendship between Sadhakas exist and are encouraged.. We want them rooted in the soul, founded on the rock of the Divine. In yoga friendship can remain but attachment has to fall away or any such engrossing affection as would keep one tied to the ordinary life and consciousness.''

''ବନ୍ଧୁତା କିଂବା ସ୍ନେହକୁ ଯୋଗସାଧନାରୁ ବାଦ୍ ଦିଆଯାଇ ନାହିଁ । ଭଗବାନଙ୍କ ସହ ବନ୍ଧୁତ୍ୱ ସାଧନାରେ ଏକ ସ୍ୱୀକୃତ ସମ୍ପର୍କ । ସାଧକମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଥାଏ ଓ ତାକୁ ଉତ୍ସାହିତ କରାଯାଏ । ...ଆମେ ଚାହୁଁ ସେସବୁ (ବନ୍ଧୁତ୍ୱ)ର ମୂଳ ଆତ୍ମା ମଧ୍ୟରେ ରହୁ ଓ ସେସବୁ ଦିବ୍ୟ ପ୍ରସ୍ତରର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହେଉ । ଯୋଗସାଧନାରେ ବନ୍ଧୁତ୍ୱ ରହିପାରେ; କିନ୍ତୁ ଆସକ୍ତି ଅଥବା ଏହିଭଳି କିଛି ମୋହାଚ୍ଛନ୍ନ ସ୍ନେହ ଯାହା ତୁମକୁ ସାଧାରଣ ଜୀବନ ଓ ଚେତନା ସହ ବାନ୍ଧି ରଖେ, ସେସବୁ ଖସିପଡ଼ିବାକୁ ହେବ ।''

ଅଜ୍ଞାନ ଅହଂକାରରୁ କଳି

''All quarrels proceed from egoism which pushes its own opinions and affirms its own importance, considering that it is right and everybody else wrong and thus creates anger, sense of injury etc.

– Sri Aurobindo

''ସମସ୍ତ କଳି ଆସିଥାଏ ଅହଂକାରରୁ ଯାହାକି ନିଜର ମତାମତକୁ ସାବ୍ୟସ୍ତ କରିବାକୁ ଚେଷ୍ଟାକରେ ଓ ନିଜର ଗୁରୁତ୍ୱ ଉପରେ ଜୋର୍ ଦିଏ,ଏଇଆ ବିଚାର କରି ଯେ ସେ କେବଳ ଠିକ୍ ଆଉ ସମସ୍ତେ ଭୁଲ୍ ଓ ଏହିପରି ଭାବେ କ୍ରୋଧ, କ୍ଷତି କରିବାର ଭାବ ଇତ୍ୟାଦି ଜାତ କରାଇଥାଏ ।''

— ଶ୍ରୀଅରବିନ୍ଦ

ଯେଉଁ ଅହଂକାର କଥା ଶ୍ରୀଅରବିନ୍ଦ କହିଛନ୍ତି ତାହା ଏପରି ଏକ ଅଜ୍ଞାନ ଅନ୍ଧକାର ଶକ୍ତି ଯାହାକି ଜନ୍ମ ଆରମ୍ଭରୁ ଆମକୁ ଗ୍ରାସ କରି ରହିଛି । ସେହି ଅହଂକାର ଯୋଗୁଁ ଆମେ ପରସ୍ପରକୁ ପରସ୍ପରଠାରୁ ପୃଥକ୍ ବୋଲି ଭାବୁଛେ ଓ 'ମୁଁ', 'ମୋର' ଏ ଭାବ ରହୁଛି । ମୁଁ ବଡ଼ ହେବି, ମୋର ନାମ ଯଶ ହେବ, ମୁଁ ଭଲରେ ରହିବି, ମୁଁ କ୍ଷମତାଶାଳୀ ହେବି, ମୋ ପରି ଅନ୍ୟ କେହି ନ ହୁଅନ୍ତୁ, ସମସ୍ତେ ମୋତେ ସମ୍ମାନ ଦେଖାନ୍ତୁ, ମୋର ଘର, ମୋର ପରିବାର, ମୋର ସମ୍ପତ୍ତି– ଏଇସବୁ ଅହଂକାରର ଭାବ । ଏଇ ଅହଂକାରରୁହିଁ ଏ ସୃଷ୍ଟି ହୋଇଛି । ସେହି ଅହଂକାର ଭାବ ନ ଥିଲେ ସାଧାରଣ ଅବସ୍ଥାରେ କେହି କିଛି ବି କରିପାରନ୍ତା ନାହିଁ । କାରଣ 'ମୁଁ', 'ମୋର'– ଏ ଭାବ ତା'ର ନ ରହିଲେ କାମ କରିବାର କୌଣସି ପ୍ରେରଣା ଓ ଉତ୍ସାହ ସେ ପାଇବ ନାହିଁ । କିନ୍ତୁ ଭଗବାନଙ୍କୁ ପାଇବାକୁ ହେଲେ ଏହି ଅହଂକାରହିଁ ସର୍ବଶ୍ରେଷ୍ଠ ପ୍ରତିବନ୍ଧକ । କାରଣ ପ୍ରଥମେ ଆମକୁ ସ୍ୱୀକାର କରିବାକୁ ହେବ

'ମୁଁ' ଜଣେ ପୃଥକ୍ ବ୍ୟକ୍ତି ନୁହେଁ, ସେହି ଭଗବାନଙ୍କର ଏକ ଅଂଶ, ତାଙ୍କରି କାର୍ଯ୍ୟ ଲାଗି ସେ ମୋତେ ସୃଷ୍ଟି କରିଛନ୍ତି । ମୋ ଭିତରେ ସକଳ ସୁଖ ଦୁଃଖ ସେହିଁ ସହୁଛନ୍ତି । ମୋର ବୋଲି କିଛି ନାହିଁ । ଏସବୁ ଯାହା ମୁଁ କରୁଛି ସେ ଦାୟିତ୍ୱ ସେ ମୋତେହିଁ ଦେଇଛନ୍ତି ଓ ସେହି କର୍ମ ମାଧ୍ୟମରେ ସେ ଚାହାନ୍ତି ମୁଁ ଅଧିକରୁ ଅଧିକ ତାଙ୍କରି ଦିଗରେ ଆଗେଇ ଯାଇ ତାଙ୍କୁହିଁ ଉପଲବ୍ଧି କରେ ଓ ତାଙ୍କୁହିଁ ପ୍ରକାଶ କରେ । ସେ କର୍ମ କରିବାର ଆବଶ୍ୟକ ଶକ୍ତି ମଧ୍ୟ ସେହିଁ ଦେଇଛନ୍ତି । ତେଣୁ ସାଧାରଣ ଅବସ୍ଥାରେ ଅହଂଭାବାପନ୍ନ ହୋଇ ଯେଉଁ କାର୍ଯ୍ୟ କରାଯାଏ, ତା' ଅପେକ୍ଷା ଆହୁରି ନିଷ୍ଠା, ଆହୁରି ଉତ୍ସାହ, ଆହୁରି ନିର୍ଭୁଲ ଓ ଆହୁରି ନିଃସ୍ୱାର୍ଥପର ଭାବରେ କାମ କରି ତାଙ୍କରି ଚରଣରେ ସମର୍ପଣ କରିଦେବାକୁ ହେବ । ଯାହାକିଛି ଭୁଲ୍‌ଭାଲ୍, ତ୍ରୁଟିବିଚ୍ୟୁତିକୁ ମଧ୍ୟ ସରଳ ଭାବରେ ତାଙ୍କରି ଚରଣରେ ସମର୍ପଣ କରିଦେଇ ଧୈର୍ଯ୍ୟର ସହ ଅଧିକ ନିର୍ଭୁଲ ଭାବେ କରିବା ଲାଗି ପ୍ରାର୍ଥନା କରିବାକୁ ହେବ । ଭାବିବାକୁ ହେବ ମୋ କାମ ଯେପରି ଭଗବାନଙ୍କର, ଅନ୍ୟମାନଙ୍କର କାର୍ଯ୍ୟ ମଧ୍ୟ ସେହିପରି ଭଗବାନଙ୍କର । ଏହାରି ଫଳରେ ଅହଂକାର ଲୋପପାଇ ଆମ ଭିତରର ଯଥାର୍ଥ ସତ୍ୟ ପ୍ରକାଶିତ ହେବାକୁ ସୁଯୋଗ ପାଏ । ଆମେ ଅଧିକରୁ ଅଧିକ ଏଇ ଅଜ୍ଞାନ, ଅନ୍ଧକାରାଚ୍ଛନ୍ନ ଅହଂକାରର ଛଦ୍ମବେଶକୁ ଜାଣିପାରୁ ଓ ଭଗବାନଙ୍କ ଦୟାରୁ ତା'ଠାରୁ ନିଜକୁ ମୁକ୍ତ କରିପାରୁ । ନଚେତ୍ ସବୁବେଳେ ହିଂସା, ଈର୍ଷା, ବାଦବିବାଦ, କଳିତକରାଳରେ ଜଳୁଥିବୁ ଓ ତା'ର ଫଳାଫଳ ଭୋଗ କରୁଥିବୁ ।

କେତେକ କ୍ଷେତ୍ରରେ, ଯେଉଁଠି ବିନା ଦୋଷରେ କିଂବା ବିନା କାରଣରେ ଜଣେ ଜଣକ ପ୍ରତି ଅସଦ୍ ଆଚରଣ କରେ ସେ କ୍ଷେତ୍ରରେ କଳି କରିବାର ଯଥେଷ୍ଟ କାରଣ ଥିଲେ ବି କଳି ନ କରିବା ନିଜ ପକ୍ଷରେ ଭଲ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଆମେ ଯଦି ଜାଣିବାକୁ ଚେଷ୍ଟା କରନ୍ତୁ ଯେ କଳିର କିଛି ଯଥାର୍ଥ କାରଣ ଅଛି କି ନାହିଁ ତେବେ ଜାଣିପାରନ୍ତୁ ସେଗୁଡ଼ିକ ସବୁ ନିରର୍ଥକ । କେବଳ ନିରର୍ଥକ ନୁହେଁ କ୍ଷତିକାରକ ମଧ୍ୟ । ଏଇ ସମ୍ବନ୍ଧେ

କାହାଣୀଟିଏ ପଢ଼ିବା । ଗୋଟିଏ ଚାଷୀ ଥିଲା । ସେବର୍ଷ ସେ ଖୁବ୍ ସୁନ୍ଦରଭାବେ ବାଇଗଣ ଚାଷ କରିଥିଲା । ବାଇଗଣ ବହୁତ ଫଳିଲା । ପ୍ରତି ହାଟପାଳି ଦିନ ଗାଁ ପାଖ ହାଟକୁ ନେଇ ସେସବୁକୁ ବିକେ । ଯାହା ପଇସା ମିଳେ, ସେଥିରେ ତା'ର ପରିବାର ଭଲରେ ଚଳନ୍ତି । ସମସ୍ତେ ଆନନ୍ଦରେ ଥାଆନ୍ତି ।

ଥରେ ହାଟରୁ ବାଇଗଣ ବିକି ଫେରିଲା ବେଳକୁ ଚାଷୀଟି ଗୋଟିଏ ଦୋକାନରେ ଅଇନା ବିକ୍ରି ହେଉଥିବାର ଦେଖିଲା । ତାକୁ ଦେଖି ଭାରି ଲୋଭ ହେବାରୁ ସେଥିରୁ ଗୋଟିଏ କିଣି ଆଣିଲା । ଘରେ କାହାକୁ ନ ଦେଖାଇ କନା ଗୁଡ଼ାଇ ଖୁବ୍ ଯତ୍ନରେ ରଖିଲା । ବେଳେ ବେଳେ କେହି ନ ଥିଲା ବେଳେ କନା ଖୋଲି ଟିକିଏ ମୁହଁ ଦେଖେ, ପୁଣି ତାକୁ ରଖିଦିଏ ।

ଦିନେ ଚାଷୀଟି ଘରେ ନାହିଁ । ତା' ସ୍ତ୍ରୀର ସେହି କନା ଗୁଡ଼ିଆ ଜିନିଷଟି ଉପରେ ନଜର ପଡ଼ିଲା । ଆଗ୍ରହର ସହ ଫିଟାଇ ସେ ଜିନିଷଟିକୁ ଦେଖି ଚମକି ପଡ଼ିଲା । କହିଲା, ''ଏଁ, ଲୁଚାଇ ଲୁଚାଇ ଏ ଆଉ ଗୋଟିଏ ସ୍ତ୍ରୀ ଆଣି ରଖିଲେଣି ! ଆଚ୍ଛା ଆଜି ଘରକୁ ଫେରନ୍ତୁ । ସ୍ୱାମୀପଣିଆ ଛାଡ଼ିଯିବ ।'' ସେହି ସମୟରେ ଚାଷୀଟିର ମା' ସେହି ବାଟେ ଯାଉଥିଲା । ତା'ର ନଜର ଅଇନାଟି ଉପରେ ପଡ଼ିଯିବାରୁ ସେ କ'ଣଟାଏ ବୋଲି ପଚାରି ଆସି ଦେଖି ପକାଇଲା । ଦେଖି ବଡ଼ ପାଟିରେ କହିଲା, ''ଇଏତ ବୋହୂ ନୁହଁ । ସେ ତ ଗୋଟାଏ ମା' ଆଣି ରଖିଲାଣି । ମୋତେ କ'ଣ ଆଉ ପଚାରିବ ନା କ'ଣ ? ଆଜି ଘରକୁ ଆସୁ ।'' ବାପ ଏସବୁ ପାଟିତୁଣ୍ଡ ଶୁଣି କ'ଣ ହୋଇଛି ବୋଲି ଅଇନାଟିକୁ ଦେଖିବାକୁ ଚାହିଁଲା । ସେ ବି ଦେଖି ଆହୁରି ରାଗିଯାଇ କହିଲା, ''ଏତ ମା', ବୋହୂ କିଛି ନୁହେଁ, ଏ ତ ମୋରି ଭଳି ଆଉ ଗୋଟିଏ ବାପା ଆଣି ରଖିଲାଣି । ହଉ, ଆଜି ଘରକୁ ଫେରୁ ।'' ଏତିକିବେଳେ ଗୋଟିଏ ଛୋଟ ପିଲା ବେକରେ ଏକ ସୁନ୍ଦର ଶାମୁକା ମାଳ ପକାଇ ଖେଳୁଥିଲା । କ'ଣ କ'ଣ ବୋଲି ପଚାରି ଅଇନାଟିକୁ ଆସି ଦେଖିନେଇ କହିଲା, ''ଏ ପାଜି ବଦ୍‌ମାସ ଟୋକା ମୋ ଶାମୁକା ମାଳକୁ ଚୋରାଇ ନେଇଛି ।'' ଏତିକି

କହି ରାଗରେ ଅଇନାକୁ ମାଇଲା ଗୋଟାଏ ମୁଥ ଯେଉଁଥିରେ ସେଇଟି ଚୂନା ହୋଇଗଲା ।

ଚାଷୀଟି ଘରକୁ ଫେରି ଏତେ ମୂଲ୍ୟଦେଇ କିଣିଆଣି ଏତେ ଯତ୍ନରେ ଲୁଚାଇ ରଖିଥିବା ଜିନିଷଟିର ଏ ଅବସ୍ଥା ଦେଖି ହୁଏତ ମନଦୁଃଖ କଲା । ଅଇନାଟି ଭାଙ୍ଗି ଯାଇଥିବାରୁ ସମସ୍ତେ ନିଜ ନିଜ ରାଗର ନିରର୍ଥକତା ବୁଝି ଚୁପ୍ ହୋଇ ରହିଲେ । ସେହିପରି ଆମେ ଆମ ବାହ୍ୟମନର ଅଇନାରେ ଆମର ନିଜର ଧାରଣା ଓ ଚିନ୍ତାକୁ ଦେଖି ଯଦି ବ୍ୟସ୍ତ ନ ହୋଇ ନୀରବ ରହି ମା'ଙ୍କ ଆଡ଼କୁ ଉନ୍ମୁକ୍ତ ରହନ୍ତୁ, ତେବେ ଦେଖନ୍ତୁ କଳି କରିବାର ଯେଉଁ କାରଣଗୁଡ଼ିକ ଆସି ପ୍ରେରଣା ଦେଉଥିଲେ ସେଗୁଡ଼ିକ କେବଳ ନିଜର ଭ୍ରାନ୍ତି । ସେଇଥିଲାଗି ମା' କହିଛନ୍ତି :

''When two persons quarrel, always both are in the wrong.''

''ଯେତେବେଳେ ଦୁଇଜଣ ବ୍ୟକ୍ତି କଳି କରନ୍ତି, ସେତେବେଳେ ଉଭୟହିଁ ସର୍ବଦା ଭୁଲ୍ କରିଥା'ନ୍ତି ।''

ମୁଁ ବଦଳିବି, ସିଏ କାହିଁକି ବଦଳିବ ନାହିଁ ?

''ଗୋଟିଏ ଗାଁରେ ଚାରି ଭାଇ ଥାଆନ୍ତି । ଚାରି ଭାଇଯାକ ପରସ୍ପର ଠାରୁ ପୃଥକ୍ ହୋଇଯାଇଛନ୍ତି । ଜମିବାଡ଼ି, ଘରଦ୍ୱାର ସବୁ ବଣ୍ଟା ହୋଇ ଯାଇଛି । କେବଳ ରହିଛି ଗୋଟିଏ ପୋଖରୀ । ପୋଖରୀଟି ସମସ୍ତଙ୍କ ଅଧିକାରରେ କୋଠରେ ରହିଛି । ସେଥିରେ ସେମାନେ ସମସ୍ତେ ଓ ଗ୍ରାମର ଅଧିକାଂଶ ବ୍ୟକ୍ତି ଗାଧୁଆପାଧୁଆ କରନ୍ତି ଓ ପାଣି ନେଇ ବ୍ୟବହାର କରନ୍ତି ।

ଚାରି ଭାଇଯାକ ନିଜ ନିଜ ଧନ୍ଦାରେ ଲାଗିଥାଆନ୍ତି । ନିଜ ନିଜ ଭାଗ ଜମିବାଡ଼ିତକ କିପରି ଭଲ ଚାଷ ହେବ, ଅନ୍ୟମାନଙ୍କ ଅପେକ୍ଷା ବେଶୀ ଫସଲ ଉତ୍ପନ୍ନ ହେବ, ସେଥିଲାଗି ସେମାନେ ଖୁବ୍ ତତ୍ପର । ପୋଖରୀଟି କୋଠରେ ଥିବାରୁ କେହି ତା' ପ୍ରତି ଦୃଷ୍ଟି ଦେଉ ନ ଥା'ନ୍ତି । ଚାରିକଡ଼ ଅତଡ଼ା ଖାଇ କି ଖଣ୍ଡିଆ ଖାବରା ଦେଖାଯାଉ ଥାଏ କହିଲେ ନ ସରେ ! ହୁଡ଼ାରେ ଉଇହୁଙ୍କା, ଘାସ, ଅନାବନା ଗଛର ଜଙ୍ଗଲ । ପୋଖରୀ ଭିତର ପଙ୍କରେ ପୂରି ଗଲାଣି । ତୁଠ ଛାଡ଼ି ଟିକିଏ ଅନ୍ୟ ସ୍ଥାନରେ ଗୋଡ଼ ପକାଇବା ମାତ୍ରେ ପଙ୍କରେ ଗୋଡ଼ ଦବିଯାଇ ଭୁଡ୍ ଭୁଡ୍ ହୋଇ ପଙ୍କୁଆ, ଦୁର୍ଗନ୍ଧ ପାଣି ଉପରକୁ ଉଠିଆସେ । ଖରାଦିନ ହେଲେ ପାଣି ଶୁଖିଯାଏ, ଗାଧୋଇବା ପାଇଁ ବହୁତ ହଇରାଣ ।

ସମସ୍ତେ ଏକଥା ଦେଖୁଛନ୍ତି, କିନ୍ତୁ ଏ ଅବସ୍ଥା ସୁଧାରିବା ଲାଗି କେହି ମନ ଦେଉ ନାହାନ୍ତି । ସବା ସାନ ଭାଇଟି ଟିକିଏ ବେପରୁଆ, ଛନ୍ଦ, କପଟ ତା' ଭିତରେ ବିଶେଷ ନ ଥାଏ । ଭାରି ମନୁଆ, ଗୋଟିଏ କଥା କରିବାକୁ ଇଚ୍ଛା କଲା ତ, ଯାହାହେଉ ତାକୁ ଲାଗିପଡ଼ି କରିବ । ଖାଲି ନିଜ କାମ ନୁହେଁ, ଗାଁର କୌଣସି କାମ ପଡ଼ିଲା ତ ସବୁକିଛି ଭୁଲିଯାଇ ସେଥିରେ ଲାଗିପଡ଼ିବ ।

ପୋଖରୀଟିକୁ ମରାମତି କରିବାକୁ ସେ ଚାହିଁଲା । ଉପର ତିନିଭାଇଙ୍କୁ ଜଣ ଜଣ କରି ପଚାରିଲା । କିଏ କହିଲା ବର୍ତ୍ତମାନ ଟଙ୍କାପଇସା ନାହିଁ, କିଏ କହିଲା ଖରାଦିନ ଆସୁ ଦେଖିବା । ଖରାଦିନ ଆସିଲା, ଗଲା, କେହି ତା'କଥା ଶୁଣିଲେ ନାହିଁ କି ସେଥିପ୍ରତି ମନ ଦେଲେ ନାହିଁ । ବର୍ଷେ, ଦୁଇ ବର୍ଷ, ତିନି ବର୍ଷ ବିତିଗଲା । ଶେଷରେ ସାନ ଭାଇଟି ଆଉ କାହାକୁ ଅପେକ୍ଷା କଲା ନାହିଁ । ବର୍ଷେ ଖରାଦିନ ଆରମ୍ଭ ହେବାମାତ୍ରେ ପୋଖରୀରୁ ପାଣି ଯେପରି ଶୁଖିଛି ସେ କାମ ଆରମ୍ଭ କରିଦେଲା । ପୋଖରୀର ପଙ୍କତକ ବାହାର କରିଆଣି ନିଜ ବାଡ଼ିରେ ଓ ଫସଲ କିଆରୀରେ ପକାଇଲା । ପୋଖରୀ ହୁଡ଼ା ଭଲରୂପେ ମାଟି ପକାଇ ମଜଭୁତ କରି ବାନ୍ଧି ଦେଲା । ହୁଡ଼ାରେ ନଡ଼ିଆ, କଦଳୀଆଦି ଗଛ ଲଗାଇ ଦେଲା । ପୋଖରୀ ମଧ୍ୟରେ ବିଭିନ୍ନ ପ୍ରକାର ମାଛର ଜାଆଁଳ ଆଣି ଛାଡ଼ିଲା ।

ବର୍ତ୍ତମାନ ପୋଖରୀର ଭିତର ବାହାର ସଂପୂର୍ଣ୍ଣ ବଦଳି ଯାଇଛି । ପୋଖରୀ ହୁଡ଼ା ଓ ପୋଖରୀକୁ ଚାହିଁଦେଲେ ମନ-ପ୍ରାଣ ପୂରି ଉଠୁଛି । ପୋଖରୀରେ ବର୍ଷର ସବୁ ସମୟରେ ପାଣି ରହୁଛି । ପାଣି ପୁଣି କି ନିର୍ମଳ ! କାରଣ ଅପରିଷ୍କାର ଜିନିଷପତ୍ର ପୋଖରୀ ଭିତରେ ଧୂଆଧୋଇ କରିବାଲାଗି ମନା କରି ଦିଆଯାଇଛି । ପୋଖରୀରୁ ପାଣି ନେଇ ବାହାରେ ଧୋଇବା ଲାଗି ଲୋକମାନଙ୍କୁ କହି ଓ ପୋଖରୀ ହୁଡ଼ାରେ ଲେଖି ଜଣାଇ ଦିଆ ଯାଇଛି । ବିଭିନ୍ନ ଜାତିର ମାଛରେ ବର୍ତ୍ତମାନ ପୋଖରୀ ଭର୍ତ୍ତି । ଚାରିଭାଇଙ୍କ ଘରେ ପ୍ରତିଦିନ ମାଛ ରୋଷେଇ ହୋଇ ବର୍ଷରେ ୩/୪ ଥର ବାହାରକୁ ବିବାହଆଦି ଉତ୍ସବରେ ବିକ୍ରି ହେଉଛି । ପୋଖରୀ ହୁଡ଼ାରେ କଦଳୀ, ନଡ଼ିଆ ଆଦି ଫଳ ଧରିଲାଣି । ଘର ଖର୍ଚ୍ଚ ଯାଇ ବାହାରେ ବହୁତ ବିକ୍ରି ହେଉଛି । ପୋଖରୀ ହୁଡ଼ା ବି ବହୁତ ମଜଭୁତ ହୋଇଯାଇଛି । ଆଉ ବିଶେଷ ଅତଡ଼ା ଖାଉ ନାହିଁ । ବର୍ଷସାରା ପୋଖରୀ ପାଣି ବାଡ଼ିବଗିଚାର ଫସଲରେ ବ୍ୟବହାର କରାଯାଇ ପାରୁଛି । ପଙ୍କ ନ ଥିବାରୁ ଓ ପୂର୍ବାପେକ୍ଷା ଅଧିକ ଗଭୀର ହୋଇ ଯାଇଥିବାରୁ ପ୍ରଚୁର ପାଣି ଝରୁ ପଡୁଛି ।

ପୋଖରୀର ମରାମତିରେ ସିନା କେହି ଅର୍ଥ ଓ ଶ୍ରମ ବ୍ୟୟ କରିବାକୁ ରାଜି ହୋଇ ନ ଥିଲେ; କିନ୍ତୁ ବର୍ତ୍ତମାନ ଆୟରୁ ସମସ୍ତେ ସମାନ ଭାଗ ନେବାରେ ବିଶେଷ ସଜାଗ । ଟିକିଏ ଏପାଖ ସେପାଖ ହେଲେ କଳି କରିବାକୁ ତିଆରି । ସାନଭାଇ କ'ଣ ଖର୍ଚ୍ଚ କରିଥିଲା, କେତେ ଖର୍ଚ୍ଚ କରିଥିଲା, ସେ ବିଷୟରେ କେହି ପଚାରନ୍ତି ନାହିଁ । ସାନଭାଇ ଅବଶ୍ୟ ପୋଖରୀର ମରାମତିରେ ବହୁତ ଖର୍ଚ୍ଚ କରିଥିଲା । କିନ୍ତୁ ଯେଉଁ ପଙ୍କତକ ସେ ନିଜ ବାଡ଼ି ଓ ବିଲରେ ପକାଇଥିଲା ତା' ଫଳରେ ସେ ଜମିର ଉର୍ବରତା ବହୁ କାଳ ଲାଗି ବଢ଼ିଗଲା । ଅନ୍ୟମାନଙ୍କ ଅପେକ୍ଷା ସେ ପ୍ରଚୁର ଫସଲ ପାଇପାରିଲା । ଅବଶ୍ୟ ପ୍ରଥମେ ପଙ୍କ କାଢ଼ି ତା' ନିଜ ଜମିରେ ପକାଇବା ସମୟରେ ଅନ୍ୟ ଭାଇମାନେ ପ୍ରତିବାଦ କରିଥିଲେ । କିନ୍ତୁ ପୋଖରୀର ମରାମତି ପାଇଁ ସେମାନେ ନିଜେ କିଛି ଖବର ବୁଝୁ ନ ଥିବାରୁ ଓ ଖର୍ଚ୍ଚ କରୁ ନ ଥିବାରୁ ବିଶେଷ ବାଧା ଦେଇପାରି ନ ଥିଲେ ।

ଯାହା ହେଉ ବର୍ତ୍ତମାନ ସମସ୍ତେ ଉପକୃତ । ଘରେ ସମସ୍ତଙ୍କର ଆୟ ବୃଦ୍ଧି ପାଇଛି, ତରକାରି ଚିନ୍ତା ଦୂର ହୋଇଛି । ଘର ଲୋକ ଓ ଗାଁର ଲୋକମାନଙ୍କ ମନରେ (ଯେଉଁମାନେ ପୋଖରୀର ଜଳ ବ୍ୟବହାର କରନ୍ତି) ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି ।

ସେଇ ଗାଁରେ ଆଉ ଗୋଟିଏ ପରିବାରର ଏହାଠାରୁ ରହିଛି ଏକ ବଡ଼ ପୋଖରୀ । ପ୍ରାୟ ଏହାର ଦୁଇଗୁଣ ହେବ । ସେ ବି ସେହିପରି ୪/୫ ଭାଇଙ୍କ କୋଠରେ ରହିଛି । ଭାଇମାନେ ସବୁ ପୃଥକ୍ ହୋଇ ଯାଇଛନ୍ତି । ବର୍ଷ ପରେ ବର୍ଷ କେତେ ବର୍ଷ ବିତିଗଲାଣି; କିନ୍ତୁ ପୋଖରୀଟି ପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି । ଅତଡ଼ା ଖାଇ ପୋଖରୀ ପୋତି ହୋଇ ପଡ଼ିଲାଣି । ହୁଡ଼ାରେ ବଣଜଙ୍ଗଲ ପୂରିଗଲାଣି । ଭିତରେ ଦଳ ଭର୍ତ୍ତି । ଝାଡ଼ା ଫେରିସାରି ଶୌଚ ହେବା ନିମନ୍ତେ ପୋଖରୀର ଗୋଟିଏ ସ୍ଥାନରେ ସରୁ ବାଟଟିଏ ଦେଖାଯାଉଛି; ତା' ଛଡ଼ା ତା'ରି ଆଉ କୌଣସି ବ୍ୟବହାର ନାହିଁ । ବରଂ ମଶା ଆଦି କୀଟଙ୍କର ଉତ୍ପତ୍ତିସ୍ଥଳ ଓ ସାପ ଆଦି ଅନିଷ୍ଟକାରୀ ଜୀବଙ୍କର

ବାସସ୍ଥଳରେ ପରିଣତ ହୋଇଛି । ପରିବାରର ସମସ୍ତ ଲୋକ ପ୍ରଥମୋକ୍ତ ପୋଖରୀଟିରେ ଯାଇ ସ୍ନାନ ଆଦି କରୁଛନ୍ତି । କିନ୍ତୁ ନିଜ ପୋଖରୀଟିର ମରାମତ ପାଇଁ ପରସ୍ପର ପରସ୍ପରକୁ ଅନାଅନି ହୋଇ– 'ସିଏ କରୁ ନାହିଁ, ମୁଁ କାହିଁକି କରିବି' ଭାବ ପୋଷଣ କରି କେହି କିଛି କରୁ ନାହାନ୍ତି । ଏତେବଡ଼ ପୋଖରୀଟା କିଛି କାମରେ ଲାଗିବା ତ ଦୂରର କଥା, ବରଂ ବିପଦର କାରଣ ହୋଇଛି ।

✶

ଆଉ ଗୋଟିଏ ଘଟନା । ପିଲାଟିଏ, ସ୍କୁଲରେ ପଢୁଥାଏ । ତା'ର ଅନ୍ୟ ସାଙ୍ଗ ପିଲାମାନଙ୍କ ସହ ପଡ଼ି ବିଡ଼ି ସିଗାରେଟ୍ ଆଦି ଖାଇବା ଅଭ୍ୟାସ ହୋଇଗଲାଣି । ଅବଶ୍ୟ ଲୁଚାଇ ଲୁଚାଇ ଖାଏ, ବାପା ଜାଣନ୍ତି ନାହିଁ । ଜାଣିଲେ, ସେ ଯେପରି ଲୋକ, ରାଗି ଅଗ୍ନିଶର୍ମା ହୋଇ କ'ଣ ନାହିଁ କ'ଣ କରିପକାଇବେ । ମା' କିନ୍ତୁ ଏକଥା ଜାଣନ୍ତି । ଅନେକ ଥର ତାକୁ ଏକାନ୍ତରେ କେତେ ବୁଝାଇଲେଣି ବିଡ଼ି ସିଗାରେଟ୍ ଛାଡ଼ି ଦେବାକୁ; ଅନେକ ଥର ଅଭିମାନ କରି କନ୍ଦାକଟା କଲେଣି । କେତେଥର ପିଲାଟି ମା'ର ଦୁଃଖ ଦେଖି ବିଡ଼ି ସିଗାରେଟ୍ ଛାଡ଼ିଦେବା ଲାଗି ସଂଙ୍କଳ୍ପ କଲାଣି । କିନ୍ତୁ ପରେ ଯେତେବେଳେ ସାଙ୍ଗମାନଙ୍କ ମେଳରେ ଜୁଟେ, ସେତେବେଳେ ସେମାନଙ୍କୁ କୁହେ, ''ଚାଲ, ଆମେ ଏଣିକି ବିଡ଼ି ସିଗାରେଟ୍ ଛାଡ଼ିଦେବା ।'' ସେମାନେ କହନ୍ତି, ''ଭାରି ସଂଯମୀ ପାଲଟି ଗଲୁଣି ! ତୁ ଛାଡ଼, ଆମେ ଛାଡ଼ି ପାରିବୁ ନାହିଁ ।''

ପିଲାଟି ଭାବେ : ସମସ୍ତେ ଖାଉଛନ୍ତି, ଫୂର୍ତ୍ତି କରୁଛନ୍ତି, କେହି ଛାଡ଼ିବାକୁ ନାରାଜ; ଆଉ ମୁଁ କାହିଁକି ଛାଡ଼ିବି ? ସେମାନଙ୍କ ମା' ମାନେ କେହି କିଛି କହୁ ନାହାନ୍ତି; ଖାଲି ମୋରି ମା' କାନ୍ଦିବ ଓ ଉପଦେଶ ଦେବ । ଯାହା ହେଉ, ମୁଁ ଯାକୁ ଛାଡ଼ିପାରିବି ନାହିଁ ।

ପିଲାଟି ବର୍ତ୍ତମାନ ବଡ଼ ହୋଇଗଲାଣି । କଲେଜପଢ଼ା ଛାଡ଼ି ବଡ଼ ଚାକିରି କଲାଣି । ବର୍ତ୍ତମାନ ବିଡ଼ି କିଂବା କମ୍‌ଦାମିକା ସିଗାରେଟ୍ ପରିବର୍ତ୍ତେ

ଦାମିକା ସିଗାରେଟ୍ ବ୍ୟବହୃତ ହେଉଛି । ଶରୀର କିନ୍ତୁ ବହୁତ ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲାଣି । ବେଳେ ବେଳେ ବକ୍ଷରେ ବେଦନା ଅନୁଭୂତ ହୋଇ କାଶ ହେଉଛି । କିଛିଦିନ ପରେ କାଶରେ ରକ୍ତ ପଡ଼ିବାରୁ ସେ ଭୟଭୀତ ହୋଇ ଡାକ୍ତରଙ୍କୁ ଦେଖାଇଲା । ଡାକ୍ତରମାନେ ଦେଖିଲେ ଅତ୍ୟଧିକ ଧୂମପାନ ଫଳରେ ତା'ର ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହୋଇଯାଇଛି । ହତାଶା ଆଉ ଦୁଃଖରେ ସେ ଭାଙ୍ଗିପଡ଼ିଲା । ପିଲାଦିନେ ମା'ର କଥା ମନେ ପଡ଼ିଲା । କିନ୍ତୁ ବର୍ତ୍ତମାନ ସେ ଆଉ ନାହିଁ ତା'ର ଏ ଦୁଃଖ ଦେଖିବାକୁ ।

ସାଧନା କ୍ଷେତ୍ରରେ ମଧ୍ୟ ଏହିପରି । ଆମେ ଯଦି ଆମର ଆବଶ୍ୟକ ପରିବର୍ତ୍ତନ ସାଧନ ନ କରି ଅନ୍ୟମାନଙ୍କୁ ଅପେକ୍ଷା କରିବା, ତେବେ ଚିରକାଳ ଅପେକ୍ଷା କରିଥିବା । ଶ୍ରୀମା'ଙ୍କ ମତରେ ଆମେ ଯଦି 'ଆମ ପ୍ରକୃତି ଉପରେ ଏକ କ୍ଷୁଦ୍ର ବିଜୟ ହାସଲ କରିପାରିବା ତେବେ ଏହା ଆମ ବାତାବରଣ ଉପରେ ସେହି ବିଜୟ ହାସଲ ଲାଗି ଏକ ଶକ୍ତିଶାଳୀ ପ୍ରଭାବ ପକାଇବ ଓ ସମଗ୍ର ଜଗତରେ ସେହି ବିଜୟ ହାସଲ ହୋଇ ପାରିବାର ଏକ ସମ୍ଭାବନା ସୃଷ୍ଟି କରିବ ।'

କିନ୍ତୁ ଆମ ପ୍ରକୃତିର ଦୋଷତ୍ରୁଟି ଉପରେ ବିଜୟ ହାସଲ ଲାଗି ପରିପୂର୍ଣ୍ଣ ନିଷ୍ଠା ବା ଆନ୍ତରିକତା ଆବଶ୍ୟକ । ଆମର ଏହି ପରିବର୍ତ୍ତନ ବା ବିଜୟ ଲାଗି କିଛି ଲାଭ ଆଶା ରଖିଲେ କି ଅନ୍ୟମାନେ ପରିବର୍ତ୍ତନ ହେଉ ନାହାନ୍ତି, ମୁଁ କାହିଁକି ପରିବର୍ତ୍ତିତ ହେବି– ଏ ଭାବ ପୋଷଣ କଲେ ନିଜର କିଛି ବି ପରିବର୍ତ୍ତନ ବା ଉନ୍ନତି ହେବ ନାହିଁ । ଅନ୍ୟ କିଏ କ'ଣ କରୁଛନ୍ତି ସେଥିରେ ଆମର କିଛି ଯାଏ ଆସେ ନାହିଁ କି ଆମେ ନିଜକୁ ପରିବର୍ତ୍ତନ କଲେ ଆମକୁ କି ଲାଭ ମିଳିବ ସେଥିରେ ଆମର କିଛି ଯାଏ ଆସେ ନାହିଁ । ଆମକୁ ଭଗବାନଙ୍କ ସଂକଳ୍ପ ଅନୁସାରେ, ତାଙ୍କରି ଶକ୍ତି ବଳରେ ନିଜର ପରିବର୍ତ୍ତନ କରିବାକୁ ହେବ, ନିଜର ତ୍ରୁଟି ଉପରେ ବିଜୟ ହାସଲ କରିବାକୁ ହେବ– ସେଇଥିରେହିଁ ଆମର ଆନନ୍ଦ । ପୁରସ୍କାର, ପ୍ରଶଂସା କି ଅନ୍ୟମାନେ କାହିଁକି ବଦଳୁ ନାହାନ୍ତି– ସେସବୁ ସହ ଆମର କୌଣସି ସମ୍ପର୍କ ନାହିଁ ।

ସେସବୁକୁ ଚାହିଁ ବସିଲେ ନିଜର କିଂବା ସଂସାରର କୌଣସି ପରିବର୍ତ୍ତନ ହେବ ନାହିଁ । ସେଇଥି ଯୋଗୁଁ ମା' କହିଛନ୍ତି :

''You must be absolutely sincere, not do it with the idea of getting a result, but because you want to gain a victory. If you gain it, it will necessarily have an effect on those around you. But if a bargaining element is mixed up in it, if you do this thing because you want to get that other : 'I want to overcome my defects, but that person must also overcome his,' then that does not work. It is a merchant's attitude : 'I give this, but I shall take that.' That spoils everything. There is neiher sincerity nor purity. It is bargaining.

Nothing must be mixed with your sincerity, your aspiration, your motive. You do things for love of the Divine, for truth, for perfection, without other motive, any other idea. And that brings results.''

ଅର୍ଥାତ୍, ''ତୁମକୁ ସଂପୂର୍ଣ୍ଣରୂପେ ନିଷ୍ଠାପର ହେବାକୁ ହେବ, କିଛି ବି ଫଳାଫଳ ଆଶା ରଖି ଏହା କରିବାକୁ ହେବ ନାହିଁ । ତୁମେ ଏହା କରିବ କେବଳ ଏକ ବିଜୟ ହାସଲ ନିମନ୍ତେ । ଯଦି ତୁମେ ବିଜୟ ହାସଲ କର, ତେବେ ତୁମ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିମାନଙ୍କ ଉପରେ ଏହାର ପ୍ରଭାବ ନିଶ୍ଚୟ ପଡ଼ିବ । କିନ୍ତୁ ଏହା ସହ ଯଦି କୌଣସି କିଣାବିକା ମନୋଭାବ ମିଶେ, ତୁମେ ଏହି କାର୍ଯ୍ୟଟି କର ଅନ୍ୟ କଥାଟିକୁ ପାଇବା ଆଶାରେ : 'ମୁଁ ଚାହୁଁଛି ମୋର ତ୍ରୁଟିକୁ ଅତିକ୍ରମ କରିବାକୁ; କିନ୍ତୁ ସେ ବ୍ୟକ୍ତି ମଧ୍ୟ ତା'ର ତ୍ରୁଟିକୁ ଅତିକ୍ରମ କରିବା ଉଚିତ,' ତେବେ ତାହା କ୍ରିୟାଶୀଳ ହେବ ନାହିଁ ।

ଏହା ଏକ ବ୍ୟବସାୟୀ ମନୋଭାବ : ଏଇଟି ମୁଁ ଦେଉଛି, କିନ୍ତୁ ସେଇଟି ନେବି ।' ଏହି ମେନୋଭାବ ସବୁକିଛିକୁ ନଷ୍ଟ କରିଦିଏ । ଏଥିରେ ରହିଛି ନା ଆନ୍ତରିକତା ନା ଶୁଦ୍ଧି । ଏହା ଏକ ମୂଲଚାଲ କାରବାର ।

''ତୁମର ଆନ୍ତରିକତା, ତୁମର ଅଭୀପ୍‌ସା, ତୁମର ମନୋଭାବ ସହ କିଛି ବି ମିଶ୍ରିତ ହେବା ଉଚିତ ନୁହେଁ । ତୁମେ ସକଳ କାର୍ଯ୍ୟ କରିବ କେବଳ ଭଗବାନଙ୍କ ପ୍ରତି ପ୍ରେମ, ସତ୍ୟ ତଥା ପୂର୍ଣ୍ଣତା ନିମନ୍ତେ । ଏହା ଛଡ଼ା ଆଉ ଯେପରି କୌଣସି ଉଦ୍ଦେଶ୍ୟ, କୌଣସି ମନୋଭାବ ନ ରୁହେ । ଏହାହିଁ ଯଥାର୍ଥ ଫଳ ବହନ କରି ଆଣିବ ।''

ବ୍ୟାୟାମ-ଆସନ ନ କଲେ କ’ଣ ଚଳିବ ନାହିଁ ?

ଖାଇବା, ଶୋଇବା ଯଦି ଛାଡ଼ିଦେଇ ଚଳି ଯାଇପାର ତେବେ ବ୍ୟାୟାମ, ଆସନ ଛାଡ଼ିଦେଲେ କିଛି କ୍ଷତି ନାହିଁ । ଜୀବନକୁ ବଞ୍ଚାଇ ରଖିବା ଲାଗି ଖାଇବା, ଶୋଇବା ଯେପରି ଦରକାର ହେଉଛି ସେହିପରି ତାକୁ ସୁସ୍ଥ ସବଳ, ନୀରୋଗ, ଦୀର୍ଘସ୍ଥାୟୀ କରିବା ଲାଗି ବ୍ୟାୟାମ, ଆସନାଦି ଶରୀର-ଚର୍ଚ୍ଚା ମଧ୍ୟ ଦରକାର । ଏପରିକି ଯେଉଁମାନେ ଦିନରେ କଠୋର ଶାରୀରିକ ପରିଶ୍ରମ କରନ୍ତି ସେମାନେ ମଧ୍ୟ ସାମାନ୍ୟ କିଛି ବ୍ୟାୟାମ, ଆସନ କରିବା ଭଲ । କାରଣ ସାଧାରଣ ପରିଶ୍ରମ ସମୟରେ ଶରୀରର ସବୁ ଅଙ୍ଗରେ ସମାନ ଭାବରେ ପ୍ରଭାବ ପଡ଼େ ନାହିଁ ।

ଯେଉଁମାନେ ପୂର୍ଣ୍ଣଯୋଗର ସାଧନା କରନ୍ତି ସେମାନଙ୍କର ଶରୀରସାଧନା ନିମନ୍ତେ ନିୟମିତ କିଛି କିଛି ବ୍ୟାୟାମ, ଆସନ କରିବା ଅନିବାର୍ଯ୍ୟ । କିନ୍ତୁ ଗୁଣ୍ଡା କିଂବା ପହିଲମାନଙ୍କ ଭଳି ସେଇଥିରେ ସବୁବେଳେ ଲାଗିରହିବା ଆବଶ୍ୟକ ନ ଥାଏ । କାରଣ ସେମାନଙ୍କ ପକ୍ଷରେ ଶରୀରହିଁ ସର୍ବସ୍ୱ । କିନ୍ତୁ ଆମ କ୍ଷେତ୍ରରେ ଆତ୍ମା, ମନ, ପ୍ରାଣ ଓ ଶରୀରର ଏକ ସୁସମଞ୍ଜସ ବିକାଶ ଲାଗି ଆମେ ଶରୀର-ଚର୍ଚ୍ଚାକୁ ପୂର୍ଣ୍ଣଯୋଗର ଏକ ଅଙ୍ଗରୂପେ ଗ୍ରହଣ କରିଥାଉ ।

ସାଧନା ତଥା ଯେକୌଣସି କାର୍ଯ୍ୟର ଭିତ୍ତିଭୂମି ହେଉଛି ଶରୀର । ଶରୀରକୁ ଛାଡ଼ିଲେ ବା ଅବହେଳା କରିଲେ ଚଳିବ କିପରି ? ମନରେ ତଥା ଅନ୍ୟାନ୍ୟ ସୂକ୍ଷ୍ମ ସ୍ତରରେ ଯେତେ ଆଧ୍ୟାତ୍ମିକ ଉପଲବ୍ଧି ହେଲେ ବି ଶରୀର ଯଦି ଅସମର୍ଥ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ଅସମ୍ଭବ । କାରଣ ବ୍ୟକ୍ତି ଶରୀରକୁ ନିଜ କାମରେ ଲଗାଇବା ଅପେକ୍ଷା ନିଜେ ଶରୀରର ଦାସ ହୋଇପଡ଼େ । ସେ ଯେତେବେଳେ ଚାହୁଁଥାଏ କିଛି ଗୋଟିଏ କାମ କରିବାକୁ;

କିନ୍ତୁ ଶରୀର ସେତେବେଳେ ରୁଗ୍ଣ, ତେବେ ବାଧ ହୋଇ ସେ ବିଛଣାରେ ପଡ଼ିରହେ । ସେଇଥି୍ ଯୋଗୁଁ ମା' କହିଛନ୍ତି :

''It is fine to escape into meditation and look down from one's pretended greatness upon material things; but one who is not master of one's house is a slave.''

''ଧ୍ୟାନ ମଧ୍ୟକୁ ପଳାଇଯାଇ ଏକ ଛଳନାପୂର୍ଣ୍ଣ ଉଚ୍ଚତର ଅବସ୍ଥାର ପାର୍ଥିବ ବସ୍ତୁସକଳକୁ ଦେଖିବା ବହୁତ ସୁନ୍ଦର; କିନ୍ତୁ ଯିଏ ନିଜ ଗୃହର ମାଲିକ ନୁହେଁ ସେ ଜଣେ ଦାସ ।''

ତେଣୁ ଶରୀରର ଦାସ ହେବା ଅପେକ୍ଷା ଶରୀରକୁ ଯେଉଁମାନେ ଉଚ୍ଚତର କାର୍ଯ୍ୟରେ ଲଗାଇବାକୁ ଚାହାନ୍ତି ସେମାନଙ୍କୁ ବ୍ୟାୟାମ, ଆସନ କରିବାକୁହିଁ ହେବ ।

ବ୍ୟାୟାମ ଓ ଆସନ ଦୁଇଟିଯାକ ଶରୀର-ଚର୍ଚ୍ଚାର ଅନ୍ତର୍ଭୁକ୍ତ । ବ୍ୟାୟାମ ଫଳରେ ମାଂସପେଶୀ ଉପରେ ବିଶେଷ ପ୍ରଭାବ ପଡ଼ିଥାଏ ଓ ସ୍ୱାସ୍ଥ୍ୟ ଉନ୍ନତ ହୁଏ । ଆସନ ଫଳରେ ସ୍ନାୟୁଗୁଡ଼ିକ ଉପରେ ବିଶେଷ ପ୍ରଭାବ ପଡ଼େ । ଫଳରେ ଶରୀର ଅନେକ ରୋଗ-ଆକ୍ରମଣରୁ ରକ୍ଷାପାଏ ଓ କୌଣସି ରୋଗ ଥିଲେ ସେଥିପାଇଁ ନିର୍ଦ୍ଦିଷ୍ଟ ଆସନ କଲେ, ତାହା ବିନା ଔଷଧରେ ଆରୋଗ୍ୟ ହୋଇଥାଏ ।

ଆସନ ସାଧାରଣତଃ ସକାଳୁ ଗାଧୋଇବା ପୂର୍ବରୁ କିଂବା ପରେ ଖାଲି ପେଟରେ କରିବା ଭଲ । ସନ୍ଧ୍ୟାରେ ବ୍ୟାୟାମ କରିବା ଭଲ । ବ୍ୟାୟାମ ପୂର୍ବରୁ ସାମାନ୍ୟ କିଛି ଲଘୁପାକ ଖାଦ୍ୟ ଖିଆଯାଇ ପାରେ । ଯେଉଁମାନଙ୍କର ସନ୍ଧ୍ୟାରେ ସମୟ ନ ଥିବ ସେମାନେ ଗୋଟିଏ ଦିନ ସକାଳେ ଆସନ ଓ ତା' ପରଦିନ ବ୍ୟାୟାମ କରିପାରନ୍ତି । ଏହାଛଡ଼ା ପ୍ରତ୍ୟେକ ବ୍ୟକ୍ତି ନିଜ ସୁବିଧା ଅନୁଯାୟୀ ନିଜେ ନିଜ ଲାଗି ସମୟ ନିର୍ଦ୍ଧାରଣ କରିପାରନ୍ତି । ବ୍ୟାୟାମ ଓ ଆସନ ସମ୍ବନ୍ଧୀୟ ନିୟମ ସମ୍ପର୍କରେ ଅନେକ ପୁସ୍ତକ ରହିଛି । ପ୍ରତ୍ୟେକ

ବ୍ୟକ୍ତି ସେସବୁ ପଢ଼ି ନିଜର ଆବଶ୍ୟକ କେତୋଟି ବ୍ୟାୟାମ, ଆସନ ନିଜ ଲାଗି ବାଛି ପାରନ୍ତି । କିନ୍ତୁ ପ୍ରାଣାୟାମ ଆଦି କୌଣସି ବହି ପଢ଼ି କିଂବା କୌଣସି ବ୍ୟକ୍ତିଠାରୁ ଶିଖି କରିବା ଶ୍ରୀଅରବିନ୍ଦଙ୍କ ଯୋଗରେ ଆବଶ୍ୟକ ନାହିଁ । କରିବା ଖରାପ ମଧ୍ୟ ।

ସାଧନା ଦୃଷ୍ଟିରୁ ବିଭିନ୍ନ ଖେଳ ଇତ୍ୟାଦିଠାରୁ ବ୍ୟାୟାମ, ଆସନ ଭଲ । କାରଣ ଖେଳରେ ଏକ ପ୍ରାଣଗତ ଆସକ୍ତି ଏବଂ ଆନନ୍ଦ ଥାଏ । ହାରିଲେ ଦୁଃଖ ଲାଗେ, ଜିତିଲେ ଖୁସି ଲାଗେ । ଶରୀର-ଚର୍ଚ୍ଚା ଅପେକ୍ଷା ମନ-ପ୍ରାଣକୁ ସନ୍ତୁଷ୍ଟ କରିବାର ଆଶା ପ୍ରଚ୍ଛନ୍ନ ଭାବରେ ବେଶୀ ଥାଏ । ଛୋଟ ପିଲା ଓ ଯେଉଁମାନଙ୍କର ବ୍ୟାୟାମ ଆସନ କରିବା ଲାଗି ସ୍ପୃହା ନ ଥାଏ, ସେମାନଙ୍କ ଲାଗି ଖେଳ ଭଲ । କିନ୍ତୁ ବ୍ୟାୟାମ ଆସନରେ ପ୍ରାଣଗତ ଆସକ୍ତି ବା ଆନନ୍ଦ ନ ଥାଏ । ଏହା ଉଦ୍ଦେଶ୍ୟମୂଳକ ଭାବେ ସାଧନାର ଏକ ଅଙ୍ଗରୂପେ କରାଯାଇଥାଏ । ତେଣୁ ସାଧାରଣତଃ କ୍ରୀଡ଼ା ଅପେକ୍ଷା ଏହାର ଫଳ ଅଧିକ ଉତ୍ତମ । କ୍ରୀଡ଼ାକୁ ମଧ୍ୟ ପ୍ରାଣଗତ ସନ୍ତୋଷ ଲାଭର ଉପାୟରୂପେ ବ୍ୟବହାର ନ କରି କେବଳ ସାଧନାର ଅଙ୍ଗରୂପେ ଶରୀର-ଚର୍ଚ୍ଚା ଦୃଷ୍ଟିରୁ କଲେ ତାହାର ମଧ୍ୟ ଉତ୍ତମ ଫଳ ମିଳିଥାଏ । ଯାହା ବି ହେଉ, ସଚେତନ ହୋଇ ହେଉ ବା ଅଚେତନ ହୋଇ ହେଉ, ବ୍ୟାୟାମ, ଆସନ, ଯେକୌଣସି ପ୍ରକାର କ୍ରୀଡ଼ା ତଥା ଅଙ୍ଗଚାଳନା ନିଜର ସର୍ବାଙ୍ଗୀଣ ବିକାଶ ପକ୍ଷରେ ଭଲ ।

ଯେଉଁମାନେ ବ୍ୟାୟାମ, ଆସନ କରନ୍ତି ସେମାନେ ସବୁବେଳେ ତିନୋଟି କଥା ପ୍ରତି ନଜର ଦେବା ଉଚିତ । ଗୋଟିଏ ହେଉଛି : ବ୍ୟାୟାମ, ଆସନ କରିବା ସମୟରେ ନିଜ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହୋଇ କେବଳ ତାହାରି ଉପରେ ଏକାଗ୍ର ହେବାକୁ ହେବ ଓ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟର ସ୍ମରଣ ଯେପରି ରହେ ସେଥିପ୍ରତି ସଜାଗ ହେବାକୁ ହେବ । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଛନ୍ତି ସେମାନେ ମା'ଙ୍କ ନାମ ସ୍ମରଣ କରି ମା'ଙ୍କ ପ୍ରତି ଉନ୍ମୁକ୍ତ ରହିବେ । ସାଧାରଣ ବ୍ୟକ୍ତି ଭଳି ଲକ୍ଷ୍ୟହୀନ ଭାବରେ ଏଣୁତେଣୁ ଗୁଡ଼ାଏ ଦୁମ୍‌ଦାମ୍ ହେଲେ ଅସଲ ଉଦ୍ଦେଶ୍ୟଟି ସାଧିତ ହୁଏ ନାହିଁ ।

ଦ୍ୱିତୀୟ କଥା ହେଉଛି ବ୍ୟାୟାମ, ଆସନ ଥରେ ଆରମ୍ଭ କଲେ ନିୟମିତ କରିବା ଉଚିତ । ବିଶେଷ ଅସୁବିଧା ନ ଥିଲେ ବନ୍ଦ କରିବା ଠିକ୍ ନୁହେଁ । ଥରେ ଅଭ୍ୟାସରେ ପଡ଼ିଗଲେ ଖାଇବା ଶୋଇବା ଭଳି ନିତ୍ୟ ନୈମିତ୍ତିକ କାର୍ଯ୍ୟରେ ତାହା ପରିଣତ ହୋଇଯିବ । ଅଧିକ କାର୍ଯ୍ୟ ବୋଲି ଜଣାପଡ଼ିବ ନାହିଁ । ଆରମ୍ଭ କରିବା ପୂର୍ବରୁ ବିଭିନ୍ନ ଆଳ– ସମୟ ହେବ ନାହିଁ, ବହୁତ ବୟସ ହେଲାଣି, ମୋର ବହୁତ କାମ, ବହୁତ ଜଞ୍ଜାଳ ଆସି ବାଧା ଦେବେ । କିନ୍ତୁ ଯଥାର୍ଥରେ ଯେଉଁମାନେ ନିୟମିତ ବ୍ୟାୟାମ, ଆସନ କରନ୍ତି ସେମାନେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଅଧିକ ଶୃଙ୍ଖଳା ଓ ଦକ୍ଷତାର ସହ କରିଥା'ନ୍ତି ।

ତୃତୀୟ କଥା ହେଉଛି ନିଜର ଶରୀରର ସାମର୍ଥ୍ୟ, ବୟସ ଓ ଖାଉଥିବା ଖାଦ୍ୟ ଅନୁପାତରେ ବ୍ୟାୟାମ ଆସନ କରିବାକୁ ହେବ । ମନ-ପ୍ରାଣ ଖୁବ୍ ଦ୍ରୁତ ଅଗ୍ରଗତି ଚାହାନ୍ତି; କିନ୍ତୁ ଶରୀରର ଅଗ୍ରଗତି ଖୁବ୍ ମନ୍ଥର । ତେଣୁ ଶରୀର-ଚର୍ଚ୍ଚା କରିବା ସମୟରେ ମନ, ପ୍ରାଣ ଓ ଶରୀରର ଅଧିକ ଚାଳନା କରାଇ ଦ୍ରୁତ ଅଗ୍ରଗତି ଚାହିଁ ବରଂ ବେଶୀ କ୍ଷତି ଘଟାଇଥା'ନ୍ତି । ଆଦୌ ଶରୀର-ଚର୍ଚ୍ଚା ନ କରିବା ଯେପରି ଖରାପ, ସେହିପରି ଶରୀର ଉପରେ ଅତ୍ୟାଚାର କରି ଅତ୍ୟଧିକ ଶରୀର-ଚର୍ଚ୍ଚା କରିବା ତତୋଽଧିକ ଖରାପ । ପ୍ରତ୍ୟେକ ବ୍ୟକ୍ତିର ଶରୀର (ସେ ଯଦି ବିଶେଷ ଅଳସୁଆ ନ ହୋଇ ଥାଏ) ନିଜେ ଜାଣିପାରେ କେତେ ପରିମାଣରେ ଅଙ୍ଗଚାଳନା ସେ କରିପାରିବ । ଖୁବ୍ ଧୀରେ ଧୀରେ ସେ ଅଧିକ ଶ୍ରମସହିଷ୍ଣୁ ଓ ନମନୀୟ ହୋଇଥାଏ । ତେଣୁ ସବୁବେଳେ ସତର୍କ ହେବାକୁ ହେବ ଶରୀରର ନିଜସ୍ୱ ଗତି ଉପରେ ପ୍ରାଣ-ମନ ଯେପରି ଅଯଥା ହସ୍ତକ୍ଷେପ ନ କରନ୍ତି ।

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗରେ ନିଶ୍ଚିତରୂପେ ପ୍ରତ୍ୟେକ ବ୍ୟକ୍ତିକୁ କିଛି ନା କିଛି ଶରୀର-ଚର୍ଚ୍ଚା ନିୟମିତ ପ୍ରତ୍ୟହ କରିବାକୁ ହେବ । କାରଣ ଶରୀରହିଁ ଶେଷ ପ୍ରକାଶ କ୍ଷେତ୍ର । ତାକୁ ଛାଡ଼ିଲେ ସାଧନାର ବିଶେଷ କିଛି ଅର୍ଥ ନାହିଁ । ସାଧାରଣତଃ ବର୍ତ୍ତମାନ କମ୍ ବୟସରେ ଯେଉଁମାନେ ବ୍ୟାୟାମ,

ଆସନ କରୁଛନ୍ତି ସେମାନେ ତା'ର ଉପକାରିତା ବିଶେଷ ଜାଣିପାରୁ ନ ଥିବେ । କିନ୍ତୁ ସେମାନଙ୍କୁ ଯେତେବେଳେ ବୟସ ଅଧିକ ହୋଇଯିବ, ସେତେବେଳେ ସେମାନେ ସ୍ପଷ୍ଟ ଭାବରେ ଦେଖିବେ ଯେଉଁମାନେ ତାଙ୍କ ବୟସର ପୂର୍ବରୁ ବ୍ୟାୟାମ, ଆସନ କରୁ ନ ଥିଲେ ସେମାନଙ୍କ ଶରୀର ଓ ଏମାନଙ୍କ ନିଜ ଶରୀରର ନମନୀୟତା, ଶକ୍ତି, କର୍ମକ୍ଷମତା, ସୁସ୍ଥତା ଓ ନୀରୋଗତା ମଧ୍ୟରେ କେତେ ପାର୍ଥକ୍ୟ ! ଟଙ୍କା ପଇସାକୁ ଯେପରି ଘରେ ପକାଇ ନ ରଖି ଉପଯୁକ୍ତ ମାର୍ଗରେ କାର୍ଯ୍ୟରେ ଲଗାଇଲେ ତାହା ବୃଦ୍ଧି ପାଇଥାଏ, ସେହିପରି ଶକ୍ତିକୁ ବ୍ୟାୟାମ, ଆସନ ଓ ଅନ୍ୟାନ୍ୟ ଉପକାରୀ ଶାରୀରିକ କାର୍ଯ୍ୟରେ ପରିମିତ ପରିମାଣରେ ବ୍ୟୟ କଲେ ତାହା ବୃଦ୍ଧି ପାଇଥାଏ । ଖାଲି ଗୁଡ଼ାଏ ଭଲ ଭଲ ଖାଦ୍ୟ ଖାଇ ବସିରହି ଶକ୍ତି ସଞ୍ଚୟ କରିବାକୁ ଚାହିଁଲେ ଶକ୍ତି ମିଳି ନ ଥାଏ । ବରଂ ଶରୀରର ଭାର ଦୁର୍ବିଷହ ହୁଏ । ତେଣୁ ଯେକୌଣସି ବୟସରେ ହେଉ ପଛେ ବ୍ୟକ୍ତି ସଚେତନ ହେବା ସଙ୍ଗେ ସଙ୍ଗେ ଶରୀର-ଚର୍ଚ୍ଚା ପ୍ରତି ଦୃଷ୍ଟି ଦେବା ଉଚିତ; ଯଦି କେହି ଉପଯୁକ୍ତ ବ୍ୟାୟାମ-ଶିକ୍ଷକ ପାଆନ୍ତି ତେବେ ତାଙ୍କଠାରୁ ତାହା ଶିଖି ନେବା ଉଚିତ । ନଚେତ୍ ନିଜେ ନିଜେ ବହି ପଢ଼ି ନିଜ ଲାଗି କିଛି ବ୍ୟାୟାମ ଆସନ ବାଛି ଆରମ୍ଭ କରିଦେବା ଭଲ ।

ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଆଦୌ ଶରୀର-ଚର୍ଚ୍ଚା କରନ୍ତି ନାହିଁ, ବହୁତ ଆରାମ ଓ ବିଳାସପ୍ରିୟ, ସେମାନେ ଶରୀର-ଚର୍ଚ୍ଚାକୁ ଯୋଗ-ସାଧନାର ଅଙ୍ଗରୂପେ ଅସ୍ୱୀକାର କରନ୍ତି ଓ ନାନା ପ୍ରକାର ଯୁକ୍ତି ବାଢ଼ନ୍ତି । କିନ୍ତୁ ମନେ ରଖିବାକୁ ହେବ କେବଳ ମନ-ପ୍ରାଣର ସୂକ୍ଷ୍ମ ଉପଲବ୍ଧି ବଳରେ ଶରୀର ରୂପାନ୍ତର ହୋଇପାରିବ ନାହିଁ । ଯଦି ପୂର୍ଣ୍ଣଯୋଗର ମହାନ ରୂପାନ୍ତରରେ ଶରୀରକୁ ଭାଗ ନେବାକୁ ହୁଏ, ତେବେ ଶରୀର-ଚର୍ଚ୍ଚା ଫଳରେ ତାକୁ ନମନୀୟ ଓ ଗ୍ରହଣଶୀଳ ହେବାକୁହିଁ ହେବ ।

ତେଣୁ ଯେଉଁମାନେ ଶରୀର-ଚର୍ଚ୍ଚାକୁ ଅସ୍ୱୀକାର କରି ଯୁକ୍ତି ବାଢ଼ନ୍ତି ତାଙ୍କୁ କହିବାକୁ ହେବ ଯେତେଦିନ ପର୍ଯ୍ୟନ୍ତ ଖାଉଛ, ଶୋଉଛ ସେତେଦିନ

ପର୍ଯ୍ୟନ୍ତ କିଛି କିଛି ଶରୀର-ଚର୍ଚ୍ଚା ଆମକୁ କରିବାକୁ ହେବ । ନଚେତ୍ ଖାଇ ଶୋଇ ଗୋଟିଏ ଅପଦାର୍ଥ କ୍ଷୟଶୀଳ ଶରୀରକୁ ନେଇ କାହିଁକି ବଞ୍ଚିରହିବୁ ? ସବୁବେଳେ ଆମେ ଚେଷ୍ଟା କରିବୁ ଶାନ୍ତ ସଂଯତଭାବେ ଆମ ମନ-ପ୍ରାଣ-ଶରୀରର ସମସ୍ତ ତ୍ରୁଟିକୁ ଅତିକ୍ରମ କରି ତାକୁ ଏକ ନୂତନ ଚେତନାର ପ୍ରକାଶ ନିମନ୍ତେ ପ୍ରସ୍ତୁତ କରିବାକୁ । ସେଥିପାଇଁ ଯେତେ ବାଧା ଆସୁ ଓ ଯେତେ ସମୟ ଲାଗୁ କିଛି ଯାଏ ଆସେ ନାହିଁ । କାରଣ ମା’ଙ୍କ ସାହାଯ୍ୟ ପ୍ରତ୍ୟେକ ନିଷ୍ଠାପର ଉଦ୍ୟମର ପଶ୍ଚାତରେ ରହିଛି ।

ଝିଅମାନେ କ'ଣ ବ୍ୟାୟାମ କରନ୍ତି ?

ଝିଅପିଲାମାନେ ସିନା ଘରେ ରୋଷେଇ କରନ୍ତି, ଘରର ଜିନିଷପତ୍ର ସଜାଡ଼ି ରଖନ୍ତି ଆଉ ପିତାମାତା, ଶାଶୂଶଶୁର, ସ୍ୱାମୀ ତଥା ପିଲାପିଲିଙ୍କ ସେବା-ଯତ୍ନ କରନ୍ତି; ସମୟ ମିଳିଲେ କିଛି ହାତକାମ, ସଙ୍ଗୀତଚର୍ଚ୍ଚା, କିଂବା ଅନ୍ୟ କିଛି ଲଳିତକଳା ଚର୍ଚ୍ଚା କରନ୍ତି : ସେମାନେ କ'ଣ ପୁଅପିଲାଙ୍କ ପରି ଏତେ କଷ୍ଟକର ବ୍ୟାୟାମ-ଆସନାଦି ଶରୀରଚର୍ଚ୍ଚା କରନ୍ତି ନା କରିପାରିବେ ?

ଝିଅପିଲାମାନେ କ'ଣ ଖାଲି ସେତିକି କରିପାରନ୍ତି ? ସେସବୁର ସୁନ୍ଦର ପରିମାଣସ୍ୱରୂପ ଅଳ୍ପଦିନେ ରୋଗିଣା ହୋଇ ଅକାଳରେ ମରଣ ବି ବରଣ କରିପାରନ୍ତି ।

ଯାହାବି ହେଉ ପଛେ ଝିଅପିଲାମାନେ କ'ଣ କେବେ ବି ବ୍ୟାୟାମ-ଆସନ କରିପାରିବେ ? ଏସବୁ କଲେ ତ ସେମାନେ ଅଣ୍ଡିରାଚଣ୍ଡୀ, ଉପରମୁହାଁ, ଘୋଡ଼ାମୁହାଁ ଆଦି ଆଉ କେତେ କ'ଣ ହୋଇ ନିଜର ଘରକାମରେ ମନ ଦେବେ ନାହିଁ ଓ ଅନ୍ୟମାନଙ୍କର ଚକ୍ଷୁଶୂଳ ହୋଇଉଠିବେ ।

ଏଇ ପର୍ଯ୍ୟନ୍ତ ଆସି ଆମେ ଦେଖିଲେ ଆମ ଆଗରେ ଦୁଇଟି ପ୍ରଧାନ ସମସ୍ୟା ଦେଖା ଦେଉଛି : ଗୋଟିଏ ହେଉଛି, ପୁଅପିଲାଙ୍କ ପରି ଝିଅ ପିଲା କ'ଣ ଶାରୀରିକ ବ୍ୟାୟାମ ଆଦି କରିପାରିବେ ? ଅନ୍ୟଟି ହେଉଛି, ଶାରୀରିକ ବ୍ୟାୟାମ କଲେ ଝିଅମାନେ ଉପରମୁହାଁ ହୋଇ ନିଜର ସାଧାରଣ କର୍ତ୍ତବ୍ୟରେ ଅବହେଳା କରିବେ ।

ପ୍ରଥମ ସମସ୍ୟାଟି ଥାଉ ଆମେ ପରେ ଆଲୋଚନା କରିବା । ବର୍ତ୍ତମାନ ଚାଲ ଦ୍ୱିତୀୟ ସମସ୍ୟାଟି ଉପରେ ସାମାନ୍ୟ ଆଲୋକପାତ କରିବା । ଦ୍ୱିତୀୟ ସମସ୍ୟାଟି ହେଉଛି, ବ୍ୟାୟାମ-ଆସନ ପ୍ରଭୃତି କଲେ ଆମେ ଅଣ୍ଡିରାଚଣ୍ଡୀ, ଉପରମୁହାଁ ଆଦି ହୋଇ ଆମର ସାଧାରଣ କର୍ତ୍ତବ୍ୟରେ ଅବହେଳା କରୁ ଓ ଘରେ ଅନ୍ୟମାନେ ଆମକୁ ଖରାପ ଦୃଷ୍ଟିରେ

ଦେଖନ୍ତି । ଏ କ୍ଷେତ୍ରରେ ଆମେ ଯଦି ଅବିବାହିତ ରହି କେବଳ ଭଗବତ୍ ସାଧନାକୁ ଆମ ଜୀବନର ଲକ୍ଷ୍ୟ ବୋଲି ଗ୍ରହଣ କରିନେଉ ତେବେ ଆମ ପାଇଁ କୌଣସି ସମସ୍ୟା ନାହିଁ । ଆମେ ସମସ୍ତ ପ୍ରକାର ମୁରବିପଣିଆର ନାଲିଆଖି, ସମାଲୋଚନା ଓ ଗାଳିଗୁଲଜ ଓ ତା' ସହ ଗୋଟିଏ ଓଢ଼ଣାଢଙ୍କା, ଅସୂର୍ଯ୍ୟଂପଶ୍ୟା, ସବୁରି ଆଜ୍ଞାଧୀନା, ଚିରରୁଗ୍‌ଣା ସୁଗୃହିଣୀ ନ ହୋଇ ପାରିବାର ଆଶଙ୍କାରୁ ସବୁଦିନ ନିମନ୍ତେ ମୁକ୍ତ ରହିପାରିବୁ ।

କିନ୍ତୁ ଆମେ ଯଦି ସାଧାରଣ ସଂସାର-ଜୀବନକୁ ଗ୍ରହଣ କରିନେଇ ବିବାହ କରୁ ତେବେ ମଧ ଯାହାକୁ ଆମେ ସମସ୍ୟା ବୋଲି ଭାବୁଛୁ ତାହା ଆଦୌ ସମସ୍ୟା ନୁହେଁ; ବରଂ ସହାୟକ । କାରଣ ଘରର ସମସ୍ତ କାର୍ଯ୍ୟ ଯଦି ଯତ୍ନର ସହ କରିବାକୁ ଚାହୁଁ, ଶାଶୂ, ଶଶୁର, ସ୍ୱାମୀ, ପିଲାପିଲିଙ୍କ ଖବର ନିୟମିତ ନିଷ୍ଠାର ସହ ବୁଝିବାକୁ ଚାହୁଁ ଓ ଅନେକ ସମୟରେ ସେମାନଙ୍କର ନିନ୍ଦା, ଗାଳି, ଅପମାନ, କଟୂକ୍ତି ଆଦିକୁ ନିର୍ବିକାରରେ ସହି ନିଜର ଉତ୍ତମ ମନୋଭାବ ବଜାୟ ରଖିବାକୁ ଚାହୁଁ, ତେବେ ଆମ ଶରୀର ସୁସ୍ଥ, ନମନୀୟ ଓ ନୀରୋଗ ରହିବା ଉଚିତ । ତା' ନ ହେଲେ ଆମେ ସୁଗୃହିଣୀ ବି ହୋଇପାରିବୁ ନାହିଁ । ନିଜର ଶରୀର ନିଜ ପ୍ରତି ତ ଏକ ବୋଝ ହେବ, ସେଥିରେ ଅନ୍ୟମାନଙ୍କର ସେବା-ଯତ୍ନ ନିଷ୍ଠାର ସହ କିପରି ହୋଇପାରିବ ଓ ଅନ୍ୟମାନଙ୍କ ନିନ୍ଦା ଗାଳି ସହିବାକୁ ମନରେ ଯେତିକି ପରିମାଣରେ ପ୍ରଫୁଲ୍ଲତା ଦରକାର ତାହା ବି ଆସିବ କୁଆଡୁ ? ତେଣୁ ଯେଉଁ ମୁରବିମାନେ ସେମାନଙ୍କ ଝିଅବୋହୂଙ୍କୁ ଅଣ୍ଡିରାଚଣ୍ଡୀ, ଉପରମୁହାଁ ହୋଇ ଯିବାର ଆଶଙ୍କା କରି ସେମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଧା ଦିଅନ୍ତି ସେମାନେ ନିଜ ପରିବାର ପ୍ରତି ଅମଙ୍ଗଳକୁ ନିମନ୍ତ୍ରଣ କରିଆଣନ୍ତି । ସେମାନେ ବା କରିବେ କ'ଣ ? ଯେଉଁ ପରିବେଶ ମଧରେ ପିଲାଦିନରୁ ସେମାନେ ବାସ କରି ଆସିଅଛନ୍ତି ସେଥିରେ ତ ଏଇଭଳି ଧାରଣା ସେମାନଙ୍କର ବଦ୍ଧମୂଳ ହୋଇଯାଇଛି । କିନ୍ତୁ ବର୍ତ୍ତମାନ ସେସବୁ ଧାରଣା ସେମାନଙ୍କୁ ଛାଡ଼ିବାକୁ ପଡ଼ିବ ।

ଝିଅବୋହୂମାନେ ମଧ୍ୟ ଯେଉଁମାନେ ଯୋଗସାଧନା କରୁଛନ୍ତି ଓ ତା'ର ଏକ ଅଙ୍ଗସ୍ୱରୂପ କିଛି କିଛି ଶରୀରଚର୍ଚ୍ଚା କରିବାକୁ ଚାହାନ୍ତି ସେମାନେ ମୁରବିମାନଙ୍କର ଏସବୁ ଧାରଣା ପ୍ରତି ଭୟ ନ କରି କିଂବା ତା' ଉପରେ ବିଶେଷ ଗୁରୁତ୍ୱ ନ ଦେଇ ଓ ସେମାନଙ୍କ ସହ କୌଣସି ଝଗଡ଼ା ନ କରି ନିଜର ସମୟ, ପିରବେଶ, ସ୍ୱାସ୍ଥ୍ୟ, ଖାଦ୍ୟ, ବୟସ, ଆଦିକୁ ଦୃଷ୍ଟି ରଖି ପ୍ରତ୍ୟହ କିଛି କିଛି ଶରୀରଚର୍ଚ୍ଚା (ଖୁବ୍ ଅଳ୍ପ ପଛେ ହେଉ) କରିବା ଭଲ । ଏସବୁ କରି ସେମାନେ ପ୍ରମାଣିତ କରିଦିଅନ୍ତୁ ଯେ ଏସବୁ କିପରି ସେମାନଙ୍କୁ ନିୟମିତ, ସଂଯମିତ, କର୍ମଦକ୍ଷ, ସୁସ୍ଥଭାବରେ ଅନ୍ୟମାନଙ୍କ ଖବର ବୁଝିବାରେ ସାହାଯ୍ୟ କରୁଛି । ନିଜେ ଶରୀର ସମ୍ବନ୍ଧେ ସଚେତନ ହେବାକୁ ଆରମ୍ଭ କଲେ ଏ ସମ୍ବନ୍ଧୀୟ ଜ୍ଞାନ ଅଧିକରୁ ଅଧିକ ବଢ଼େ । ପରିବାରରେ ଆଉ ରୋଗ ଦୁଃଖ ବିଶେଷ ରହେ ନାହିଁ । ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ । ନିଦ୍ରା, ଆହାର, ଦୈନନ୍ଦିନ କର୍ମ, ପୋଷାକପରିଚ୍ଛଦ ଓ ଅନ୍ୟ ସମସ୍ତ ଆଚାର ବ୍ୟବହାରରେ ଏକ ପରିବର୍ତ୍ତନ ଓ ସଂଯମ ତଥା ଶୃଙ୍ଖଳା ଆସେ । ଏହା ଯେ ସଙ୍ଗେ ସଙ୍ଗେ ଆସିଯିବ ତା' ନୁହେଁ । ଏଥିଲାଗି ଅଧୈର୍ଯ୍ୟ ନ ହୋଇ ଦୀର୍ଘଦିନ ମା'ଙ୍କୁ ଡାକି ନିଜ ସାଧନାରେ ଲାଗି ରହିବାକୁ ହେବ ।

ଆଉ ତଥାକଥିତ ମୁରବି ବୋଲାଉଥିବା ଆମେ ଏହି ରକ୍ଷଣଶୀଳ ଲୋକେ ମନେରଖିବା ଉଚିତ ଯେ ଯେତେଦିନ ପର୍ଯ୍ୟନ୍ତ ଆମେ ଆମର ଝିଅବୋହୂଙ୍କୁ ଦୁର୍ବଳା, ପରାଧୀନା କରି ଘରକୋଣରେ ପକାଇରଖି ସେମାନଙ୍କ ଉପରେ ଆମର କର୍ତ୍ତୃତ୍ୱ ଜାରିକରି ଚାଲିଥିବୁ ସେତେଦିନ ପର୍ଯ୍ୟନ୍ତ ଆମେ ଆମ ବ୍ୟକ୍ତିଗତ ଜୀବନରେ ତଥା ଜାତୀୟ ଜୀବନରେ ଦୁର୍ବଳ, ରୋଗାକ୍ରାନ୍ତ ଓ ପରାଧୀନ ହୋଇ ରହିଥିବୁ । ନିଜର ଝିଅ ବୋହୂ କିଂବା ସ୍ତ୍ରୀ ପ୍ରତି ଉଚ୍ଚାରିତ ପ୍ରତ୍ୟେକଟି କୁବାକ୍ୟ ନିଜର ମାଆର ଶରୀରରେ ପଦାଘାତ କରିବା ସଦୃଶ । କିନ୍ତୁ ସମୟ ଆସିଲାଣି । ଭଗବାନଙ୍କ କୃପାରୁ ମା'ର ଜାତି ସ୍ୱତଃ ଜାଗ୍ରତ ହେଲେଣି । କୌଣସି ବାହ୍ୟ ବିପ୍ଳବ କିଂବା ସଭାସମିତିରେ

ବକ୍ତୃତା ବଳରେ ନୁହେଁ, ସେମାନେ ଜାଣିଲେଣି ମୁକ୍ତ ହେବାର, ଶକ୍ତିଶାଳୀ ହେବାର ଚାବିକାଠି ସେମାନଙ୍କ ନିଜ ଭିତରେ ରହିଛି । ନିଜ ଭିତରର ପୁରାତନ ପ୍ରକୃତିଟିକୁ ବଦଳାଇ ତା' ସ୍ଥାନରେ ଏକ ନୂତନ ଦିବ୍ୟପ୍ରକୃତିର ବିକାଶ ଘଟାଇପାରିଲେ ଏ ସମସ୍ତ ପ୍ରକାର ବାହ୍ୟ ପରାଧୀନତା, ଅତ୍ୟାଚାର, ଅବିଚାର ଜୀର୍ଣ୍ଣ ଖୋଳପା ଭଳି ଆପେ ଖସି ପଡୁଛି ଓ ପଡ଼ିବ ।

ଯେଉଁ ପ୍ରଥମ ସମସ୍ୟାଟିକୁ ଆମେ ପରେ ଆଲୋଚନା କରିବା ବୋଲି କହି ଛାଡ଼ିଥିଲେ ଚାଲ ବର୍ତ୍ତମାନ ସେଇଟିକୁ ଟିକିଏ ଆଲୋଚନା କରିବା । ସେ ସମସ୍ୟାଟି ହେଲା, ପୁଅପିଲାଙ୍କ ଭଳି ଝିଅପିଲା କ'ଣ ଶାରୀରିକ ବ୍ୟାୟାମ କରିପାରିବେ ?

ପ୍ରଥମ କଥା ହେଉଛି, ଖାଲି କରିପାରିବେ ନାହିଁ ବରଂ ଆହୁରି ଭଲ କରିପାରିବେ । କାରଣ ଗର୍ଭାଧାନ, ସନ୍ତାନକୁ ସ୍ତନ୍ୟଦାନ ଆଦି କ୍ରିୟା ହେତୁ ପ୍ରକୃତି ନାରୀର ଶରୀରକୁ ଅଧିକ ନମନୀୟ କରି ଗଢ଼ିଥାଏ । ତେଣୁ ସେ ଶରୀର ବ୍ୟାୟାମ, ଆସନ ଓ ଅନ୍ୟ ଯେକୌଣସି ପ୍ରକାର ଶରୀରଚର୍ଚ୍ଚା ଲାଗି ଅଧିକ ଉପଯୁକ୍ତ ଓ ଦୀର୍ଘକାଳ ଧରି ସେ ଶରୀର ଯୋଗସାଧନା ନିମନ୍ତେ ନମନୀୟ ଓ ଗ୍ରହଣଶୀଳ ରହିପାରିବ । ଗୁଡ଼ାଏ ଅତ୍ୟଧିକ ଶକ୍ତି ଆବଶ୍ୟକ ହେଉଥିବା ବ୍ୟାୟାମ ଓ ଶରୀରଚର୍ଚ୍ଚା ପ୍ରଥମ ଅବସ୍ଥାରେ ଝିଅମାନେ କରି ନ ପାରନ୍ତି; କିନ୍ତୁ ଯେଉଁପ୍ରକାର ଅଙ୍ଗଚାଳନା ଶରୀରର ନମନୀୟତା ଆବଶ୍ୟକ କରେ ତାହା ସେମାନେ ଅକ୍ଲେଶରେ କରିପାରିବେ । ଯୋଗସାଧନାରେ ଖାଲି ଗୁଡ଼ାଏ ଶାରୀରିକ ଶକ୍ତି ନୁହେଁ, ବରଂ ସାଧାରଣ ଶକ୍ତି ସହ ନମନୀୟତା ଓ ଗ୍ରହଣଶୀଳତା ବେଶୀ ପ୍ରୟୋଜନ । ତେଣୁ ଝିଅ ହିସାବରେ ଆମର ଦରକାର ହେଉଛି, ଯୁଗ ଯୁଗ ଧରି ଯେଉଁ ପୁରାତନ ଦୁର୍ବଳ ମନୋଭାବ ଆମର ଅସ୍ଥି, ରକ୍ତ, ମାଂସରେ ବି ମିଶି ରହିଛି ତାକୁ ବିଦାୟ ଦେଇ ଆମ ଭିତରେ ଲୁଚି ରହିଥିବା ଅନନ୍ତ ଶକ୍ତିକୁ ଜୀବନରେ ବ୍ରହ୍ମଚର୍ଯ୍ୟ, ସଂଯମ, ଶୃଙ୍ଖଳା ଓ ନିୟମିତତା ଆଚରଣ କରି ଅସୀମ ଧୈର୍ଯ୍ୟ ଓ ଅଧ୍ୟବସାୟ ସହ ଧୀରେ ଧୀରେ ତା'ର ବିକାଶ ଘଟାଇବା ।

ଦ୍ୱିତୀୟତଃ ଶ୍ରୀଅରବିନ୍ଦଙ୍କ ଯୋଗରେ ଝିଅ ଓ ପୁଅ ଏ ପ୍ରକାର ଭେଦଭାବର ସ୍ଥାନ ଆଦୌ ନାହିଁ । କାରଣ ପ୍ରକୃତି ତା'ର ଉଦ୍ଦେଶ୍ୟସାଧନ ଲାଗି ସେହି ଗୋଟିଏ ଚେତନାକୁ ସ୍ଥୂଳ ଜଗତରେ ଦୁଇ ପ୍ରକାର ରୂପଦେଇ ଜନ୍ମ ଦେଇଥିଲା । ତା'ର ଉଦ୍ଦେଶ୍ୟ ଥିଲା ଏହି ଉପାୟରେ ସନ୍ତାନ ଉତ୍ପାଦନ କରିବା ଓ ବଂଶରକ୍ଷା କରିବା । କିନ୍ତୁ ଭବିଷ୍ୟତର ନୂତନ ଜଗତରେ ଏ ପ୍ରକାର ପଶୁଧର୍ମୀ ସନ୍ତାନ ଉତ୍ପାଦନ ଓ ବଂଶରକ୍ଷା ବ୍ୟବସ୍ଥାର କୌଣସି ଆବଶ୍ୟକତା ନାହିଁ । ସାଧାରଣ ମଣିଷ ପ୍ରକୃତିର ଏକ ପାଶବିକ ବିଧାନକୁ ଗ୍ରହଣ କରି ଚାଲିପାରେ; କିନ୍ତୁ ଧରାପୃଷ୍ଠରେ ଏକ ନୂତନ ଚେତନା ଓ ନୂତନ ଜୀବନ ନିମନ୍ତେ ଅଭୀପ୍ସୁ ବ୍ୟକ୍ତି କେବେ ବି ଏହାକୁ ସ୍ୱୀକାର କରିବ ନାହିଁ । ଯଦି କରେ ତେବେ ଚିରକାଳ ସେହିପରି ପ୍ରକୃତିର ବାଧ୍ୟ ସନ୍ତାନରୂପେ ପଶୁତ୍ୱର ଅଧୀନ ହୋଇ ରହିଥିବ । ନୂତନ ଯୁଗର ନୂତନ ମଣିଷ ଲାଗି ନାରୀ-ପୁରୁଷର ସ୍ଥୂଳ ଶରୀରଗତ ପାର୍ଥକ୍ୟରେ ବି ଆଉ କିଛି ଆବଶ୍ୟକତା ରହିବ ନାହିଁ । ନୂତନ ଯୁଗର ନୂତନ ଶିଶୁ ବ୍ୟକ୍ତିର ସଂକଳ୍ପରୁ ଜନ୍ମ ନେବେ, କୌଣସି ସ୍ଥୂଳ ପଶୁପ୍ରକ୍ରିୟା ଦ୍ୱାରା ନୁହେଁ । ଆମ ଆଖିରେ ପ୍ରକୃତି ମାୟାଜାଲ ବିସ୍ତାର କରି ଏ ଯେଉଁ କ୍ଷଣସ୍ଥାୟୀ ଭେଳିକି ସୃଷ୍ଟି କରିଛି ତା' ଆଉ ରହିବ ନାହିଁ । କେବଳ ଯେଉଁମାନେ ପୁରାତନକୁ ଜାବୁଡ଼ି ଧରି ରହିବେ, ସେଇମାନଙ୍କ ପାଇଁ ଏ ପାର୍ଥକ୍ୟ ରହିବ ।

ଶ୍ରୀଅରବିନ୍ଦ ଆଶ୍ରମରେ ଝିଅ ଓ ପୁଅଙ୍କ ଲାଗି ଏକାପ୍ରକାର ଖେଳ, ଏକାପ୍ରକାର ଶରୀରଚର୍ଚ୍ଚାର ବ୍ୟବସ୍ଥା ହୋଇଥିବାରୁ ଅନେକ ବ୍ୟକ୍ତି ଅଭିଯୋଗ କରନ୍ତି ଓ ବାହାର ଅନୁଷ୍ଠାନ ଆଦିରେ ଝିଅପୁଅଙ୍କର ଶାରୀରିକ ଶିକ୍ଷା ଲାଗି ଯେପରି ଅଲଗା ଅଲଗା ବ୍ୟବସ୍ଥା ହୋଇଛି ଏଠାରେ ମଧ୍ୟ ସେହିପରି ହେବା ଉଚିତ ବୋଲି ମତାମତ ଦିଅନ୍ତି । ମା' କହନ୍ତି ଯେ 'ବାହାରେ ଯାହା କରୁଛନ୍ତି ଆମକୁ ଯଦି ସେଇଆ କରିବାକୁ ହେବ, ତା'ହେଲେ ଏଠାରେ ଏକ ନୂତନ ଆଶ୍ରମ ଗଠନର କିଛି ଆବଶ୍ୟକତା ନ ଥିଲା । ବାହାରେ ସେହିପରି କରୁଛନ୍ତି ବୋଲି ତ' ଆମେ ଏଠାରେ ତାହା କରିବୁ ନାହିଁ, କାରଣ ଆମେ ଚାହୁଁ ଏ

ପୃଥିବୀରେ ଏପରି କିଛି କରିବାକୁ ଯାହା ପୂର୍ବେ କେହି କରି ନ ଥିଲେ । ଆମେ ଚାହୁଁ ନାହିଁ ପ୍ରକୃତିର ଆଦେଶକୁ ସୁନାପିଲା ଭଳି ପାଳନ କରିବାକୁ ଯଦିଓ ତାହା ଯୁଗ ଯୁଗ ଧରି ରହିଆସିଛି । କାରଣ ଆମେ ଜାଣୁ ସମାନ ପ୍ରକାର ଅବସ୍ଥା, ସମାନ ପ୍ରକାରର ଶିକ୍ଷା, ସମାନ ସୁବିଧା ସୁଯୋଗ ଦେଲେ ନାରୀପୁରୁଷ ମଧ୍ୟରେ ଆଉ କୌଣସି ଅଲଙ୍ଘନୀୟ ପାର୍ଥକ୍ୟ ରହିବ ନାହିଁ । ଆମ ଦୃଷ୍ଟିରେ ସବୁ ମଣିଷ ଗୋଟିଏ ଆତ୍ମାର ପ୍ରକାଶ ମାତ୍ର ।' ଥରେ ମା'ଙ୍କୁ ପଚରାଯାଇଥିଲା ଯେ ଝିଅମାନଙ୍କ ପାଇଁ ଶାରୀରିକ ଶିକ୍ଷାର କି ଆଦର୍ଶ ରହିବ ?

ମା' କହିଲେ :

"I do not see why there should be a special ideal of physical education for girls and another for the education of boys."

"The aim of physical education is to develop all the possibilities of a human body, possibilities of harmony, strength, plasticity, skill, agility, endurance, and to increase the control over the functioning of the limbs and the organs, and to make of the body a perfect instrument at the disposal of a conscious will. This programme is excellent for all human beings equally, and there is no point in wanting to adopt another for girls."

ଅର୍ଥାତ୍, ''ଶାରୀରିକ ଶିକ୍ଷାର ଆଦର୍ଶ ଝିଅ ଓ ପୁଅଙ୍କ ଲାଗି କାହିଁକି ଗୋଟିଏ ଗୋଟିଏ ଅଲଗା ରଖାଯିବ ମୁଁ ଜାଣିପାରୁ ନାହିଁ ।''

''ଶାରୀରିକ ଶିକ୍ଷାର ଲକ୍ଷ୍ୟ ହେଉଛି ଶରୀର ମଧ୍ୟରେ ଯେତେ ସମ୍ଭାବନା ଯଥା : ସୁସଙ୍ଗତି, ଶକ୍ତି, ନମନୀୟତା, ଦକ୍ଷତା, କ୍ଷିପ୍ରତା,

ସହନଶୀଳତା ଆଦି ଲୁଚି ରହିଛି ସେସବୁର ବିକାଶ ଘଟାଇବା; ଏହାର ଅଙ୍ଗପ୍ରତ୍ୟଙ୍ଗ ଓ ଯନ୍ତ୍ରସକଳର କ୍ରିୟା ଉପରେ ଅଧିକରୁ ଅଧିକ କର୍ତ୍ତୃତ୍ୱ ହାସଲ କରିବା ଏବଂ ସଚେତନ ସଂକଳ୍ପ ଦ୍ୱାରା ବ୍ୟବହୃତ ହେବା ନିମନ୍ତେ ଏହାକୁ ଏକ ନିଖୁଣ ଆଧାରରୂପେ ଗଢ଼ି ନେବା । ଏଇ ଶାରୀରିକ ଶିକ୍ଷା କର୍ଯ୍ୟକ୍ରମଟି ସମାନ ଭାବେ ସବୁ ମଣିଷଙ୍କ ଲାଗି ଚମତ୍କାର ହୋଇଛି । ଝିଅମାନଙ୍କ ଲାଗି ଆଉ ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର କୌଣସି ଆବଶ୍ୟକତା ନାହିଁ ।''

ଆମେ ଦେଖିଲେ ଶକ୍ତି, ସାମର୍ଥ୍ୟ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଝିଅପୁଅ ଭିତରେ କିଛି ମୌଳିକ ପାର୍ଥକ୍ୟ ନାହିଁ । କେବଳ ଦୀର୍ଘକାଳ ଧରି ନିଜର ଶକ୍ତି ସାମର୍ଥ୍ୟକୁ ଅବ୍ୟବହୃତ ଭାବରେ ପକାଇ ଆମେ ପ୍ରକୃତି ହାତରେ ଏକ ନିଃସହାୟ ଖେଳନା ହୋଇଥିବାରୁ ଝିଅ ହିସାବରେ ଆମର ଏ ଦୁରବସ୍ଥା । ପୁଣି ସମୟ ଆସିଛି ସେହି ଦୀର୍ଘକାଳର ଅବ୍ୟବହୃତ ଶକ୍ତିକୁ ବ୍ୟବହାର କରି ଧୀରେ ଧୀରେ ନିଜର ବିକାଶସାଧନ କରିବା ଲାଗି । ଏ ସାଧନ ଓ ଏ ବିକାଶ ଦିନକର କଥା ନୁହେଁ । ସାରାଜୀବନ, ଏପରିକି ଜୀବନ ଜୀବନ ବ୍ୟାପୀ ଚାଲିବ । ତେଣୁ ନିଜର ସାମର୍ଥ୍ୟ ଉପରେ ଆଉ ସନ୍ଦେହ କିଂବା ଅବିଶ୍ୱାସ ନ କରି ଆସ ଆଜିଠାରୁ ଆମେ ଆମ ଶରୀର ପାଇଁ ଏକ ସହଜ, ସୁନ୍ଦର, ନୂତନ ଶୃଙ୍ଖଳାର ବିଧାନ ଆରମ୍ଭ କରିଦେବା ଓ ସମସ୍ତ ଉତ୍‌ଥାନପତନ ଭିତର ଦେଇ ଶେଷ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଏହାକୁ ଅବ୍ୟାହତ ରଖିବାର ସଂକଳ୍ପ କରିବା । ସଂକଳ୍ପ ଥିଲେ ପଥ ଆପେ ଆପେ ମିଳିବ ।

ବିଶ୍ରାମ କାହିଁକି ଓ କିପରି କରିବୁ ?

ଆମେ କାହିଁକି ଖାଉଁ ? ଭୋକ କରୁଛି ବୋଲି ତ ଖାଉଁ । ଭୋକ ଯଦି ନ ଥା'ନ୍ତା ! ତେବେ ଖାଇବା ଦରକାର ପଡ଼ନ୍ତା ନାହିଁ । ଆମେ ସ୍ନାନ କରୁ କାହିଁକି ? ଶରୀର ମଇଳା ହେବା ଯୋଗୁଁ ତ ! ଶରୀର ଯଦି ମଇଳା ନ ହେଉଥାଆନ୍ତା ଆଉ ସ୍ନାନ କ'ଣ ଆବଶ୍ୟକ ହୁଅନ୍ତା ! ଡାକ୍ତରଙ୍କର କାହିଁକି ଆବଶ୍ୟକତା ପଡୁଛି ? ରୋଗ ଅଛି ବୋଲି ତ ! ରୋଗ ନ ଥିଲେ ସେମାନଙ୍କୁ କିଏ କାହିଁକି ଖୋଜନ୍ତା ! ମୃତ୍ୟୁ କାହିଁକି ଦରକାର ହେଉଛି ? ବାର୍ଦ୍ଧକ୍ୟ ଆସୁଛି ବୋଲି ତ ! ବାର୍ଦ୍ଧକ୍ୟ ନ ଆସିଲେ ମୃତ୍ୟୁର କାହିଁକି ଆବଶ୍ୟକତା ରହନ୍ତା ! ଆମେ ସାଧନା କାହିଁକି କରୁଛୁ ? ଅଶୁଦ୍ଧି, ଅଚେତନା ଅଛି ବୋଲି ତ ! ସେତକ ଯେତେବେଳେ ନ ରହିବ ଆଉ ସାଧନାର କ'ଣ ଆବଶ୍ୟକତା ରହିବ ! ସେମିତି ବିଶ୍ରାମର କ'ଣ ଆବଶ୍ୟକତା ଥାଆନ୍ତା, ଯଦି କ୍ଳାନ୍ତି ନ ଥା'ନ୍ତା ! ଯେବେ କ୍ଳାନ୍ତି ନ ରହିବ ବିଶ୍ରାମ ଆଉ କ'ଣ ହେବ ?

ତେବେ ଏ କ୍ଳାନ୍ତି କେଉଁଠୁ ଆସେ, କାହିଁକି ଆସେ ? ଆସେ ଆମରି ସୀମିତତା, ସଂକୀର୍ଣ୍ଣତା, ସ୍ୱଳ୍ପ ଗ୍ରହଣଶୀଳତାରୁ । ପବନ ନିରନ୍ତର ବହି ଚାଲିଛି, କେବେ ବି କ୍ଳାନ୍ତି ଅନୁଭବ କରୁ ନାହିଁ; ଜଳ ନିରନ୍ତର ବହି ଚାଲିଛି, ଟିକିଏ ବି ବିଶ୍ରାମ ଚାହୁଁ ନାହିଁ; ଶିଶୁ ଅବିରତ କ୍ରୀଡ଼ାରତ, କ୍ଳାନ୍ତି କ'ଣ ସେ ଜାଣିପାରୁ ନାହିଁ । ତା'ର କାରଣ ସେମାନଙ୍କ ପଶ୍ଚାତରେ ଯେଉଁ ଅନନ୍ତ ବିଶ୍ୱଶକ୍ତି ରହିଛି, ସେହି ବିଶ୍ୱଶକ୍ତି ସେମାନଙ୍କ ମଧ୍ୟଦେଇ ବିନା ବାଧାରେ କାର୍ଯ୍ୟ କରିପାରୁଛି । ସେମାନେ ନିରନ୍ତର ସେହି ଶକ୍ତିକୁ ଗ୍ରହଣ କରିପାରୁଛନ୍ତି ଓ କାର୍ଯ୍ୟରେ ଲଗାଇ ପାରୁଛନ୍ତି । ସେମାନଙ୍କ ଚେତନା ଆମ ଅପେକ୍ଷା ବହୁ ବିଶାଳ ଓ ବ୍ୟାପକ, ବିଶ୍ୱଚେତନା ସହ ନିରନ୍ତର ସଂପର୍କ ରଖିପାରୁଛି । ଆମର କିନ୍ତୁ ମନ-ବୁଦ୍ଧିର ବିକାଶ ଫଳରେ ଆମେ ଏହି ଅନନ୍ତ, ବ୍ୟାପକ ବିଶ୍ୱଚେତନାଠାରୁ ବିଚ୍ଛିନ୍ନ ହୋଇ ଆମର ନିଜସ୍ୱ ଏକ ସଂକୀର୍ଣ୍ଣ, ସୀମିତ,

କ୍ଷୁଦ୍ର ଚେତନାର ଗାଡ଼ିଆ ମଧ୍ୟରେ ବାସ କରୁଛୁ । ସେଇଥିପାଇଁ ଅଳ୍ପ ଟିକିଏ କର୍ମରେ ଆମର ଶକ୍ତି ଶେଷ ହୋଇଯାଏ, ଆମେ କ୍ଳାନ୍ତ ହୋଇପଡୁ । ବିଶ୍ୱଶକ୍ତି ଭଣ୍ଡାରରେ ଅନନ୍ତ ଶକ୍ତି ଗଚ୍ଛିତ ରହିଥିଲେ ବି ଓ ଆମ ଭିତରେ କ୍ରିୟାଶୀଳ ହେବାକୁ ଚାହୁଁଥିଲେ ବି ଆମେ ତାହା ଶିଶୁଭଳି ନିରନ୍ତର ଗ୍ରହଣ କରିପାରୁ ନାହିଁ । ତେଣୁ ଆମେ କର୍ମରୁ ନିବୃତ୍ତ ହୋଇ ଟିକିଏ ବିଶ୍ରାମ ଚାହୁଁ ।

କିନ୍ତୁ କିପରି ବିଶ୍ରାମ ନେବାକୁ ହେବ ତା' ଆମେ ଜାଣୁ ନାହିଁ । ତେଣୁ ଅନେକ ସମୟରେ ବିଶ୍ରାମ ଆମକୁ ଶକ୍ତି ଯୋଗାଇବା ପରିବର୍ତ୍ତେ ବେଶୀ କ୍ଳାନ୍ତ କରିପକାଇଥାଏ ।

ଥରେ ଦୁଇଜଣ ବନ୍ଧୁ ଥିଲେ । ଦୁଇଜଣଯାକ ସହରରେ ବାସ କରନ୍ତି । ଗୋଟିଏ ଅଫିସରେ କାମ କରନ୍ତି । କ୍ୱାଟର ମଧ୍ୟ ପାଇଛନ୍ତି ପାଖାପାଖି । ଘରକୁ ଫେରିଲେ ପ୍ରଥମ ଜଣକ ଘରଦ୍ୱାର ପରିଷ୍କାର ପରିଛନ୍ନ କରନ୍ତି । କ୍ୱାଟର ଭିତରେ ଯେଉଁ ଅଳ୍ପ କିଛି ଜାଗା, ସେଥିରେ ସେ ବିଭିନ୍ନ ପନିପରିବା ଓ ଫୁଲଚାଷ କରିଛନ୍ତି, ସେଥିରେ ପାଣି ଦିଅନ୍ତି, ଘାସ ଆଦି ବାଛନ୍ତି । ଶାରୀରିକ ପରିଶ୍ରମ ଯଦି ବେଶି ହୋଇ ନ ଥାଏ ତେବେ ସନ୍ଧ୍ୟାରେ କିଛି ଆସନ ବ୍ୟାୟାମ କରି ଈଶ୍ୱରଙ୍କୁ ଧ୍ୟାନ-ପ୍ରାର୍ଥନାପୂର୍ବକ କିଛି ଅଧ୍ୟାତ୍ମଗ୍ରନ୍ଥ ପଢ଼ନ୍ତି । ତା'ପରେ ନିଜର ରୋଷେଇ ନିଜ ହାତରେ କରନ୍ତି । ସେ ମଧ୍ୟ କିଛି କିଛି ହାତକାମ ଜାଣନ୍ତି । ସମୟ ବଳିଲେ, ରବିବାର ପ୍ରଭୃତି ଛୁଟି ଦିନମାନଙ୍କରେ ପାପୋଛ, ହାତପଙ୍ଖା, ନଡ଼ିଆ ଓ ତାଳପତ୍ରର ଛପା ଆଦି ବୁଣନ୍ତି; ନିଜେ ବ୍ୟବହାର କରନ୍ତି ଓ ଅନେକ ସମୟରେ ଅନ୍ୟ ବନ୍ଧୁମାନଙ୍କୁ ମଧ୍ୟ ଦିଅନ୍ତି । ବେଳେବେଳେ ମନକୁ ମନ କ'ଣସବୁ ଆର୍ଟ କରନ୍ତି । ଲେଖା ବି ଲେଖନ୍ତି । ପତ୍ରପତ୍ରିକା, ବହିପତ୍ର ପଢ଼ାପଢ଼ି କରନ୍ତି । ବେଳେବେଳେ ଇଚ୍ଛା ହେଲେ ସିନେମା ଥିଏଟର ମଧ୍ୟ ଯାଆନ୍ତି । ସବୁବେଳେ ସେ କାର୍ଯ୍ୟରେ ଲାଗିଥାଆନ୍ତି । ଅଫିସରେ ମଧ୍ୟ ତାଙ୍କର ନିର୍ଭୁଲ ଓ ନିଷ୍ପାପର କର୍ମ ଯୋଗୁଁ ସମସ୍ତେ ତାଙ୍କୁ ଖାତିର କରନ୍ତି । ଅବଶ୍ୟ ଅନ୍ୟ କେତେକ କାରଣରୁ ଈର୍ଷା ବି କରନ୍ତି । କିନ୍ତୁ ସେ ସେଥିପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ । ସବୁବେଳେ ସେ ଖୁସି ।

ଅନ୍ୟ ବନ୍ଧୁ ଜଣକ ଅଫିସରୁ ଫେରି ଆଉ କ୍ୱାଟରକୁ ଆସନ୍ତି ନାହିଁ । ସିଆଡ଼େ ତାଙ୍କର ସବୁ ସାଙ୍ଗ ଅଛନ୍ତି, ସେମାନଙ୍କ ସହ ବୁଲି ଗପ କରନ୍ତି । ଗପରେ ଖାଲି ଅଫିସ ଲୋକମାନଙ୍କର ସମାଲୋଚନା, ସରକାରଙ୍କର ସମାଲୋଚନା ଓ ନାନା ପ୍ରକାର ଅଶ୍ଳୀଳ ଆଲୋଚନା ପୂରି ରହିଥାଏ । ଗପ ଚାଲିଥାଏ ତା' ସହ କୌଣସି ଦୋକାନରେ ବସି ଟିଫିନ୍ ବି ହୋଇଯାଏ । ତା'ପରେ ଶରୀର ମନରୁ ଟିକିଏ କ୍ଳାନ୍ତି ଦୂରକରି ତାକୁ ହାଲୁକା କରିବା ନିମନ୍ତେ ଚାଲନ୍ତି ସିନେମା ଦେଖିବାକୁ । ସିନେମା ଦେଖିସାରି ସିଆଡୁ ହୋଟେଲରେ ଖାଇ ସିଧା ବସାକୁ ଫେରନ୍ତି । ଯେଉଁଦିନ କ୍ଳାନ୍ତିର ପରିମାଣ ଟିକିଏ ବେଶି ହୋଇଯାଏ ସେଦିନ ପାନ, ସିଗାରେଟ୍ ଆଦି ଛଡ଼ା ଅନ୍ୟାନ୍ୟ ମାଦକ ଦ୍ରବ୍ୟ ବି ସେବନ କରାଯାଇଥାଏ ।

ଘରକୁ ଆସି ଗୋଡ଼ହାତ ଧୋଇବା ତ ଦୂରର କଥା, ସାର୍ଟ ପ୍ରଭୃତି ବେଳେବେଳେ ଖୋଲା ହୋଇ ନ ଥାଏ, ସେହିପରି ଶୋଇପଡ଼ି ସାଙ୍ଗେ ସାଙ୍ଗେ ଘୁଙ୍ଗୁଡ଼ି ମାରନ୍ତି । ଦିନେ ଦିନେ କ'ଣ ଚିନ୍ତା ଯଦି ପଶିଯାଇଛି ତ ଆଉ ବହୁତ ରାତି ଯାଏ ନିଦ ହୁଏ ନାହିଁ । ସକାଳୁ ଉଠୁ ଉଠୁ ଆଠ, ସାଢ଼େଆଠ ହୋଇଯାଏ । ସକାଳେ ଗୋଟିଏ ଚାକର ଆସେ, ଘରସଫା କରିଦେଇଯାଏ । ବେଳେବେଳେ ବାବୁଙ୍କ ପକେଟରେ କିଂବା ଆଖ ପାଖରେ କିଛି ପଇସାପତ୍ର ପାଇଲେ ସେତକ ବି ଅଳିଆ ସହ ଧରି ଚାଲିଯାଏ । ବାବୁଙ୍କର ହିସାବ ନ ଥାଏ । ବେଳେବେଳେ ଜାଣିଲେ ବି ଚାକର ନ ଆସିଲେ ତ ନ ଚଳେ । ବିଛଣାରୁ ଉଠି ତରବର ହୋଇ ନିତ୍ୟକର୍ମ ସାରି ହୋଟେଲରେ ଖାଇ ଅଫିସରେ ଯାଇ ପହଞ୍ଚୁ ପହଞ୍ଚୁ ଅନେକ ସମୟରେ ବିଳମ୍ବ ହୋଇଯାଇଥାଏ । ଅଫିସରେ ଖାଲି ଅଶାନ୍ତି, ୟା ବିରୋଧରେ ଅଭିଯୋଗ, ତା' ବିରୋଧରେ ଅଭିଯୋଗ; କାମଗୁଡ଼ାକ ବହୁତ କରିବାକୁ ପଡୁଛି ବୋଲି ଭିତରେ ସବୁବେଳେ ପ୍ରତିକ୍ରିୟା । କିପରି ଅଫିସ ଛୁଟି ହେଲେ ଯାଇ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଚାହିଁ ରହିଥା'ନ୍ତି ।

ଖରାଦିନ । ବହୁତ ଗରମ ପଡ଼ିଥାଏ । ଅଫିସ ସକାଳୁଆ ହେଉଥାଏ ।

ଦିନେ ଖରାବେଳେ ସେ ପ୍ରଥମ ବନ୍ଧୁଜଣକ ଗୋଟିଏ ହାତପଙ୍ଖା ନେଇ ସେହି ଦ୍ୱିତୀୟ ବନ୍ଧୁ ଜଣକୁ ଦେଲେ ଓ କହିଲେ ସେଇଟି ସେ ନିଜେ ତିଆରି କରିଛନ୍ତି । ତାହା ଶୁଣି ଦ୍ୱିତୀୟ ବନ୍ଧୁଜଣକ ଆଶ୍ଚର୍ଯ୍ୟ ହୋଇଗଲେ । ଆଶ୍ଚର୍ଯ୍ୟ ହୋଇଗଲେ ଦୁଇଟି କାରଣରୁ । ପ୍ରଥମଟି ହେଉଛି ସେ ହାତପଙ୍ଖା ତିଆରି କରିପାରନ୍ତି ଭାବି ଓ ଦ୍ୱିତୀୟଟି ହେଉଛି ସେ ଏସବୁ ତିଆରି କରିବାକୁ ସମୟ ପାଉଛନ୍ତି କିପରି । ଏ ସମ୍ବନ୍ଧେ ସେ ତାଙ୍କୁ ପଚାରିଲେ । ପ୍ରଥମ ବନ୍ଧୁଜଣକ ତାଙ୍କର ପ୍ରତିଦିନର କାର୍ଯ୍ୟକ୍ରମ ସମ୍ବନ୍ଧରେ କହିଲେ । ସବୁ ଶୁଣିସାରି ଅବାକ୍ ହୋଇ ଦ୍ୱିତୀୟ ବନ୍ଧୁ କହିଲେ, ''ଅଫିସରୁ ଫେରି ତୁମେ କ୍ଳାନ୍ତି ଅନୁଭବ କର ନାହିଁ ? ଏସବୁ କାମ କିପରି କର ?''

ପ୍ରଥମ ବନ୍ଧୁ କହିଲେ, ''ଏସବୁ କାମ କରି ତ କ୍ଳାନ୍ତି ଦୂର ହୋଇଯାଏ । ଗୋଟିଏ କାମ କରି କ୍ଳାନ୍ତି କିଂବା ବିରକ୍ତି ବୋଧ କଲେ ମୁଁ ଅନ୍ୟ ପ୍ରକାରର ଆଉ ଗୋଟିଏ କାମ କରେ । ତା' ଫଳରେ ମୋର କ୍ଳାନ୍ତି ଦୂର ହୋଇଯାଏ ଓ ସେସବୁ କାମରେ ମୋର ଆଗ୍ରହ ଥିବାରୁ ମୋତେ ବହୁତ ଖୁସି ଲାଗେ । ତା'ଛଡ଼ା ମୋର ନିଜର ବି ଅନେକ ଦରକାରୀ କାର୍ଯ୍ୟ ହୋଇଯାଏ ।''

ଏକଥା ଶୁଣି ଦ୍ୱିତୀୟ ବନ୍ଧୁ କହିଲେ, ''ମୁଁ ଅଫିସରୁ ଆସିଲେ ଭାରି କ୍ଳାନ୍ତି ଲାଗେ । ବନ୍ଧୁମାନଙ୍କ ସହ ବୁଲି ଟିକିଏ ଫୂର୍ତ୍ତି କରେ । ଜଳଖିଆ, ପାନ, ସିଗାରେଟ୍ ଖାଏ, ସିନେମା ଯାଏ । ତା'ପରେ ହୋଟେଲରେ ଖାଇ ଘରକୁ ଫେରେ । କିନ୍ତୁ ଘରକୁ ଫେରିବା ସମୟରେ କ୍ଳାନ୍ତି, ଅବସନ୍ନତା ମୋଠାରେ ଭର୍ତ୍ତି ହୋଇ ରହିଥାଏ । ସାର୍ଟ ଖୋଲିବାକୁ ବି ଇଚ୍ଛା ହୁଏ ନାହିଁ, ସେମିତି ଶୋଇପଡ଼େ । ଗୋଡ଼ ହାତ ବି ଧୁଏ ନାହିଁ । ଏତେ ଆମୋଦପ୍ରମୋଦ ସତ୍ତ୍ୱେ ଜୀବନଟା ମୋତେ ଖାଲି କ୍ଳାନ୍ତିକର, ଅବସନ୍ନ ବୋଧ ହେଉଛି । ଜମା ଖୁସି ଲାଗୁ ନାହିଁ ।''

ଆଉ ଥରକର କଥା । ସହରରେ ଆମାଶୟ ରୋଗ ବ୍ୟାପିଲା । ସେ କ୍ୱାଟରଗୁଡ଼ିକରେ ରହୁଥିବା ସବୁ ଲୋକ ଆମାଶୟ ଭୋଗିଲେ, କିନ୍ତୁ

ସେ ପ୍ରଥମ ବନ୍ଧୁ ଜଣକ ସେହିପରି ପୂର୍ବ ସ୍ୱାସ୍ଥ୍ୟ ବଜାୟ ରଖି କାମ କରିଚାଲିଲେ । ଦିନେ ତାଙ୍କର ସେ ବନ୍ଧୁ ତାଙ୍କୁ ପଚାରିଲେ, ''ଆମେ ସମସ୍ତେ ଆମାଶୟ ଭୋଗିଲୁ, କିନ୍ତୁ ତୁମେ କିପରି ଏ ରୋଗରୁ ରକ୍ଷା ପାଇଗଲ ?''

ପ୍ରଥମ ବନ୍ଧୁଜଣକ ଅଳ୍ପ ହସି କହିଲେ, ''ଆମାଶୟ ଲାଗିବା ପୂର୍ବରୁ ଦିନେ ରାତିରେ ମୁଁ ସ୍ୱପ୍ନ ଦେଖିଲି ବହୁତ ଲୋକ ସେ ରୋଗରେ ପଡ଼ିଛନ୍ତି । ମୁଁ ତା' ପରଠାରୁ ମୋର ଖାଦ୍ୟ ପଦାର୍ଥରେ ପୂର୍ବ ଅପେକ୍ଷା ଆହୁରି ସଚେତନ ହୋଇଉଠିଲି । ତା'ପରେ ସତକୁ ସତ ଦେଖିଲି ସହରରେ ସେ ରୋଗ ବ୍ୟାପିଛି । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରି ମୋ ସତର୍କତାରେ ମୁଁ ରହିଲି । ଭଗବାନଙ୍କ ଦୟାରୁ ମୁଁ ସେ ରୋଗରେ ପଡ଼ି ନାହିଁ । ତେଣୁ ତାଙ୍କ ଚରଣରେ ଅଶେଷ କୃତଜ୍ଞତା ଜଣାଉଛି ।''

ଏହା ଶୁଣି ତାଙ୍କ ବନ୍ଧୁ କହିଲେ, ''ତୁମେ କ'ଣ ଶୋଇଲାବେଳେ ଯେଉଁ ସ୍ୱପ୍ନ ଦେଖ ତାକୁ ବି ମନେ ରଖିପାର ? କାହିଁ ମୁଁ ତ ଶୋଇଲାବେଳେ ମୋର କିଛି ମନେ ରହେ ନାହିଁ । ଉଠିଲାବେଳକୁ ଶରୀରଟା ଶୋଇବା ପୂର୍ବ ଅପେକ୍ଷା ବେଶୀ ଓଜନିଆ ଓଜନିଆ ଲାଗେ । ଆହୁରି ପଡ଼ି ରହିବାକୁ ଇଚ୍ଛା ହୁଏ ।''

ଦ୍ୱିତୀୟ ବନ୍ଧୁଜଣକ କହିଲେ, ''ହଁ, ଶୋଇବା ସମୟରେ ବି ମୁଁ ସଚେତନ ଥାଏ । ଅନେକ ସ୍ୱପ୍ନ ମନେରଖି ଲେଖି ଦେଇପାରେ । ଶୋଇ ଉଠିଲାବେଳକୁ ନିଦରେ ଶୋଇଥିବା ଭଳି ଲାଗେ ନାହିଁ । ଶରୀର ବହୁତ ହାଲୁକା ଲାଗେ ।

''ଓ, ତୁମେ ତା'ହେଲେ ଶୋଇଲାବେଳେ ବି କାମରେ ଲାଗିଥାଅ ! ତା'ହେଲେ ତୁମେ ବିଶ୍ରାମ ନିଅ କେତେବେଳେ ? ବୋଧହୁଏ କର୍ମହିଁ ତୁମର ବିଶ୍ରାମ । ମୁଁ କିନ୍ତୁ ବିଶ୍ରାମ ନେବାକୁ ଯାଇ ବେଶୀ କ୍ଳାନ୍ତିକୁ ଡାକି ଆଣେ ।''

ବାସ୍ତବରେ ମା' କ'ଣ ଏ କଥା କହି ନାହାନ୍ତି ଯେ, “Every thing comes from this ‘need’ of relaxation, and what does that mean for most men ? It means, always,

coming down to a lower level. They do not know that for a true relaxation one must rise one degree higher, one must rise above oneself. If one goes down, it adds to one's fatigue and brings a stupefaction. Besides each time one comes down, one increases the load of subconscient– this huge subconscient load which one must clean and clean if one wants to mount and which is like fetters on the feet."

''ନିଜକୁ ଟିକିଏ ହାଲୁକା କରିବାର ଏହି 'ଆବଶ୍ୟକତା'ରୁ ସବୁକିଛି ଆସେ; ଆଉ ଅଧିକାଂଶ ଲୋକ ତାହାକୁ କିପରି ଅର୍ଥ କରିଥା'ନ୍ତି ? ଏହାର ଅର୍ଥ ସବୁବେଳେ ଏକ ନିମ୍ନ ସ୍ତରକୁ ଖସି ପଡ଼ିବା । ସେମାନେ ଜାଣନ୍ତି ନାହିଁ ଯେ ନିଜକୁ ଯଥାର୍ଥ ଭାବରେ ହାଲୁକା କରିବା ନିମନ୍ତେ ବ୍ୟକ୍ତିକୁ ଏକ ଡିଗ୍ରୀ ଊର୍ଦ୍ଧ୍ୱକୁ ଉଠିବାକୁ ହେବ, ତାକୁ ନିଜର ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ଯଦି ବ୍ୟକ୍ତି ନିମ୍ନଗାମୀ ହୁଏ, ତେବେ ଏହା ତା'ର କ୍ଳାନ୍ତିକୁ ବଢ଼ାଇଥାଏ ଓ ଏକ ଅଚେତନତା ବହନ କରି ଆଣିଥାଏ । ତା'ଛଡ଼ା ପ୍ରତ୍ୟେକ ଥର ଯେତେବେଳେ ବ୍ୟକ୍ତି ନିମ୍ନଗାମୀ ହୁଏ, ସେତେବେଳେ ସେ ଅବଚେତନାର ବୋଝକୁ ବଢ଼ାଇଥାଏ– ବ୍ୟକ୍ତି ଯଦି ଊର୍ଦ୍ଧ୍ୱଗାମୀ ହେବାକୁ ଚାହେଁ ତେବେ ତାକୁ ଏହି ବିଶାଳ ଅବଚେତନାର ବୋଝକୁ ବାରଂବାର ପରିଷ୍କାର କରିବାକୁ ହେବ ଯାହାକି ପାଦର ବେଡ଼ି ସଦୃଶ ।''

ତେଣୁ ବିଶ୍ରାମ ନାମରେ, କ୍ଳାନ୍ତି ଦୂର କରିବା ନାମରେ ଆମେ ଯଦି ଚେତନାକୁ ନିମ୍ନଗାମୀ ହେବାରେ ପ୍ରଶ୍ରୟ ଦେଉଁ ତେବେ କ୍ଳାନ୍ତି ଦୂର ହେବା ତ ଦୂରର କଥା ବରଂ ଅଧିକ କ୍ଳାନ୍ତି, ଅଧିକ ଦୁର୍ବଳତା ଗ୍ରାସ କରେ । ବ୍ୟକ୍ତି ତାହା ଶସ୍ତା ଆମୋଦ ଓ ଉତ୍ତେଜନାବଶତଃ ଜାଣିପାରେ ନାହିଁ । ଅନେକ ସମୟରେ ଜାଣିଲେ ବି ଚେତନାର ଅଶୁଦ୍ଧି ଓ ଉଚ୍ଚତର ବସ୍ତୁ ପ୍ରତି ଗ୍ରହଣଶୀଳତାର ଅଭାବ ଯୋଗୁଁ କିଛି କରିପାରେ ନାହିଁ ।

ବିଶ୍ରାମ ଆମେ ଆବଶ୍ୟକ କରୁ କାହିଁକି ? କ୍ଷୟଶକ୍ତିର ପୂରଣ ଲାଗି ଓ ନୂତନ ଶକ୍ତି ସଂଗ୍ରହ ଲାଗି । ଏହି କାର୍ଯ୍ୟ ଖୁବ୍ ଭଲ ଭାବରେ ହୋଇପାରେ ଏକ ଆନ୍ତର ନୀରବତା ବଳରେ ଓ ଅନ୍ତରସ୍ଥ ଅଥବା ଊର୍ଦ୍ଧ୍ୱସ୍ଥ ଦିବ୍ୟ ଚେତନା ସହ ସଂପର୍କ ରଖିବା ଫଳରେ । ମୁହୂର୍ତ୍ତକ ପାଇଁ ଏହି କ୍ରିୟା ଘଣ୍ଟା ଘଣ୍ଟା ଧରି ଶୋଇବା ଅପେକ୍ଷା ଅଧିକ ଫଳପ୍ରଦ, ଅଧିକ ଉପକାରୀ ।

ବିଶ୍ରାମ ଅର୍ଥ ବାସ୍ତବରେ କର୍ମ ବିରତି ନୁହେଁ । ବରଂ କର୍ମର ଏକ ପରିବର୍ତ୍ତନ । ଗୋଟିଏ ସତ୍ତାକୁ ବିଶ୍ରାମ ଦେଇ ଅନ୍ୟ ସତ୍ତାକୁ କାର୍ଯ୍ୟରେ ଲଗାଇବା । କିନ୍ତୁ ସାଧାରଣ ଅର୍ଥରେ ବିଶ୍ରାମ କହିଲେ ଆମେ କର୍ମବିରତିକୁହିଁ ବୁଝୁ । କିନ୍ତୁ ସେଭଳି ବିଶ୍ରାମ ଅର୍ଥ ମୃତ୍ୟୁ । ତାହା ଅଗ୍ରଗତିର ଶତ୍ରୁ । ତାହା ବ୍ୟକ୍ତିକୁ ଶିଥିଳ କରିଦିଏ । 'ଜୀବନରେ ଏତେ କଲିଣି' ବୋଲି ଏକ ବୃଥା ଆତ୍ମସନ୍ତୋଷ ଭାବ ଆଣିଦିଏ । ଜୀବନ ହେଉଛି ଗତି । ଯେପର୍ଯ୍ୟନ୍ତ ଅଗ୍ରଗତି ଅବ୍ୟାହତ ରହିଛି ସେପର୍ଯ୍ୟନ୍ତ ଜାଣିବାକୁ ହେବ ଯେ ଜୀବନ ଅଛି । ଯେବେଠାରୁ ଅଗ୍ରଗତି ବନ୍ଦ ହେଲାଣି ସେହିଦିନଠାରୁ ଆମେ ମରିବାକୁ ଆରମ୍ଭ କଲୁଣି । ତେଣୁ କର୍ମ ଭିତରେ ଆମକୁ ବିଶ୍ରାମ କରିବାକୁ ହେବ । ତାହା ଏକ ନୂତନ ଧରଣର ବିଶ୍ରାମ । ପ୍ରଚଳିତ ବିଶ୍ରାମର ଧାରଣାଠାରୁ ସଂପୂର୍ଣ୍ଣ ଭିନ୍ନ । ଏପରିକି ଶୋଇଥିବା ସମୟରେ ବି ଅଗ୍ରଗତିକୁ ଅବ୍ୟାହତ ରଖିବାକୁ ହେବ ।

କିପରି ନିରନ୍ତର କର୍ମ ମଧ୍ୟରେ, ଅଗ୍ରଗତି ମଧ୍ୟରେ ବିଶ୍ରାମ କରିବାକୁ ହେବ ସେ ସମ୍ବନ୍ଧେ ମା' କହିଛନ୍ତି :

"The moment you cease to advance, you fall back. From the moment you are satisfied and aspire no longer, you begin to die. Life is movement, life is effort; it is marching forward. scaling the mountain, climbing towards future revelation and realisations. Nothing is more dangerous than wanting to rest. It is in action, in effort, in forward march that

you must find rest, the true rest that comes from a total trust in the Divine Grace, the absence of desires, the victory over egoism.

"The true rest is in widening, universalising the consciousness. Be vast as the world and you will always be in rest. In the midst of action, in the midst of battle, in the midst of effort you will have the rest of Infinity and Eternity."

''ଯେଉଁ ମୁହୂର୍ତ୍ତରେ ତୁମର ଅଗ୍ରଗତି ବନ୍ଦ ହୁଏ, ତୁମେ ତତ୍‌କ୍ଷଣାତ୍ ପଛରେ ପଡ଼ିଯାଅ । ଯେଉଁ ମୁହୂର୍ତ୍ତରେ ତୁମର ସନ୍ତୋଷ ଆସିଯାଏ ଓ ତୁମେ ଆଉ ଅଭୀପ୍ସା କର ନାହିଁ, ସେତିକିବେଳୁ ତୁମେ ମରିବାକୁ ଆରମ୍ଭ କର । ଜୀବନ ହେଉଛି ଗତି, ଜୀବନ ହେଉଛି ଉଦ୍ୟମ, ସର୍ବୋଚ୍ଚ ଶିଖରକୁ ଲକ୍ଷ୍ୟ ରଖି ଭବିଷ୍ୟତର ସିଦ୍ଧି ଓ ଉପଲବ୍ଧି ଦିଗରେ ଏହା ଆଗକୁ ଆଗକୁ ଗତି କରି ଚାଲିଛି । ବିଶ୍ରାମ ନେବାକୁ ଇଚ୍ଛା କରିବାଠାରୁ ଆଉ ଅଧିକ ବିପଦପୂର୍ଣ୍ଣ କଥା କିଛି ନାହିଁ । କର୍ମ ଭିତରେ, ଉଦ୍ୟମ ଭିତରେ, ଅଗ୍ରଗମନ ଭିତରେହିଁ ତୁମକୁ ବିଶ୍ରାମ ଅନୁଭବ କରିବାକୁ ହେବ, ଯଥାର୍ଥ ବିଶ୍ରାମ ପ୍ରକୃତରେ ଆସେ ଭଗବତ୍ କରୁଣା ଉପରେ ପୂର୍ଣ୍ଣ ନିର୍ଭରତା ରଖିବା ଦ୍ୱାରା, ବାସନାର ବିନାଶ ଦ୍ୱାରା, ଅହଂକାର ଉପରେ ବିଜୟ ଲାଭ ଦ୍ୱାରା ।

''ଚେତନାକୁ ବ୍ୟାପକ କରିବା ଦ୍ୱାରା, ବିଶ୍ୱମୟ କରିବା ଦ୍ୱାରାହିଁ ଯଥାର୍ଥ ବିଶ୍ରାମ ମିଳେ । ବିଶ୍ୱ ପରି ବିରାଟ ଓ ବିପୁଳ ହୁଅ, ତୁମେ ସର୍ବଦାହିଁ ବିଶ୍ରାମ ମଧ୍ୟରେ ବାସ କରିବ । କର୍ମ ଭିତରେ, ସଂଗ୍ରାମ ଭିତରେ, ଉଦ୍ୟମ ଭିତରେ ତୁମେ ପାଇବ ଅସୀମ ଓ ଅନନ୍ତଙ୍କର ପୂର୍ଣ୍ଣ ବିଶ୍ରାମ ।''

କହିବେ ତ' । ଆମେ ଯେତେବେଳେ ନିରୀହ ମେଣ୍ଢାଛୁଆଟିଏ ଭଳି ସରଳ ବିଶ୍ୱାସରେ ତାଙ୍କ କଥାକୁ ହିତୋପଦେଶ ଭଳି ଶୁଣୁଛୁ, ଆଉ ଆମକୁ ନ କହି କହିବେ କାହାକୁ ? ଥରେ ଶୁଣିବା ବନ୍ଦ କରିଦେଲେ, ସେମାନଙ୍କ କଥା ପ୍ରତି ଗୁରୁତ୍ୱ ନ ଦେଲେ କହିବା ବି ଆପେ ବନ୍ଦ ହୋଇଯିବ । ସେଇଭଳି ଲୋକ ଆଉ ସାହସ କରିବେ ନାହିଁ, ଚାଟୁ କଥା କିଂବା କଟୁ କଥା କହି ନୂତନ ପଥରୁ ଟାଣିଧରି ପୁରାତନର ଗଣ୍ଡି ଭିତରେ ପୁଣି ଆମକୁ ବାନ୍ଧି ରଖିବାକୁ ।

ଏଥିପାଇଁ ଆବଶ୍ୟକ ନିଜ ଗୁରୁଙ୍କ ଉପରେ ଦୃଢ଼ ଭରସା ରଖି, କେବଳ ନିଜର ଆନ୍ତର ପ୍ରେରଣାକୁ ମାନି ନେଇ ନିଜ ସଂକଳ୍ପରେ ଅଟଳ ରହିବା । ଆୟାରଲ୍ୟାଣ୍ଡର ଅଗ୍ନିସ୍ଫୁଲିଙ୍ଗ ମାର୍ଗାରେଟ୍ ଏଲିଜାବେଥ୍‌ଙ୍କୁ ଜାଣ ? ଯେ କି ଭାରତରେ ଭଗିନୀ ନିବେଦିତା ନାମରେ ପରିଚିତା । ସେ ଯେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ନିଜ ଜୀବନର ମହାମନ୍ତ୍ର ବୋଲି ଗ୍ରହଣ କରିନେଇ ତାଙ୍କରି ଚରଣରେ ଦୁଃଖ-ଦାରିଦ୍ର୍ୟ-ପ୍ରପୀଡ଼ିତ ପବିତ୍ର ଭାରତ ଭୂଇଁର ସେବା ନିମନ୍ତେ ନିଜକୁ ଉତ୍ସର୍ଗ କରି ସେଇଠାରୁ ସବୁକିଛି ଶିକ୍ଷା କରିବାର ସଂକଳ୍ପ ଗ୍ରହଣ କଲେ ସେତେବେଳେ ସ୍ୱାମୀଜିଙ୍କଠାରୁ ଭାରତରୁ ଯେଉଁ ଚିଠି ସେ ପାଇଥିଲେ ସେଥିରେ ଲେଖାଥିଲା :

"A letter from S. reached me yesterday, informing me that you are determined to come to India and see things with your own eyes... Let me tell you frankly that I am now convinced that you have a great future in the work for India. What was wanted

was not a man but a woman : a real lioness, to work for the Indians, women especially.

India cannot yet produce great women, she must borrow them from other nations. Your education, sincerity, purity, immense love, determination and above all, the celtic blood, make you just the woman wanted.

Yet the difficulties are many. You can not form any idea of the misery, the superstition, and the slavery that are here. You will be in the midst of a mass of halfnaked men and women with quaint ideas of castes and isolation, shunning the white skin through fear or hatred and hated by them intensely. On the other hand, you will be looked upon by the white as a crank and every one of your movements will be watched with suspicion.

The climate is fearfully hot, our winter in most places being like your summer and in the south it is always blazing. Not one European comfort is to be had in places out of the cities. Inspite of all this you dare venture into the work, you dare welcome, a hundred times welcome."

''ଗତକାଲି 'ସ'ଙ୍କ ଚିଠିରୁ ଜାଣିଲି ଯେ ତୁମେ ଭାରତବର୍ଷକୁ ଆସି ନିଜ ଆଖିରେ ସବୁକଥା ଦେଖିବା ଲାଗି ସଂକଳ୍ପବଦ୍ଧ ।.... ମୁଁ ତୁମକୁ ସ୍ପଷ୍ଟରୂପେ ଏକଥା କହି ଦେଉଛି ଯେ, ଭାରତବର୍ଷ ଲାଗି କାର୍ଯ୍ୟ କରିବା

ନିମନ୍ତେ ତୁମର ଏକ ମହାନ୍ ଭବିଷ୍ୟତ ରହିଛି । ମୁଁ ଏ ସମ୍ବନ୍ଧେ ବର୍ତ୍ତମାନ ସୁନିଶ୍ଚିତ । ଭାରତବର୍ଷ ନିମନ୍ତେ, ବିଶେଷକରି ଭାରତର ନାରୀ-ସମାଜ ପାଇଁ କାର୍ଯ୍ୟ କରିବା ଲାଗି ଆବଶ୍ୟକ ଥିଲେ ଜଣେ ପୁରୁଷ ନୁହେଁ, ଜଣେ ନାରୀ : ଏକ ଜୀବନ୍ତ ସିଂହୀ ।

ଭାରତବର୍ଷ ଏପର୍ଯ୍ୟନ୍ତ ମହାନ ନାରୀ ସୃଷ୍ଟି କରିପାରି ନାହିଁ, ଅନ୍ୟ ଦେଶରୁ ସେମାନଙ୍କୁ ସବୁ ଧାର ଆଣିବାକୁ ହେବ । ତୁମର ଶିକ୍ଷା, ନିଷ୍ଠାପରତା, ପବିତ୍ରତା, ଜ୍ୱଳନ୍ତ ପ୍ରେମ, ସଂକଳ୍ପଶକ୍ତି ଏବଂ ସର୍ବୋପରି ତୁମ ମଧ୍ୟରେ ପ୍ରବାହିତ ହେଉଥିବା ଆୟାରଲ୍ୟାଣ୍ଡର ପ୍ରାଚୀନ ଆର୍ଯ୍ୟରକ୍ତ— ସବୁ ମିଶି ତୁମକୁ ଠିକ୍ ଆବଶ୍ୟକ ହେଉଥିବା ନାରୀଟିଏ ଭଳି ଗଢ଼ି ତୋଳିଛି ।

ତଥାପି ବାଧାବିପତ୍ତି ଅନେକ । ଏ ଦେଶର ଦୁଃଖଯନ୍ତ୍ରଣା, କୁସଂସ୍କାର, ଦାସତ୍ୱ ପ୍ରଭୃତି ଯେ କି ପ୍ରକାର ତାହା ତୁମେ କଳ୍ପନା କରିପାରିବ ନାହିଁ । ଏ ଦେଶକୁ ଆସିବା ପରେ ତୁମେ ନିଜକୁ ଦେଖିବାକୁ ପାଇବ ଅର୍ଦ୍ଧ-ଉଲଗ୍ନ ନରନାରୀଙ୍କ ମେଳରେ । ଜାତି ଓ ସ୍ପର୍ଶ ସମ୍ବନ୍ଧରେ ସେମାନଙ୍କର ଧାରଣା ଅତି ଅଦ୍ଭୁତ । ଭୟରେ ହେଉ ବା ଘୃଣାରେ ହେଉ ଗୋରା ଲୋକମାନଙ୍କୁ ସେମାନେ ଏଡ଼ାଇ ଚାଲନ୍ତି ଏବଂ ଗୋରା ଲୋକମାନେ ମଧ୍ୟ ଏମାନଙ୍କୁ ତୀବ୍ର ଭାବରେ ଘୃଣା କରନ୍ତି । ଅନ୍ୟ ପକ୍ଷରେ ଗୋରା ଲୋକମାନଙ୍କ ଦ୍ୱାରା ମଧ୍ୟ ତୁମେ ଅର୍ଦ୍ଧ ପାଗଳୀ ବୋଲି ବିବେଚିତ ହେବ ଓ ତୁମର ସମସ୍ତ ଗତିବୃତ୍ତିକୁ ସେମାନେ ସନ୍ଦେହ-ଚକ୍ଷୁରେ ଦେଖିବେ ।

ଏଠାକାର ଜଳବାୟୁ ଭୟଙ୍କର ଭାବେ ଗରମ । ଆମର ଏଠାରେ ଅଧିକାଂଶ ସ୍ଥାନର ଶୀତ ତୁମର ସେଠାକାର ଗ୍ରୀଷ୍ମ ସହ ସମାନ । ଦକ୍ଷିଣ ଅଞ୍ଚଳ ତ ସବୁବେଳେ ଯେପରି ଜଳୁଛି । ସହରଗୁଡ଼ିକର କୌଣସି ସ୍ଥାନରେ ସାମାନ୍ୟ ମାତ୍ର ଉଇରୋପୀୟ ବିଳାସ ମିଳିବ ନାହିଁ । ଏସବୁ ସତ୍ତ୍ୱେ ଯଦି ତୁମେ କର୍ମ ମଧ୍ୟକୁ ଲମ୍ଫ ପ୍ରଦାନ କରିବାକୁ ସାହସ କର, ତେବେ ତୁମକୁ ଶତବାର ମୁଁ ସ୍ୱାଗତ ସମ୍ଭାଷଣ ଜଣାଇବି ।''

୧୮୯୭ ମସିହା ଜୁଲାଇ ମାସରେ ସ୍ୱାମୀଜିଙ୍କ ଲିଖିତ ଏହି ପତ୍ର

ମାର୍ଗାରେଟ୍‌ଙ୍କଠାରେ ଚାବୁକ ଭଳି କାମ କଲା । ଯଦିଓ ସେ ଭାରତ ଆସିବା ଲାଗି ସଂକଳ୍ପ କରିଥିଲେ ତଥାପି ଏକଥା ସେ ଲୁଚାଇ ରଖିଥିଲେ । ତା' ପରେ ସେ ଅନେକ ଚିଠି ଦେଇଛନ୍ତି ସ୍ୱାମୀଜି କେଉଁ ପ୍ରକାର ଭାବ ନେଇ ଭାରତରେ କାର୍ଯ୍ୟ କରୁଛନ୍ତି ତାହା ଜାଣିବା ଲାଗି । କାରଣ ସେ ନିଜକୁ ସେଇ ଅନୁସାରେ ପ୍ରସ୍ତୁତ କରି ଆସିବେ । ସଂସାରରେ ତାଙ୍କର ମା', ଭାଇ ଭଉଣୀ ଓ କର୍ମକ୍ଷେତ୍ର ରସ୍କିନ ସ୍କୁଲଟିର ବନ୍ଧନ ଛିନ୍ନ କରିବାକୁ ତାଙ୍କୁ କିଛି କାଳ ଲାଗିଲା । ମା' କିନ୍ତୁ ତାଙ୍କର ଜାଣିଥିଲେ ଯେ, ଝିଅ ତାଙ୍କର ଭଗବାନଙ୍କର ଏକ ମହାନ୍ କାର୍ଯ୍ୟ ନିମନ୍ତେ ଭିତରେ ଭିତରେ ନିଜକୁ ପ୍ରସ୍ତୁତ କରୁଛି । ଶେଷରେ ଦିନେ ସେ ନିଜର ପ୍ରିୟ ଜନ୍ମଭୂମି ଓ ଆତ୍ମୀୟ ସ୍ୱଜନଙ୍କ ପ୍ରତି ଏକ ଅନାସକ୍ତ ଗଭୀର ପ୍ରେମ ଓ ସହାନୁଭୂତି ସହ ସେମାନଙ୍କଠାରୁ ଚିରବିଦାୟ ନେଇ ତାଙ୍କର ଭଗବତ୍ ନିର୍ଦ୍ଦିଷ୍ଟ କର୍ମଭୂମି ଭାରତବର୍ଷକୁ ଚାଲିଆସିଲେ ।

ବିଦେଶୀ ଗୋରା ଲୋକ ହିସାବରେ ଭାରତର ବିଭିନ୍ନ ଅଶିକ୍ଷିତ, କୁସଂସ୍କାରାଚ୍ଛନ୍ନ ବ୍ୟକ୍ତିଙ୍କଠାରୁ ତାଙ୍କୁ କେତେ ଯେ ଲାଞ୍ଛନା, ଅପମାନ, ଘୃଣା, ବାଧା, ବିରୋଧ ସହିବାକୁ ପଡ଼ିଛି ତା'ର କଳନା ନାହିଁ । କିନ୍ତୁ ଏସବୁ ଭିତର ଦେଇ ତାଙ୍କର ଗୁରୁ ତାଙ୍କୁ କେବେ ବି ନିରୁତ୍ସାହିତ ହେବାକୁ ନ ଦେଇ ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ଲାଗି ଶିଖାଇଛନ୍ତି ।

ଭଗିନୀ ନିବେଦିତାଙ୍କୁ ସହନଶୀଳ ଓ ଆତ୍ମନିର୍ଭରଶୀଳ ହୋଇ ଗଢ଼ି ଉଠିବା ନିମନ୍ତେ ବହୁ ବାଧାବିଘ୍ନ ଥିଲେ ବି ନୂତନ କାର୍ଯ୍ୟର ସଂପୂର୍ଣ୍ଣ ଦାୟିତ୍ୱ ସ୍ୱାମୀଜି ତାଙ୍କ ଉପରେ ଛାଡ଼ି ଦେଉଥିଲେ । ୧୮୯୩ ମସିହା ନଭେମ୍ବର ୧୨ ତାରିଖରେ ନିବେଦିତା ବାଳିକାମାନଙ୍କ ନିମନ୍ତେ ଏକ ସ୍କୁଲ ଆରମ୍ଭ କଲେ । ପ୍ରଥମେ ମାତ୍ର ୩ ଜଣ ରୁଗ୍ଣ, ଦରିଦ୍ର ହିନ୍ଦୁ ବାଳିକା ସେ ସ୍କୁଲରେ ଯୋଗ ଦେଇଥିଲେ । ସମୁଦାୟ ମାତ୍ର ୮୦୦ ଟଙ୍କା ନେଇ ଏହା ସେ ଆରମ୍ଭ କରିଥିଲେ ଯାହାକି ଖୁବ୍ ବେଶୀରେ ଗୋଟିଏ ମାସର ଖର୍ଚ୍ଚ ଚଳାଇବା ଭଳି ଥିଲା । ଯେଉଁ ଅଳ୍ପ କେତୋଟି ବାଳିକା ଆସୁଥିଲେ ସେମାନେ ଠିକ୍ ସମୟରେ

ଆସୁ ନ ଥିଲେ । ତେଣୁ ସ୍କୁଲ କାର୍ଯ୍ୟକ୍ରମର କୌଣସି ନିୟମିତ ଧାରା ପ୍ରଚଳନ କରାଯାଇପାରୁ ନ ଥିଲା । ନିବେଦିତା ଏ କ୍ଷେତ୍ରରେ ସ୍ୱାମୀଜିଙ୍କ ଉପଦେଶ ପ୍ରାର୍ଥନା କରିବାରୁ ସେ କହିଲେ :

"Let your-self be guided. You are going to learn everything from your pupils."

''ନିଜକୁ ପରିଚାଳିତ ହେବାକୁ ଛାଡ଼ିଦିଅ । ତୁମର ଛାତ୍ରମାନଙ୍କଠାରୁ ତୁମେ ସବୁକିଛି ଶିକ୍ଷା କରିବାକୁ ଯାଉଛ ।''

ଏହା କହିବା ସାଙ୍ଗେ ସାଙ୍ଗେ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କ ଆଧ୍ୟାତ୍ମିକ ଉପଲବ୍ଧିର ଉଦାହରଣ ଦେଇଥିଲେ । ସେ କିପରି ଚଣ୍ଡାଳ, ଖ୍ରୀଷ୍ଟିଆନ୍ ଓ ମୁସଲମାନଙ୍କ ପୋଷାକ ପିନ୍ଧିଥିଲେ ଓ ସେମାନଙ୍କ ଖାଦ୍ୟ ତଥା ଅନ୍ୟାନ୍ୟ ଜୀବନ ଧାରାକୁ ଗ୍ରହଣ କରିଥିଲେ କେବଳ ସେମାନଙ୍କ ଆତ୍ମା ସହ ଏକ ହୋଇ ସେ ସମ୍ବନ୍ଧୀୟ ଜ୍ଞାନ ଲାଭ କରିବାକୁ ।

ଗୁରୁଙ୍କ ଉତ୍ତର ନିବେଦିତାଙ୍କର ଶିକ୍ଷକ ହେବାର ପାରମ୍ପରିକ ମନର ଧାରଣାକୁ ଭାଙ୍ଗି ଦେଇଥିଲା । ସ୍କୁଲର ସେହି ଛୋଟ ଛୋଟ ଦାରିଦ୍ର୍ୟ-ପ୍ରପୀଡ଼ିତ, ଭୟକାତର ବାଳିକାମାନେ ନିବେଦିତାଙ୍କର ଶିକ୍ଷକ ହୋଇଉଠିଲେ । ସ୍ୱାମୀଜିଙ୍କ ଉଦ୍ଦେଶ୍ୟ ଥିଲା ନିବେଦିତା ଭାରତୀୟ ସଂସ୍କୃତି, ଭାରତୀୟ ପରମ୍ପରା, ଭାରତୀୟ ମନୋଭାବ ଓ ଚଳଣି ସଂପର୍କରେ ଖାଣ୍ଟି ଜ୍ଞାନ ହାସଲ କରନ୍ତୁ; ତା'ହେଲେ ଭାରତରେ କାମ କରିବା ତାଙ୍କ ପକ୍ଷରେ ସହଜ ହୋଇଉଠିବ । ସେଥିପାଇଁ ସେ ନିବେଦିତାଙ୍କୁ ପୁଣି କହିଥିଲେ, ''ବହୁ ପରେ, ଦୀର୍ଘକାଳର ମିଳାମିଶା ଓ ଆତ୍ମୀୟତା ପରେ ତୁମେ ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହେବ : ହିନ୍ଦୁ ପାରିବାରିକ ଜୀବନର ହଜାର ହଜାର ଟିକିନିଖି କଥା ତୁମ ପାଇଁ ଯଥାର୍ଥ ଭିତ୍ତି ଯୋଗାଇ ଦେବ ।'' ତାହାହିଁ ହୋଇଥିଲା ।

ସେଇ ଛୋଟ ଛୋଟ ବାଳିକାମାନଙ୍କୁ ବେଳେବେଳେ ତାଙ୍କ ଘରର କେହି ବୁଢ଼ୀ ଆଣି ଛାଡ଼ିଦେଇ ଯାଉଥିଲେ କିଂବା ସେମାନଙ୍କ ମାଆ ଆଉ

ଗୋଟିଏ ପିଲାକୁ (ସବୁଠାରୁ ଯିଏ ସାନ) କାଖେଇ ସେମାନଙ୍କୁ ଆଣି ଛାଡ଼ିଦେଇ ଯାଉଥିଲେ । ପ୍ରଥମ କିଛିଦିନ ଏକ ବଡ଼ ହଲରେ ତାଙ୍କୁ ଛାଡ଼ି ଦିଆ ଯାଇଥିଲା । ସେମାନେ ପରସ୍ପରକୁ ଟିକିଏ କଣେଇ କଣେଇ ଚାହୁଁ ଥିଲେ, କିଛି କଥାବାର୍ତ୍ତା କରୁ ନ ଥିଲେ । ଏପରିକି ଖେଳିବାର ଉଦ୍ୟମ ବି କରୁ ନଥିଲେ । କିନ୍ତୁ କେହି ଯଦି ସେମାନଙ୍କୁ ଚାହୁଁ ନ ଥିଲେ ତେବେ ସେମାନଙ୍କ ସାହସ ଟିକିଏ ବଢ଼ି ଯାଉଥିଲା । ସେମାନେ ପରସ୍ପରକୁ ଚାହୁଁ ଥିଲେ, ନିଜ ନିଜ କାଚ ଓ ବେକରେ ପକାଇଥିବା କାଚ ତଥା ସମୁଦ୍ର ଶାମୁକାରେ ତିଆରି ହାର ପ୍ରଭୃତି ପରସ୍ପରକୁ ଦେଖାଉଥିଲେ । ପରସ୍ପରର କେଶବିନ୍ୟାସ କିପରି ହୋଇଛି ସେ ସମ୍ବନ୍ଧେ ପରସ୍ପରକୁ ତାଚ୍ଛଲ୍ୟ କରୁଥିଲେ । ବିଭିନ୍ନ ରଙ୍ଗର ଫିତାରେ ସେମାନଙ୍କ ବେଣୀକୁ ଆହୁରି ଲମ୍ବା କରି ଦିଆଯାଇଥାଏ । ଧୀରେ ଧୀରେ ଯେପରି ଅଧିକ ବାଳିକା ସ୍କୁଲକୁ ଆସିଲେ ସେମାନଙ୍କ ମଧ୍ୟରୁ କେତେକ ମୁହଁରେ ଗୁଡ଼ାଏ ହଳଦି ବୋଳି ହୋଇ ଆସିଥା'ନ୍ତି ଦେଖିବାକୁ ପାଚିଲା ଫଳ କିଂବା ସୁନା ତିଆରି ପ୍ରତିମା ଭଳି ଦେଖାଯାଉଥା'ନ୍ତି । ସେମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ଆଦୌ ନ ଥିଲା ।

ଭଗିନୀ ନିବେଦିତା ପିଲାମାନଙ୍କୁ ଖୁବ୍ ଗଭୀରଭାବେ ନିରୀକ୍ଷଣ କରୁଥିଲେ । ସେ ଦେଖୁଥିଲେ ଏମାନଙ୍କର ଏସବୁ ବୈଚିତ୍ର୍ୟର ପଶ୍ଚାତରେ କି ଅସାଧାରଣ ଗୁଣ ଅଛି । ସେମାନଙ୍କର ନୀରବ ମୁହୂର୍ତ୍ତଗୁଡ଼ିକ ଓ ନିଜକୁ ପରସ୍ପରଠାରୁ ପୃଥକ୍ ରଖିବା ମୁହୂର୍ତ୍ତଗୁଡ଼ିକ ନିବେଦିତାଙ୍କୁ ବହୁତ ଭଲ ଲାଗୁଥିଲା । ସେ ଦେଖିଲେ ଅଧିକାଂଶ ପିଲା ଖେଳିବା ସମୟରେ କିଛି ଗୋଟାଏ ପୂଜା କରିବାର ମନୋଭାବ ସେମାନଙ୍କ ମଧ୍ୟରେ ପ୍ରକାଶ ପାଉଛି । ଅନେକ ବାଳିକା ମାଟିରେ ମୂର୍ତ୍ତି ଗଢ଼ି ତା' ନିକଟରେ ପୁଷ୍ପ ଅର୍ପଣ କରି ପୂଜା କରୁଛନ୍ତି । ଏତେ ସମ୍ମାନ ସତ୍ତ୍ୱେ ପୁଣି କଣ୍ଢେଇଟିଏ ଭାବି ତା' ସହ ଖେଳୁଛନ୍ତି, ଗୀତ ବୋଲି ଥାପୁଡ଼ାଇ ଶୁଆଇ ପକାଉଛନ୍ତି, କେତେବେଳେ ମାଡ଼ ଦେଉଛନ୍ତି । ପରିଶେଷରେ ତାକୁ ଭାଙ୍ଗିଭୁଙ୍ଗି ଖଣ୍ଡ ଖଣ୍ଡ କରି ପକାଉଛନ୍ତି । ତା'ପରେ ସେମାନେ ଅନ୍ୟ ମୂର୍ତ୍ତି ଗଢୁଛନ୍ତି । ତା' ସହ ସେମିତି

ଖେଳି ପୁଣି ତାକୁ ଭାଙ୍ଗି ଦେଉଛନ୍ତି । ଏଥିରୁ ଜଣା ପଡ଼େ ଏହି ଶିଶୁମାନେ ଅବଚେତନା ସ୍ତରରେ ଜାଣିଛନ୍ତି ଯେ କିଛି ଗୋଟାଏ ପୂର୍ଣ୍ଣବସ୍ତୁ ରହିଛି ଯାହାକି କ୍ଷୁଦ୍ର କ୍ଷୁଦ୍ର ଅଂଶକୁ ନେଇ ଗଠିତ । ନିବେଦିତା ବୁଝିଲେ ଯେ ଏଇ ବୟସର ପାଶ୍ଚାତ୍ୟ ଶିଶୁମାନଙ୍କଠାରୁ ଏମାନେ କେଉଁ ଗୁଣରେ ପୃଥକ୍ ।

ଘରେ ଥିବା ପରିବାରର ଅନ୍ୟମାନଙ୍କ କାର୍ଯ୍ୟ ଓ ଚାଲିଚଳନକୁ ମଧ୍ୟ ପିଲାମାନେ ଆସି ସ୍କୁଲରେ ଅନୁକରଣ କରୁଥିଲେ । ଗୋଟିଏ କାଳ୍ପନିକ କୂଅ ପାଖରେ ନଇଁପଡ଼ି ପାଣିକଳସୀ କାଢୁଥିଲେ ଓ ତାକୁ ମୁଣ୍ଡରେ ଧରି ଟୋପାଏ ବି ପାଣି ତଳେ ନ ପକାଇଲା ଭଳି ଚାଲୁଥିଲେ । ସେମାନେ କାଳ୍ପନିକ ଅତିଥିମାନଙ୍କୁ ଖୁବ୍ ଭକ୍ତିର ସହ ସତ୍କାର କରୁଥିଲେ ।

ନିବେଦିତା ପୂର୍ବରୁ ଯେଉଁସବୁ ଶିକ୍ଷାମୂଳକ ଖେଳସବୁ ଜାଣିଥିଲେ ଯାହାଦ୍ୱାରା ଛୋଟ ଛୋଟ ଶିଶୁମାନଙ୍କୁ ବାସ୍ତବ ଜୀବନ ସମ୍ବନ୍ଧରେ ସଚେତନ କରାଯାଇପାରେ, ସେସବୁ ଏଠାରେ କାମରେ ଲାଗିଲା ନାହିଁ । କାରଣ ସେ ଦେଖିଲେ ହିନ୍ଦୁ ପିଲା ସ୍କୁଲକୁ ଆସିବା ପୂର୍ବରୁହିଁ ଜୀବନର ବାସ୍ତବତା ସଂପର୍କରେ ସଚେତନ । କୁମ୍ଭାର, ତନ୍ତୀ, ପାଣିବୁହାଳି ଓ ଅନ୍ୟାନ୍ୟ କର୍ମୀମାନେ କାମ କରିବା ସମୟରେ ଯେଉଁ ଗୀତ ବୋଲନ୍ତି ସେମାନେ ତାହା ବୋଲୁଥିଲେ । ଘରେ ମା'ମାନଙ୍କଠାରୁ ମହାଭାରତ ଓ ରାମାୟଣର ଅସଂଖ୍ୟ ଛୋଟ ଛୋଟ ଗପ ଶୁଣି ମନେ ରଖିଥାନ୍ତି । ଭୂମିରେ ସେମାନେ ମନକୁ ମନ ବିଭିନ୍ନ ପ୍ରକାର ଛବି ଯଥା : ସୂର୍ଯ୍ୟ, ଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ପାଦ, କୁଣ୍ଡଳୀକୃତ ସାପ, ସହସ୍ରଦଳ ପଦ୍ମ ଅନ୍ୟାନ୍ୟ ଫୁଲର ଛବିସବୁ ଅକ୍ଳେଶରେ ଆଙ୍କି ଦେଉଥାନ୍ତି । ସେମାନେ ଏସବୁ ଛବି ବାରଂବାର କରୁଥାନ୍ତି ଯାହାକି ନାମଜପର ଏକ ବୋଧ ଆଣି ଦେଉଥାଏ । ୧୦ ବର୍ଷ ବୟସରୁ ବାଳିକାମାନେ ଜାଣିଥିଲେ, କେବଳ ଆତ୍ମାର ମୁକ୍ତି ଛଡ଼ା ସେମାନଙ୍କର ଅନ୍ୟ କୌଣସି ମୁକ୍ତି ନାହିଁ । ଜୀବନଟା ବି ତାଙ୍କୁ କୌତୂହଳପ୍ରଦ ବୋଧ ହେଉ ନ ଥିଲା । କାରଣ ସେମାନେ ଜାଣିଥିଲେ କିପରି ସେମାନଙ୍କୁ ବିବାହ କରିଦିଆଯିବ ଓ ଗୋଟିଏ ପରିବାରରୁ ସେମାନେ ଆଉ ଗୋଟିଏ ପରିବାରକୁ

ଯିବେ, ମୁଣ୍ଡରେ ବିରାଟ ଓଢ଼ଣା ପକାଇ ମୁହଁ ଲୁଚାଇ ଚାଲିବେ, ବଡ଼ମାନଙ୍କର ସବୁକଥାକୁ ମୁଣ୍ଡପାତି ମାନିନେବେ, ସେମାନଙ୍କୁ ଆଗକରି କଥା କହିବେ ନାହିଁ, ସେମାନଙ୍କ କଥାର ପ୍ରତିବାଦ କରିବେ ନାହିଁ ଇତ୍ୟାଦି ଇତ୍ୟାଦି । ବାସ୍ତବ ଜୀବନର ଏ ଧରାବନ୍ଧା କଠୋରତା ସମ୍ବନ୍ଧେ ଜାଣିଥିଲେ ବି ସେମାନେ ଜୀବନର ରସବୋଧ ଓ ମୂଲ୍ୟବୋଧ ହରାଇ ନ ଥିଲେ । ନିବେଦିତା ପିଲାମାନଙ୍କର ସ୍କୁଲରେ ସମସ୍ତ କ୍ରିୟାକଳାପ ମଧ୍ୟରେ ଜୀବନ ଧାରଣର ମୂଲ୍ୟବୋଧର ବିକାଶ କରାଇବା ପାଇଁ ଚେଷ୍ଟା କରୁଥିଲେ ।

ପିଲାମାନେ ବିରାଟ ହଲ୍‌ରେ ବିଭିନ୍ନ କାର୍ଯ୍ୟ ଓ ଖେଳ ମାଧ୍ୟମରେ ପଢ଼ା, ଲେଖା, ଅଙ୍କ କଷିବା ଆଦି ଶିଖୁଥିଲେ । ପଢ଼ା, ଲେଖା ଏକ ସ୍ୱତନ୍ତ୍ର ଧରାବନ୍ଧା କ୍ରିୟାଭଳି ସେମାନଙ୍କୁ ଲାଗୁ ନ ଥିଲା । ସେମାନଙ୍କ ଅଜାଣତରେ ଜୀବନର ଅନ୍ୟାନ୍ୟ ସ୍ୱାଭାବିକ କ୍ରିୟାଭଳି ସେମାନେ ତାହା କରି ଯାଉଥିଲେ । ଶୁଆ ଭଳି ଗୁଡ଼ାଏ ଶୁଷ୍କ ନୀରସ ପାଠ ଘୋଷିବା ପରିବର୍ତ୍ତେ ସେମାନେ ଆବିଷ୍କାର କରୁଥିଲେ ପ୍ରକୃତିକୁ ବର୍ଣ୍ଣନା କରିବା ସମୟରେ ସେମାନଙ୍କ ଚିନ୍ତା ଓ କଥା ଭିତରେ କି ସଂପର୍କ ରହିଛି ।

ସାମୂହିକ କ୍ଲାସ ଖେଳ ମାଧ୍ୟମରେ ହେଉଥିଲା । ଅଙ୍କ କ୍ଲାସ୍ ସମୟରେ କେତେକ ତେନ୍ତୁଳିମଞ୍ଜି ଭୂମିରେ ବିଛାଇ ଦିଆ ଯାଉଥିଲା । ପିଲାମାନେ ସେଥିରୁ ନିଜ ମନ ଇଚ୍ଛା ଗୋଟାଇ ଆଣୁଥିଲେ, ତାକୁ ଗଣୁଥିଲେ, ନିଜ ନିଜ ଭିତରେ ତାହାର କିଣାବିକା ଚାଲୁଥିଲା; କିନ୍ତୁ ଏସବୁ କାରବାର ମଧ୍ୟରେ ଦ୍ୱାରରେ ନିତି ଭିକ୍ଷା ମାଗୁଥିବା ଦରିଦ୍ର ଭିଖାରୁଣୀ ପାଇଁ ଗୋଟିଏ ଭାଗ (ତେନ୍ତୁଳିମଞ୍ଜି) ରଖିବାକୁ ଭୁଲୁ ନ ଥିଲେ । ତା'ପରେ ଗୋଟିଏ କାଦୁଅ ପାତ୍ର ନିକଟରେ ଆନନ୍ଦରେ ସେମାନେ ନିଜ ମନ ଇଚ୍ଛା ମୂର୍ତ୍ତି ଗଢ଼ି ଚାଲିଥିଲେ ।

ପିଲାମାନଙ୍କର ଧର୍ମସମ୍ବନ୍ଧୀୟ ଜୀବନ ଗୃହରୁ ଆରମ୍ଭ ହୋଇଯାଇଥିଲା । କେବଳ ସେଥି ସହ ନୂତନ ବିକାଶଶୀଳ ଭାବ ମିଶ୍ରଣ କରିବା ଆବଶ୍ୟକ ଥିଲା । ସେହି ପୁରାତନ ଭାବଧାରାକୁ ନୂତନ ପରିସ୍ଥିତି

ଅନୁଯାୟୀ ଏକ ନୂତନ ରୂପଦେବା ଆବଶ୍ୟକ ଥିଲା । ପୁରାତନ ମଧ୍ୟରେ ନୂତନକୁ ଓ ନୂତନ ମଧ୍ୟରେ ପୁରାତନକୁ ମିଶାଇ ଏକ ଅଭିନବ ମନୋଭାବସଂପନ୍ନ ମଣିଷ ଗଢ଼ିବାର ଦାୟିତ୍ୱ ନିବେଦିତା ନେଇଥିଲେ । ଗୁରୁ ମଧ୍ୟ ତାଙ୍କୁ ଏସମସ୍ତ କାର୍ଯ୍ୟ କିପରି ଚିତ୍ରାଙ୍କନ, ମୂର୍ତ୍ତି ତିଆରି, ବିଭିନ୍ନ ହାତକାମ, କଳା ଓ ଖେଳ ମାଧ୍ୟମରେ କରିବାକୁ ହେବ ତା'ର ସୂଚନା ଦେଇଥିଲେ, ଯାହାଫଳରେ ହୃଦୟ, ମନ ଏବଂ ଶରୀର ସବୁକିଛି ତାଲିମ ପ୍ରାପ୍ତ ହେବେ ।

ପ୍ରବଳ ଆର୍ଥିକ ଅସୁବିଧା ଭିତର ଦେଇ ନିବେଦିତା ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ପିଲାମାନେ ସେମାନଙ୍କ ଲାଗି ସ୍ଥିର କରାଯାଇଥିବା ମାସକୁ ଗୋଟିଏ ଟଙ୍କା ଦରମା ବି ଦେଉ ନ ଥିଲେ । ଓଲଟି ନିବେଦିତା ସେମାନଙ୍କୁ କେତେକ ଆବଶ୍ୟକ ଜିନିଷ ବିଭିନ୍ନ ସମୟରେ ଯୋଗାଇ ଦେଉଥିଲେ । ପିଲାମାନଙ୍କ ଲାଗି ଚିକିତ୍ସା ବ୍ୟବସ୍ଥା ମଧ୍ୟ କରିବାକୁ ହେଉଥିଲା । ଅର୍ଥ ଚିନ୍ତାରେ ନିବେଦିତା ବ୍ୟସ୍ତ ହେଉଥିବାବେଳେ ଅନେକ ସମୟରେ ସ୍ୱାମୀ ସଦାନନ୍ଦଙ୍କଠାରୁ ବହୁତ ଆଶା ଆଶ୍ୱାସନା ପାଇଛନ୍ତି । କେତେକ ଖ୍ରୀଷ୍ଟିଆନ ବନ୍ଧୁ ନିବେଦିତାଙ୍କୁ ଅକୁଣ୍ଠିତ ଚିତ୍ତରେ ଅର୍ଥ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି । ପ୍ରତିବଦଳରେ ସେମାନେ ଚାହିଁଛନ୍ତି ସ୍କୁଲରେ ଖ୍ରୀଷ୍ଟିଆନ ଭାବଧାରାର ପ୍ରଚଳନ କରାଇବା ଲାଗି । କିନ୍ତୁ ଗୁରୁଙ୍କର ସ୍ପଷ୍ଟ ନିର୍ଦ୍ଦେଶ ଯେ ପିଲାମାନେ ତାଙ୍କ ପରିବାରରୁ ଯେଉଁ ଧର୍ମ ସମ୍ବନ୍ଧରେ ଜାଣି ଆସିଛନ୍ତି ସେଇ ଅନୁସାରେ ତାଙ୍କୁ ଶିକ୍ଷା ଦେଇ ଗଢ଼ିବାକୁ ହେବ । ଖ୍ରୀଷ୍ଟିଆନ ଭାବଧାରା ସ୍କୁଲରେ ପ୍ରବେଶ କରାଇବା ଅର୍ଥ ଗୁରୁଙ୍କର ଉଚ୍ଚତମ ଆଦର୍ଶର ଚରମ ବିରୁଦ୍ଧାଚରଣ କରିବା । ଗୁରୁଗତପ୍ରାଣା ନିବେଦିତା ହଜାର ଦୁଃଖକଷ୍ଟ ଓ ଅଭାବ ଅସୁବିଧା ଭିତରେ ବି ତାଙ୍କ ବନ୍ଧୁଙ୍କୁ ସ୍ପଷ୍ଟ ଭାବରେ ମନା କରି କହିଲେ :

"Can't take anything from you. Don't hold it against me ! By the grace of the Divine Mother I will work alone."

''ମୁଁ ତୁମଠାରୁ କିଛି ଗ୍ରହଣ କରିପାରିବି ନାହିଁ । ମୋ ସମ୍ମୁଖରେ ସେସବୁ ଆଉ ଧରି ରଖନା ! ଦିବ୍ୟଜନନୀଙ୍କ କୃପାରୁ ମୁଁ ଏକା ଏକା କାମ କରିବି ।''

ଏସବୁ ବାଧାବିପତ୍ତି ଓ ଅଭାବ ଅସୁବିଧା ଦେଖି ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ପୂର୍ବାପେକ୍ଷା ଅଧିକ ଏକତା ଆସିଲା । ପରସ୍ପର ପରସ୍ପର ସହ ନିବିଡ଼ ଆତ୍ମୀୟତାର ସୂତ୍ରରେ ଆବଦ୍ଧ ହେଲେ । ଯେଉଁ ଦିବ୍ୟଜନନୀଙ୍କୁ ସେମାନେ ପ୍ରତିଦିନ ଆବାହନ କରୁଥିଲେ ତାଙ୍କରି କୃପା ଏବଂ ସୁରକ୍ଷା ଭିତରେ ସମଗ୍ର ସ୍କୁଲଟି ଏକ ବିରାଟ ପରିବାର ଭଳି ହୋଇ ଉଠିଲା । ସେ ଦିବ୍ୟଜନନୀ କିଏ ଜାଣ ? ଗୁରୁଙ୍କ ନିର୍ଦ୍ଦେଶରେ ନିବେଦିତା ଯେଉଁ କାଳୀଙ୍କର ଆରାଧନା କରି ତାଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟ ପାଇ ପାରିଥିଲେ ସେ ସେଇ । ଯେତେବେଳେ ଗପ କହିବାର ସମୟ ହୁଏ, ସମଗ୍ର ବାତାବରଣ ଜୀବନ୍ତ ହୋଇଉଠେ, ପିଲାମାନେ ସେମାନଙ୍କ ପଢ଼ା, ଖେଳ, ଅନ୍ୟାନ୍ୟ କାମ ଛାଡ଼ି ନିବେଦିତାଙ୍କ ଚାରିପାଖରେ ବେଢ଼ିଯାଆନ୍ତି, ଆଉ ଆଗ୍ରହଭରା କଣ୍ଠରେ କହନ୍ତି, ''ଆମକୁ ତାଙ୍କରି (ଦିବ୍ୟଜନନୀ) ବିଷୟରେ କୁହ ? ସେ ଆମକୁ କିପରି ଭଲ ପାଆନ୍ତି..... ।''

ପ୍ରସଙ୍ଗକ୍ରମେ ଭଗିନୀ ନିବେଦିତାଙ୍କ କଥା ବହୁତ ଆଲୋଚନା ହୋଇଗଲା । ତେବେ କଥା ହେଉଛି ପ୍ରଥମେ କାହାରି କଥା ପ୍ରତି ଭ୍ରୂକ୍ଷେପ ନ କରି ସ୍ଥିର ଶାନ୍ତ ଭାବରେ ନିଜ ଲକ୍ଷ୍ୟପଥରେ କାର୍ଯ୍ୟଟି ସହାୟକ କି ନା ତାହା ଆମକୁ ବିଚାର କରିବାକୁ ହେବ । ଯଦି ସହାୟକ ତେବେ ସବୁକିଛିକୁ; କେବଳ ଅନ୍ୟମାନଙ୍କ ବିରୋଧକୁ ନୁହେଁ, ଏପରିକି ନିଜର ସ୍ୱାର୍ଥ, ଅହଂକାର, ସୁବିଧା ସୁଯୋଗକୁ ମଧ୍ୟ ଜଳାଞ୍ଜଳି ଦେଇ କାର୍ଯ୍ୟ ମଧ୍ୟକୁ ଡେଇଁ ପଡ଼ିବାକୁ ହେବ । ଯଦି ତାହା ଭଗବାନଙ୍କ କାର୍ଯ୍ୟ ବୋଲି ଆମେ ବିଶ୍ୱାସ କରିନେଇଛୁ ତେବେ ସେ କ'ଣ ଜାଣନ୍ତି ନାହିଁ ଆମର ଦୋଷ, ଦୁର୍ବଳତା, ଶକ୍ତି, ସାମର୍ଥ୍ୟ, ଆଉ କାର୍ଯ୍ୟରେ ଯେଉଁ ବାଧାବିପତ୍ତି ଆସିବ ଓ ତାହାରି ଭିତରେ ଆମକୁ କିପରି ଅଗ୍ରଗତି କରିବାକୁ ହେବ ?

ତେଣୁ ସର୍ବପ୍ରଥମେ ଆମକୁ ନିଜକୁ ସ୍ଥିର ଅଟଳ ସଂକଳ୍ପ ସହ ବାଛି ନେବାକୁ ହେବ । ଯଦି ନିଜର ସଂକଳ୍ପିତ କର୍ମପଥରେ ଯିବା ପାଇଁ ବାହାରୁ କିଛି ବାଧା କିଂବା ପ୍ରତିବନ୍ଧକ ଆସେ ତାକୁ ପରୀକ୍ଷା ବୋଲି ଧରିନେଇ ଶେଷ ପର୍ଯ୍ୟନ୍ତ ମା'ଙ୍କୁ ପ୍ରାର୍ଥନା କରିବାକୁ ହେବ ଓ ନିଜ ସଂକଳ୍ପରେ ଲାଗି ରହିବାକୁ ହେବ ।

ପଥ ମଧ୍ୟରେ ଯାହା ବି ଆସୁ ମା'ଙ୍କ ଦୟାରୁ ସେସବୁକୁ ଅତିକ୍ରମ କରିହେବ ବୋଲି ଦୃଢ଼ ଭରସା ରଖି ଅନ୍ୟ ସମସ୍ତଙ୍କ ଉପରୁ ଭରସା ତ୍ୟାଗ କରିବାକୁ ହେବ । ଭଗିନୀ ନିବେଦିତାଙ୍କ ଭଳି ଭଗବାନଙ୍କ କାର୍ଯ୍ୟରେ ନିଜ ଗୋଡ଼ରେ ନିଜେ ଛିଡ଼ାହେବା ଲାଗି ସଂକଳ୍ପ କରିବାକୁ ହେବ । ତା'ପରେ ଆବଶ୍ୟକ ସାହାଯ୍ୟ ସହଯୋଗ ଆପେ ଆସିବ । ସାଧନାରେ ଗୁରୁଙ୍କ ଉପରେ ଭରସା ରଖି ନିଜ ଦାୟିତ୍ୱ ନିଜକୁହିଁ ସଂପୂର୍ଣ୍ଣରୂପେ ଗ୍ରହଣ କରିବାକୁ ହେବ । ଭଲ ଆସୁ, ମନ୍ଦ ଆସୁ ନିଜକୁହିଁ ସହିବାକୁ ହେବ । ସାଧନା କରିବା ସଂପୂର୍ଣ୍ଣରୂପେ ନିଜ ଉପରେ ନିର୍ଭର କରେ । ସେଥିରେ କାହାରି ଅନୁମତି କିଂବା ଉପଦେଶକୁ ଅପେକ୍ଷା କରାଯାଏ ନାହିଁ ।

ଏକ ନୂତନ ଯୁଗ ଆସୁଛି । ଏକ ନୂତନ ମଣିଷସମାଜ ଜନ୍ମ ନେଉଛି । ଯେଉଁ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତଭାବେ ଆରମ୍ଭ ହେଉଛି ତାହା ଆମର ସମସ୍ତ ପୁରାତନ ଧାରଣା ଓ ପରମ୍ପରାର ଊର୍ଦ୍ଧ୍ୱରେ । ତେଣୁ ସେଥିରେ ଆମେ ଅଂଶ ଗ୍ରହଣ କରିବାକୁ ଚାହିଁଲେ ପୁରାତନ ବିଭିନ୍ନ ଛଦ୍ମ ଆବରଣ ନେଇ ଆମକୁ ତା'ର ପ୍ରାଣପଣେ ବାଧା ଦେବ । ସତେ ଯେପରି ଆମର ବହୁତ ହିତାକାଂକ୍ଷୀ । ସେଇଠି ଆମକୁ ଟିକିଏ ପଛକୁ ହଟି ବିଚାର କରିବାକୁ ହେବ, 'ଏମାନଙ୍କର ହିତୋପଦେଶ ମୁଁ କ'ଣ ଶୁଣିବାକୁ ଚାହିଁଥିଲି, ନା ଜୀବନର କୌଣସି ଗୋଟିଏ ମୁହୂର୍ତ୍ତରେ ସେମାନେ ମୋର ସୁଖଦୁଃଖରେ ଭାଗୀ ହୋଇଛନ୍ତି କି, ଅଥବା ମୋର ଶୁଭକାମନା କରିଛନ୍ତି କି ? ଯଦି କରି ନାହାନ୍ତି ତେବେ ଆଜି କାହିଁକି ? ତେଣୁ ମୋତେ ଏ କ୍ଷେତ୍ରରେ ଶାନ୍ତ, ସ୍ଥିରଭାବେ ନିଜ ଅନ୍ତରର ନିର୍ଦ୍ଦେଶ ମାନି ନେବାକୁ ହେବ ଓ ସେଇଥିରେ

ଲାଗି ରହିବାକୁ ହେବ । ଆଉ ମା'ଙ୍କ ଉପରେ ସବୁବେଳେ ବିଶ୍ୱାସ ରଖିବାକୁ ହେବ ଯେ ମୋ ପାଇଁ ଯାହା ହେଉଛି ବାହାର ଦୃଷ୍ଟିରୁ ତାହା ଯେତେ ଖରାପ, କିଂବା ପରାଜୟ ଭଳି ଜଣାପଡୁ ପଛେ ତାହାରି ଭିତର ଦେଇ ସେ ମୋତେ ଭବିଷ୍ୟତର ପ୍ରଗତି ପଥରେ ନେଇ ଚାଲିଛନ୍ତି ।' ଏଇଟା ଯେ ଗୋଟାଏ କଳ୍ପନା ତାହା ନୁହେଁ, ଏକେବାରେ ବାସ୍ତବ ନିଛକ ସତ୍ୟ । ତେଣୁ ଆମେ ଯଦି ଆମ ଲକ୍ଷ୍ୟରେ ଲାଗି ରହିଛେ ତେବେ ପରିସ୍ଥିତି ତଥା ବିଭିନ୍ନ ଶକ୍ତିରାଜିଙ୍କ କ୍ରିୟା ଫଳରେ ଭୁଲ୍ କରୁ ବା ଠିକ୍ କରୁ ସେସବୁ ମା'ଙ୍କ ଚରଣରେ ଅର୍ପଣ କରିଦେଇ ଅବିଚଳିତ ଭାବେ ପୁଣି ଭବିଷ୍ୟତ୍ ଦିଗରେ ଚାଲିବାହିଁ ଭଲ । ସବୁକିଛିକୁ ସେ ପୁଣି ତାଙ୍କର ସ୍ୱର୍ଣ୍ଣମୟ ସ୍ପର୍ଶରେ ଦିବ୍ୟ ମଧୁରତାରେ ପରିଣତ କରିଦିଅନ୍ତି ।

ମୋତେ କେହି ଭଲ ପାଉ ନାହାନ୍ତି, କେହି ପଚାରୁ ନାହାନ୍ତି

ଚାରି ଭାଇ । ଗୋଟିଏ ଭଉଣୀ । ଭଉଣୀଟି ମଝିଆଁ । ବଡ଼ ଦୁଇ ଭାଇରୁ ଜଣେ ଚାଷ, ଜଣେ ବ୍ୟବସାୟ କରନ୍ତି; ସାନ ଦୁଇ ଭାଇ ପଢ଼ନ୍ତି । ସେମାନଙ୍କର ମା' ବର୍ଷେ ହେଲା ଇହଧାମ ତ୍ୟାଗ କଲେଣି । ବାପା ଅଛନ୍ତି । ସେ ବି ବୁଢ଼ା ହୋଇଗଲେଣି । ବୁଢ଼ା ହେଲେ ବି ସବୁବେଳେ ସେ ବିଲବାଡ଼ି କାମରେ ଲାଗି ଥାଆନ୍ତି । ବଡ଼ ଦୁଇଭାଇ ଭିତରୁ କେହି ବିବାହ କରି ନାହାନ୍ତି । ତେଣୁ ଭଉଣୀଟିକୁ ଘରର ରୋଷେଇବାସ ଓ ସମସ୍ତ କାର୍ଯ୍ୟ କରିବାକୁ ପଡ଼େ ।

ଭଉଣୀଟିର ନାମ ଦୁଃଖୀରାଣୀ । କିନ୍ତୁ ସମସ୍ତେ ଡାକନ୍ତି ଦୁଃଖୀ, ଦୁଃଖୀ ବୋଲି । ବୟସ ତା'ର ୧୪-୧୫ ବର୍ଷ ହେବ । ମାଇନର ପାସ୍ କରିଥିଲା, କିନ୍ତୁ ମା' ମରିଯିବାରୁ ପଢ଼ା ଛାଡ଼ି ଘରେ ରହିଲା । ମା' ଥିଲା ପର୍ଯ୍ୟନ୍ତ ରୋଷେଇବାସ ଆଦି କରିବାରେ ଅଭ୍ୟସ୍ତ ନ ଥିଲା । ତେଣୁ ହଠାତ୍ ତାକୁ ବହୁତ ଅସୁବିଧା ବୋଧ ହେଲା । ତା'ଛଡ଼ା ପଢ଼ା ବି ଛାଡ଼ିବାକୁ ଇଚ୍ଛା ନ ଥିଲା; କିନ୍ତୁ ଉପାୟ ନାହିଁ ।

ଯାହାହେଉ ଦୁଃଖୀ ଏବେ ଘର କାମ ବେଶ୍ ତୁଲାଇ ପାରିଲାଣି; କିନ୍ତୁ ହେଲେ କ'ଣ ହେଲା, ସବୁବେଳେ ତା'ର ଦୁଃଖ । ସେ ଭାବେ; କେହି ତାକୁ ଭଲ ପାଉ ନାହାନ୍ତି, କେହି ତା'ର ଦୁଃଖ ବୁଝୁ ନାହାନ୍ତି । ସମସ୍ତେ ସ୍ୱାର୍ଥପର, ନିଜ ସୁଖ ସବୁବେଳେ ଚାହାନ୍ତି, ଅନ୍ୟ କଥା ବୁଝନ୍ତି ନାହିଁ । ତା'ର ଏହିପରି ଭାବକୁ ତା'ର ଭାଇମାନଙ୍କର ବ୍ୟବହାର ଆହୁରି ମଧ ଇନ୍ଧନ ଯୋଗାଏ ।

କେତେ ଯତ୍ନ କରି ସେ ରୋଷାଇ କରି ରଖିଥିବ । ହୁଣ୍ଡା ଉପର ଭାଇଟି ଚାଷରୁ ଫେରି ଖାଇ ବସିବା ପାଖରେ ତରକାରି ଆଦିରେ ଟିକିଏ

ମୁହଁ ମାରିଦେଇ ଥୁ ଥୁ କରି କାଢ଼ି କହିବ, ଏଗୁଡ଼ାକ ସବୁ ଅଲଣା ହୋଇଛି । ଏଗୁଡ଼ାକ କ'ଣ ମଣିଷ ଖାଆନ୍ତି ? ରୋଷେଇବାସରେ ତ ମନ ନାହିଁ, ଚୁଲି ଲଗାଇ ଦେଇ କୁଆଡ଼େ ଯାଇ ଗପ କରୁଥିବ, ତରକାରି ପୋଡ଼ିଗଲେ କେତେ, ଲୁଣିଆ ହେଲେ କେତେ, ଅଲଣା ହେଲେ କେତେ, ତା'ର କ'ଣ ଯାଏ ଆସେ ! ପେଟେ ଗିଳି ଦେଇ ଖାଲି ବୁଲିଲେ ହେଲା ।

ଏକଥା ଦୁଃଖୀର ପ୍ରାଣରେ ଚାଉଁ କିନା ଲାଗିଯାଏ । ତା'ର ମା' ଥିଲାବେଳ କଥା ମନେ ପଡ଼ିଯାଏ । ଫୁଲାଫାଙ୍କିଆ ହୋଇ ବୁଲୁଥିଲା । କେହି ପଦେ କହିବାକୁ ନ ଥିଲେ । ବର୍ତ୍ତମାନ ଦିନରାତି ଖଟି ଖଟି, କୁଆଡ଼କୁ ଟିକିଏ ନ ଯାଇ ବି ଏପରି କଥା ଶୁଣିବାକୁ ହେଉଛି । ପୁଣି ସାନ ଦୁଇ ଭାଇ ସ୍କୁଲରୁ ଆସିବେ ତ ଖାଇବାକୁ ପାଇବା ଟିକିଏ ଡେରି ହେଲେ ଦୁମ୍ ଦାମ୍ ଦୁଇ ଚାରିଟା ଦୁଃଖୀ ପିଠିରେ କଷିଦେଇ କୁଆଡ଼େ ଚାଲିଯିବେ । ଇଏ ଭାତ ବାଢ଼ି ଡାକିଲା ବେଳକୁ ଆଉ କୁଆଡ଼େ ନ ଥିବେ । ଖୋଜି ଖୋଜି ନୟାନ୍ତ ହୋଇ ବିଚାରୀ କାନ୍ଦି ପକାଇବ । ନଚେତ୍ ବାପା ଆସିଲେ ପଚାରିବେ : ସେମାନେ କାହିଁକି ଖାଇ ନାହାନ୍ତି ? ସେମାନେ ବି ଘରକୁ ଫେରିଲେ ଦୁଃଖୀର ଦୋଷ ଦେଇ ବାପାଙ୍କ ଆଗରେ ଅଭିଯୋଗ କରନ୍ତି ।

ଦୁଃଖୀ ଆଉ କିଛି କହେ ନାହିଁ, ନୀରବ ରହି ସମସ୍ତଙ୍କୁ ଲୁଚାଇ ଲୁଚାଇ କାନ୍ଦି ପକାଏ । ଭାବେ ଏମାନଙ୍କ ଲାଗି ଏତେ କଲେ ବି ଏମାନେ ସମସ୍ତେ ତା'ରି ଦୋଷ ଦେଉଛନ୍ତି । କେହି ତା' କଥା ତ ବୁଝୁ ନାହାନ୍ତି । ବାସ୍ତବରେ ଘରେ ସମସ୍ତେ ତାକୁ ଅନ୍ତରରେ ଭଲ ପାଆନ୍ତି । କାରଣ ସେ ନ ଥିଲେ ଘର ଚଳନ୍ତା ନାହିଁ । କିନ୍ତୁ ବାହାରେ ବ୍ୟବହାରରେ ନିଜ ନିଜର ସ୍ୱାଭାବିକ ସ୍ୱଭାବ ଅନୁଯାୟୀ ଯାହା ମନରୁ ଯାହା ଆସିଲା କହି ଦିଅନ୍ତି । ସାଧାରଣ ପରିବାରରେ ଏପରି ହୋଇଥାଏ । କିନ୍ତୁ ଦୁଃଖୀ ସେ ସବୁ କଥାରେ ବହୁତ ଭାଙ୍ଗି ପଡ଼େ ।

ଦୁଃଖୀର ବିବାହ ହେବା ସମୟ ହୋଇଗଲାଣି । କିନ୍ତୁ ବିଭାଘର କରାଯାଇପାରୁ ନାହିଁ, କାରଣ ଘର ଖବର ବୁଝିବା ଲାଗି କେହି ନାହାନ୍ତି ।

ତେଣୁ ପ୍ରଥମେ ବଡ଼ଭାଇ ଯିଏ ବ୍ୟବସାୟ ବୁଝୁଥିଲେ ତାଙ୍କର ବିବାହ ହୋଇଗଲା । ବିବାହ ପରେ ନୂଆ ଭାଉଜ ଘରକୁ ଆସିଲେ । ବର୍ତ୍ତମାନ ପିଲାମାନଙ୍କର ସମସ୍ତଙ୍କର ଭିଡ଼ ନୂଆ ଭାଉଜଙ୍କ ପାଖରେ । ସେ ଯାହା ରାନ୍ଧିଦେଲେ ଭଲ ଲାଗୁଛି, ଯାହା କହିଦେଲେ ଭଲ ଲାଗୁଛି । ଏ ଅଥାର ମୁହାଁ ଦୁଃଖୀକି ଆଉ ପଚାରେ କିଏ ! ବର୍ତ୍ତମାନ ଦୁଃଖୀର ଦୁଃଖ କହିଲେ ନ ସରେ । ଘରର ଏ ଖୁସିରେ ଭାଗ ନ ନେଇ ଭିତରେ ଖାଲି ଯନ୍ତ୍ରଣାରେ ଛଟପଟ ହେଉଛି । ଭାବୁଛି, ଏଇ ପିଲାଙ୍କ ଲାଗି ମା' ମରିଗଲା ଦିନୁ କେତେ କଷ୍ଟ କରିଛି; ଆଜି ନୂଆ ଭାଉଜଙ୍କୁ ଦେଖି ସବୁ ଭୁଲିଗଲେ । ଆଉ କେହି ତାକୁ ଟିକିଏ ପଚାରୁ ନାହାନ୍ତି । ନୂଆ ଭାଉଜଙ୍କର ତା' ପ୍ରତି ସ୍ନେହଶ୍ରଦ୍ଧାପୂର୍ଣ୍ଣ ବ୍ୟବହାରରେ ବରଂ ସେ ବେଶୀ ବେଶୀ ଭିତରେ ଜଳୁଛି । ଭାବୁଛି ଏଇ ତା'ର ଦୁଃଖର କାରଣ ।

ଦୁଃଖୀର ବାପା ବୁଢ଼ା ହୋଇଗଲେଣି । ଆଉ ବେଶୀ ଦିନ ବଞ୍ଚିଲା ଭଳି ଜଣା ପଡୁ ନାହିଁ । ମରିଯିବା ପୂର୍ବରୁ ସେ ଦୁଃଖୀକୁ ହାତକୁ ଦି ହାତ କରିଦେବାକୁ ଚାହାନ୍ତି । ଘର ଚଳାଇବା ଲାଗି ତ ଗୋଟିଏ ବୋହୂ ଘରକୁ ଆସିଲାଣି । ତେଣୁ ଖୁବ୍ ଶୀଘ୍ର ଦୁଃଖୀ ଲାଗି ବରପାତ୍ର ଖୋଜା ଚାଲିଲା । ଶେଷକୁ ଗୋଟିଏ ସ୍ଥାନରେ ବିବାହ ସ୍ଥିର ହୋଇଗଲା । ବିବାହ ପରେ ଦୁଃଖୀ ତା' ଶାଶୂଘରକୁ ଆସିଲା ।

ବିବାହ ସମୟରେ ବରପକ୍ଷ ଯେଉଁସବୁ ଯୌତୁକ ଦାବି କରିଥିଲେ ଦୁଃଖୀର ବାପା ଭାଇ ସେସବୁ ଦେଇପାରି ନ ଥିଲେ । ଯାହାହେଉ ଦୁଃଖୀ ଶାଶୂ ଘରକୁ ଆସି ଅଳ୍ପ କେଇଦିନ ଭିତରେ ଘରର ସବୁ କାମ କରିବାକୁ ଆରମ୍ଭ କଲାଣି । ଘରେ ଥିଲା ବେଳେ ତ ଏସବୁ କାମ କରିବାରେ ଅଭ୍ୟସ୍ତ ହୋଇ ଯାଇଥିଲା । ତେଣୁ କାମ କରିବାରେ କିଛି ଅସୁବିଧା ହେଲା ନାହିଁ ।

ଏହା ଭିତରେ ଦୁଃଖୀର ବାପା ମରି ଯାଇଛନ୍ତି । ତା'ର ଭାଇମାନେ ଲୋକ ପଠାଇଛନ୍ତି ଦୁଃଖୀକୁ ନେଇଯିବାକୁ । ଦୁଃଖୀ ମନରେ କିନ୍ତୁ ଦୁଃଖ ଯେ ବାପା ବେମାର ଥିଲାବେଳେ ତାକୁ କାହିଁକି ଖବର ଦେଲେ ନାହିଁ, ଆଉ

ବର୍ତ୍ତମାନ ମରିଯିବା ପରେ ଲୋକ ପଠାଇଛନ୍ତି ନେବାକୁ । ଯାହାହେଉ ଗଲା, କିନ୍ତୁ ଆଉ ବାପ ଘରେ ତାକୁ କିଛି ଭଲ ଲାଗିଲା ନାହିଁ । ସବୁବେଳେ ବୋଧ କଲା ଯେପରି ତା' ଖବର କେହି ବୁଝୁ ନାହାନ୍ତି, ତାକୁ ଭଲପାଉ ନାହାନ୍ତି । ବାପାଙ୍କର ଶୁଦ୍ଧିକ୍ରିୟା ପରେ ସେଠାରୁ ଛାଟି ପିଟି ହୋଇ ପଳାଇ ଆସିଲା ।

କିନ୍ତୁ ସେଠୁ ଛାଟିପିଟି ହୋଇ ଆସିଲେ କ'ଣ ହେଲା, ଏଠି ଶାଶୂ ଘରେ ବି ସେଇ ଭାବ । ସବୁ କାମ କରିବ । ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଖବର ବୁଝିବ, କିନ୍ତୁ ଭିତରେ ସେଇ ଭାବ– ଏମାନେ କ'ଣ ମୋର ଅସୁବିଧା ବୁଝନ୍ତି ? ଏମାନେ କ'ଣ ମୋତେ ଭଲ ପାଆନ୍ତି ? କାହିଁ ଦିନେ ତ କେହି ଟିକିଏ ଭଲକରି ଖାଇବାକୁ କି ଖଣ୍ଡେ ଭଲକରି ପିନ୍ଧିବାକୁ କହି ନାହାନ୍ତି ! ଧୀରେ ଧୀରେ ଶାଶୂଘର ବି ତାକୁ ତିକ୍ତ ଲାଗିଲାଣି ।

ଥରେ ଏଇ ଭାବକୁ ତା'ର ଇନ୍ଧନ ଯୋଗାଇଲା ଭଳି ଗୋଟିଏ ଘଟନା ମଧ୍ୟ ଘଟିଗଲା । ପିଲାମାନଙ୍କୁ ଖାଇବାକୁ ଦେବାକୁ ଥାଳିଟିଏ ନେବା ସମୟରେ ସେଇଟି ଅକସ୍ମାତ୍ ହାତରୁ ଖସିପଡ଼ି ଫାଟିଗଲା । ଥାଳି ପଡ଼ିବାର ଝଣ୍ କରି ଶବ୍ଦ ଶୁଣି ଶାଶୂବୁଢ଼ୀ କୁଆଡ଼େ ଥିଲେ ଚଟ୍‌କିନା ଦୌଡ଼ିଆସି ଥାଳିଟି ଫାଟି ଯାଇଥିବାର ଦେଖି ପକାଇଲେ । ପୁରୁଣାକାଳିଆ ଲୋକଙ୍କ ଆଖିରେ ଟିକିଏ ଘରକରଣା ଜିନିଷ ନଷ୍ଟ ହେବାର ଯାଏ ନାହିଁ । ତା' ଛଡ଼ା ଶାଶୂ ଶ୍ରେଣୀର ଲୋକମାନେ ସବୁ ବେଳେ ଜଗି ବସିଥାନ୍ତି ବୋହୂର ଟିକିଏ ଦୋଷ ଦେଖିବାକୁ । ଦେଖିଲେ ସଙ୍ଗେ ସଙ୍ଗେ ଚଢ଼ି ବସନ୍ତି, ନଚେତ୍ ତାଙ୍କର ମୁରବିପଣିଆଟା କାଳେ ନଷ୍ଟ ହୋଇଯିବ ! ସେଇଆ ହେଲା, ଶାଶୂ ସଙ୍ଗେ ସଙ୍ଗେ ଗର୍ଜନ କରି କହିଉଠିଲେ, ''ଭାରି ତ ବେଖାତିର ! ବାପଘରୁ ଯେମିତି ଗାଡ଼ି ଗାଡ଼ି ଜିନିଷ ନେଇ ଆସିଥିଲା ! ନେଇ ଆସିଥିଲେ ଆହୁରି କେତେ ଭାଙ୍ଗନ୍ତା !''

ଏକଥା ଚାଉଁ କରି ଦୁଃଖୀ ପ୍ରାଣରେ ଲାଗିଗଲା । ବାପଘର ନିନ୍ଦା ଟିକିଏ ଝିଅ ପକ୍ଷରେ ସହିବା କଷ୍ଟ । ତା'ଛଡ଼ା ତା'ର ସ୍ୱାମୀ ମଧ୍ୟ ତାକୁ ଅନେକବାର କିପରି ଠିକ୍ ମୁତାବକ ଯୌତୁକ ତାଙ୍କୁ ଦିଆଯାଇ ନାହିଁ, ସେ

କଥା ତାଚ୍ଛଲ୍ୟ କରି କହିଛନ୍ତି । କିନ୍ତୁ ଆଗ କଥାଗୁଡ଼ାକ ସେ ସାଧାରଣ ଭାବେ ଗ୍ରହଣ କରି ନେଇଥିଲା । ବର୍ତ୍ତମାନ ତା' ଶାଶୂ କଥାଟା ତାକୁ ବିଶେଷ ଭାବେ ଆଘାତ ଦେଲା । ପୂର୍ବରୁ ଯିଏ ଯାହା କହିଥିଲେ ସବୁ ମନେ ପଡ଼ିଗଲା । ଭାବିଲା ସେ ଯଥେଷ୍ଟ ଯୌତୁକ ଆଣି ନାହିଁ ବୋଲି ଏ ଘରେ ଯେତେ ଯାହା କଲେ ବି ତା'ର ଯେପରି ଘରର ନିଜ ଲୋକ ଭଳି କୌଣସି ଅଧିକାର ନାହିଁ । ଏ ଘର ପ୍ରତି ତା'ର ସମସ୍ତ ଆଗ୍ରହ ତୁଟିଗଲା । ଜାଣିକରି ତ ସେସବୁ କଥାକୁ ଛଳ କରେ, ସବୁବେଳେ ନିଜକୁ ନିଃସହାୟ ମନେକରେ । ବର୍ତ୍ତମାନ ଏକଥା ତାକୁ ଅଧିକ ଖୋରାକ ଯୋଗାଇଲା ।

ବାପଘର କଥା ମନେ ପଡ଼ିଲା । ବାପା ମଲା ଦିନୁ ସେଠାକୁ ବି ଆଉ ଯିବାକୁ ତା'ର ଇଚ୍ଛା ନାହିଁ । ଏଠାରେ ବି ଆଉ ରହିବାକୁ ତା'ର ଇଚ୍ଛା ନାହିଁ । ବେଳେ ବେଳେ ଆତ୍ମହତ୍ୟା କରିବାର ପ୍ରବୃତ୍ତି ଆସୁଛି । କିନ୍ତୁ ପିଲା ଦିନୁ ଶୁଣିଥିଲା ଆତ୍ମହତ୍ୟା ଫଳରେ ବେଶୀ ଦୁଃଖ ଯନ୍ତ୍ରଣା ସୂକ୍ଷ୍ମ ଶରୀରରେ ଭୋଗିବାକୁ ହୁଏ, ତେଣୁ ସେଥିପ୍ରତି ମନ ବଳାଇଲା ନାହିଁ । କିନ୍ତୁ ସବୁବେଳେ ଛଟପଟ ଅନୁଭବ କଲା । ତାକୁ ବୋଧ ହେଲା କେହି ଯେପରି ତା' କଥା ବୁଝୁ ନାହାନ୍ତି, କେହି ତାକୁ ମଣିଷଟିଏ ବୋଲି ଖାତିର କରୁ ନାହାନ୍ତି ତା'ଜୀବନ ଯେପରି ଅଖୋଜା, ଅଲୋଡ଼ା, ଅଦରକାରୀ ।

ବେଳୁବେଳ ଜୀବନ ତା'ର ବେଶୀ ବେଶୀ ଦୁର୍ବିଷହ ହୋଇଉଠିଲା । ଦିନେ ସକାଳେ ଦେଖିଲା ବେଳକୁ ଦୁଃଖୀ ଆଉ ଘରେ ନାହିଁ । ବହୁତ ଖୋଜାଖୋଜି ହେଲା । ତା' ବାପଘରକୁ ବି ଲୋକ ପଠାଗଲା; କିନ୍ତୁ ସେ ସେଠାରେ ନାହିଁ । ଅନେକ ଦିନ ଖୋଜାଖୋଜି ପରେ ଖବର ମିଳିଲା ଯେ ସେ ଗୋଟିଏ ଅନାଥାଶ୍ରମରେ ଯାଇ ରହିଛି । ସେଠି ସବୁ ନିରାଶ୍ରୟ ବାଳକ ବାଳିକାମାନଙ୍କ ଖବର ବୁଝୁଛି । ବର୍ତ୍ତମାନ ସେ ଘରେ ନ ଥିବାରୁ ସମସ୍ତେ ତା'ର ଅନୁପସ୍ଥିତି ଅନୁଭବ କରୁଛନ୍ତି । ସେ ସିନା ନିଜକୁ ନିଃସହାୟ ମନେକରେ, କେହି ତାକୁ ଭଲ ପାଉ ନାହାନ୍ତି ବୋଲି ମନକୁ ମନ ଦୁଃଖ କରେ; କିନ୍ତୁ କାହାରି ସେବାରେ କେବେ ତ୍ରୁଟି କରି ନ ଥିଲା କି କାହାରି

ପ୍ରତି ଖରାପ ବ୍ୟବହାର କେବେ କରି ନ ଥିଲା । ତା'ର ଶାଶୂ ଓ ସ୍ୱାମୀ ବର୍ତ୍ତମାନ ବହୁତ ଅନୁତାପ କଲେ । ସାମାନ୍ୟ ଯୌତୁକ ଲାଗି ତାକୁ କେତେ ଅପମାନିତ କରି କହିଛନ୍ତି ସେଥିପାଇଁ ଅନ୍ତରରେ ଗଭୀର ଦୁଃଖ ଆଉ ଅନୁଶୋଚନା ବୋଧ କଲେ । ଦୁହେଁ ସାଙ୍ଗ ହୋଇଗଲେ ଦୁଃଖୀକୁ ଫେରାଇ ଆଣିବାକୁ । କିନ୍ତୁ ଆସିବା ତ ଦୂରର କଥା, ସେ ଏମାନଙ୍କୁ ଦେଖା କରିବାକୁ ଚାହିଁଲା ନାହିଁ ।

ଅନାଥାଶ୍ରମର ସମସ୍ତ ଦାୟିତ୍ୱ ବର୍ତ୍ତମାନ ଦୁଃଖୀ ଉପରେ । ଦିନ ରାତି ସବୁବେଳେ ସେ ପିଲାମାନଙ୍କ ସେବାରେ ନିଜକୁ ଢାଳି ଦେଇଛି । ପିଲାମାନେ ବି ସମସ୍ତେ ତାକୁ ବହୁତ ଭଲ ପାଉଛନ୍ତି । ସେଇ କାମରେ ସେ ନିଜର ଦୁଃଖ ଭୁଲିଯାଉଛି । ବେଳେ ବେଳେ ଯେ ସେଇ ଭାବ ନ ଆସୁଛି ତା' ନୁହେଁ । ଖଟି ଖଟି ରାତିରେ ଶୋଇଲା ବେଳେ ଭାବେ, ମୁଁ ଏମାନଙ୍କ ଲାଗି ଏତେ କାମ କରୁଛି, ଏମାନେ କ'ଣ ମୋର ଦୁଃଖ ବୁଝୁଛନ୍ତି ? ଏମାନଙ୍କର କ'ଣ ମୋ ପ୍ରତି ଟିକିଏ ସହାନୁଭୂତି ଅଛି ? କିନ୍ତୁ ସକାଳ ହେଲେ କାମର ଚାପରେ ସବୁ ଭୁଲିଯାଏ, ସେଇମାନଙ୍କ ସେବାରେ ଓ ଲୋକମାନଙ୍କ ପ୍ରଶଂସାରେ ଟିକିଏ ଆତ୍ମସନ୍ତୋଷ ଲାଭକରେ ।

ସେଇ ଅନାଥ ବାଳକ-ବାଳିକାମାନଙ୍କ ମଧ୍ୟରୁ ଗୋଟିଏ ବାଳିକାକୁ ସେ ବହୁତ ଭଲପାଏ । ତାକୁ ନିଜର ଝିଅ ଭଳି ଶ୍ରଦ୍ଧା-କରେ ଓ ସବୁବେଳେ ତା' ପଛରେ ଗୋଡ଼ାଇ ଥାଏ । ଯାହା କାମ କହିଲେ ସାଙ୍ଗେ ସାଙ୍ଗେ କରିଦିଏ । ଅନାଥାଶ୍ରମରୁ କେତେ ବାଳକ ବାଳିକା ଯାଇ ଜୀବନ କ୍ଷେତ୍ରରେ ପ୍ରବେଶ କଲେଣି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଦୁଃଖୀ ପ୍ରତି ଶ୍ରଦ୍ଧା ସମ୍ମାନ ଥାଏ । ଏ ଝିଅଟି ବି ବଡ଼ ହୋଇ କିଛି ପାଠଶାଠ ପଢ଼ିଲା । ଯୋଗକୁ ତା'ର ଜଣେ ଉଚ୍ଚ ଶିକ୍ଷିତ ଧନୀ ଯୁବକଙ୍କ ସହ ବିବାହ ହୋଇଗଲା ।

ଦୁଃଖୀ ବହୁତ ଖୁସୀ । କାରଣ ଅନାଥ ବାଳିକାମାନଙ୍କୁ ଉପଯୁକ୍ତ ପାତ୍ରରେ ବିବାହ ଦେବା ବହୁତ କଷ୍ଟ । କିନ୍ତୁ ଦୁଃଖୀର ଏ ଖୁସି ବେଶୀ ଦିନ ରହିଲା ନାହିଁ । ସେ ଝିଅଟି ତା'ର ସ୍ୱାମୀ ଘରକୁ ଯାଇ ଦୁଃଖୀକୁ ପୂରାପୂରି

ଭୁଲିଗଲା । ଦୁଃଖୀ ପାଖକୁ ପ୍ରଥମେ ଖଣ୍ଡେ ଦୁଇଖଣ୍ଡ ଚିଠି ଦେଇଥିଲା । ଆଉ ତା'ପରେ କିଛି ନାହିଁ । ଦୁଃଖୀ ଚିଠିର ବି ଉତ୍ତର ନାହିଁ ।

ଆଜିପର୍ଯ୍ୟନ୍ତ ଦୁଃଖୀ ତା'ର ସେହି ପୁରୁଣା ରୋଗକୁ ଚାପି ରଖି କାର୍ଯ୍ୟ କରି ଆସୁଥିଲା । ଏ ଘଟନାରେ ତାହା ପୁଣି ଉପରକୁ ଉଠି ଆସିଲା । ଦୁଃଖୀ ଭାବିଲା, ତା'ର ଏତେ ପରିଶ୍ରମ, ସ୍ନେହ ଶ୍ରଦ୍ଧାର ମୂଲ୍ୟ କେହି ବୁଝିଲେ ନାହିଁ । ତା' ପ୍ରତି କାହାର ଟିକିଏ ମାୟା, ମମତା ନାହିଁ । ଏହିପରି ଭାବି ଭାବି ଆଉ ତା'ର ଅନାଥାଶ୍ରମରେ ମନ ଲାଗିଲା ନାହିଁ । ଦିନେ ରାତିରେ ଉଠି ଅନାଥାଶ୍ରମ ଛାଡ଼ି କୁଆଡ଼େ ଚାଲିଗଲା । ସକାଳ ହେଲା, ସିଏ ସେମିତି ଚାଲିଛି । କୁଆଡ଼କୁ ଚାହୁଁ ନାହିଁ । କୁଆଡ଼େ ଯିବ ବି ଠିକ୍ ନାହିଁ । ବାଟରେ ଗୋଟିଏ ଜଙ୍ଗଲ ପଡ଼ିଲା । ଜଙ୍ଗଲ ଭିତରେ ଯାଉ ଯାଉ ଜଣେ ସନ୍ନ୍ୟାସୀ ତାକୁ ଦେଖିଲେ । ତା'ର ଚେହେରା ଓ ଢଙ୍ଗଢାଙ୍ଗରୁ ଜାଣିଲେ କୌଣସି କାରଣରୁ ତା'ର ବହୁତ ମନସ୍ତାପ ହୋଇଛି । ସେ ଖୁବ୍ କୋମଳ, ଶାନ୍ତ ସ୍ୱରରେ ଡାକିଲେ ''ଝିଅ, କୁଆଡ଼େ ଯାଉଛୁ ?'' ଦୁଃଖୀ ବୁଲିପଡ଼ି ସନ୍ନ୍ୟାସୀଙ୍କୁ ଦେଖି ଟିକିଏ ହଡ଼ବଡ଼େଇ ଗଲା । କିନ୍ତୁ ତାଙ୍କର ସୌମ୍ୟ ଶାନ୍ତ ଚେହେରା ଓ ସ୍ନେହପୂର୍ଣ୍ଣ କରୁଣୋଜ୍ଜ୍ୱଳ ଚାହାଣି ଦେଖି ତାଙ୍କ ପାଦତଳେ ପଡ଼ି ନ ଯାଇ ରହିପାରିଲା ନାହିଁ । କେତେ ସମୟ ସେହିଭଳି ପଡ଼ିରହିଛି ଜାଣେ ନାହିଁ । ଉଠିଲା ବେଳକୁ ତା' ହୃଦୟ ଶାନ୍ତି, ସ୍ଥିରତା ଓ ପ୍ରଫୁଲ୍ଲତାରେ ଭରିଯାଇଛି ।

ସ୍ମିତ ହସି ସନ୍ନ୍ୟାସୀ ଜଣକ ତାକୁ ନିକଟସ୍ଥ ତାଙ୍କ ଆଶ୍ରମକୁ ଡାକି ନେଲେ । କିଛି ଫଳମୂଳ ଆହାର କରିବାକୁ ଦେଇ ତାଙ୍କ ବଗିଚାକୁ ନେଇଗଲେ । ବଗିଚାର ଗୋଟିଏ ଫୁଲ କୁଣ୍ଡରେ ସୁନ୍ଦର ଲାଲ ଟୁକୁ ଟୁକୁ ଗୋଲାପଟିଏ ଫୁଟି ହସି ହସି ପବନରେ ଦୋଳି ଖେଳୁଛି । ସନ୍ନ୍ୟାସୀ ଦୁଃଖୀକୁ ସେଇ ଗୋଲାପଟିକୁ ଚାହିଁବାକୁ କହିଲେ । ଦୁଃଖୀ କିଛି ସମୟ ଗୋଲାପଟିକୁ ଚାହିଁବା ପରେ ସନ୍ନ୍ୟାସୀ ପଚାରିଲେ, ''ଝିଅ, କ'ଣ ଦେଖୁଛୁ ?'' ଦୁଃଖୀର ଅନ୍ତରରୁ ଯେପରି କିଏ କହିଦେଲା ପରି ସେ କହି ପକାଇଲା, ''ଦେଖୁଛି,

ସୁନ୍ଦର ଗୋଲାପଟିଏ ହସି ହସି, ନାଚି ନାଚି ପବନରେ ଦୋଳି ଖେଳୁଛି । ତା'ର ପ୍ରତ୍ୟେକଟି ନୃତ୍ୟ ହୃଦୟର ଦୁଃଖଯନ୍ତ୍ରଣା ପୋଛିଦେଇ ସଞ୍ଚାର କରୁଛି ଏକ ଶାନ୍ତ, ପବିତ୍ର ଆନନ୍ଦ ।''

ସନ୍ନ୍ୟାସୀ ପୁଣି ପଚାରିଲେ, ''ତା'ର ସୌନ୍ଦର୍ଯ୍ୟ ଓ ନୃତ୍ୟରେ ତୁମେ ଆନନ୍ଦ ପାଉଛ; କିନ୍ତୁ ପ୍ରତିଦାନରେ ତୁମେ ତାକୁ କ'ଣ ଦେଲ ?''

ଦୁଃଖୀ କହିଲା, ''କିଛି ନାହିଁ ।''

''ଏଥିରେ କ'ଣ ଗୋଲାପ ମନଦୁଃଖ କରୁଛି ?''

''କାହିଁ, ନା ତ । ତା'ର ହସ ସେହିପରି ଅମ୍ଳାନ ଅତୁଟ ରହିଛି ।''

''ଜୀବନରେ ସେହି ଗୋଲାପ ପରି ହେବାକୁ ହେବ । ଦେଇଦେବାକୁ ଶିଖିବାକୁ ହେବ, ନେବାକୁ ନୁହେଁ । ଦେଇ ଦେବାରେ କାହାରିଠାରୁ କିଛି ପ୍ରତ୍ୟାଶା ନ ଥିବ । ସେ ଦେଇ ଦେବାକୁ କେହି ପ୍ରଶଂସା କରୁ ବା ନିନ୍ଦା କରୁ ସେଥିପ୍ରତି ଭୃକ୍ଷେପ ନ ଥିବ । ସେ ଦେଇ ଦେବା ହେବ ସୃଷ୍ଟିକର୍ତ୍ତା ଭଗବାନଙ୍କ ଚରଣରେ ଗଭୀର କୃତଜ୍ଞତାର ସହ । ସେଥିରେ ନ ଥିବ ଦାତାପଣିଆର ଗର୍ବ ବା ମହଦାକାଙ୍କ୍ଷା । ତାହା ହେବ ନିରହଂକାର, ସ୍ୱତଃସ୍ଫୂର୍ତ୍ତ, ଆନନ୍ଦମୟ । କାରଣ ଯାହାର ସବୁ, ଯିଏ ସବୁ ଦେଇଛି; ତା'ରି ସମ୍ପଦ ତା'ରି ନିକଟରେ ଅର୍ପିତ ହେଉଛି । ଏଥିରେ ଗର୍ବ କ'ଣ ?

''ଦେଇ ଦେବାର ଆନନ୍ଦକୁ ସାଧାରଣତଃ ପାଇବାର ପିପାସା ଗ୍ରାସ କରିଯାଏ । ପାଇବାର ଆଶା ରଖି ଦେବା– ଏସବୁ ବ୍ୟବସାୟୀର କାର୍ଯ୍ୟ, ଯଥାର୍ଥ କର୍ମୀ, ଯଥାର୍ଥ ସେବକର କାର୍ଯ୍ୟ ନୁହେଁ । ତୁମର ଦୁଃଖ ସେଇଥି ଲାଗି । ତୁମେ ଜୀବନରେ ଏତେ କର୍ମ କଲେ ବି ତା' ଭିତରୁ ଆନନ୍ଦ ପାଇନ । କାରଣ ତୁମେ ସବୁବେଳେ ତୁମ ନିଜ ପ୍ରତି ଅନ୍ୟମାନେ କିପରି ସହାନୁଭୂତିଶୀଳ ହୁଅନ୍ତୁ, ତୁମକୁ ଭଲ ପାଆନ୍ତୁ, ପ୍ରଶଂସା କରନ୍ତୁ, ଏକଥା ଚାହିଁଛ । ଏସବୁ କଥା ନ ଚାହିଁଲେ ବି ତାହା ଆପେ ଆସିବ, କିନ୍ତୁ ତୁମେ ଯଥାର୍ଥ ଆନନ୍ଦ ପାଇବାକୁ ହେଲେ ଏ ସବୁର ଊର୍ଦ୍ଧ୍ୱକୁ ଯିବାକୁ ହେବ ।''

ଦୁଃଖୀର ଅନ୍ତରରେ ବର୍ତ୍ତମାନ ପ୍ରଶାନ୍ତ ଆନନ୍ଦ ଭରି ଯାଇଛି । ସେ

ତା'ର ରୋଗ ନିରାକରଣର ଯେପରି ଯଥାର୍ଥ ମାର୍ଗ ପାଇଛି । ପୁଣିଥରେ ସନ୍ନ୍ୟାସୀଙ୍କ ପାଦତଳେ ପଡ଼ି କହିଲା, ''ମୋତେ ଆପଣ ଯଥାର୍ଥ ଜ୍ଞାନ ଦେଇଛନ୍ତି । ମୁଁ ସେଇ ଅନୁସାରେ ମୋ ଜୀବନକୁ ଏଣିକି ପରିଚାଳିତ କରିବି । ମୋର ବୋଧ ହେଉଛି ତାହା ମୋ ପକ୍ଷରେ କଷ୍ଟ ହେଲେ ବି ଭଗବାନଙ୍କ କୃପାରୁ ତାହା ମୁଁ କରିପାରିବି ଓ ତାହାରି ବଳରେହିଁ ମୁଁ ଆନନ୍ଦରେ ରହିପାରିବି । ମୋତେ ଆପଣ ଏହି ଆଶ୍ରମରେ ରଖନ୍ତୁ ।''

ସନ୍ନ୍ୟାସୀ ଖୁସୀ ହୋଇ କହିଲେ, ''ତୁମ ଅନ୍ତର ମୋ କଥାକୁ ଗ୍ରହଣ କରି ନେଇଛି ଜାଣି ମୁଁ ଖୁସି ହେଲି । କିନ୍ତୁ ତୁମର କାର୍ଯ୍ୟ ଏଠାରେ ନୁହେଁ । ତୁମେ ତୁମର ସେଇ ଅନାଥାଶ୍ରମକୁ ଛାଡ଼ି ଏଠାରେ ରହିପାରିବ ନାହିଁ । ସେଇଠିକୁ ଫେରିଯାଅ । କିନ୍ତୁ କାର୍ଯ୍ୟ କରିବାର ଭାବ ବଦଳାଇ ଦିଅ । ତୁମର ସେଇ କାର୍ଯ୍ୟ ଭଗବାନଙ୍କୁ ସମର୍ପଣ କରି ତାଙ୍କରି ସେବା ଭାବରେ କର । ଛୋଟ ଶିଶୁଙ୍କ ମଧ୍ୟରେ ସେଇ ଭଗବାନଙ୍କ ସେବା କର । ସମାଜ ସେବାରେ ଅନୁଷ୍ଠାନ ତୁମର ଆଶ୍ରମ ହୋଇ ଉଠିବ । ଛୋଟ ଛୋଟ ଶିଶୁ ତୁମରି ଦ୍ୱାରା ପ୍ରଭାବିତ ହୋଇ ଭଗବତ୍ ଅଭିମୁଖୀ ହୋଇପାରିବେ; ନିଜ ଜୀବନକୁ ତୁମେ ସାର୍ଥକ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିପାରିବ । ତୁମେ ସେଠାରେ ଭଗବାନଙ୍କ ସେବା ଅଧିକ ବ୍ୟାପକ ଭାବେ କରିପାରିବ । ଏଠାରେ କିନ୍ତୁ ତୁମେ ବେଶୀ ଦିନ ରହିପାରିବ ନାହିଁ । ଭଗବାନଙ୍କ ସୃଷ୍ଟିର ଯେଉଁ ଫୁଲଟି ତୁମ ଜୀବନରେ ପରିବର୍ତ୍ତନ ଆଣିଲା ସେଇ ଫୁଲ କୁଣ୍ଡଟିକୁ ମଧ୍ୟ ତୁମେ ସଙ୍ଗରେ ନେଇଯାଅ ।''

ଦୁଃଖୀ ସନ୍ନ୍ୟାସୀଙ୍କ କଥା ମାନି ତାଙ୍କର ପାଦଧୂଳି ମୁଣ୍ଡରେ ମାରି ତା'ର ଅନାଥାଶ୍ରମକୁ ଫେରିଗଲା । ସନ୍ନ୍ୟାସୀ ତା' ସଙ୍ଗରେ ତାଙ୍କର ଜଣେ ଶିଷ୍ୟକୁ ଛାଡ଼ିଦେଇ ଆସିବା ଲାଗି ପଠାଇଲେ । ସେ ଗୋଲାପ ଗଛଟିକୁ ମଧ୍ୟ ତା' ସଙ୍ଗରେ ପଠାଇ ଦେଲେ । ଦୁଃଖୀ ସେ ଗୋଲାପ ଗଛଟିକୁ ଯତ୍ନର ସହ ତା' ଅନାଥାଶ୍ରମରେ ସ୍ଥାପନ କରି ସନ୍ନ୍ୟାସୀଙ୍କ କଥା ଅନୁଯାୟୀ ଚଳିଲା ।

ସେ ଆଉ ସମାଜ-ସେବିକା ନାହିଁ, ସେ ବର୍ତ୍ତମାନ ହୋଇଯାଇଛି ତପସ୍ୱିନୀ । ତା'ର ଅନାଥାଶ୍ରମ ହୋଇଉଠିଛି ଏକ ଆଧ୍ୟାତ୍ମିକ ଅନୁଷ୍ଠାନ । ସେ ଗୋଲାପ ଗଛରେ ପ୍ରାୟ ଅଧିକାଂଶ ସମୟରେ ଫୁଲ ଥାଏ । ଦୁଃଖୀ ମନରେ ଟିକିଏ ପୂର୍ବ ରୋଗ ଉଙ୍କି ମାରିଲେ ସେ ସେହି ଫୁଲକୁ ଚାହିଁଲେ ତା'ର ଋଷି ଆଶ୍ରମର ସେହି ପୂର୍ବ ସ୍ମୃତି ମନେ ପଡ଼ିଯାଏ । ହୃଦୟ ଆନନ୍ଦ ଓ ପୁଲକରେ ଭରିଉଠେ । ଦୁଃଖୀ ବର୍ତ୍ତମାନ ଏତେ ସୁଖୀ ଯେ ସେ ରାଜରାଜେଶ୍ୱର ସୁଖକୁ ବି ଚାହେଁ ନାହିଁ ।

ମା କହିଛନ୍ତି :

"That kind of...that sympathy, full of self-pity wherein one cajoles and caresses oneself and says : "Poor me !" that, indeed, is something terrible, and one does this so constantly, without being aware of it ! This turning back upon oneself, a kind of degrading self-compassion, in which one tells oneself in a tone so full of pity : Nobody understands me ! No one loves me ! No one cares for me as people should !" etc., and one goes on and on... And now this is really terrible, it draws you down into a hole immediately.

One must have gone far beyond all that, left it very far behind oneself, in order to truely have the joy of faithfulness, the joy of self-giving, which does not care at all, no, indeed, not at all, in any way, whether it is properly received and gets the adequate response. Not to expect anything in exchange for

that one does, not to expect anything, not through asceticism or a sense of sacrifice but because one has the joy of the consciousness one is in and that is enough, this is much better than all one can receive, from whomsoever it be; but that again is somethig else. There are quite a few stages between the two."

''ସେହି ପ୍ରକାର.... ସେହି ସହାନୁଭୂତି ଯାହାକି ନିଜ ପ୍ରତି ଦୟା ଭାବରେ ପରିପୂର୍ଣ୍ଣ, ଯାହା ମଧ୍ୟରେ ବ୍ୟକ୍ତି ନିଜକୁ ସୁମିଷ୍ଟ, ଆଦର-ସୋହାଗ ପୂର୍ଣ୍ଣ ସାନ୍ତ୍ୱନା ଦେଇ କୁହେ : 'ଆହା, ବିଚରା ମୁଁ !' ଏହା ବାସ୍ତବରେ ଏକ ଭୟଙ୍କର କଥା, ବ୍ୟକ୍ତି ଏ ସମ୍ବନ୍ଧେ ସଚେତନ ନ ହୋଇ ନିରନ୍ତର ଏହି କାର୍ଯ୍ୟ କରି ଚାଲିଥାଏ ! ଏହି ନିଜକୁ ଫେରି ଚାହିଁବା ହେଉଛି ଏକ ପ୍ରକାର ଅଧୋଗାମୀ ଆତ୍ମ-ଅନୁକମ୍ପା ଯେଉଁଥିରେ ବ୍ୟକ୍ତି ନିଜକୁ ନିଜେ ଦୟାପୂର୍ଣ୍ଣ ସ୍ୱରରେ କୁହେ : ''କେହି ମୋତେ ବୁଝୁ ନାହାନ୍ତି ! କେହି ମୋତେ ଭଲ ପାଉ ନାହାନ୍ତି ! ଯେପରି ଖବର ବୁଝିବା କଥା, ସେପରି ମୋର ଖବର କେହି ବୁଝୁ ନାହାନ୍ତି । ଇତ୍ୟାଦି ଇତ୍ୟାଦି । ଏହିପରି ସେ କହି ଚାଲିଥାଏ.... ଆଉ ଏପରି କଥା ବାସ୍ତବରେ ଭୟଙ୍କର, ଏହା ତୁମକୁ ସଙ୍ଗେ ସଙ୍ଗେ ଏକ ଗର୍ତ୍ତ ନିକଟକୁ ନେଇଯାଏ ।

ବିଶ୍ୱସ୍ତତା ଓ ଆତ୍ମ-ଦାନର ଯଥାର୍ଥ ଆନନ୍ଦ ଲାଭ କରିବାକୁ ହେଲେ ବ୍ୟକ୍ତିକୁ ଏସବୁର ବହୁ ଊର୍ଦ୍ଧ୍ୱକୁ ଯିବାକୁ ହେବ, ଏସବୁକୁ ବହୁ ପଛରେ ଛାଡ଼ି ଆସିବାକୁ ହେବ । ଯଥାର୍ଥ ବିଶ୍ୱସ୍ତତା ଓ ଆତ୍ମ-ଦାନର, ତାହା କିପରି ଭାବରେ ଗୃହୀତ ହେଉଛି ଓ ତା'ର ସମୁଚିତ ପ୍ରତ୍ୟୁତ୍ତର ମିଳୁଛି କି ନାହିଁ, ସେଥିପ୍ରତି ଆଦୌ ଭୃକ୍ଷେପ ନ ଥାଏ । ବ୍ୟକ୍ତି ଯାହା କରେ ତା'ର ପ୍ରତିଦାନରେ କିଛି ନ ଚାହିଁବା ଯେ ସନ୍ନ୍ୟାସ ମନୋଭାବ ବା ତ୍ୟାଗ ମନୋଭାବ ଯୋଗୁଁ ହେବ ତା' ନୁହେଁ, ତାହା ହେବ ସେ ଯେଉଁ ଆନନ୍ଦମୟ ଚେତନା ମଧ୍ୟରେ ଥାଏ

ସେଇଥି଼ ଯୋଗୁଁ । କାରଣ ସେଇ ଚେତନାହିଁ ତା'ପକ୍ଷରେ ଯଥେଷ୍ଟ । ଯାହାଠାରୁ ବି ହେଉ ସେ ଯାହାକିଛି ପାଇ ପାରିଥାନ୍ତା, ସେ ସବୁଠାରୁ ଏହା ଅଧିକ ଉତ୍ତମ । ତାହା ପୁଣି ଆଉ ଏକ କଥା । ଏ ଦୁଇଟି ଅବସ୍ଥା ମଧ୍ୟରେ ଅଳ୍ପ କିଛି ସ୍ତର ରହିଛି ।''

ଇଚ୍ଛା ନ ଥିଲେ ବି କାହିଁକି ମିଛ କହି ହୋଇଯାଉଛି

"It is never good to tell lies, but here its results can not but be desastrous, or falsehood is the very symbol of that which wants to oppose the divine work of Truth."

– The Mother

''ମିଥ୍ୟା କହିବା କେବେ ବି ସ୍ପୃହଣୀୟ ନୁହେଁ, କିନ୍ତୁ ଏଠାରେ ତାହାର ପରିଣାମ ଅତି ଭୟାବହ ହେବାଛଡ଼ା ଅନ୍ୟ ଗତି ନାହିଁ, କାରଣ ମିଥ୍ୟା ହେଉଛି ତାହାର ପ୍ରତୀକ ଯାହା ସତ୍ୟର ଦିବ୍ୟ କର୍ମକୁ ବାଧା ଦେବାକୁ ଚାହେଁ ।''

– ଶ୍ରୀମା

ବାପଟିର ମନ ବହୁତ ଦୁଃଖ । ଗାଁ ସାରା ସମସ୍ତେ ଚିଡ଼ାଉଛନ୍ତି ଯେ ତାଙ୍କ ବଂଶ, ପରିବାରଟି ସାରା ସମସ୍ତେ ମିଛୁଆ । କଥା କଥାକେ ମିଛ । କୁଆଡୁ ଆକାଶରୁ ତୋଳିଆଣି କଥା କହିଦେବେ । ଟିକିଏ ବି ପାଟିରେ ବାଟୁଳି ବାଜିବ ନାହିଁ ।

ସେମାନେ ଯେ ଭୁଲ୍ କହୁଛନ୍ତି, ତା' ନୁହେଁ । ବାସ୍ତବରେ ତା' ବାପ, ଅଜା ସମସ୍ତେ ମିଛ କହିବାରେ ଖ୍ୟାତି ଅର୍ଜନ କରିଥିଲେ । ଆଉ ସେ ସେମାନଙ୍କର ଉପଯୁକ୍ତ ବଂଶଧର ହିସାବରେ ସେହି ଗୁଣଟିର ବରଂ ଅଧିକ ଉତ୍କର୍ଷ ସାଧନ କରିଛି, ତାକୁ ହ୍ରାସ ପାଇବାକୁ ଦେଇ ନାହିଁ । ତା'ର ପିଲାମାନଙ୍କ କଥା ତ ଛାଡ଼ । ଜନ୍ମ ହୋଇ ଭଲକରି ଟିକିଏ କଥାବାର୍ତ୍ତା ଆରମ୍ଭ କରୁ କରୁ ଶହେକରେ ଅନେଶତ ମିଛ ।

ବିଚରା କରିବ କ'ଣ ? ଏଣେ ଲୋକମାନଙ୍କୁ ଲଜ୍ଜାରେ କିଛି

କହିପାରୁ ନାହିଁ କି ତେଣେ ପିଲାମାନଙ୍କୁ ଯେତେ ଶାସନ କଲେ ବି ଯେଉଁ କଥାକୁ ସେଇ କଥା । ନିଜେ ତ କଥା କହୁ କହୁ ପାଟିରୁ ଅନବରତ ମିଛ ବହିଚାଲିଛି ଆଉ ପିଲାମାନେ ତା'ର ଉପଦେଶ ଓ ଶାସନକୁ ମାନିବେ କ'ଣ ! ଏବେ ନିକଟରେ କିଛି ମାସ ତଳେ ଗୋଟିଏ ପୁଅ ହୋଇଛି । ସେ କଥା କହି ଶିଖି ନାହିଁ । ସେ କିପରି ମିଛୁଆ ନ ହେଉ, ଭଲ ମଣିଷ ହେଉ, ବାପର ସବୁବେଳେ ଏଇ ଚିନ୍ତା । ତେଣୁ ସେ ସ୍ଥିର କଲା ତାକୁ ନେଇ ତା'ର ମାମୁ ଘରେ ଛାଡ଼ିଦେବ । ସେଇଠି ରହି ସେ ବଡ଼ ହୋଇଗଲେ ତାକୁ ଘରକୁ ଆଣିବ । ଏଠି ରହିଲେ ଏ ପିଲାମାନଙ୍କ ସାଙ୍ଗରେ ପଡ଼ି ସେ ବି ମିଛ କହିବାକୁ ଶିଖିବ ।

ଏଇଆ ବିଚାର କରି ବାପଟି ତା'ର ସବା ସାନ ପୁଅକୁ ନେଇ ତା' ମାମୁ ଘରେ ଛାଡ଼ିଦେଇ ଆସିଲା । ମାମୁ ଘର ବିଶେଷ ଧନୀ ନୁହନ୍ତି । ତେବେ ଚଳିବା ଖରାପ ନୁହେଁ । ହାତରେ ଚାଷବାସ କରି ଚଳନ୍ତି । ସମସ୍ତେ ସରଳ ଓ ପରିଶ୍ରମୀ ଲୋକ । ସେମାନେ ଆଦରରେ ପିଲାଟିକୁ ରଖିଲେ । ପୁଅଟି ବଡ଼ ହୋଇଗଲାଣି । ବର୍ତ୍ତମାନ ସ୍କୁଲରେ ପଢ଼ିବା ଆରମ୍ଭ କଲାଣି । ଦିନେ ତା' ମାଆର ଅନୁରୋଧରେ ବାପ ଗଲା ତାକୁ କିଛି ଦିନ ଲାଗି ଘରକୁ ଆଣିବାକୁ । ମାମୁ ଘରେ ଦିନେ ଖଣ୍ଡେ ରହି ତାକୁ ସାଙ୍ଗରେ ଧରି ଫେରିଲା । ଆସୁ ଆସୁ ବାଟରେ ଗୋଟିଏ ନଈ ପଡ଼ିଲା । ଘାଟରେ ଡଙ୍ଗା ଅଛି । ଗଲାବେଳେ ନାଉରିଆ ଥିଲା, କିନ୍ତୁ ଫେରିଲା ବେଳକୁ କେହି ନାହାନ୍ତି । ବହୁ ସମୟ ଅପେକ୍ଷା କରି କେହି ନ ଆସିବାରୁ ବାପଟି ପୁଅକୁ ତା'ର କାନ୍ଧରେ ବସାଇ ନଈ ଭିତରେ ପଶିଲା । ସମୁଦାୟ ନଈରେ ଅଣ୍ଟାକରୁ ଟିକିଏ ବେଶୀ ପାଣି ଥିଲା ।

ବାପ ପୁଅ ଦୁହେଁ ନଈ ମଝିରେ ପହଞ୍ଚି ଗଲେଣି । ହଠାତ୍ କାହିଁକି ବାପର ମନ ହେଲା ଟିକିଏ ପୁଅକୁ ପରୀକ୍ଷା କରିବ । ପିଲାଟି ଦିନୁ ମାମୁ ଘରେ ଯେଉଁ ଉଦ୍ଦେଶ୍ୟରେ ଛାଡ଼ିଛି ସେ ଉଦ୍ଦେଶ୍ୟ ପୂରଣ ହୋଇଛି କି ନାହିଁ ଦେଖିବ । ଜାଣିଶୁଣି ସେ ମିଛରେ କହିଲା, ''ଆରେ ବାବା, କେଡ଼େ ବଡ଼

ମାଛଟାଏ ମାରି ହେଲା !'' ସଙ୍ଗେ ସଙ୍ଗେ ଟିକିଏ ଚିନ୍ତା ନ କରି କାନ୍ଧରେ ଥାଇ ପୁଅଟି କହି ଉଠିଲା, ''ମୋ ଉପରେ ପରା ପାଣି ପଡ଼ିଲା !''

ଏତିକି ଶୁଣି ବାପ ମନ ସନ୍ତୋଷ । ଘରକୁ ଆସି ଆଉ ତାକୁ ମାମୁ ଘର ପଠାଇବା ନା ଧରିଲା ନାହିଁ । ଯିଏ ଯେତେ କହିଲେ : ପୁଅର ତ ମାମୁ ଘରକୁ ଫେରିବାର ବେଳ ହୋଇଗଲାଣି, ତାକୁ ନେଇ ଛାଡ଼ି ଆସୁନ କାହିଁକି ? କିନ୍ତୁ ବାପର ସେ ଆଡ଼କୁ ଟିକିଏ ବି ନଜର ନାହିଁ କି କାହାକୁ କିଛି କହୁ ନାହିଁ । କେବଳ ତା' ସ୍ତ୍ରୀକୁ ଥରେ କହିଥିଲା । ବାସ୍, ସେଇ ଦିନଠାରୁ ସବୁ ଚେଷ୍ଟା ଛାଡ଼ି ଚୁପ୍‌ଚାପ୍ ହୋଇ ନିଜ କାମରେ ଲାଗିଲା ।

ସେଥିଲାଗି ମା' କହିଛନ୍ତି :

"...There are people who can't open their mouth without telling a lie, and they don't always do this deliberately (that is the worst of it), or people who can't come in touch with others without quarrelling, all sorts of stupidities– they are there in the subconscient, deeply rooted. Now when you have a good will, externally you do your best to avoid all that, to correct it if possible : you work you fight : then become aware that this thing always keeps coming up, it comes up from some part which escapes your control. But if you enter this subconscient, if you let your consciousness infiltrate it, and look carefully, gradually you will discover all the sources, all the origins of all your difficulties; then you will begin to understand what your fathers and mothers, grandfathers and grandmothers were, and if at a

certain moment you are unable to control yourself, you will understand, 'I am like that because they were like that.''

''... ଲୋକେ ଅଛନ୍ତି ଯେଉଁମାନେ ମିଛ ନ କହି ମୁହଁ ଖୋଲି ପାରନ୍ତି ନାହିଁ । ସେମାନେ ଯେ ଏହା ସବୁବେଳେ ଜାଣିଶୁଣି କରନ୍ତି (ଯାହାକି ସବୁଠାରୁ କୁତ୍ସିତତମ କଥା) ତା' ନୁହେଁ । ଅଥବା ଲୋକ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କ ସହ କଳହ କିଂବା ସେଇ ପ୍ରକାରର ଯେକୌଣସି ନିର୍ବୋଧତାର ଆଶ୍ରୟ ନ ନେଇ ସଂପର୍କ ରଖିପାରନ୍ତି ନାହିଁ । ଏସବୁ କଥା ଅବଚେତନା ମଧ୍ୟରେ ଖୁବ୍ ଗଭୀର ଭାବେ ଆସ୍ଥାନ ଜମାଇ ରହିଛି । ତୁମର ଯେତେବେଳେ ସଦିଚ୍ଛା ଭାବ ରହିଥାଏ, ତୁମେ ସେତେବେଳେ କ'ଣ କର ନା ସ୍ଥୂଳ ଭାବେ ଏସବୁକୁ ଏଡ଼ାଇବାର, ଯଦି ସମ୍ଭବ ହୁଏ, ସଂଶୋଧନ କରିବାର ସର୍ବୋତ୍ତମ ଚେଷ୍ଟା କର; ଏସବୁ ଉପରେ କ୍ରିୟା କର, ଏସବୁ ସହ ସଂଘର୍ଷ କର । ତା'ପରେ ତୁମେ ଦେଖ ଯେ ଯାହାକୁ ତୁମେ ସଂଶୋଧନ କରିବାକୁ ଚେଷ୍ଟା କରୁଛ ତାହା ସବୁବେଳେ ବାରଂବାର ଆସିବାରେ ଲାଗିଛି, ଏହା ଏପରି ଏକ ଅଂଶରୁ ଆସୁଛି ଯାହା ତୁମ ଆୟତ୍ତର ବାହାରେ । ଯଦି ତୁମେ ଏହି ଅବଚେତନା ମଧ୍ୟରେ ପ୍ରବେଶ କର, ତୁମର ଚେତନାକୁ ତା'ମଧ୍ୟରେ ପ୍ରବେଶ କରିବାକୁ ଦିଅ ଓ ସତର୍କତାର ସହ ନିରୀକ୍ଷଣ କର ତେବେ ତୁମେ ଧୀରେ ଧୀରେ ତୁମ ଅସୁବିଧାର ସକଳ ଉତ୍ସ, ସକଳ ଉତ୍ପତ୍ତିସ୍ଥଳକୁ ଆବିଷ୍କାର କରିପାରିବ । ତା'ପରେ ତୁମେ ବୁଝିପାରିବ ତୁମ ପିତାମାତା ଓ ତୁମ ଅଜା ଆଈ କିଭଳି ଥିଲେ, ଆଉ ଯଦି କୌଣସି ମୁହୂର୍ତ୍ତରେ ତୁମେ ନିଜକୁ ଆୟତ୍ତ କରିବାକୁ ଅସମର୍ଥ ହୁଅ ତେବେ ତୁମେ ବୁଝିପାରିବ, 'ମୁଁ ଏପରି ହୋଇଛି କାରଣ ସେମାନେ ଏହିପରି ଥିଲେ ।''

ଏହିପରି ଖାଲି ମିଛ କହିବା ନୁହେଁ, ଅନେକ ଗୁଣ ମଣିଷ ତା'ର ବାପ, ମାଆ, ଅଜା, ଆଈ, ପୂର୍ବପୁରୁଷ ଆଦିଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥାଏ । ଅନେକେ କହନ୍ତି : ସ୍ୱଭାବ ପରିବର୍ତ୍ତନ ସମ୍ଭବ ନୁହେଁ ।

କୁକୁର ଲାଙ୍ଗୁଡ଼ ବାରବର୍ଷ ବାଉଁଶନଳୀ ଭିତରେ ପୂରାଇ ରଖିଲେ ବି ସେ ଯେଉଁ ବଙ୍କାକୁ ସେଇ ବଙ୍କା ରହିବ । ଜନ୍ମଗତ ସ୍ୱଭାବ କେବେ ବି ବଦଳିବ ନାହିଁ ।

ମା' କହିଛନ୍ତି ଏସବୁ ଧାରଣା ସଂପୂର୍ଣ୍ଣ ଭୁଲ୍ । ଅବଶ୍ୟ ଏହି ଜନ୍ମଗତ ସ୍ୱଭାବକୁ ପରିବର୍ତ୍ତନ କରିବା ବହୁତ କଷ୍ଟ । କାରଣ ବ୍ୟକ୍ତିକୁ ଏଠାରେ କେବଳ ନିଜ ସ୍ୱଭାବକୁ ପରିବର୍ତ୍ତନ କରିବାକୁ ହେଉ ନାହିଁ, ତା'ର ପୂର୍ବ ପୁରୁଷମାନଙ୍କର ସ୍ୱଭାବକୁ ମଧ୍ୟ ପରିବର୍ତ୍ତନ କରିବାକୁ ହେଉଛି ଯେଉଁମାନେ କି ଆଦୌ ପରିବର୍ତ୍ତନ ଚାହିଁ ନ ଥିଲେ । ଯାହାହେଉ ନିଷ୍ଠାର ସହ ଲାଗିରହିଲେ ଓ ଏସବୁ ମିଥ୍ୟା ଗତିବୃତ୍ତି କେଉଁଠୁ ଆସୁଛି ତା'ର ଖିଅକୁ ଧରିପାରି ନିରନ୍ତର ଅନ୍ତରରେ ତାକୁ ମା'ଙ୍କ ଆଡ଼କୁ ଖୋଲି ଧରିପାରିଲେ ଏସବୁ ପୁରାତନ ସ୍ୱଭାବ ଦିନେ ଦେଖିଲା ବେଳକୁ ଆକସ୍ମିକ ଭାବେ ଖସି ପଡ଼ିଥିବ । ବ୍ୟକ୍ତି ନୂଆ ଜୀବନ, ନୂଆ ପ୍ରକୃତି ନେଇ ଏକ ନୂଆ ମଣିଷ ବୋଲି ଅନୁଭବ କରିବ ।

ଆଉ ଗୋଟିଏ କଥା । ବାପାଟି ଅଧ୍ୟାତ୍ମଭାବ ସଂପନ୍ନ ଜଣେ ଉଚ୍ଚବଂଶଜ ବ୍ରାହ୍ମଣ । ଦିନଯାକର କାର୍ଯ୍ୟ ସାରି ରାତିରେ ଖାଇବା ଶେଷ କରି ସେ ଯେତେବେଳେ ବିଶ୍ରାମ ନିଅନ୍ତି, ସେତେବେଳେ ତାଙ୍କର ଜଣେ ପୁଅ, ବୟସ ଖୁବ୍ କମ୍, ସବୁଦିନେ ତାଙ୍କୁ ଗୋଟିଏ ଗଳ୍ପ କହିବାକୁ ଅଳି କରେ । ତା'ର ଅନ୍ୟ ଭାଇମାନେ ମଧ୍ୟ ଆସି ତା' ସହ ଯୋଗ ଦିଅନ୍ତି । ''ବାପା କ୍ଳାନ୍ତ ହୋଇଯାଇଛନ୍ତି, ତାଙ୍କୁ ହଇରାଣ କରନା'' ବୋଲି ମା' ଯେତେ ଆକଟ କଲେ ବି ଏମାନେ ମାନନ୍ତି ନାହିଁ । ତେଣୁ ସବୁଦିନେ ରାତିରେ ବାପାଙ୍କୁ ଗୋଟିଏ ଗପ କହିବାକୁ ପଡ଼େ । ଦିନେ ରାତିରେ ସେ ଜଣେ ଋଷି ଓ ତାଙ୍କ ଛୋଟ ପୁଅର କଥା କହୁଥିଲେ । କଥାଟି ହେଉଛି : ଗୋଟିଏ ଜଙ୍ଗଲରେ ଜଣେ ଋଷି ଥିଲେ । ତାଙ୍କ ନାମ ଶମିକ । ସେ ମୌନବ୍ରତ ଅବଲମ୍ବନ କରିଥିଲେ । କାହାକୁ କିଛି କହୁ ନ ଥିଲେ । ଥରେ ରାଜା ପରୀକ୍ଷିତ ମୃଗୟା କରିବାକୁ ଯାଇ ଗୋଟିଏ ଶିକାର ପଛରେ ଗୋଡ଼ାଇ ଗୋଡ଼ାଇ

କ୍ଲାନ୍ତ ଓ ତୃଷାର୍ତ୍ତ ହୋଇ ପଡ଼ିଲେ । ଏହି ସମୟରେ ଶମିକ ମୁନିଙ୍କୁ ନୀରବ ଧ୍ୟାନମଗ୍ନ ଅବସ୍ଥାରେ ବସିଥିବାର ଦେଖି ଶିକାରଟି କେଉଁଆଡ଼େ ଗଲା ବୋଲି ପଚାରିଲେ । ଶମିକ କିନ୍ତୁ ସେହିପରି ନୀରବ ନିଶ୍ଚଳ ଭାବେ ଆଖିବୁଜି ବସିଥା'ନ୍ତି । ବାରଂବାର ପଚାରିବା ସତ୍ତ୍ୱେ କିଛି ନ କହିବାରୁ କିଂବା ଆଖି ନ ଫିଟାଇବାରୁ ରାଜା ଭୀଷଣ ରାଗିଯାଇ ଭାବିଲେ ଯେ ଏ ଜଣେ ଭଣ୍ଡ ତପସ୍ୱୀ । ପାଖରେ ଗୋଟିଏ ମଲା ସାପ ପଡ଼ିଥିଲା, ସେଇଟିକି ଖଣ୍ଡାରେ ଉଠାଇ ଆଣି ମୁନିଙ୍କ ବେକରେ ଗୁଡ଼ାଇ ଦେଇ ଚାଲିଗଲେ । ମୁନି ସେହିପରି ନିର୍ବିକାର ଚିତ୍ତରେ ନୀରବ ନିଶ୍ଚଳ ହୋଇ ବସିଥାନ୍ତି ।

ଶମିକଙ୍କର ଛୋଟ ପୁଅ ଶୃଙ୍ଗୀ ଗୁରୁଗୃହକୁ ବିଦ୍ୟାଧ୍ୟୟନ କରିବାକୁ ଯାଇଥିଲେ । ଫେରିବା ବାଟରେ ତାଙ୍କର ସାଙ୍ଗଠାରୁ ଶୁଣିବାକୁ ପାଇଲେ ଯେ ଜଣେ ରାଜା ତାଙ୍କ ବାପାଙ୍କ ବେକରେ ଗୋଟିଏ ମଲା ସାପ ଗୁଡ଼ାଇ ଦେଇ ଚାଲି ଯାଇଛନ୍ତି । ସତକୁ ସତ ସେ ଆସି ଦେଖିଲେ ଯେ ବାପାଙ୍କ ବେକରେ ଗୋଟିଏ ମଲାସାପ ଗୁଡ଼ା ହୋଇଛି । କ୍ରୋଧରେ ଅଗ୍ନିଶର୍ମା ହୋଇଉଠି ମହାନ ତେଜସ୍ୱୀ ଶୃଙ୍ଗୀ ଅଭିଶାପ ଦେଲେ ଯେ, ଯିଏ ମୋ ବାପା ବେକରେ ବିନା ଦୋଷରେ ମଲା ସାପ ଗୁଡ଼ାଇ ଦେଇ ଯାଇଛି ତାକୁ ସାତଦିନ ମଧ୍ୟରେ ତକ୍ଷକ ଦଂଶନ କରୁ ।

ଏକଥା ଶୁଣି ପୁଅଟି ତା'ର ବାପାଙ୍କୁ ପଚାରିଲା, ''ଏତେ ଛୋଟପିଲାର କଥା କ'ଣ ସଫଳ ହେଲା ?'' ବାପା କହିଲେ, ''ହଁ ।'' ଆଶ୍ଚର୍ଯ୍ୟ ହୋଇ ପୁଅ ପଚାରିଲା, ''କିପରି ?'' ବାପା କହିଲେ, ''ସେ ଛୋଟ ପିଲା ହେଲେ ବି ମହାନ ତପସ୍ୱୀ । ସେ କେବେ ମିଛ କହେ ନାହିଁ । କାହାରିକୁ ହାତପତାଇ କିଛି ମାଗେ ନାହିଁ । ସବୁବେଳେ ଭୂମିରେ ବସେ ।''

ବାପାଙ୍କଠାରୁ ସେଦିନ ରାତିରେ ଏଇ କଥା ଶୁଣି ପୁଅଟି ମନେ ମନେ ସଂକଳ୍ପ କଲା ସେ ବି ସତ କହିବ, କାହାରିକୁ ହାତ ପତାଇ କିଛି ମାଗିବ ନାହିଁ, ସବୁବେଳେ ଭୂମିରେ ବସିବ । ଏକଥା ସେ କାହାକୁ କହିଲା ନାହିଁ, ନିଜ ଭିତରେ ଏହା ସେ ଅଭ୍ୟାସ କରିବାକୁ ଲାଗିଲା । ବଡ଼

ହୋଇଗଲା । ଜଣେ ଅସାଧାରଣ ଭଗବତ୍ ସେବକ, ଭକ୍ତ ଓ ସାଧକରେ ପରିଣତ ହେଲା । କିନ୍ତୁ ତଥାପି ନିଜର ଆଦୌ ଇଚ୍ଛା ଓ ଆଗ୍ରହ ନ ଥିଲେ ବି ବେଳେବେଳେ ପାଟିରୁ ମିଛ ବାହାରି ପଡ଼େ । ବହୁତ ଖରାପ ଲାଗେ, ତା'ର କାରଣ ଜାଣିପାରେ ନାହିଁ । ଲୋକେ ଅଛନ୍ତି ଯେଉଁମାନେ ଇଚ୍ଛା କରି, ଜାଣିଶୁଣି, ଉଦ୍ଦେଶ୍ୟ ରଖି ମିଛ କହନ୍ତି । କିନ୍ତୁ ଇଚ୍ଛା ନ କରି, ନ ଚାହିଁ ତାହା କିପରି ପାଟିରୁ ବାହାରି ପଡୁଛି ? ଅବଶ୍ୟ ଏହା ଖୁବ୍ କ୍ୱଚିତ୍ ।

ଏ ସମ୍ବନ୍ଧେ ମା' କହିଛନ୍ତି :

"For instance, you take a very simple resolution (apparently very simple) : 'I shall never tell a lie again.' And suddenly, without your knowing why or how, the lie springs up all by itself and you notice it after you have uttered it : 'But this is not correct, –what I have just said; it was something else I meant to say, 'So you search, search how did it happen ? How did I think like that and speak like that ? Who spoke in me who pushed me ? You may give yourself quite a satisfactory explanation and say; it came from outside or it was a moment of unconsciousness and not think any longer about it. And the next time, it begins again. Instead of that, you search : 'What can be the motive of one who tells lies ?' ...and you push – you push and all of a sudden you discover in a little corner something which wants to justify itself, thrust itself forward or assert its own way of seeing (no matter what, there are a number of rea-

sons), show itself a little different from what it is so that people may have a good opinion of you and think you someone very remarkable... It was that which spoke in you – not your active consciousness, but what was there and pushed the consciousness from behind. When you were not quite on your guard, it made use of your mouth, your tongue, and then there you were ! The lie came out."

''ମନେକର ତୁମେ ଗୋଟିଏ ଖୁବ୍ ସହଜ ସଂକଳ୍ପଟିଏ ଗ୍ରହଣ କଲ (ଆପାତ ଦୃଷ୍ଟିରେ ଖୁବ୍ ସହଜ) : 'ମୁଁ ଆଉ କେବେ ବି ମିଛ କହିବି ନାହିଁ ।' ହଠାତ୍ କ'ଣ ହେଲାନା ତୁମ ପାଟିରୁ ସ୍ୱତଃସ୍ଫୂର୍ତ୍ତରୂପେ ମିଛ ବାହାରି ପଡ଼ିଲା । ତୁମେ ଜାଣିପାରିଲ ନାହିଁ କିପରି ଓ କାହିଁକି ଏହା ଘଟିଲା । ଏହାକୁ ଉଚ୍ଚାରଣ କରିସାରିବା ପରେ ତୁମେ ଏହାକୁ ଲକ୍ଷ୍ୟ କଲ ଓ ଭାବିଲ : 'କିନ୍ତୁ ଏହା ତ ଠିକ୍ ନୁହେଁ,– ଯାହା ମୁଁ ବର୍ତ୍ତମାନ କହିଲି ତାହା ତ ମୁଁ କହିବାକୁ ଚାହିଁଥିବା କଥା ନୁହେଁ ।' ତେଣୁ ତୁମେ ଅନ୍ୱେଷଣ କରିବାରେ ଲାଗ... 'ଏହା କିପରି ଘଟିଲା ? କିପରି ମୁଁ ଏପରି କଥା ଚିନ୍ତା କଲି ଓ କିପରି ଏହା କହିଲି ? କିଏ ମୋ ମଧ୍ୟରେ ଏହି କଥା କହିଲା, କିଏ ମୋତେ ଏହା କହିବାକୁ ପ୍ରବର୍ତ୍ତାଇଲା... ।' ତୁମେ ନିଜକୁ ନିଜେ ଏକ ସନ୍ତୋଷଜନକ କୈଫିୟତ ଦେଇ କହିପାର, 'ଏହା ବାହାରୁ ଆସିଲା' ଅଥବା 'ଏହା ଏକ ଅଚେତନ ମୁହୂର୍ତ୍ତର ଘଟଣା', ଓ ଏ ସମ୍ବନ୍ଧେ ଆଉ ଅଧିକ ଚିନ୍ତା ନ କରିପାର । ପରେ ପୁଣି ଏହା ପୁନର୍ବାର ଦେଖାଦିଏ । ତୁମେ ଆଉ ପୂର୍ବଭଳି ନ କରି ଅନ୍ୱେଷଣ କର : 'ମିଛ ଯିଏ କହେ ତା'ର ଉଦ୍ଦେଶ୍ୟ କ'ଣ ହୋଇପାରେ ?...' ତା'ପରେ ତୁମେ ନିଜକୁ ଭିତରକୁ ଭିତରକୁ ନେଇଚାଲ ଓ ହଠାତ୍ ତୁମେ ଆବିଷ୍କାର କର ଯେ ଏକ କ୍ଷୁଦ୍ର କୋଣରେ କିଛି ଗୋଟିଏ ରହି ନିଜକୁ ପ୍ରତିପାଦିତ କରିବାକୁ ଚାହୁଁଛି, ଠେଲିପେଲି ଆଗକୁ ଆସିବାକୁ

ଚାହୁଁଛି ଅଥବା ନିଜର ଦୃଷ୍ଟିକୋଣକୁ ଦୃଢ଼ ନିଶ୍ଚିତ ବୋଲି ଦାବି କରୁଛି (ଯାହା ବି ହେଉ, ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଏହିପରି ଅସଂଖ୍ୟ କାରଣ ରହିଛି,) ନିଜେ ଯାହା ନୁହେଁ ତା'ଠାରୁ ଟିକିଏ ଭିନ୍ନରୂପେ ନିଜକୁ ଦେଖାଇ ହେଉଛି ଯାହାଫଳରେ ଲୋକମାନେ ତୁମକୁ ପ୍ରଶଂସା କରିବେ ଓ ଭାବିବେ ଯେ ତୁମେ ଜଣେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି । ଏହି ଅଂଶଟିହିଁ ତୁମ ମଧ୍ୟରେ କହିଥିଲା– ତୁମର ସକ୍ରିୟ ଚେତନା ନୁହେଁ, ଏହି ଅଂଶଟି ପଶ୍ଚାତରେ ରହି ତୁମ ଚେତନାକୁ ଠେଲୁଥିଲା । ଯେତେବେଳେ ତୁମେ ସତର୍କ ନ ଥିଲ ସେତେବେଳେ ଏହା ତୁମର ମୁଖ ଓ ଜିହ୍ୱାକୁ ବ୍ୟବହାରରେ ଲଗାଇଲା ଓ ତା'ପରେ ତୁମ ପାଟିରୁ ମିଛ ବାହାରି ପଡ଼ିଲା ।''

ଏହିପରି ଭାବେ ବ୍ୟକ୍ତି ଏହାକୁ ଅବଜ୍ଞା ନ କରି ଯଦି ନିଜ ଭିତରକୁ ଗଭୀର ଭାବରେ ନିରୀକ୍ଷଣ କରେ ତେବେ ଏହାର ପ୍ରକୃତ ଉତ୍ପତ୍ତିସ୍ଥଳଟି ଖୋଜି ପାଇବ ଓ ତାକୁ ମା'ଙ୍କୁ ସମର୍ପଣ କରି, ତାଙ୍କରି ଦିଗରେ ଖୋଲି ଧରି ନିଷ୍ଠାର ସହ ପରିବର୍ତ୍ତନ ଚାହିଁଲେ ଏହା ନିଶ୍ଚିହ୍ନ ହୋଇଯିବ । ତା'ପରେ ବ୍ୟକ୍ତି ଧୀରେ ଧୀରେ ନିଜ ସମ୍ବନ୍ଧେ ଓ ଅନ୍ୟମାନଙ୍କ ସମ୍ବନ୍ଧେ ସଚେତନ ହୋଇଉଠିବ । ସାମୟିକ ବ୍ୟର୍ଥତା, ପଦସ୍ଖଳନ ନେଇ ବ୍ୟସ୍ତ, ହତାଶ, ବ୍ୟାକୁଳ ବା ଉତ୍ତେଜିତ ନ ହୋଇ ପରିବର୍ତ୍ତନ ନିମନ୍ତେ ସମର୍ପଣ କରି ଧୈର୍ଯ୍ୟର ସହ ଲାଗି ରହିବ । ତେଣୁ ମିଛ କହିବାକୁ ଇଚ୍ଛା ନ ଥିଲେ ବି ବେଳେ ବେଳେ ଏହିପରି ପାଟିରୁ ତାହା ବାହାରି ପଡ଼ିଥାଏ ଓ ତା'ର ପ୍ରତିକାର ମଧ୍ୟ ଉପରୋକ୍ତ ମତେ କରାଯାଇପାରେ ।

ଆଉ ଅନେକ କ୍ଷେତ୍ରରେ କ'ଣ ହୋଇଥାଏ ନା ବ୍ୟକ୍ତିର ମିଛ କହିବାର ଇଚ୍ଛା କି ଅଭ୍ୟାସ ନ ଥିଲେ ବି ସେ କେତେକ ଲୋକଙ୍କ ମେଳରେ ଥିଲାବେଳେ ଆପେ ଆପେ ତା' ପାଟିରୁ ମିଛ ବାହାରି ପଡ଼େ । କାରଣ ସେ କେତେକ ମିଛୁଆ ଲୋକଙ୍କ ମେଳରେ ଥାଏ । ସେହି ବାତାବରଣରେ ମିଥ୍ୟା ପୂରି ରହିଥାଏ । ବ୍ୟକ୍ତି ଯେତେବେଳେ ସେମାନଙ୍କ ମେଳରେ ପଡ଼େ ସ୍ୱତଃସ୍ଫୂର୍ତ୍ତରୂପେ ତା'ର ଚେତନା ତା' ଅଜଣାରେ ସେହି ବାତାବରଣର ଶିକାର

ହୁଏ ଓ ସେ ମିଛ କହିବାକୁ ଟିକିଏ ଭାବି ନ ଥିଲେ ବି ଅନାୟାସରେ ତା' ପାଟିରୁ ମିଛକଥା ବାହାରି ପଡ଼େ ।

ଏହାର ପ୍ରତିକାର ସମ୍ବନ୍ଧେ ମା' କହିଛନ୍ତି :

"To escape this there is but one means : to become conscious of oneself, more and more conscious and more more attentive.

Try this little exercise : at the beginning of the day, say : 'I won't speak without thinking of what I say.' You believe, don't you, that you think all that you say ! It is not at all true, you will see that so many times the word you do not want to say is ready to come out, and that you are compelled to make a conscious effort to stop it from coming out."

''ଏଥିରୁ ରକ୍ଷା ପାଇବା ନିମନ୍ତେ ଏକମାତ୍ର ଉପାୟ ରହିଛି : ନିଜ ସମ୍ବନ୍ଧେ ସଚେତନ ହୋଇଉଠିବା, ଅଧିକରୁ ଅଧିକ ସଚେତନ ଓ ଅଧିକରୁ ଅଧିକ ସଜାଗ ।

''ଏଇ ଛୋଟ ବ୍ୟାୟାମଟି ଅଭ୍ୟାସ କର : ଦିନର ଆରମ୍ଭରେ କୁହ 'ଯାହା ମୁଁ କହିବି ତାହା ଚିନ୍ତା ନ କରି କେବେ ବି କହିବି ନାହିଁ ।' ତୁମେ ଭାବ, ଯାହାକିଛି ତୁମେ କହୁଛ ସବୁ ଚିନ୍ତା କରି କହୁଛ ! ନୁହେଁ କି ? କିନ୍ତୁ ଏହା ସତ ନୁହେଁ, ତୁମେ ଲକ୍ଷ୍ୟ କଲେ ଦେଖିବ କେତେବାର ତୁମେ ଯାହା କହିବାକୁ ଇଚ୍ଛା କରୁନ ତାହା ତୁମ ପାଟିରୁ ବାହାରି ପଡ଼ିବା ଲାଗି ଉଦ୍ୟତ ଏବଂ ଏହାକୁ ବାହାରି ଆସିବାକୁ ବନ୍ଦ କରିବା ଲାଗି ତୁମେ ସଚେତନ ଭାବେ ଚେଷ୍ଟା କରିବାକୁ ବାଧ୍ୟ ହେଉଛ ।''

ତେଣୁ ଗୁଡ଼ାଏ ୟାଡୁସାଡୁ ନ ଗପି ସବୁବେଳେ ନିଜ ସମ୍ବନ୍ଧେ ସଚେତନ ରହିବାକୁ ହେବ । ମା'ଙ୍କ ପ୍ରତି ନିଜର ଅଭୀପ୍‌ସା ଓ ସମର୍ପଣରେ

ଲାଗି ରହିବାକୁ ହେବ । ଫଳରେ ଦିନ ଆସିବ ଯେତେବେଳେ ବର୍ତ୍ତମାନ ଯେପରି ସତ କହିବା ଲାଗି ସାଧନା କରାଯାଉଛି; ସେତେବେଳେ ସେହିପରି ମିଛ କହିବା ଲାଗି ବ୍ୟକ୍ତିକୁ ବହୁତ କଷ୍ଟ ବୋଧ ହେବ । ଟିକିଏ ମିଛ ଟିକିଏ ସତ କହି ସାମୟିକ ଭାବେ ଘଟଣାକୁ ଘୋଡ଼ାଇ ପକାଇ କାମ ଚଳାଇ ନେବାର ଯେଉଁ ଭ୍ରାନ୍ତ ଧାରଣା ବ୍ୟକ୍ତି ମଧ୍ୟରେ ରହିଛି ତାହା ଦୂରହେବ । ବ୍ୟକ୍ତି ସବୁକିଛିର ସମ୍ମୁଖରେ ନିର୍ଭୀକ, ଶାନ୍ତ, ସତ୍ୟବାଦୀ, ସ୍ପଷ୍ଟବାଦୀ ହୋଇ ଉଠିବ । ହଜାର, ହଜାର ଉପର ଠାଉରିଆ ପ୍ରଶଂସା, କ୍ଷମତା, ପ୍ରତିପତ୍ତି, ସମ୍ମାନ, ସଂପଦ ସେହି ସତ୍ୟ ନିକଟରେ ତା' ପାଇଁ ତୁଚ୍ଛ ହୋଇଉଠିବ । ସେ ସତ୍ୟବାଦୀ ହେବ, କିନ୍ତୁ ପ୍ରତିକ୍ରିୟାଶୀଳ ହୋଇ ଅନ୍ୟମାନେ କାହିଁକି ସତ କହୁ ନାହାନ୍ତି ଓ ସେ କହୁଛି ବୋଲି ଅନ୍ୟମାନେ କାହିଁକି ତାକୁ ସମ୍ମାନ କରୁ ନାହାନ୍ତି ବୋଲି ବିଦ୍ରୋହ ଘୋଷଣା କରିବ ନାହିଁ । ସତ୍ୟ ସ୍ୱୟଂ ତା' ଲାଗି ଆନନ୍ଦ, ଶକ୍ତି, ଶାନ୍ତି, ଆଲୋକଦାୟକ ହୋଇ ଉଠିବ । ଅନ୍ୟ କାହାକୁ ସେ ଅପେକ୍ଷା କରିବ ନାହିଁ କି କାହାରି ମତାମତକୁ ସେ ଭୃକ୍ଷେପ କରିବ ନାହିଁ, କି କାହାଠାରୁ ସେ କିଛି ଆଶା କରିବ ନାହିଁ ।

ଅଜାଣତରେ ପାଟିରୁ ମିଛ ବାହାରି ପଡୁଛି ବୋଲି ଯେଉଁ ଅସ୍ୱସ୍ତିବୋଧ ତାହା ଖୁବ୍ ଭଲ ସୂଚନା । ଦିନେ ତାହା ମା'ଙ୍କ ଶକ୍ତିର କ୍ରିୟାଫଳରେ ଅତିକ୍ରାନ୍ତ ହେବ । କିନ୍ତୁ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବରେ ମିଛ କହିବା ଭୟାବହ ଆତ୍ମପ୍ରବଞ୍ଚନା ଛଡ଼ା ଆଉ କିଛି ନୁହେଁ ।

ମୋତେ କାହିଁକି କିଛି ଭଲ ଲାଗୁ ନାହିଁ !

ଭଲ ଲାଗୁ ନାହିଁ ? ବୋଧହୁଏ ଯାହା ଭଲ ଲାଗୁଛି ତାହା ମିଳୁ ନାହିଁ । ମିଳିଲେ ବି ଭଲପାଇବାଟା ତାକୁ ଛାଡ଼ି ପୁଣି ଅନ୍ୟ ବସ୍ତୁକୁ ଚାଲି ଯାଉଛି ।

ତେବେ କ'ଣ ଜୀବନଟା ଏମିତି ଗୋଟିକ ପରେ ଗୋଟିଏ ବସ୍ତୁ ପଛରେ ଗୋଡ଼େଇ ଗୋଡ଼େଇ କଟିଯିବ ? ଆଉ କେଉଁଥିରେ ଭଲ ଲାଗିବ ନାହିଁ ? କେବେ ବି ସନ୍ତୋଷ ଆସିବ ନାହିଁ ?

ହଁ ଆସିବ; କିନ୍ତୁ ଯେଉଁଠି ଆମେ ରହିଛୁ ସେଇଠି ରହି ନୁହେଁ । ସେଠି ଯେତେ ଯାହା ମିଳିଲେ ବି ଯଥାର୍ଥ ସନ୍ତୋଷ ଆସିବ ନାହିଁ, ଶାନ୍ତି ମିଳିବ ନାହିଁ । ସେ ସ୍ଥାନ ଛାଡ଼ି ଟିକିଏ ଉପରକୁ ଉଠି ଆସିବାକୁ ହେବ । ତା'ହେଲେ ଆମର ଶ୍ରମ ସାର୍ଥକ ହେବ । ନଈବାଲିରେ ପାଣି ଢାଳି ଢାଳି ଫସଲ ଉତାରିବାକୁ ଚାହିଁଲେ ଜୀବନଟା ସିନା ବିତିଯିବ, କିନ୍ତୁ ଫସଲ ମିଳିବ ନାହିଁ । କଷ୍ଟ କରି ତଳୁ ଟିକିଏ ନଈପଠାକୁ ଉଠି ଆସିବାକୁ ହେବ । ସେଠାରେ ଆମେ ଦେଖିବା ଆମର ଏକଗୁଣ ଶ୍ରମର ବିନିମୟରେ ବହୁ ଗୁଣ ଫସଲ ମିଳୁଛି ।

ଥରେ ଗୋଟିଏ କଲେଜରେ ତିନିଜଣ ପିଲା ପଢୁଥିଲେ । ତିନିଜଣଯାକ କଲେଜ ନିକଟରେ ଗୋଟିଏ ଭଡ଼ାଘର ନେଇ ରହି ପଢ଼ନ୍ତି । ଜଣକ ନାମ ହେମନ୍ତ, ଆଉ ଜଣକ ନାମ ବସନ୍ତ ଓ ଅନ୍ୟ ଜଣକ ନାମ ପ୍ରଶାନ୍ତ । ତିନିଜଣଯାକ ଗୋଟିଏ ରୁମ୍‌ରେ ରହନ୍ତି । ସେଇଠି ଜଣେ ପୂଝାରୀ ରୋଷେଇ କରେ । ସମସ୍ତେ ଖାଆନ୍ତି । ତିନିଜଣଯାକ ବି ଗୋଟିଏ ଇୟରରେ ପଢ଼ନ୍ତି । ଆଉ ଗୋଟିଏ ବର୍ଷ ଅଛି ବି. ଏ. ପାସ୍ କରିବାକୁ ।

ଏକାଠି ରହନ୍ତି, ଏକାଠି ଖାଆନ୍ତି, ଏକାଠି ପଢ଼ନ୍ତି ସତ; କିନ୍ତୁ ତିନିଜଣଙ୍କର ସ୍ୱଭାବ ଭିନ୍ନ ଭିନ୍ନ । ହେମନ୍ତ ବହୁତ ଫୁଲାଫାଙ୍କିଆ । ଜୀବନରେ

ତା'ର ସେପରି କିଛି ଲକ୍ଷ୍ୟ ନାହିଁ । ଘରେ ଖାଲି ପଢ଼ାଉଛନ୍ତି ବୋଲି ବାଧ ହୋଇ ପଢୁଛି । ନଚେତ୍ ପଢ଼ନ୍ତା ନାହିଁ । ତା'ର କାମ୍ୟ ଖାଲି ଜୀବନରେ ସୁଖସ୍ୱାଚ୍ଛନ୍ଦ୍ୟ, ଆରାମ, ମଉଜମଜଲିସ୍ ।

ବସନ୍ତ କିନ୍ତୁ ବହୁତ ଭଲ ପଢ଼େ । କଲେଜରେ ଫାଷ୍ଟ ହୁଏ । ତା'ର ସବୁବେଳେ ପଢ଼ାରେ ମନ । ଆଉ କିଛି ପ୍ରତି ତା'ର ଲକ୍ଷ୍ୟ ନ ଥାଏ । ତା'ର ଇଚ୍ଛା ପଢ଼ିସାରି ଗୋଟିଏ ଆଇ. ଏ. ଏସ୍. ଅଫିସର ହେବ । ପଢ଼ିବାରେ, ବୁଝିବାରେ, ଜାଣିବାରେ ତା'ର ବହୁତ ଆଗ୍ରହ । ବହୁତ ମନୋଯୋଗର ସହ କ୍ଳାସରେ ପଢ଼େ, ଶୁଣେ, ଘରେ ଆସି ପଢ଼ା କରେ । ପଢ଼ାରେ ଏପରି ମଗ୍ନ ଥାଏ ଯେ ବେଳେ ବେଳେ ଖାଇବା ପିଇବା ବି ଭୁଲିଯାଏ ।

ପ୍ରଶାନ୍ତ ସବୁବେଳେ ପ୍ରଶାନ୍ତ । ପଢ଼େ, ଖେଳେ, ଖାଏ, ସେମାନଙ୍କ ସହ ରହେ । ପଢ଼ାରେ ଅବହେଳା କରେ ନାହିଁ କି ଅତିଶୟ ପ୍ରାଣମୂର୍ଚ୍ଛାଭାବେ ଖାଲି ପଢ଼ାରେ ଲାଗି ନ ଥାଏ । ଏସବୁ ଦୈନନ୍ଦିନ କାମ, ପଢ଼ା ଆଦି ଊର୍ଦ୍ଧ୍ୱରେ ତା'ର ଲକ୍ଷ୍ୟ ଯେପରି ଯାଇ ଆଉ କେଉଁଠି । ବିଭିନ୍ନ ଅଧ୍ୟାତ୍ମ ମହାପୁରୁଷମାନଙ୍କର ବାଣୀ ଓ ପୁସ୍ତକ ପ୍ରତିଦିନ କିଛି କିଛି ଅଧ୍ୟୟନ କରେ । କାହାର କାହାର ଫଟୋ ବି ପାଖରେ ଥାଏ । ଯେତେବେଳେ ପଢ଼ା, ଖେଳଆଦି ନ ଥାଏ; ସାଙ୍ଗ ସାଥୀ ଆଦି ନ ଥା'ନ୍ତି ସେତେବେଳେ ସେ ନୀରବ, ନିଭୃତରେ, ପ୍ରଶାନ୍ତ ଚିତ୍ତରେ ଭିତରେ ଯେପରି ଅନ୍ୟ କୌଣସି ଏକ ବସ୍ତୁ ଖୋଜୁଥାଏ । ମେସ୍‌ରେ ବେଳେ ବେଳେ ତରକାରିପତ୍ର ଖରାପ ହେଲେ ଅନ୍ୟମାନେ ବହୁତ ଅଶାନ୍ତ ହୁଅନ୍ତି, ପ୍ରତିବାଦ କରନ୍ତି; କିନ୍ତୁ ସେ ଏସବୁ ବିଷୟରେ ସବୁବେଳେ ନିର୍ବିକାର ।

କ୍ଳାସରେ ଦିନେ ଅଧ୍ୟାପକ ପଢ଼ାଉଛନ୍ତି । ହେମନ୍ତର କିନ୍ତୁ ସେ ପଢ଼ାରେ ଆଦୌ ମନ ନାହିଁ । ସବୁବେଳେ ବାହାରକୁ ଚାହୁଁଛି, ଏଣେ ତେଣେ ଚାହୁଁଛି, ଘଣ୍ଟା କିପରି ବାଜିବ ଖାଲି ସେଇଆକୁ ଅପେକ୍ଷା କରି ରହିଛି । ବେଳେ ବେଳେ ଯେତେବେଳେ ଅଧ୍ୟାପକଙ୍କ ପଢ଼ା ପ୍ରତି ସଚେତନ ହୋଇ ସିଆଡ଼େ ମନ ଦେଉଛି, ପୂର୍ବରୁ କିଛି ଶୁଣି ନ ଥିବାରୁ କିଛି ବୁଝିପାରୁ ନାହିଁ ।

ମନ ଖାଲି ଛଟପଟ ହେଉଛି କିପରି ବାହାରକୁ ଯିବ । ଅନ୍ୟ ପକ୍ଷରେ ବସନ୍ତ ଗଭୀର ମନୋଯୋଗ ସହକାରେ ସବୁ ଶୁଣୁଛି, ନୋଟ୍ କରୁଛି, ବେଳେ ବେଳେ ଅଧ୍ୟାପକଙ୍କୁ ପ୍ରଶ୍ନ କରୁଛି । କ୍ଲାସରେ ତା'ର କି ଉତ୍ସାହ ଆଉ ଆଗ୍ରହ ! ପ୍ରଶାନ୍ତ ବି ନୀରବ, ନିଶ୍ଚଳ ଭାବରେ ସବୁ ଶୁଣୁଛି; ବେଳେ ବେଳେ ନୋଟ୍ କରୁଛି, ସବୁ ବୁଝି ପାରୁଛି; କିନ୍ତୁ ମନଟା ଯେ ତା'ର ଖାଲି ଏଇ ପାଠ ଶୁଣିବାରେ ଆବଦ୍ଧ ଅଛି କି ତାହା ସହ ଆଉ କେଉଁ ଊର୍ଦ୍ଧ୍ୱ ଲୋକରେ ବିଚରଣ କରୁଛି ତାହା ବୁଝି ହୁଏ ନାହିଁ । ଆଖି ଦୁଇଟି ତା'ର ଯେପରି ସ୍ୱପ୍ନାବିଷ୍ଟ ।

ପିରିଅଡ଼ ଶେଷ ହେଲା । ଘଣ୍ଟା ବାଜିଲା । ହେମନ୍ତ ସବାଆଗେ ଉଠି ଛିଡ଼ା ହୋଇପଡ଼ିଲା । କ୍ଲାସରୁ କେହି ନ ବାହାରୁଣୁ ଆଗ ବାହାରିଯାଇ ପାନ ଦୋକାନରେ ହାଜର । ପାନ ଖଣ୍ଡେ କଳରେ ଜାକି ସିଗାରେଟ୍ ଖଣ୍ଡେ ମୁଖରେ ଧରାଇ ଦେବାରୁ ଟିକିଏ ଆଶ୍ୱସ୍ତ ବୋଧ କଲା । ୪୫ ମିନିଟ୍ କାଳ ଯେପରି ଶ୍ୱାସରୁଦ୍ଧ ହୋଇଯାଇଥିଲା । ଯାହା ହେଉ, ଏ ପିରିଅଡ଼ ଯାହା ଥାଉନା କାହିଁକି ସେ ଆଉ ଯିବ ନାହିଁ । ଟିକିଏ ସାଙ୍ଗମାନଙ୍କ ସହ ଖୁସି ଗପ କରି କଟାଇ ଦେବ ।

କ୍ଲାସକୁ ଗଲା ନାହିଁ ସିନା, ମନଟା କାହିଁକି ଭଲ ଲାଗୁ ନାହିଁ । ସାଙ୍ଗମାନଙ୍କ ସହ ଖୁସିଗପ କରି ଶସ୍ତା ହସ ହସିଲାବେଳେ ବି ଭିତରେ ଯେପରି କିଛି ଯଥାର୍ଥ କଥାକୁ ଅବହେଳା କରିବାର ଦଂଶନ ଅନୁଭବ କରୁଛି । କ୍ଲାସକୁ ଯିବାକୁ ଆଉ ଇଚ୍ଛା ହେଉ ନାହିଁ କି ସାଙ୍ଗମାନଙ୍କ ମଜଲିସ୍ କଥାରେ ଯୋଗ ଦେବାକୁ ଇଚ୍ଛା ହେଉ ନାହିଁ । ସବୁ ଫମ୍ପା ନିରର୍ଥକ ଲାଗୁଛି । ଯେମିତି ହେଉ ବସାକୁ ପଳାଇଗଲେ ହେଲେ ଟିକିଏ ଆରାମ, ଶାନ୍ତି ମିଳିବ ।

ଶେଷକୁ ସେଇଆ ହେଲା । କଲେଜ ନ ସରୁଣୁ ବସାକୁ ଚାଲିଆସିଲା । ଗୋଡ଼ ହାତ ଧୁଆଧୋଇ କିଛି ନାହିଁ, ବହିଗୁଡ଼ାକ ଟେବୁଲ ଉପରେ ଦୁମ୍ କରି କଚାଡ଼ି ଦେଇ ଭୁଷ୍ କରି ବିଛଣା ଉପରେ ଗଡ଼ି ପଡ଼ିଲା । କିନ୍ତୁ ଶରୀରଟା ସିନା ବିଛଣାରେ ପଡ଼ି ରହିଲା, ମନ-ପ୍ରାଣର ଅସ୍ଥିରତା ବରଂ ବେଶୀ ବଢ଼ିଗଲା । ପାଖରେ ଥୁଆ ହୋଇଥିବା ଶସ୍ତା ଉପନ୍ୟାସ

ବହିଟିଏ ଟାଣି ଆଣି ପଢ଼ିବାରେ ଲାଗିଲା । ବହିଟି ପଢୁ ପଢୁ କେତେବେଳେ ନିଦ ହୋଇ ଯାଇଛି ଜଣା ନାହିଁ । କିଛି ସମୟ ପରେ ବସନ୍ତ ଓ ପ୍ରଶାନ୍ତ ଫେରି ଆସିଲେ କଲେଜରୁ । ସେମାନଙ୍କ ପାଟିତୁଣ୍ଡରେ ଏହାର ନିଦ ଭାଙ୍ଗିଗଲା । କିନ୍ତୁ ମୁଣ୍ଡଟା ଯେପରି ବାତଚକ୍ର ଭଳି ଘୂରୁଛି । ଶରୀରଟା ଅବସନ୍ନ, ଉଠିବାକୁ ଇଚ୍ଛା ହେଉ ନାହିଁ । ତା'ପରେ ପୁଣି ଟିକେ କଡ଼ ଲେଉଟାଇ ଶୋଇ ଭିଡ଼ିମୋଡ଼ି ହୋଇ ଅନିଚ୍ଛା ସତ୍ତ୍ୱେ ଉଠିଲା । ଟିକିଏ ପୋଷାକପତ୍ର ବାଗେଇ ନେଇ ଗଲାଚାଲି ବୁଲିବାକୁ । ସାଙ୍ଗମାନଙ୍କ ସହ ବୁଲିବୁଲି, ଗପିଗପି, ଜଳଖିଆ ଦୋକାନରୁ କିଛି ଖିଆପିଆ କରି, ସେକେଣ୍ଡ ସୋ ସିନେମା ଲାଗି ଟିକେଟ ଆଦି କରି ସଂଧ୍ୟା ୭ଟା ପରେ ଆସି ବସାରେ ପହଞ୍ଚିଲା ।

ବସାରେ ପହଞ୍ଚି ଦେଖିଲା ବେଳକୁ ବସନ୍ତ ତା'ର ନିବିଷ୍ଟ ଚିତ୍ତରେ ପଢ଼ାପଢ଼ିରେ ଲାଗିଛି । ପ୍ରଶାନ୍ତ କିଛି ଖେଳାଖେଳି ଓ ବ୍ୟାୟାମ ଆଦି କରି ଆସି ଟିକିଏ ଶାନ୍ତ ଭାବରେ ବସି ଧ୍ୟାନ କରୁଛି । ଅଳ୍ପକ୍ଷଣ ପରେ ସେ ବି ତା'ର ଧ୍ୟାନ ଶେଷ କରି ପଢ଼ାରେ ଲାଗିଗଲା । ସେମାନଙ୍କ ଉପସ୍ଥିତିର ତାଡ଼ନାରେ ହେମନ୍ତ ବାଧ୍ୟ ହେଲା ବହି ଖୋଲି ବସିବାକୁ; କିନ୍ତୁ କ୍ଲାସପଢ଼ା ସହ ସଂପର୍କ ନ ଥିବାରୁ ଓ ମନରେ ଆଗ୍ରହ ତଥା ସ୍ଥିରତା ନ ଥିବାରୁ କିଛି ଭଲ ଲାଗିଲା ନାହିଁ, ବାରଆଡୁ ବାର ଚିନ୍ତାରେ ମଥା ଭାରାକ୍ରାନ୍ତ ଓ ବେଳେ ବେଳେ ନିଦ ବି ଆସୁଥାଏ । ଖାଲି ଭିତରେ ଅପେକ୍ଷା କରିଥାଏ କିପରି ରୋଷେଇ ସରିଲେ ଖାଇ ଦେଇ ସେକେଣ୍ଡ ସୋ ସିନେମା ଦେଖିବାକୁ ଯିବ । ତା' ହେଲେ ଯାଇ ଟିକିଏ ମନଟା ଖୁସି ଲାଗିବ । ଯାହାହେଉ ରୋଷେଇ ସରିଲା, ଶୀଘ୍ର ଗଣ୍ଡାଏ ଖାଇଦେଇ ବାବୁ ବାହାରି ଗଲେ ସାଙ୍ଗସାଥୀ ମେଳରେ ଟିକେ ସିନେମା ଦେଖି ମନଟାକୁ ଖୁସି କରି ଫେରିବା ଲାଗି । ସିନେମା ଦେଖା ସରିଲା, ଅନ୍ୟ କୁଆଡ଼େ ବୁଲାବୁଲି କରି ରାତି ବାରଟା ପରେ ଯାଇ ବସାକୁ ଫେରିଲେ । ଦେଖିଲା ବେଳକୁ ପ୍ରଶାନ୍ତ ନିଶ୍ଚିନ୍ତରେ ଶୋଇଛି, କିନ୍ତୁ ବସନ୍ତ ବହିଟିକୁ ଧରି ଆଲୁଅ ନ ଲିଭାଇ ସେମିତି ଶୋଇ

ପଡ଼ିଛି । ଜାମାପଟା ଖୋଲି ଆଲୁଅ ଲିଭାଇ ହେମନ୍ତ ଚୁପ୍‌କରି ତା'ର ବିଛଣାରେ ଗଡ଼ିପଡ଼ିଲା । କିନ୍ତୁ ନିଦ କାହିଁ, ଖାଲି ଛଟପଟ ହେବାହିଁ ସାର ହେଲା । ଭାବିଲା କେତେ ଚେଷ୍ଟା କରୁଛି ଟିକିଏ ସ୍ଫୂର୍ତ୍ତି କରି ନିଜକୁ ଖୁସି ରଖିବାକୁ, ଟିକିଏ ଆରାମ, ଶାନ୍ତି ପାଇବାକୁ; କିନ୍ତୁ କାହିଁ କୌଣସିଥିରେ ତ ମିଳୁ ନାହିଁ ! ଆଉ ଏହି ବସନ୍ତଟା ଦିନରାତି ୨୪ ଘଣ୍ଟା କିପରି ପଢ଼ାରେ ଲାଗିଛି ! କୁଆଡ଼େ ବୁଲିବାକୁ ଯିବା ନାହିଁ, ଖେଳ ନାହିଁ, କିଛି ନାହିଁ ! ଆଉ ପ୍ରଶାନ୍ତ କଥା ତ ଛାଡ଼ । ଅଦ୍ଭୁତ ସେ, ସବୁ କାମ ଠିକ୍ ସମୟରେ କରୁଛି । ବସନ୍ତ ଭଳି ଖାଲି ପଢ଼ା ପାଇଁ, ପରୀକ୍ଷା ପାଇଁ ସେ ବ୍ୟସ୍ତ ନୁହେଁ । କାହାରି ସହ ସେପରିଗୁଡ଼ାଏ ବାଜେ କଥା ଗପିବା ନାହିଁ, ସିନେମା ଦେଖିବାର ଅଭ୍ୟାସ, ଧୂମପାନର ଅଭ୍ୟାସ, ଚା' କଫିର ଅଭ୍ୟାସ, ସାଙ୍ଗସାଥୀ ମେଳରେ ବୁଲି ଅଯଥା ସମୟ ନଷ୍ଟ କରି ସ୍ଫୂର୍ତ୍ତି କରିବାର ଅଭ୍ୟାସ– ଏସବୁ କିଛି ନାହିଁ । ଯେପରି ନିଜ ଭିତରେ ଆଉ ଗୋଟିଏ ଦୁନିଆକୁ ନେଇ ସେ ସନ୍ତୁଷ୍ଟ । ପରୀକ୍ଷାରେ ବସନ୍ତ ଭଳି ସର୍ବୋଚ୍ଚ ନମ୍ବର ନ ରଖିଲେ ବି କୃତୀ ଛାତ୍ରଙ୍କ ଭିତରେ ଜଣେ ବୋଲି ସେ ବିବେଚିତ ହୁଏ । କିନ୍ତୁ ସେଥିପ୍ରତି ତା'ର ଭୃକ୍ଷେପ ନ ଥାଏ । କି ଶାନ୍ତି ଆଉ ଆରାମରେ ଶୋଇଚି । ଯେପରି ମା' କୋଳରେ ଶିଶୁଟିଏ ଶୋଇଯାଏ : ଛଟପଟ ହୋଇ ହେମନ୍ତକୁ ବହୁତ ରାତିରେ ନିଦ ହେଲା । ନିଦରେ ବି ଟିକିଏ ଶାନ୍ତି ନାହିଁ, ନାନାପ୍ରକାର ଦୁଃସ୍ୱପ୍ନରେ ଭରା । ସକାଳୁ ଉଠୁ ଉଠୁ ସାଢ଼େ ସାତ । ଶରୀର ଅବସନ୍ନ, ମୁହଁରେ ଅସ୍ୱସ୍ତିର ଚିହ୍ନ । ସେତେବେଳକୁ ବସନ୍ତ, ପ୍ରଶାନ୍ତ ଉଠି ସେମାନଙ୍କ ନିତ୍ୟକର୍ମଆଦି ଶେଷକରି ପଢ଼ାରେ ଲାଗିଗଲେଣି ।

ଏହିପରି ଦିନଗୁଡ଼ିକ ହେମନ୍ତର କଟିଯାଏ । ଭିତର ଅଶାନ୍ତି ଓ ଅସ୍ୱସ୍ତିକୁ ଦୂର କରିବା ଲାଗି ଏହିପରି ଅନେକ ବାହ୍ୟ ସ୍ଥୂଳ ଚେଷ୍ଟା କରେ, କିନ୍ତୁ ତା'ଫଳରେ ଅଶାନ୍ତି, ଅସ୍ୱସ୍ତି, ଅସନ୍ତୋଷ ବରଂ ବଢ଼ି ବଢ଼ି ଚାଲେ, କମେ ନାହିଁ ।

ନିଆଁରେ ଯଦି ଘିଅ ଢଳାଯାଏ ତେବେ ନିଆଁ କ'ଣ ଲିଭେ ? ବରଂ

ଅଧିକରୁ ଅଧିକ ଲେଲିହାନ୍ ଶିଖା ଟେକି ଜଳିଉଠେ । ହେମନ୍ତର ଅଶାନ୍ତି, ଅସ୍ୱସ୍ତି, ଅସନ୍ତୋଷର ବେଶୀ ଭାଗ ପ୍ରାଣର । ପ୍ରାଣର କାମନା-ବାସନା ମେଣ୍ଟାଇ ତାକୁ କ'ଣ କେବେ ସନ୍ତୁଷ୍ଟ କରାଯାଇ ପାରେ ? ବରଂ ଯେତେ ଯେତେ ତା'ର କାମନା ବାସନା ପୂରଣ କରୁଥିବ, ତାହା ସେତେସେତେ ବଢ଼ି ଚାଲିଥିବ । ଶେଷକୁ ଅଶାନ୍ତି, ଅସନ୍ତୋଷର ସୀମା ବି ରହିବ ନାହିଁ । ଜୀବନ ତିଳ ତିଳ କରି ଦଗ୍ଧ ହୋଇଯିବ । ନଈବାଲିରେ ଚାଷ କରି, ଅଯଥା ପାଣି ନ ଢାଳି ଟିକିଏ କଷ୍ଟକରି ନଈପଠାକୁ ଉଠି ଆସିବାକୁ ହେବ । ତେବେ ଯାଇ ଆମର ଶ୍ରମ ସାର୍ଥକ ହେବ । ଆମେ ଯଥାର୍ଥରେ ପ୍ରଚୁର ଫସଲ ପାଇପାରିବୁ ।

ସବୁବେଳେ ପ୍ରାଣର ଦାବି, କାମନା ବାସନାକୁ ପୂରଣ ନ କରି ତାକୁ ଯଦି ଅତିକ୍ରମ କରାଯାଇ ପାରେ, ଯଥାର୍ଥ ଶାନ୍ତି, ଆନନ୍ଦ ଓ ସନ୍ତୋଷ ମିଳିଥାଏ । ତାହାକୁ ଅତିକ୍ରମ କରିବାକୁ ହେଲେ ସେଇ ପ୍ରାଣସ୍ତରରେ ରହି କରିହେବ ନାହିଁ । ତା'ଠାରୁ ଉଚ୍ଚତର ଅଥବା ଗଭୀରତର ଏକ ଚେତନାକୁ ଚାଲି ଯିବାକୁ ହେବ । ତା'ହେଲେ ଯାଇ ପ୍ରାଣର ମୁହଁରେ ଲଗାମ ଦେଇ ତାକୁ ଶାସନ କରି, ଶୁଦ୍ଧ କରି ଉତ୍ତମ କାର୍ଯ୍ୟରେ ଲଗାଇ ହେବ ।

କିନ୍ତୁ ଏହି ଉଚ୍ଚତର ଚେତନା ବା ଗଭୀରତର ଚେତନାକୁ କିପରି ଯାଇହେବ ? ସାଧାରଣ ଲୋକ ତ ସବୁବେଳେ ତା'ର ନିମ୍ନ ଚେତନାରେ ବାସ କରି ଚଳୁଛି । ଜନ୍ମ ହେଉଛି, ବଞ୍ଚୁଛି, ସଂସାର କରୁଛି, ସନ୍ତାନ ସନ୍ତତି ଉତ୍ପାଦନ କରୁଛି, ରୋଗ-ଜରା-ବାର୍ଦ୍ଧକ୍ୟ ଭୋଗ କରି ମରୁଛି; ପୁଣି ଜନ୍ମ ନେଉଛି— ଏହିପରି ଚାଲିଛି । ସେ ତ ଜୀବନରେ କିଛି ସଂଯମ, ଶୃଙ୍ଖଳା, ଉଚ୍ଚତର ଜୀବନ ଯାପନର ଆବଶ୍ୟକତା ଅନୁଭବ କରୁ ନାହିଁ । ଘୁଷୁରି ଭଳି ନିଜ ଖାଦ୍ୟ, ନିଜ ପରିବେଶକୁ ନେଇ ସନ୍ତୁଷ୍ଟ ।

ଏକଥା ଅବଶ୍ୟ ଠିକ୍ ଯେ ମଣିଷ କ୍ଷଣିକ ସୁଖରେ ମାତି ଦୁଃଖ କଷ୍ଟରେ ପଡୁଥିଲେ ବି ସେଇଥିରେ ପଡ଼ିରହିବାକୁ ତା'ର ନିୟତି ବୋଲି ଧରି ନେଇଛି ଓ ସେଥିରେ ରହି ଘାଣ୍ଟି ହେବାକୁ ସହଜ, ସ୍ୱାଭାବିକ ବୋଧ

କରୁଛି । ଏହାର ଏକମାତ୍ର କାରଣ ହେଉଛି ତା'ର ଜୀବନରେ ସେ କୌଣସି ଲକ୍ଷ୍ୟ ରଖି ନାହିଁ । ଲକ୍ଷ୍ୟହିଁ ଜୀବନକୁ ଦିଏ ମୂଲ୍ୟ । ଯାହାର ଲକ୍ଷ୍ୟ ଯେତେ ବିଶାଳ, ବ୍ୟାପକ ଓ ମହାନ୍ ତା'ର ଜୀବନ ମଧ୍ୟ ସେତିକି ବିଶାଳ, ବ୍ୟାପକ ଓ ମହାନ୍ ।

ଏ କ୍ଷେତ୍ରରେ ହେମନ୍ତର ଜୀବନରେ କିଛି ଲକ୍ଷ୍ୟ ନାହିଁ । ସେ ପାଠ ପଢୁଛି; କିନ୍ତୁ ପାଠ ପଢ଼ିବା ପାଇଁ ବି ତା'ର ଇଚ୍ଛା ନାହିଁ । କେବଳ ଘରେ ପଢ଼ାଉଛନ୍ତି ବୋଲି ଖାମ୍‌ଖିଆଲିଭାବେ ପଢୁଛି । ଜୀବନକୁ ସ୍ୱାଭାବିକ ପ୍ରବୃତ୍ତି ଉପରେ ଛାଡ଼ି ଦେଇଛି । ତେଣୁ ସାଧାରଣ ପ୍ରବୃତ୍ତି ଅନୁଯାୟୀ ଯାହା ସୁଖ ବୋଲି ଭାବୁଛି ତାହା କରୁଛି; କିନ୍ତୁ ପରିଣାମରେ ବେଶୀ ଦୁଃଖ, ଅନୁଶୋଚନା ଆସୁଛି । କୌଣସି ଲକ୍ଷ୍ୟ ନ ଥିବାରୁ ସାଧାରଣ ପ୍ରବୃତ୍ତି ଆପେ ତାକୁ କବଳିତ କରି ନିଜ କାର୍ଯ୍ୟରେ ଲଗାଉଛି । ପଢ଼ାପଢ଼ି ଲାଗି ଆବଶ୍ୟକ ଏକାଗ୍ରତା ଆସୁ ନାହିଁ କି ଆଗ୍ରହ ବି ନାହିଁ । ପଢ଼ାପଢ଼ି ଛଡ଼ା ଜୀବନରେ ଅନ୍ୟ କିଛି କାର୍ଯ୍ୟ ଯେ ଲକ୍ଷ୍ୟରେ ରଖିଛି ତା' ବି ନୁହେଁ । ତେଣୁ ବି. ଏ. ଫେଲ୍ ହୋଇ ଘରକୁ ଯାଇ ଘରେ ବହୁଦିନ ବେକାର ବସି କ'ଣ କରିବ ବୋଲି କିଛି ସ୍ଥିର କରିପାରିଲା ନାହିଁ । କୁଆଡ଼େ ଯାଇ ବୁଲାବୁଲି କରିବ, ଘରକୁ ଆସିଲେ ମନଟି ମାରି ବସିଥିବ । କିଛି ଦିନ ଚାଷବାସ ଖବର ବୁଝିଲା, ସେଥିରେ କିନ୍ତୁ ମନ ଲାଗିଲା ନାହିଁ । ତା'ପରେ ବ୍ୟବସାୟ କଲା, ବ୍ୟବସାୟରେ ବି ପ୍ରଚୁର କ୍ଷତି ହେଲା । ଶେଷକୁ ବହୁ ଧରାଧରି କରି ଚାକିରି ଖଣ୍ଡିଏ କଲା । ଖାଲି ଗଧ ପେଲା ଭଳି ଅଫିସ୍ ସମୟରେ ଯାଏ, ଅଫିସ୍ ଶେଷ ହେଲେ ଘରକୁ ଆସେ । ଅଫିସରେ ଭଲ ଲାଗେ ନାହିଁ କି ଘରେ ବି ଭଲ ଲାଗେ ନାହିଁ ।

ଅନ୍ୟ ପକ୍ଷରେ ବସନ୍ତର ଜୀବନରେ ଆଇ. ଏ. ଏସ୍. ଅଫିସର ହେବାର ଏକ ବଡ଼ ଲକ୍ଷ୍ୟ ଥିବାରୁ ସେ ଖୁବ୍ ଆଗ୍ରହ ଓ ଏକାଗ୍ରତାର ସହିତ ପଢ଼ି ପାରୁଥିଲା । ଜୀବନର ଅନ୍ୟ ସବୁକିଛି ଦିଗକୁ ଅବହେଳା କରି ସେ ଖାଲି ପଢ଼ାରେ ନିଜର ମନ-ପ୍ରାଣକୁ ଢାଳି ଦେଇଥିଲା । ସେ ବି ଶେଷକୁ

ଜଣେ ଆଇ. ଏ. ଏସ୍. ଅଫିସର ହେଲା । କିନ୍ତୁ ଅଫିସର ହୋଇ ସାରିବା ପରେ ତା'ର ଦୁର୍ଗତି ଆରମ୍ଭ ହେଲା । ଭିତରେ ଆଉ ପୂର୍ବର ସେ ସଂକଳ୍ପ, ଏକାଗ୍ରତା ଆଗ୍ରହ କିଛି ନାହିଁ । ସବୁକିଛି ଯେପରି ହୁଗୁଳା ହୋଇ ଯାଇଛି । ଜୀବନରେ କାର୍ଯ୍ୟ ଯେପରି ଚରମରେ ପହଞ୍ଚି ସାରିଛି । ଏଣିକି ଖାଲି ଗତାନୁଗତିକ ଧାରାରେ କାମ କରି ଜୀବିକା ନିର୍ବାହ କରି ପରିବାରର ଖବର ବୁଝିବା କଥା । ତେଣୁ ବାହାରକୁ ବହୁତ ହାକିମି ଦେଖାଉଥିଲେ ବି ଜୀବନଟା କାହିଁକି ଏଣିକି ଅସ୍ୱସ୍ତିକର ବୋଧ ହେଉଛି । ଘରେ ସ୍ତ୍ରୀ, ପୁତ୍ରଙ୍କର ଏତେ ସ୍ନେହର ଆକର୍ଷଣ, ଅଫିସରେ ଏତେ ସମ୍ମାନ ସବୁ ଫମ୍ପା, ସବୁ ଚଷୁ ଭଳି ବୋଧ ହେଉଛି । ଯିଏ ପଢ଼ିଲାବେଳେ ଥରେ ବି ସିନେମା ଯାଇ ନ ଥିଲା, ଧୂମପାନକୁ ବଦଭ୍ୟାସ ବୋଲି ବିବେଚନା କରୁଥିଲା, ଏବେ ସେସବୁ ବିନା ଜୀବନ ଯେପରି ଜୀବନ ନୁହେଁ । ମନକୁ ତୃପ୍ତି ଦେବାକୁ ସେସବୁ ଯେପରି ଏକମାତ୍ର ଉପାୟ । କିନ୍ତୁ କାହିଁ ? ଯେତେ ଯେଉଁଥିରେ ମନକୁ ଭୁଲାଇବାକୁ ଚେଷ୍ଟା କଲେ ବି ରବରଟିକୁ ଟାଣି ଛାଡ଼ି ଦେଲାପରି ସେ ତା'ର ସେହି ପୂର୍ବ ଅବସ୍ଥାକୁ ଫେରି ଯାଉଛି । ଏହାର ଏକମାତ୍ର କାରଣ ହେଉଛି ବସନ୍ତର ଜୀବନରେ ଯେ ପର୍ଯ୍ୟନ୍ତ ଏକ ଲକ୍ଷ୍ୟ ଥିଲା ସେ ପର୍ଯ୍ୟନ୍ତ ଜୀବନଟା ତାକୁ ଭଲ ଲାଗିଥିଲା, ଭିତରେ ଗୋଟିଏ ଏକାଗ୍ରତା ଓ ସଂକଳ୍ପର ଶକ୍ତି ସେ ଅନୁଭବ କରୁଥିଲା । କିନ୍ତୁ ଲକ୍ଷ୍ୟଟି ପୂରଣ ହୋଇଯିବାରୁ, ସବୁକିଛି ଢିଲା ହୋଇଗଲା । ସାଧାରଣ ନିମ୍ନପ୍ରବୃତ୍ତି ହାତରେ ସେ ଖେଳନାଟିଏ ଭଳି ହୋଇ ପଡ଼ିଲା । ଜୀବନର ସବୁକିଛି ସ୍ଥୂଳ ଆଡ଼ମ୍ବର, ସ୍ନେହ, ପ୍ରେମ ମଧ୍ୟରେ ବି ଭିତରେ ସେ ହତାଶା ନୈରାଶ୍ୟ, ଅସ୍ୱସ୍ତି ଓ ଶୂନ୍ୟତା ବୋଧ କଲା । ଜୀବନର ସବୁକିଛି ସ୍ୱାଦ ସେ ଯେପରି ଚାଖି ସାରିଛି । ଆଉ ତାକୁ ତୃପ୍ତି ଦେଲା ଭଳି କିଛି ନାହିଁ । ଲକ୍ଷ୍ୟଟା ଥିଲା ତା'ର ବହୁତ କ୍ଷୁଦ୍ର, ବହୁତ ସୀମିତ । ସେଇଥିପାଇଁ ତା' ଜୀବନଟା ସେଇପର୍ଯ୍ୟନ୍ତ ଆସି ତା' ପରଠାରୁ ତା'ର ମୂଲ୍ୟବୋଧ ହରାଇ ବସିଲା ।

କିନ୍ତୁ ପ୍ରଶାନ୍ତ ଚିରକାଳ ପ୍ରଶାନ୍ତ । ଜୀବନରେ ସେ ଯଥାର୍ଥ ଲକ୍ଷ୍ୟର

ସନ୍ଧାନ ପାଇଛି । ସ୍ଥୂଳ ଜଗତର ଦୃଶ୍ୟମାନ କ୍ଷଣିକ ମୋହରେ ସେ ବିଭ୍ରାନ୍ତ ହୋଇ ନାହିଁ । ଜୀବନରେ ତା'ର ସ୍ୱତଃସ୍ଫୂର୍ତ୍ତରୂପେ ପ୍ରଶ୍ନ ଉଠିଛି : ମଣିଷ କାହିଁକି ଜନ୍ମ ହେଉଛି ? କାହିଁକି ମରୁଛି ? ଟିକିଏ ସୁଖ ଭୋଗ କଲାପରେ ପୁଣି ଦୁଃଖ କାହିଁକି ଆସୁଛି ? ମଣିଷ ଯଦି ଏ ସଂସାରକୁ ଚଳାଉଛି ତେବେ ସେ ଯାହା ଇଚ୍ଛା କରୁଛି ତା' ହେଉ ନାହିଁ କାହିଁକି ? ନିଶ୍ଚୟ ଏ ଦୃଶ୍ୟମାନ ଜଗତର ଅନ୍ତରାଳରେ ଆଉ କିଛି ଅଦୃଶ୍ୟ ଶକ୍ତି ରହିଛି । ସେଇହିଁ ସବୁକିଛିକୁ ଭାଙ୍ଗୁଛି, ଗଢୁଛି; ବ୍ୟବସ୍ଥିତ କରୁଛି । ସେଇହିଁ ହେଉଛି ପ୍ରକୃତ ସତ୍ୟ । ତାକୁହିଁ ଆବିଷ୍କାର କରିପାରିଲେ ଏ ଜୀବନ ସାର୍ଥକ ହେବ ।

ଜୀବନର ସକଳ କର୍ମ, ସକଳ କୋଳାହଳ, ସକଳ ସୁଖଦୁଃଖ ଭିତରେ ଏଇ ଜିଜ୍ଞାସାଟି ସବୁବେଳେ ତା' ଭିତରେ ଜାଗ୍ରତ୍, ଜୀବନ୍ତ ହୋଇଥାଏ । ଯିଏ ଜୀବନରେ ଯାହା ନିଷ୍ଠାର ସହ ଚାହେଁ ତାହାକୁ ସଫଳ କରିବା ନିମନ୍ତେ ଆବଶ୍ୟକ ସାହାଯ୍ୟ ମଧ୍ୟ ଭଗବାନ୍ ଦେଇଥାନ୍ତି । ପ୍ରଶାନ୍ତ ବି ତା'ର ଲକ୍ଷ୍ୟ ପୂରଣ ନିମନ୍ତେ ଉପଯୁକ୍ତ ଗୁରୁ ପାଇଛି ।

ବାହାରେ ସେ କାର୍ଯ୍ୟ କରୁଥିଲେ ବି କର୍ମର ବନ୍ଧନରେ କେବେ ବାନ୍ଧି ହୋଇ ନାହିଁ । ବସନ୍ତ ଭଳି ସବୁକିଛିକୁ ଛାଡ଼ି ସର୍ବୋଚ୍ଚ ନମ୍ବର ରଖିବ ବୋଲି ପୁସ୍ତକକୀଟ ହୋଇ ଶରୀର ଓ ପ୍ରାଣକୁ କ୍ଷୀଣ କରି ନାହିଁ କିଂବା ହେମନ୍ତ ଭଳି ଖାମ୍‌ଖିଆଲୀ ହୋଇ କ୍ଷଣିକ ସୁଖ ଓ ଆରାମ ପଛରେ ଗୋଡ଼ାଇ ପଢ଼ାକୁ ସଂପୂର୍ଣ୍ଣ ଅବହେଳା କରି ନାହିଁ । ବିଶ୍ୱବିଦ୍ୟାଳୟର ଡିଗ୍ରୀକୁ ସେ ଜୀବନର ଲକ୍ଷ୍ୟ ବୋଲି ଧରି ନାହିଁ । ସେଇଥି ଲାଗି ଡିଗ୍ରୀ ହାସଲ ପରେ ବସନ୍ତ ଭଳି ସେ ଅସ୍ୱସ୍ତି, ଅସନ୍ତୋଷ, ନୈରାଶ୍ୟ ଆଦି ଅନୁଭବ କରି ନାହିଁ ।

ନୈରାଶ୍ୟ, ଅଶାନ୍ତି ଆଦି ତାକୁ କାବୁ କରିବା ପାଇଁ ବାରଂବାର ଚେଷ୍ଟା କରି ବ୍ୟର୍ଥ ହୋଇଛନ୍ତି । କାରଣ, ଯେତେବେଳେ ତାକୁ ଅସ୍ୱସ୍ତି ଲାଗେ, ଜୀବନଟା ଦୁର୍ବିଷହ ବୋଧ ହୁଏ ସେତେବେଳେ ସେ ସ୍ଥୂଳ ଉପାୟରେ ତାକୁ ସନ୍ତୋଷ କରିବାକୁ ଚେଷ୍ଟା ନ କରି ନିଜ ଅନ୍ତରର ଗଭୀରକୁ ଦୃଷ୍ଟିପାତ

କରେ । ଦେଖେ ଅଶାନ୍ତି ଓ ଅସ୍ୱସ୍ତିର ସ୍ପନ୍ଦନ ତା'ର ନିଜ ଭିତରେ । ବିଶେଷକରି ଏହାର ଉତ୍ପତ୍ତି ପ୍ରାଣରୁ ହୋଇ ମନ ଓ ଶରୀରକୁ ବ୍ୟାପିଥାଏ । ପ୍ରଚ୍ଛନ୍ନ କିଂବା ସ୍ପଷ୍ଟ କୌଣସି ଅପୂର୍ଣ୍ଣ କାମନା ଯୋଗୁଁ ଏହା ଘଟିଥାଏ । ନୀରବ, ଶାନ୍ତ ଭାବରେ ସେ ତାକୁ ତା'ର ଅନ୍ତରସ୍ଥ ଭଗବାନଙ୍କ ନିକଟରେ ସମର୍ପଣ କରି ତାଙ୍କରି ଉପରେ ଏକାଗ୍ର ହୋଇ ଅପେକ୍ଷା କରେ । ସବୁ ଅସ୍ୱସ୍ତି, ଅସନ୍ତୋଷ ଶୁଦ୍ଧ, ଶାନ୍ତ ଓ ନିର୍ବାପିତ ହୋଇଯାଏ । ବାହାରର କୌଣସି ଆଶ୍ରୟ ନେଇ ଅସନ୍ତୋଷକୁ ନିର୍ବାପିତ କରିବାକୁ ଯାଇ ତାକୁ ଆହୁରି ପ୍ରଜ୍ୱଳିତ କରିବା ବା ସାମୟିକ ଭାବେ ଭୁଲିଯିବାର ଆବଶ୍ୟକତା ପଡ଼େ ନାହିଁ ।

ତା'ର କାର୍ଯ୍ୟ ଅନ୍ତରରେ ବାହାରେ ଉଭୟ ଆଡ଼େ ଚାଲିଥାଏ । ଗପ କରିବାକୁ ବା ବୁଲିବାକୁ କେହି ସାଥୀ ନ ଥିଲେ ସେ ନିର୍ଜନତା ବୋଧ କରେ ନାହିଁ କିଂବା ମଉଜ ମଜଲିସ୍ ଲାଗି ସୁବିଧା, ସୁଯୋଗ, ଅର୍ଥ ଆଦି ନ ପାଇଲେ ଦୁଃଖ କରେ ନାହିଁ । ଶିକ୍ଷା-ଜୀବନ ଯାଇ କର୍ମ-ଜୀବନ ଆରମ୍ଭ ହେଲେ ବି ତା'ର ଭିତରର ସମତାରେ କୌଣସି ଗଣ୍ଡଗୋଳ ଘଟି ନାହିଁ । ତା'ର ଯାତ୍ରାପଥ ଯେପରି ଅନନ୍ତ, ସେଥିପାଇଁ ଗୋଟିଏ ଜୀବନ ଯେପରି କିଛି ନୁହେଁ । ଜୀବନ ଆଉ ମୃତ୍ୟୁର ତା' ପକ୍ଷରେ କିଛି ମୂଲ୍ୟ ନାହିଁ । ସେ ଯେପରି ଚିରନ୍ତନ ଶାଶ୍ୱତ ବିକାଶର ଏକ ଗତିଧାରା । ସେ ଯେ ପଡ଼ିଉଠି ଏକ ସୀମାହୀନ ଲକ୍ଷ୍ୟପଥରେ ଅଗ୍ରଗତି କରି ଚାଲିଛି—ଏଇଟି ତାକୁ ସବୁବେଳେ ଆନନ୍ଦ ଦିଏ ।

ମା' ଯଥାର୍ଥରେ କହିଛନ୍ତି—

"Even those whose life is quite monotonous, without interest (there are, you know Poor People who have to do utterly uninteresting work and always the same thing, and always in the same conditions and whose mind is not sufficiently awakened

to be able to find an interest in anything whatever) even those people, if they begin to do this little work upon thmselves, of control, of elimination, that is to say if each element which comes with its ignorance, its unconsciousness, its egoism, is put before the will to change and one remains awake, compares, observes, studies and slowly acts, that becomes infinitely interesting, one makes marvellous and quite unexpected discoveries."

''ଏପରିକି ଯେଉଁମାନଙ୍କ ଜୀବନ ସଂପୂର୍ଣ୍ଣ ବିରକ୍ତିକର, ଆଗ୍ରହଶୂନ୍ୟ (ତୁମେ ଜାଣ କେତେକ ନିରୀହ ଲୋକ ଅଛନ୍ତି ଯେଉଁମାନଙ୍କୁ ଏକେବାରେ ଅପ୍ରୀତିକର କାର୍ଯ୍ୟ କରିବାକୁ ହୋଇଥାଏ ଓ ସବୁବେଳେ ସେଇ ଗୋଟିଏ ଅବସ୍ଥାରେ ଗୋଟିଏ କଥା କରିଥାନ୍ତି, ଏବଂ ଯେଉଁମାନଙ୍କ ମନ ଯଥେଷ୍ଟ ପରିମାଣରେ ଜାଗ୍ରତ୍ ହୋଇ ନ ଥାଏ, ଯାହାଫଳରେ ସେମାନେ ଯାହା କରିବେ ସେଥିରୁ ଆନନ୍ଦ ପାଇ ପାରିବେ) ସେପରି ଲୋକମାନେ ବି ଯଦି ସଂଯମ ଓ ପ୍ରତ୍ୟାଖ୍ୟାନର ଏହି ଛୋଟ କ୍ରିୟାଟି ନିଜ ଉପରେ କରିବାକୁ ଆରମ୍ଭ କରନ୍ତି, ଅର୍ଥାତ୍ ଯଦି ପ୍ରତ୍ୟେକଟି କଥା ଯାହା ନିଜର ଅଜ୍ଞାନତା, ଅଚେତନତା ଓ ଅହଂକାରରୁ ଆସିଥାଏ ସେସବୁକୁ ପରିବର୍ତ୍ତନ ନିମନ୍ତେ ସଂକଳ୍ପର ସମ୍ମୁଖରେ ଉପସ୍ଥାପିତ କରନ୍ତି, ସଜାଗ ରହନ୍ତି, ତୁଳନା କରନ୍ତି, ପର୍ଯ୍ୟବେକ୍ଷଣ କରନ୍ତି ଓ ଧୀରେ ଧୀରେ କ୍ରିୟା କରନ୍ତି ତେବେ ତାହା ଅନନ୍ତଗୁଣରେ ଆଗ୍ରହପ୍ରଦ ହୋଇଉଠେ ଓ ବ୍ୟକ୍ତି ଚମତ୍କାର ତଥା ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଆବିଷ୍କାରମାନ କରିପାରେ ।''

ସବୁ ଦୁଃଖକଷ୍ଟ ମୋ'ରି ଭାଗରେ

ମାନସ ଏବେ ଆଉ ଛୋଟ ପିଲା ନାହିଁ । ଛୋଟ ପିଲା ଥିଲାବେଳେ କେତେ ଡେଉଁଥିଲା, ନାଚୁଥିଲା, ଖେଳୁଥିଲା; ଟିକିଏ ବି କୌଣସି କଥାକୁ ଭୃକ୍ଷେପ ନ ଥିଲା, ଚିନ୍ତା ନ ଥିଲା କି ଖାତିର ନ ଥିଲା । ଶରୀର ମଧ ଗୋଲଗାଲ ହୋଇ ସୁନ୍ଦର ଦେଖା ଯାଉଥିଲା । ବର୍ତ୍ତମାନ କିନ୍ତୁ ସେ ବଡ଼ ହୋଇଗଲାଣି । ଆଉ ସେ ଫୁଲାଫାଙ୍କାଳିଆ ସ୍ୱତଃସ୍ଫୂର୍ତ୍ତ ନାଚକୁଦ ନାହିଁ । ଶରୀରର ସେ ପୂର୍ବଶ୍ରୀ ନାହିଁ । ତା'ର ବର୍ତ୍ତମାନ ବହୁତ ଚିନ୍ତା । ଦୁଇଦିନ ତଳେ ମାଟ୍ରିକ୍ ଶେଷ ପରୀକ୍ଷାର ଫଳ ବାହାରିଛି । ସେ ଫେଲ୍ ହୋଇଯାଇଛି । ଦୁଃଖ ଆଉ ଲଜ୍ଜାରେ ଜୀବନ ହରାଇ ଦେବାକୁ ମନ ହେଉଛି । ଖିଆପିଆରେ ଠିକ୍ ନାହିଁ । କାହାକୁ ମୁହଁ ଦେଖାଇବାକୁ ଲାଜ ଲାଗୁଛି । ମନଟି ମାରି ଗୋଟିଏ ପୋଖରୀ ହୁଡ଼ାରେ ବସିଛି ।

ଶରତ କାଳ । ପୋଖରୀଟି ଅତି ବଡ଼ ନ ହେଲେ ବି ଛୋଟ ନୁହେଁ । ପାଣି କାଚ ଭଳି ସ୍ୱଚ୍ଛ ନିର୍ମଳ ଦେଖା ଯାଉଛି । ହୁଡ଼ାର ସବୁଜ ଘାସ ପାଣି ଦେହକୁ ଲାଗିଛି । ହୁଡ଼ା କଡ଼କୁ ପାଣି ଭିତରେ କଅଁଳ ଛନ ଛନ କଳମ ଓ କନିଶିରି ଭରି ଯାଇଛି । ପୋଖରୀ ମଝିଟା ପରିଷ୍କାର । ହୁଡ଼ାର ଗୋଟିଏ କୋଣରେ ଗୋଟିଏ ପିଜୁଳି ଗଛ । ଗଛର ଗୋଟିଏ ଡାଳ ପୋଖରୀ ଭିତରକୁ ଲମ୍ବି ଆସିଛି । ସେଇ ଡାଳ ଉପରେ ବସିଛି ଗୋଟିଏ ଗଙ୍ଗେଇ ଚଢ଼େଇ । ସୁନ୍ଦର ଟିକି ଚଢ଼େଇଟିଏ । ଲମ୍ବା ଥଣ୍ଟ; ଧଳା, ନୀଳ ଓ ଲାଲରଙ୍ଗ ମିଶ୍ରିତ ପର । ଏକ ଧ୍ୟାନରେ ବସିଛି । କୁଆଡ଼କୁ ନଜର ନାହିଁ । ଦୃଷ୍ଟି ତା'ର ନିବଦ୍ଧ ପାଣି ଉପରେ ଖେଳୁଥିବା କେତୋଟି ଛୋଟ ଛୋଟ ମାଛଙ୍କ ଉପରେ । ବସିଥିଲା, ବସିଥିଲା, ହଠାତ୍ ସାଇଁକିନା ତଳକୁ ଉଡ଼ିଆସି ପାଣି ଦେହରେ ଗାବୁ କରି ବୁଡ଼ିଯାଇ ପୁଣିଯାଇ ଯେଉଁ ଡାଳରେ ବସିଥିଲା ସେଇ ଡାଳରେ ବସିପଡ଼ିଲା । ପର ଫୁଲାଇ ଦେଇ ପାଣିତକ ଦେହରୁ ଝାଡ଼ି ଦେଲା, କିନ୍ତୁ

ଥଣ୍ଟରେ ତା'ର ମାଛ କାହିଁ ? ମାଛଗୁଡ଼ାକ ହଠାତ୍ ତାକୁ ଦେଖି ଗଭୀର ପାଣିକୁ ବୁଡ଼ିଗଲେ । ସେ ଧରି ପାରିଲା ନାହିଁ । କିନ୍ତୁ ସେଥିରେ ତା'ର ଦୁଃଖ ନାହିଁ କି ଚିନ୍ତା ନାହିଁ । ଖାଲି ପ୍ରାଣରେ ଟିକିଏ ଖଟ୍‌କା ଲାଗିଲା, ତାହା ପୁଣି କୁଆଡ଼େ ଚାଲି ଗଲାଣି । ସେ ସ୍ଥିର, ନିଶ୍ଚଳ ଭାବରେ ଏକ ଦୃଷ୍ଟିରେ ଚାହିଁ ରହିଛି ପାଣି ଆଡ଼କୁ । ସେହି ମାଛମାନେ ଆଉ ଟିକିଏ ଦୂରରେ ପୁଣି ଉଠିଲେ । ଏଥର ବି ସେ ତୀର ଭଳି ଛୁଟିଯାଇ ପାଣି ଭିତରେ ଗାବୁ କରି ବୁଡ଼ିଗଲା । କିନ୍ତୁ ଉଠିଲା ବେଳକୁ ଖାଲି ଥଣ୍ଟ ।

ମାନସ ଏସବୁ ଘଟଣା ଦେଖୁ ଦେଖୁ ତନ୍ମୟ ହୋଇଯାଇ ନିଜ କଥା ଭୁଲି ଗଲାଣି । ଚଢ଼େଇଟିର ବାରଂବାର ଏ ବିଫଳତାରେ ତା'ର ମନରେ ଦୁଃଖ ହେଉଛି, ''ଆହା ! ବିଚରା କେତେ କଷ୍ଟ କଲାଣି, କିନ୍ତୁ ବକଟେ ବି ମାଛ ଥଣ୍ଟରେ ନାହିଁ !'' କିନ୍ତୁ ଚଢ଼େଇଟିର କିଛି ଚିନ୍ତା ନାହିଁ, ଏକ ଧ୍ୟାନରେ ବସିଛି । ଦୁଇଥର, ତିନିଥର, ଚାରିଥର ଚେଷ୍ଟା କଲା; କିଛି ହେଲା ନାହିଁ । ପଞ୍ଚମଥର ବୁଡ଼ି ଉଠିଲା ବେଳକୁ ଥଣ୍ଟରେ ତା'ର ଗୋଟିଏ ମାଛ । ତାକୁ ଗଛ ଡାଳରେ ଦୁଇ ତିନିଥର ପିଟି ଦେଇ ସଙ୍ଗେ ସଙ୍ଗେ ଗିଳିଦେଲା । ଗିଳିସାରି ପୁଣି ସେମିତି ଗୋଟିଏ ଧ୍ୟାନରେ ବସି ରହିଲା, ଯେପରି ତା'ର କିଛି ହୋଇ ନାହିଁ ।

ଏଥର ମାନସର ମନଟା ଖୁସୀ ହୋଇଗଲା । ଭାବିଲା, ଚଢ଼େଇଟା ଏତେଥର ଫେଲ୍ ମାରିଲା, କିନ୍ତୁ ମନରେ ତା'ର ଟିକିଏ ଦୁଃଖ କି ଅନୁଶୋଚନା ନାହିଁ । ମୁଁ ଥରେ ଫେଲ୍ ହୋଇଯିବାରୁ ମୋ ଭିତରେ କାହିଁକି ଏତେ ଦୁଃଖ, ଏତେ ଲଜ୍ଜା ? ସେଇଠୁ ଉଠିକରି ଯାଇ ସେ ସପ୍ଲିମେଣ୍ଟାରି ପରୀକ୍ଷା ଲାଗି ପ୍ରସ୍ତୁତ ହେଲା ।

ଆଉ ଦିନକର ଘଟଣା । ମାନସ ଖେଳୁ ଖେଳୁ ତା'ର ଗୋଡ଼ଟା ମକଚି ହୋଇଗଲା । ଆଉ ସେ ଖେଳି ପାରିଲା ନାହିଁ । ଗୋଡ଼ ବଳାଗଣ୍ଠିଟା ଫୁଲିଗଲା । ସେ ଖାଲି ଯନ୍ତ୍ରଣାରେ ଓହୋ, ଆହା କରି ଛଟପଟ ହେବାକୁ ଲାଗିଲା । ତାକୁ ଅନ୍ୟ ପିଲାମାନେ ଧରି କରି ଆଣି ତାଙ୍କ ଘରେ ଛାଡ଼ି

ଦେଇଗଲେ । ଘରେ ବିଛଣାରେ ପଡ଼ି ଖାଲି ଚିତ୍କାର କରୁଥାଏ । ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧା ହେଲା, ଖାଇବାକୁ ଔଷଧ ଦିଆଗଲା । ରାତି ସାରା ସେ ନିଜେ ଶୋଇ ନାହିଁକି କାହାରିକୁ ଶୁଆଇ ଦେଇ ନାହିଁ । ଖାଲି କାନ୍ଦୁଛି, ମନରେ ଏହି ଚିନ୍ତା ଆସୁଛି, ''ଗୋଡ଼ଟା କ'ଣ ସବୁଦିନ ପାଇଁ ଅକାମୀ ହୋଇଗଲା ? କେତେ ଜୋରରେ ଫୁଲି ଯାଇଛି ! ତା' ଭିତରର ଶିରା, ଧମନୀ, ସ୍ନାୟୁ ପ୍ରଭୃତି ସବୁ ତ ମକଚି ହୋଇ ଗୋଳମାଳ ହୋଇଯାଇଥିବ ! ମୁଁ ଆଉ ଅନ୍ୟପିଲାଙ୍କ ଭଳି କ'ଣ ଭଲ ଖେଳି ପାରିବି ? ଖେଳିଲେ କ'ଣ ହେଲା, ସବୁ ଦିନ ଲାଗି ଗୋଟିଏ ଜଖମ ତ ରହିଲା !''

ସକାଳ ହେଲା । ମାନସର ଟିକିଏ ଯନ୍ତ୍ରଣା କମିଛି । ହେଲେ ମନଟାକୁ ମାରି ସେ ଦାଣ୍ଡପିଣ୍ଡାରେ ବସିଛି । ଏଇ ସମୟରେ ଗୋଟିଏ ବୁଲା କୁକୁର ପାଖ ପଡ଼ିଶା ଘର ଭିତରେ ପଶିଗଲା । ସେ ଘର ଭିତରୁ ଜଣେ ଲୋକ ପାଟି କରି ଉଠିଲା । କୁକୁରଟି ବାହାରକୁ ପଳାଇ ଆସିଲା ଓ ତା' ପଛେ ପଛେ ବାଡ଼ି ଖଣ୍ଡେ ଧରି ସେ ଲୋକଟି ଗୋଡ଼ାଇ ଆସିଲା । ଦ୍ୱାର ମୁହଁରେ ଠିଆ ହୋଇ ବାଡ଼ିଟି ଏତେ ଜୋର୍‌ରେ ଫିଙ୍ଗିଲା ଯେ ତାହା କୁକୁରର ପଛ ଗୋଟିଏ ଗୋଡ଼କୁ ଖୁବ୍ ଜୋର୍‌ରେ ଆଘାତ କରି ଅନ୍ୟ ଗୋଡ଼ଟିକୁ ମଧ୍ୟ ସାମାନ୍ୟ ଆଘାତ କଲା । ଫଳରେ ଗୋଟିଏ ଗୋଡ଼ର ହାଡ଼ରେ ଗୁରୁତର ଆଘାତ ଲାଗିଲା । କୁକୁରଟି ଯନ୍ତ୍ରଣାରେ ବିକଳ ଚିତ୍କାର କରି ଭଙ୍ଗା ଗୋଡ଼ଟି ଟେକି ଅନ୍ୟ ତିନି ଗୋଡ଼ରେ ଡେଇଁ ଡେଇଁ ଚାଲିଗଲା । ଉପର ବେଳା ଦେଖିଲା ବେଳକୁ ଛୋଟେଇ ଛୋଟେଇ ଆସି ପୁଣି ସେ ଘର ଆଡ଼କୁ ଚାହିଁ ଚାହିଁ ଯାଉଛି । ଯେପରି ସକାଳର ସେ ଆଘାତ କଥା ଆଉ ତା'ର ମନେ ନାହିଁ । ଗୋଟିଏ ଗୋଡ଼ ଯେ ଟେକି ହୋଇ ରହିଛି, ତିନି ଗୋଡ଼ରେ ଚାଲୁଛି ସେଥିପ୍ରତି ମଧ୍ୟ ନିଘା ନାହିଁ ।

ଏହା ଦେଖି ମାନସ ମନେ ମନେ ଆଶ୍ଚର୍ଯ୍ୟ ହେଲା ଓ ଲଜ୍ଜା ବି ବୋଧ କଲା । ଭାବିଲା, ମୋ ଗୋଡ଼ ସାମାନ୍ୟ ମକଚି ହୋଇଯାଇ ଏତେ ଯନ୍ତ୍ରଣା ବୋଧ ହେଉଛି, ଆଉ ଏ କୁକୁରଟାର ଗୋଡ଼ ହାଡ଼ ଭାଙ୍ଗି ଯାଇଥିଲେ

ବି ଟିକିଏ ଚିନ୍ତା ନ କରି, ଟିକିଏ ଦୁଃଖ ନ କରି ତିନିଗୋଡ଼ରେ ଡେଇଁ ଡେଇଁ ବେଶ୍ ଆରାମରେ ଚାଲି ଯାଉଛି । ଏହାର କ'ଣ ଏଇଟା ଦେହ ନା ପଥର !

ଏବେ ମାନସ ଆଉ ଛାତ୍ର ନାହିଁ । ସ୍କୁଲପାଠ ଶେଷ କରି କଲେଜରେ ବି. ଏ. ପର୍ଯ୍ୟନ୍ତ ପଢ଼ି ସେଥିରେ ଦୁଇଥର ଫେଲ୍ ହେବାରୁ ବର୍ତ୍ତମାନ ଘରେ ଅଛି । ମନରେ ଟିକିଏ ଶାନ୍ତି ନାହିଁ । ସବୁବେଳେ ଭାବୁଛି ଜୀବନରେ କିଛି କରିହେଲା ନାହିଁ । ସବୁବେଳେ ବିଫଳତା, ସବୁବେଳେ ଅଶାନ୍ତି, ସବୁବେଳେ କଷ୍ଟ । ଯେପରି ସବୁ ଦୁଃଖକଷ୍ଟ ମୋ'ରି ଭାଗରେ । ଫେଲ୍ ହେଲି ବୋଲି ଲୋକମାନେ ବାର ପ୍ରକାର କଥା କହୁଛନ୍ତି, ସେଥିରେ ପୁଣି ବର୍ତ୍ତମାନ ବେକାର । ଖାଲି ଖର୍ଚ୍ଚ ଛଡ଼ା ଗୋଟିଏ ପଇସା ରୋଜଗାର ନାହିଁ । ଘରେ ପୁଣି କହୁଛନ୍ତି : ଏଇ ବର୍ଷ ବିବାହ କରିଦେବା । ବିବାହ କରିଦେଲେ ଆମ ଦାୟିତ୍ୱ ସଇଲା, ସେ ତା'ର ତେଣିକି ଯାହା କରିବାର କରୁଥାଉ ।

ତେଣୁ ମୁଣ୍ଡ ତା'ର ଘୂରି ଯାଉଛି । କେତେଆଡ଼େ ବୁଲି ବୁଲି, ଦରଖାସ୍ତ ପକାଇ ଚାକିରି ଖଣ୍ଡେ ବି ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ । କ'ଣ କରିବ ? ନିଜେ ଚଳିବ କିପରି, ସଂସାର ଚଳାଇବ କିପରି ? ଏଣେ ପୁଣି ଯେତେ ଲୋକ ତାଙ୍କୁ ରହିବାକୁ ଜାଗା ହେଉ ନାହିଁ, ତେଣୁ ଘର ଖଣ୍ଡେ କରିବା ନିହାତି ଦରକାର । ସବୁବେଳେ ଚିନ୍ତା କରି କରି ଶରୀର ତା'ର ଦୁର୍ବଳ ହୋଇଗଲାଣି । ଖାଇବା ପିଇବାରେ ଇଚ୍ଛା ନାହିଁ କି ରାତିରେ ବି ନିଦ ନାହିଁ । ମନର ଯନ୍ତ୍ରଣା ଏପରି ଦୁର୍ବିଷହ ହୋଇ ଉଠୁଛି, ବେଳେ ବେଳେ ଆତ୍ମହତ୍ୟା କରିବାକୁ ଇଚ୍ଛା ହେଉଛି ।

କ'ଣ କରିବ ଠିକ୍ କରିପାରୁ ନାହିଁ । ଶୂନ୍ୟ ଆକାଶକୁ ଚାହିଁ ଭାବୁଛି, ଭଗବାନ୍ କାହିଁକି ଏପରି ଜନ୍ମ ଦିଅନ୍ତି । ହଠାତ୍ ତା'ର ଭାବନାର ଖିଅ କାଟି ଫୁର୍ର୍ କରି ଉଡ଼ିଗଲା ଗୋଟିଏ ବାୟା ଚଢ଼େଇ ପାଖ ତାଳ ଗଛକୁ । ଥଣ୍ଟରେ ତା'ର ସରୁ ସୂତା ଭଳି କ'ଣଟାଏ ଝୁଲୁଛି । ମାନସ ଦେଖିଲା ବାୟା ଚଢ଼େଇଟି ତାଳଗଛର ଗୋଟିଏ ବାହୁଙ୍ଗାରେ ବସାଟିଏ ତିଆରି କରିବାକୁ ଆରମ୍ଭ କରିଛି । ବର୍ଷାଦିନ ଆସିଲାଣି । ତା' ପୂର୍ବରୁ ତାକୁ ବସାଟିକୁ ଶେଷ କରିବାକୁ

ପଡ଼ିବ । କିନ୍ତୁ ପାଖରେ ତ ତା'ର କିଛି ସରଞ୍ଜାମ ନାହିଁ । ଖାଇବାକୁ ତ କିଛି ଖାଦ୍ୟ ଗଚ୍ଛିତ ହୋଇ ନାହିଁ । ଚାକିରି ବାକିରି କି ବ୍ୟବସାୟ ଫ୍ୟବସାୟ କିଛି ନାହିଁ । କାହିଁ, ତାକୁ ଦେଖିଲେ ତ ଟିକିଏ ସେ ଚିନ୍ତିତ ଥିଲା ପରି ଜଣାପଡୁ ନାହିଁ ?

ମାନସ ଭାବିଲା : ମୋତେ ତ ଯେଉଁ ଭଗବାନ୍ ସୃଷ୍ଟି କରିଛନ୍ତି ତାକୁ ତ ସେଇ ଭଗବାନ୍ ସୃଷ୍ଟି କରିଛନ୍ତି । ତେବେ ମୁଁ କାହିଁକି ଦିନରାତି ଦୁଃଖ, ଯନ୍ତ୍ରଣା, ଅଶାନ୍ତି, ଦୁଶ୍ଚିନ୍ତାରେ ମରୁଛି କିନ୍ତୁ ତା'ର କାହିଁକି କିଛି ଚିନ୍ତା, କିଛି ଦକ, କିଛି ଦୁଃଖ ନାହିଁ ? ବେପରୁଆ ହୋଇ ମୁକ୍ତ ଗଗନ ତଳେ ଉଡ଼ି ବୁଲୁଛି । ନିଜ ପାଇଁ ଚିନ୍ତା କି ପରିବାର ପାଇଁ ଚିନ୍ତା ନାହିଁ; ତଥାପି ସାରାଦିନ ଉଦ୍ୟମରେ ଲାଗିଛି । ସେ ଉଦ୍ୟମରେ ପୁଣି କ୍ଲାନ୍ତି ନାହିଁ କି ଅବସାଦ ନାହିଁ କି ଉତ୍କଣ୍ଠା ନାହିଁ । ଭଗବାନ୍, ତୁମେ ମୋତେ ଏଇ ଚଢ଼େଇଟିଏ ଭଳି କି ପଶୁଟିଏ ଭଳି କରିଦିଅନ୍ତ କି ! ତେବେ ମୋ ଦେହ, ମନ, ପ୍ରାଣର ଜ୍ୱାଳା ହୁଏତ ଶାନ୍ତି ପାଇପାରନ୍ତା !

ଏହିପରି ଚିନ୍ତା କରୁ କରୁ ଦିନେ ମାନସ ଏକ ଅଧ୍ୟାତ୍ମ ଗ୍ରନ୍ଥରୁ ପଢ଼ିବାକୁ ପାଇଲା :

"With man has begun the constant care about what is going to happen and this care is the principal or sole cause of his torments. With the objectification of this consciousness have begun anxiety, painful imaginations, care, torment and the foreseeing of future catastrophes because of which the greater part of humanity– the most conscious part and not the least conscious– live in a perpetual torment. Man is too conscious to be indifferent and he is not enough conscious to know what will hap-

pen. It can be truthfully said without being in the wrong that of all creatures upon earth he is the most miserable....

Evidently it is impossible for man to come down again to the animal level and to lose the consciousness he has acquired. Therefore for him there exists only one means, one way of coming out of the condition that I call miserable, in which he is now, and rising to higher state in which care is replaced by confident surrender and the certainty of a luminous fulfilment– this means, this way is to change one's consciousness."

''ମଣିଷ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ତା' ସହ ନିରନ୍ତର ଲାଗି ରହିଛି ତା'ର ଭବିଷ୍ୟତ୍ ସମ୍ବନ୍ଧୀୟ ଉଦ୍‌ବେଗ । ଏହି ଉଦ୍‌ବେଗହିଁ ତା'ର ଦୁଃଖଯନ୍ତ୍ରଣାର ପ୍ରଧାନ ଓ ଏକମାତ୍ର କାରଣ । ଚେତନାର ଏହି ସ୍ଥୂଳ ରୂପ ଗ୍ରହଣ ସହ ଆରମ୍ଭ ହୋଇଛି ଉତ୍କଣ୍ଠା, ଯନ୍ତ୍ରଣାଦାୟକ କଳ୍ପନା, ଉଦ୍‌ବେଗ, ଅଶାନ୍ତି ଓ ଭବିଷ୍ୟତ୍ ବିପଦ ଆଶଙ୍କା । ଏହି କାରଣରୁ ମଣିଷ ସମାଜର ଅଧିକାଂଶ ଭାଗ– ସର୍ବାଧିକ ସଚେତନ ଭାଗଟି, ସର୍ବନିମ୍ନ ସଚେତନ ଭାଗଟି ନୁହେଁ– ଏକ ଚିରନ୍ତନ ଦୁଃଖଯନ୍ତ୍ରଣା ମଧ୍ୟରେ ବାସ କରୁଛନ୍ତି । ଗୋଟିଏ ଦିଗରେ ମଣିଷ ଏତେ ପରିମାଣରେ ସଚେତନ ହୋଇଉଠିଛି ଯେ ସେ ନିଜକୁ ଏଥିରୁ ପୃଥକ୍ ରଖିପାରୁ ନାହିଁ, ଅନ୍ୟ ଦିଗରେ ଭବିଷ୍ୟତରେ କ'ଣ ଘଟିବ ତାହା ଜାଣିପାରିବା ଲାଗି ଯେତେ ସଚେତନତା ଆବଶ୍ୟକ ସେତେ ସଚେତନ ସେ ହୋଇ ନାହିଁ । ଅଭ୍ରାନ୍ତ ଭାବରେ ସତ କଥା କହିବାକୁ ଗଲେ ପୃଥିବୀପୃଷ୍ଠସ୍ଥ ସକଳ ଜୀବ ମଧ୍ୟରେ ମଣିଷର ଅବସ୍ଥା ସବୁଠାରୁ ବେଶୀ ଶୋଚନୀୟ ।....

''ଏକଥା ନିଶ୍ଚିତ ଯେ ମଣିଷ ପୁଣିଥରେ ପଶୁସ୍ତରକୁ ଖସିଆସି ଯେଉଁ ଚେତନା ଲାଭ କରିଛି ତାକୁ ହରାଇ ବସିବା ଆଉ ସମ୍ଭବ ନୁହେଁ । ତେଣୁ ସେ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ଯାହାକୁ କି ମୁଁ ଶୋଚନୀୟ ଅବସ୍ଥା ବୋଲି କହୁଛି, ସେଥିରୁ ଉଦ୍ଧାର ପାଇବା ନିମନ୍ତେ ତା' ପାଇଁ ଗୋଟିଏ ମାତ୍ର ଉପାୟ, ଗୋଟିଏ ମାତ୍ର ପଥ ରହିଛି । ସେଇଟି ହେଉଛି ବର୍ତ୍ତମାନ ସେ ଚେତନାର ଯେଉଁ ସ୍ତରରେ ଅଛି ତା'ଠାରୁ ଟିକିଏ ଉଚ୍ଚତର ସ୍ତରକୁ ଉଠିବା । ଯେଉଁଠି ଉଦ୍‌ବେଗ ସ୍ଥାନରେ ଦେଖାଦିଏ ଏକ ଦୃଢ଼ ଆସ୍ଥାଯୁକ୍ତ ସମର୍ପଣ ଓ ଏକ ଦିବ୍ୟ ଜ୍ୟୋତିର୍ମୟ ପୂର୍ଣ୍ଣତା ସମ୍ବନ୍ଧରେ ସୁନିଶ୍ଚିତ ଭାବ । ଅନ୍ୟ କଥାରେ ଏହାର ଅର୍ଥ ହେଉଛି ଚେତନାକୁ ପରିବର୍ତ୍ତନ କରିବା ।''

ଏଇତକ ପଢ଼ିସାରିବା ପରେ ମାନସର ମନେହେଲା ସତେ ଯେପରି ତା'ର ମନର କଥା ଜାଣି ତା'ରି ଲାଗି ସମାଧାନଟି କିଏ ଲେଖି ଦେଇଛି । ତା'ର ଉତ୍ତପ୍ତ ପ୍ରାଣରେ କିଏ ଯେପରି ଚନ୍ଦନ ଲେପି ଦେଲା । ତା'ର ଭିତରେ ଯେପରି ଏକ ନୂତନ ଦିଗନ୍ତ ଖୋଲିଗଲା । ଜୀବନର ସକଳ ସମସ୍ୟା-ସମାଧାନର ଚାବିକାଠି ଯେପରି ଏହାରି ଭିତରେ ରହିଛି । ମନେହେଲା ତା' ଭିତରେ ଯେପରି କିଛି ଗୋଟାଏ ଓଲଟପାଲଟ ହୋଇଯାଇଛି । ନୀରସ ଶୁଷ୍କ ଓଷ୍ଠରେ ଫୁଟି ଉଠିଲା ସ୍ମିତ ହସର ରେଖା । ଯିଏ ଏହାକୁ ଲେଖିଛନ୍ତି ତାଙ୍କ ଲାଗି ଅନ୍ତରରେ ଭରିଗଲା ଅସୀମ କୃତଜ୍ଞତା । ଲେଖା ନା ଜୀବନ୍ତ ସକ୍ରିୟ ମନ୍ତ୍ର !

ସେଥିରେ ଲେଖା ଥିଲା ଶ୍ରୀମା'ଙ୍କର ଏକ ପ୍ରଶ୍ନୋତ୍ତର । ମା'ଙ୍କ ମତରେ ଆମେ ଦୁଃଖ ଭୋଗୁଛୁ କେବଳ ଆମର ମନର ବିକାଶ ଯୋଗୁଁ । ପଶୁପକ୍ଷୀଙ୍କର ମନ ନାହିଁ, ସେମାନେ ଖାଲି ସେମାନଙ୍କର ସହଜାତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ଚିନ୍ତା କରିବା ସେମାନେ ଜାଣନ୍ତି ନାହିଁ । ଗୋଟିଏ ବାଘ ଅସଂଖ୍ୟ ପଶୁ କିଂବା ମଣିଷ ମାରିଲେ ବି ତା' ମନରେ ଟିକିଏ ବି ଦୁଃଖ ହୁଏ ନାହିଁ କି ସେ ଅନୁତାପ କରେ ନାହିଁ । କାରଣ ତା'ର ପାପପୁଣ୍ୟର

ବିଚାର ନାହିଁ । ସେ ସ୍ୱତଃସ୍ଫୂର୍ତ୍ତ ରୂପେ ତା'ର ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ଜୀବହତ୍ୟା କରେ ।

ପଶୁମାନେ ଶରୀରରେ କିଛି ଆଘାତ ପାଇଲେ ସେ ବିଷୟରେ କିଛି ଚିନ୍ତା କରିପାରନ୍ତି ନାହିଁ । ତେଣୁ ସେମାନେ ବିଶେଷ ଯନ୍ତ୍ରଣା ଅନୁଭବ କରିପାରନ୍ତି ନାହିଁ, ଯେପରି ମଣିଷ ଅନୁଭବ କରେ । ସାମାନ୍ୟ ଟିକିଏ ଅସୁସ୍ଥତାକୁ ମଣିଷ ତା'ର ମନର ଉଦ୍‌ବେଗ, ଉତ୍କଣ୍ଠା, ଭୟ ଆଦି ଦ୍ୱାରା ଏକ ମାରାତ୍ମକ ବ୍ୟାଧିରେ ପରିଣତ କରିଦିଏ । ପଶୁଟିଏ କିନ୍ତୁ ଏକ ମାରାତ୍ମକ ବ୍ୟାଧିକୁ ଖାତିର ନ କରି, ସେ ସମ୍ବନ୍ଧେ କୌଣସି ଚିନ୍ତା, ଉଦ୍‌ବେଗ କିଂବା ଭୟ ପ୍ରକାଶ ନ କରି ତାକୁ ଏକ ଅତି ତୁଚ୍ଛ ଅସୁସ୍ଥତାରେ ପରିଣତ କରିଦିଏ ।

ପକ୍ଷୀଟିଏ ଆକାଶରେ ଉଡ଼ି ବୁଲୁଛି । କ'ଣ ଖାଇବ, କିପରି ରହିବ ସେ ବିଷୟରେ ଟିକିଏ ବି ଚିନ୍ତା ନାହିଁ । ଚିନ୍ତା ନ ଥିଲେ ବି ସେ ଯେ ଉପାସ ରହୁଛି ତା' ନୁହେଁ ।

ଏଇ ପଶୁପକ୍ଷୀମାନଙ୍କର ଚିନ୍ତା ନ ଥିବାରୁ ଆମ ଅପେକ୍ଷା ବହୁତ ଆନନ୍ଦରେ ଅଛନ୍ତି । ଆମର କିନ୍ତୁ ମନର ବିକାଶ ହୋଇ ଆମେ ତାଙ୍କଠାରୁ ବହୁତ ଦୁଃଖ ଭୋଗୁଛୁ । ଆମେ ସବୁବେଳେ ଆମ ନିଜ ସମ୍ବନ୍ଧେ ଗୁଡ଼ାଏ ଚିନ୍ତା କରୁଛୁ– ମୁଁ କ'ଣ କରିବି, କ'ଣ ଖାଇବି, କିପରି ଚାକିରିଟିଏ ପାଇବି, ମୋ ଶରୀର ଭଲ ରହୁ ନାହିଁ, ମୋ ଶରୀର ଦୁର୍ବଳ ହୋଇଯାଉଛି, ମୋତେ ସମସ୍ତେ ହଇରାଣ କରୁଛନ୍ତି, ମୋର ସାଧନାରେ କିଛି ଅଗ୍ରଗତି ହେଉ ନାହିଁ, ମୁଁ କିଛି କରିପାରୁ ନାହିଁ, ମୁଁ ଏତେ ଭୁଲ୍ କରୁଛି, ମୋର ଭବିଷ୍ୟତ୍ କ'ଣ ହେବ ଇତ୍ୟାଦି ଇତ୍ୟାଦି । ଏହି ଆତ୍ମ-କୈନ୍ଦ୍ରିକ ଚିନ୍ତା ଅହଂକାରର ଏକ ସ୍ୱରୂପ । ଏହା ଆମର ସମସ୍ତ ଦୁଃଖଯନ୍ତ୍ରଣାକୁ ବଢ଼ାଇ ଦେଇଥାଏ । ଆମେ ଯେତେ ଶିକ୍ଷିତ, ଆଧୁନିକ, ଚିନ୍ତାଶୀଳ, ବୁଦ୍ଧିବାଦୀ ହେଉଛୁ ଆମର ଦୁଃଖଯନ୍ତ୍ରଣା ମଧ୍ୟ ସେଇ ପରିମାଣରେ ବଢ଼ି ବଢ଼ି ଚାଲିଛି । ବଣ ଜଙ୍ଗଲର ଅଶିକ୍ଷିତ, ବର୍ବର, ଆଦିମ ମଣିଷ ଯେଉଁମାନଙ୍କର ଚିନ୍ତାଶକ୍ତି କି ବୁଦ୍ଧିବୃତ୍ତି

ନାହିଁ ସେମାନେ ଏ ସଭ୍ୟ ଶିକ୍ଷିତ ମଣିଷଠାରୁ ବହୁତ ସୁସ୍ଥ, ବହୁତ ଖୁସି, ବହୁତ ନୀରୋଗ ଓ ଖୁବ୍ କମ୍ ଦୁଃଖଯନ୍ତ୍ରଣା ଭୋଗ କରିଥାଆନ୍ତି ।

ସଭ୍ୟ ମଣିଷ ବହୁତ ଗୁଡ଼ାଏ ନିଜ ସମ୍ବନ୍ଧେ ଚିନ୍ତା କରେ । ପଶୁ ଅପେକ୍ଷା ସେ ନିଜ ସମ୍ବନ୍ଧେ ବେଶୀ ସଚେତନ । ସେ ନିଜର ଭବିଷ୍ୟତ୍ ସମ୍ବନ୍ଧେ ଗୁଡ଼ାଏ ଚିନ୍ତାକରି ଅଯଥା ମୁଣ୍ଡ ଖରାପ, ମନ ଦୁଃଖ ଓ ଦେହ ଖରାପ କରେ କିନ୍ତୁ ଭବିଷ୍ୟତରେ କ'ଣ ଘଟିବ ତାହା ଜାଣିପାରେ ନାହିଁ । ସେ ଜ୍ଞାନ ତା'ର ଥିଲେ ସେ ଆଉ ଦୁଃଖକଷ୍ଟ ଭୋଗ କରନ୍ତା ନାହିଁ, ସେ ସବୁର ଊର୍ଦ୍ଧ୍ୱକୁ ଚାଲିଯାଇ ପାରନ୍ତା ।

ଯାହାହେଉ ମଣିଷ ପଶୁସ୍ତରକୁ ଖସି ପାରିବ ନାହିଁ । ଆଉ ମଧ ଏଇ ମନ ସ୍ତରରେ ଯେତେ ଦିନ ପର୍ଯ୍ୟନ୍ତ ରହିଛି ସେତେଦିନ ପର୍ଯ୍ୟନ୍ତ ସେ ପଶୁଠାରୁ ଆହୁରି ହୀନିମାନ ଅବସ୍ଥା ଭୋଗ କରୁଥିବ । ଏ ପରିସ୍ଥିତିରେ ମା' କହନ୍ତି ତା' ପାଇଁ ଗୋଟିଏ ଉପାୟ ଅଛି । ସେଇଟି ହେଉଛି ମନର ଊର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ଶକ୍ତି ଓ ଚେତନାରେ ନିଜକୁ ପ୍ରତିଷ୍ଠିତ କରାଇବା ଓ ଏକ ବୃହତ୍ତର ଶକ୍ତି ନିକଟରେ ଜୀବନର ସକଳ ଦାୟିତ୍ୱ ଅର୍ପଣ କରି ଦୃଢ଼ ବିଶ୍ୱାସ ଓ ଭରସା ସହ ତାକୁହିଁ ସବୁ ସମର୍ପଣ କରିବା । ଫଳରେ ନିଜ ସମ୍ବନ୍ଧୀୟ ଅଯଥା ଚିନ୍ତା ଓ ଅହଂକାର ହ୍ରାସ ପାଇ ବ୍ୟକ୍ତି ସେହି ଶକ୍ତିର ଅଭୟ ବାହୁଛାୟା ତଳେ ନିରାପଦରେ, ନିଶ୍ଚିନ୍ତରେ ଓ ଆନନ୍ଦରେ ବାସ କରିପାରିବ । ବାହାର ପରିସ୍ଥିତି ଯାହା ଥାଉନା କାହିଁକି ଅନ୍ତରରେ ସେ ଶାନ୍ତି, ସ୍ଥିରତା ଅନୁଭବ କରିପାରିବ, ଦୁଃଖଯନ୍ତ୍ରଣାଠାରୁ ନିଜକୁ ଦୂରେଇ ରଖିପାରିବ ଓ ସହଜରେ ସ୍ୱଚ୍ଛନ୍ଦଭାବେ ନିଜର ଅଗ୍ରଗତି କରିଚାଲିବ । ଧୀରେ ଧୀରେ ସେ ଏପରି ଅବସ୍ଥା ଓ ଶକ୍ତି ପ୍ରାପ୍ତ ହେବ ଯେତେବେଳେ ଦୁଃଖ-ଯନ୍ତ୍ରଣାଠାରୁ ନିଜକୁ ଦୂରେଇ ନ ରଖି ସେସବୁର ସମ୍ମୁଖୀନ ହେବ ଓ ସେସବୁ ସହ ସଂଗ୍ରାମ କରି ସେ ସବୁକୁ ଆନନ୍ଦରେ ରୂପାନ୍ତରିତ କରି ପୃଥିବୀର ଦୁଃଖଯନ୍ତ୍ରଣା ଭାର ଲାଘବ କରିପାରିବ ।

ତେଣୁ ଚାବିକାଠି ରହିଛି ତଳକୁ ନ ଖସି, ଯେଉଁଠି ଅଛୁ ସେଇଠି ନ

ରହି ଆଉ ଏକପାଦ ଉପରକୁ ଉଠିବା । ତା' ହେଲେ ଆମେ ପଶୁର ଅଜ୍ଞତାପୂର୍ଣ୍ଣ ସଚେତନ ଆନନ୍ଦଠାରୁ ଆହୁରି ଏକ ଉଚ୍ଚତର, ଜ୍ଞାନପୂର୍ଣ୍ଣ ସଚେତନ ଆନନ୍ଦ ମଧ୍ୟରେ ବାସ କରିପାରିବା । ସେତେବେଳେ ଆଉ ମାନସ ଭଳି କହିବା ନାହିଁ ''ସବୁ ଦୁଃଖକଷ୍ଟ ମୋ'ରି ଭାଗରେ ।''

ଯାହାହେଉ ବିଚରା ମାନସ ଆଉ ବେକାର ନାହିଁ କି ଦୁଃଖରେ ନାହିଁ । ସେ ଆଉ ଅଯଥା ବାବୁଗିରି ଦେଖାଇବା ଲାଗି ଚାକିରି ଖୋଜିବାରେ ସମୟ ନଷ୍ଟ ନ କରି ନିଜେ ଟିକିଏ ଟିକିଏ ଜାଣିଥିବା ଦରଜି କାମ ଆରମ୍ଭ କରିଛି । ବର୍ତ୍ତମାନ ସେଥିରୁ ବେଶ୍ ଦୁଇପଇସା ରୋଜଗାର ହେଉଛି । ଖାଦ୍ୟ ବସ୍ତ୍ରର ଚିନ୍ତା ଆଉ ନାହିଁ । ସେ ବର୍ତ୍ତମାନ ଆଉ ଜଣେ ସାଧାରଣ କର୍ମୀ ହୋଇ ନାହିଁ, ସେ କର୍ମଯୋଗୀ ପାଲଟି ଗଲାଣି । ଶ୍ରୀଅରବିନ୍ଦଙ୍କ ଯୋଗ ଯାହାକି ତାକୁ ଦୁଃଖଯନ୍ତ୍ରଣାର ଘନ ଅନ୍ଧକାର ମଧ୍ୟରେ ଆଶା ଓ ଆଲୋକର ସନ୍ଧାନ ଦେଇଥିଲା, ତାକୁ ସେ ନିଷ୍ଠାର ସହ ଗ୍ରହଣ କରି ନିଜ ଜୀବନର, କର୍ମର ଓ ଚେତନାର ବିକାଶ କରି ଚାଲିଛି । ପଶୁପକ୍ଷୀଙ୍କ ଚିନ୍ତାଶୂନ୍ୟ, ଦାୟିତ୍ୱଶୂନ୍ୟ, ବେପରୁଆ ଜୀବନ ଦେଖି ସେମାନଙ୍କ ଭଳି ହେବାକୁ ଆଉ ନ ଝୁରି ନିଜର ବର୍ତ୍ତମାନ ଅବସ୍ଥାକୁ ଏକ ଉଚ୍ଚତର ଶକ୍ତି ବଳରେ ଅତିକ୍ରମ କରି ଯିବା ଲାଗି ଚେଷ୍ଟାକରୁଛି । ଖାଲି ଚେଷ୍ଟା କରୁ ନାହିଁ, କେତେକାଂଶରେ ସଫଳ ହେଲାଣି ଓ ପୂର୍ଣ୍ଣରୂପେ ସଫଳ ହେବ ବୋଲି ଦୃଢ଼ ବିଶ୍ୱାସ ଓ ଆଶା ମଧ୍ୟ ରହିଛି । ନିଷ୍କ୍ରିୟ, ଚିନ୍ତିତ ଜୀବନ ଅପେକ୍ଷା ବର୍ତ୍ତମାନର ସକ୍ରିୟ, ସମର୍ପିତ ଜୀବନ ତାକୁ ବେଶ୍ ଶାନ୍ତିମୟ, ପ୍ରଗତିମୟ ବୋଧ ହେଉଛି ।

ମୋ ଭିତରେ ଏତେ ବିରୋଧ !

ଯେଉଁଠି ବିକାଶ, ଯେଉଁଠି ଅଗ୍ରଗତି, ସେଇଠି ଥାଏ ବାଧା, ସେଇଠି ଥାଏ ବିରୋଧ । ବିକାଶ ନାହିଁ କି ଅଗ୍ରଗତି ନାହିଁ ତ ବାଧା ବିରୋଧ ବିଶେଷ ନାହିଁ ।

ଗୋଟିଏ ଛୋଟ ଗାଁର ଏକ ସାଧାରଣ ପରିବାର । ପରିବାରଟିରେ ପିତା, ମାତା, ଭାଇ, ଭଉଣୀ ହୋଇ ୬-୭ ଜଣ ଥାଆନ୍ତି । ଜମି ବିଶେଷ ନ ଥାଏ । ଯାହାକିଛି ଜମି ଥାଏ ସେଥିରେ ବର୍ଷକ ଚଳିବା ବହୁତ କଷ୍ଟ । ଘରକୁ ଲାଗି ଗୋଟିଏ ଛୋଟ ବାଡ଼ି ଥାଏ । ବାଡ଼ିରେ କେଉଁ ଅନାଦିକାଳର ଏକ ବିରାଟ ଅଳିଆ ଗଦା । ଅଳିଆ ଗଦାକୁ ଲାଗି ବିରାଟ ଉଇହୁଙ୍କା ଓ ଚାରିପଟଯାକ ଘାସ ଓ ଅନାବନା ଗଛର ଜଙ୍ଗଲ । ଘରର ସବୁ ଅଳିଆ ସେଇଠି ଆଣି ଜମା କରି ଦେଇ ଯାଆନ୍ତି; କିନ୍ତୁ ଘର ପାଖରେ ଏପରି ଗୋଟିଏ ଅଳିଆଗଦା ରହିବା ଅସୁନ୍ଦର, ଅପକାରୀ ଓ ଅସମୀଚୀନ ବୋଲି କେହି ଦୃଷ୍ଟି ଦେଉ ନ ଥା'ନ୍ତି ।

ଥରେ ଘରର ମାଲିକ ଚାହିଁଥିଲେ ଉଇହୁଙ୍କାଟିକୁ ହାଣି ଦେଇ ଅଳିଆଗଦାର ଖତତକ ନେଇ ଜମିରେ ପକାଇ ଦେଇ ସେ ସ୍ଥାନଟିକୁ ସଫା କରିଦେବାକୁ । କିନ୍ତୁ ଉଇହୁଙ୍କାକୁ ଦୁଇ ଚାରିଥର ହାଣିଛନ୍ତି କି ନାହିଁ ପାଖ ଅଳିଆଗଦାରୁ ଏକ ବିରାଟ ବିଷଧର ସାପ ଫଁ କରି ଫଣା ଟେକି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବାର ଦେଖି ଭୟରେ ସେ ସେହି ସ୍ଥାନ ଛାଡ଼ି ଘରକୁ ଆସିଲେ । ଆଉ ସେଇଦିନଠାରୁ ସେ କିଂବା ଘରର ଅନ୍ୟକେହି ତାକୁ ସଫା କରିବାକୁ ଇଚ୍ଛା କରି ନାହାନ୍ତି କି ସାହସ କରି ନାହାନ୍ତି ।

କିନ୍ତୁ ସବାସାନ ପୁଅଟିର ସ୍ୱଭାବ ଟିକିଏ ଭିନ୍ନ । ପିଲାଟି ଦିନରୁ ତା' ମନରେ ଏକ ସ୍ୱତଃ ସୌନ୍ଦର୍ଯ୍ୟବୋଧ ଥାଏ । ତା'ର ବହିପତ୍ର, ଖାତାପତ୍ର ଗୁଡ଼ାକ ସଜାଡ଼ି ରଖେ । ପ୍ରତି ବହିରେ ସୁନ୍ଦର ମଲାଟ ଦିଏ । ବହି ପଢ଼ିଲା

ବେଳେ ତାକୁ ମୋଡ଼ିମାଡ଼ି; ଭାଙ୍ଗିଭୁଙ୍ଗି ପଢ଼େ ନାହିଁ । ସେଥିରେ ବି ଜୀବନ ଥିଲାପରି ତାକୁ ଖୁବ୍ ସତର୍କତାର ସହ ଧରି ପଢ଼େ । ତା'ର ପୋଷାକପତ୍ର ବିଶେଷ ମୂଲ୍ୟବାନ ନ ହେଲେ ବି ତାକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖେ । ନିଜ କୋଠରି ଭିତରେ ଗୁଡ଼ାଏ ଏଣୁତେଣୁ ଜିନିଷ ରଖେ ନାହିଁ । ଯାହା କିଛି ଥାଏ ତାକୁ ଯଥାସ୍ଥାନରେ ସଜାଡ଼ି ରଖିଥାଏ । କିଛିଦିନ ପରେ ଯଦି ଜିନିଷପତ୍ର ଓ ବହିପତ୍ର ଏପାଖ ସେପାଖ ହୋଇଯାଏ ତେବେ ସେ ତାକୁ ପୁଣି ସଜାଡ଼ି ଦିଏ । ଘର ଭିତରେ ଯାହା ଅଳ୍ପ କିଛି କିଛି ଫଟୋ ଟାଙ୍ଗିଥାଏ ସେ ସବୁକୁ ଦେଖିଲେ ମନରେ କୌଣସି ଅପବିତ୍ରତା ବା ବିକାର ଭାବ ଆସେ ନାହିଁ, ବରଂ ଆସେ ପବିତ୍ରତା, ପ୍ରଶାନ୍ତି ଓ ଏକ ଗଭୀର ସୌନ୍ଦର୍ଯ୍ୟବୋଧ । ବାହାର ପ୍ରତି ଯେପରି ଦୃଷ୍ଟି ଦିଏ ନିଜ ଶରୀର ପ୍ରତି ମଧ୍ୟ ସେହିପରି ଦୃଷ୍ଟି ଦିଏ । ଶରୀରକୁ ଅଯଥା ଦୁର୍ବଳ, ରୋଗାକ୍ରାନ୍ତ ଓ ବିକୃତ କରିବାକୁ ସେ ଚାହେଁନା । ତେଣୁ ପ୍ରତିଦିନ ନିୟମିତ ସେ ନିଜର ପାଠପଢ଼ା ସହ କିଛି କିଛି ଶରୀରଚର୍ଚ୍ଚା କରେ ଓ ଯେଉଁ ଖାଦ୍ୟ ଖାଏ ତାକୁ ଭଲଭାବରେ ପର୍ଯ୍ୟବେକ୍ଷଣ କରେ । ଦେଖେ ଯେଉଁ ଖାଦ୍ୟର ପ୍ରଭାବ ତା'ର ଶରୀର ପ୍ରତି ଅନିଷ୍ଟକର ସେ ଖାଦ୍ୟ ଘରେ ଅନ୍ୟମାନେ ଖାଉଥିଲେ ବି ସେ ନିଜେ ସେଥିରୁ ଦୂରେଇ ରହିବାକୁ ଚେଷ୍ଟା କରେ ।

ଦିନେ ତା'ର ମନ ହେଲା ଘରପାଖରେ ଗୋଟିଏ ସୁନ୍ଦର ଫଳ-ଫୁଲର ବଗିଚା କରିବ । ତେବେ ତାକୁ ସେ ଅଳିଆଗଦା ଇତ୍ୟାଦି ସଫା କରିବାକୁ ହେବ । ଘରେ ଅନ୍ୟମାନଙ୍କୁ ଏକଥା କହିଲା । କିନ୍ତୁ ଅନ୍ୟମାନେ ଏଥିରେ ରାଜି ହେଲେ ନାହିଁ । ସମସ୍ତେ ତାକୁ ଭୟ ଦେଖାଇଲେ । କହିଲେ, ''ବହୁତ ଦିନରୁ ସେ ଅଳିଆଗଦା ସେପରି ରହିଛି । ସେଥିରେ ଅନେକ ଜନ୍ତୁଜୁନ୍ତା ଅଛନ୍ତି । ଥରେ ତାକୁ ସଫା କରିବାକୁ ଯିବା ସମୟରେ ଏକ ଭୟଙ୍କର ସାପ ବାହାରିଲା । ତେଣୁ କ'ଣ ଦରକାର ଏତେ ବିପଦ ଓ ଅସୁବିଧାକୁ ବରଣ କରି ତାକୁ ସଫା କରିବା ? ସେ ଯେପରି ଅଛି ସେହିପରି ଥାଉ ।''

ପିଲାଟିର ମନକୁ କିନ୍ତୁ ଏକଥା ପାଇଲା ନାହିଁ; ସେହି ପୁରାତନ ଅଳିଆଗଦାକୁ ସଫାକରି ସେଠାରେ କିଛି ନୂତନ ସୃଷ୍ଟି କରିବାର ଏକ ଅବ୍ୟକ୍ତ ପ୍ରେରଣା ଓ ଆନନ୍ଦ ସେ ଭିତରେ ଅନୁଭବ କଲା । ଦିନେ ରବିବାର ଛୁଟିରେ କାହାକୁ କିଛି ନ କହି କାମ ଆରମ୍ଭ କରିଦେଲା । ଅଳିଆ ଗଦାରୁ ଯେଉଁବାଟେ ଅଳିଆ ବାହାରକୁ ନେବ ସେଠାରେ ବହୁତ ଘାସ ଓ ଅନାବନା ବୁଦା ଥିଲା । ପ୍ରଥମ ଦିନଟି ସେଇତକ ସଫା କରିବ ବୋଲି ସ୍ଥିର କରି କାମ ଆରମ୍ଭ କରିଦେଲା । କିନ୍ତୁ ଏ କ'ଣ ! ଅଳ୍ପ କିଛି ସଫା କରିଛି କି ନାହିଁ ଦୁଇ ଗୋଡ଼ରେ ଏକ ସଙ୍ଗରେ ତୀବ୍ର ଜ୍ୱାଳା ଅନୁଭବ କଲା । ଦେଖିଲା ବେଳକୁ ଅସଂଖ୍ୟ ଜନ୍ଦା ପିମ୍ପୁଡ଼ି ଗୋଡ଼ରେ ଚଢ଼ି ରାଗରେ ଦଂଶନ କରିବାକୁ ଆରମ୍ଭ କରି ଦେଇଛନ୍ତି । ଅନେକ ଦିନରୁ ସେମାନେ ସେଠାରେ ରହୁଥିଲେ । କିନ୍ତୁ ଯାହାହେଉ ସେତକ ସଫା କରିବ ବୋଲି ସେ ସଂକଳ୍ପବଦ୍ଧ । ଗୋଡ଼ହାତ ଛାଟିପିଟି ଯେ କୌଣସି ମତେ ସେତକ ସଫା କଲା । ଗୋଡ଼ରେ ଜ୍ୱାଳା, ମନରେ ଆନନ୍ଦ ନେଇ ଧୋଇଧାଇ ହୋଇ ଆସି ଚୁପ୍‌କରି ନିଜର ଦୈନନ୍ଦିନ ଅନ୍ୟ କାମରେ ଲାଗିଲା । ଏହିପରି ପ୍ରତିଦିନ ଅଳ୍ପ ଅଳ୍ପ କରି କିଛି କରିବାକୁ ସ୍ଥିର କଲା ।

ତା' ପରଦିନ ଯାଇ ଉପରୁ କିଛି ଅଳିଆ ଆଡ଼େଇ ଭିତର ଖତତକ ନେଇ ଜମିରେ ପକାଇବାକୁ ଉଦ୍ୟମ କଲା । ଉପର ଅଳିଆ ଟିକେ ଏପାଖ ସେପାଖ ହୋଇଗଲା । ସଙ୍ଗେ ସଙ୍ଗେ ଅନୁଭବ କଲା ପିଠିରେ, ମୁହଁରେ, ପେଟରେ ତୀବ୍ର ଦଂଶନର ଜ୍ୱାଳା । ଛାଟି ପିଟି ହୋଇ କିଛି ବାଟ ଫେରିଆସି ଦେଖିଲା ଗୋଟିଏ ବିରୁଡ଼ି ବସା ଭାଙ୍ଗି ଯାଇଥିବାରୁ କ୍ରୋଧରେ ବିରୁଡ଼ିଗୁଡ଼ିକ ତା'କୁ ଗୋଡ଼େଇ କାମୁଡ଼ିବାରେ ଲାଗିଛନ୍ତି । ଯାହାହେଉ ଚେଷ୍ଟା କରି ସେମାନଙ୍କ କବଳରୁ ନିଜକୁ ମୁକ୍ତ କଲା । ସେ ଦିନର କାମ ସେତିକିରେ ବନ୍ଦ ରହିଲା । ଘରେ କାହାରିକୁ କିଛି କହିଲା ନାହିଁ । ମନ ତା'ର ଦବିଗଲା କାର୍ଯ୍ୟରେ ଆଉ ଅଧିକ ଅଗ୍ରସର ହେବାକୁ ।

କିନ୍ତୁ ମନରେ ଏ ସାମୟିକ ନୈରାଶ୍ୟର ଛାଇ ଭିତର ସଂକଳ୍ପର

ତେଜୋଦୀପ୍ତ ଆଲୋକରେ ଉଭେଇ ଗଲା । ତା' ପରଦିନ ଆହୁରି ଆନନ୍ଦରେ ଓ ଖୁବ୍ ସତର୍କତାର ସହିତ କାମ ଆରମ୍ଭ କରିଦେଲା । କିଛି ସମୟ ପରେ ଏକ ସୁସୁ ଶବ୍ଦ ଶୁଣି ଦେଖିଲା ବେଳକୁ ଗୋଟିଏ ବିଷଧର ସାପ ରାଗରେ ଫଣାଟେକି ତାକୁ କାମୁଡ଼ିବାକୁ ଉଦ୍ୟତ । କିଛି ଉପାୟ ନ ପାଇ ପିଲାଟି ହାତରେ ଧରିଥିବା କୋଦାଳଟିରେ ସାପଟିକୁ ଦୁଇଖଣ୍ଡ କରି ହାଣିଦେଲା । ମନରେ ଟିକିଏ ଭୟ ଆସିଲା । ଭଗବାନଙ୍କୁ ସ୍ମରଣ କଲା । ଦେଖିଲା ସେ ଭୟ ପଛରେ ତା'ଠାରୁ ଅଧିକ ଗୁଣରେ ସାହସ, ଉତ୍ସାହ ଓ ଆଗ୍ରହ ଲୁଚି ରହିଛି । ଭୟକୁ ଖାତିର ନ କରି, ତା' ଉପରେ ଏକାଗ୍ର ନ ହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଭିତରର ସେହି ସାହସ, ଉତ୍ସାହ ଓ ଆଗ୍ରହ ଉପରେ ଏକାଗ୍ର ହୋଇ ଦିନପରେ ଦିନ ଅଳ୍ପ ଅଳ୍ପ କରି କାମ କରି ଚାଲିଲା । କ୍ରମାଗତ ଭାବରେ ନିୟମିତ କାମ ଚାଲିବାରୁ ସେ ସ୍ଥାନରେ ଅନ୍ୟ ଯାହାକିଛି ଅନିଷ୍ଟକାରୀ ଜୀବ ଥିଲେ ସେମାନେ ଧୀରେ ଧୀରେ ଆପେ ପଳାଇଗଲେ ।

ପିଲାଟିର ନିଷ୍ଠାର ପ୍ରଭାବ ଘରର ଅନ୍ୟମାନଙ୍କ ଉପରେ ପଡ଼ିଲା । ସେମାନେ ମଧ୍ୟ ଆସି ଆନନ୍ଦରେ ତା' ସହ କାମରେ ସହଯୋଗ କଲେ । କିଛିଦିନ ପରେ ସମସ୍ତ ଅଳିଆ ସଫା ହୋଇଗଲା । ସେ ସ୍ଥାନରେ ହସି ଉଠିଲା ଏକ ସୁନ୍ଦର ଫଳଫୁଲର ବଗିଚା । ଅଳିଆ ଜମା ହେବା ଲାଗି ଗୋଟିଏ ସ୍ୱତନ୍ତ୍ର ସ୍ଥାନ ନିର୍ବାଚିତ ହେଲା । ସେହି ସ୍ଥାନରେ ତାକୁ ଖତ କରି ନେଇ ଜମିରେ ବ୍ୟବହାର କରାଗଲା । ବଗିଚାଟି ହେବା ଫଳରେ ଯେ ଘରର କେବଳ ଆର୍ଥିକ ଉନ୍ନତି ହେଲା ସେତିକି ନୁହେଁ, ତା' ଫଳରେ ଘର ପାଖରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଲା, ଯେଉଁମାନେ ଆଦୌ ଶାରୀରିକ କାର୍ଯ୍ୟ କରୁ ନ ଥିଲେ ଓ ଅନେକ ସମୟ ନିରର୍ଥକ କଥାରେ କଟାଉଥିଲେ ସେମାନଙ୍କୁ କାମ ସହ ଆନନ୍ଦ ବି ମିଳିଲା । ପରୋକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼ିଲା ଓ ନିଜର ଅନ୍ୟାନ୍ୟ କାର୍ଯ୍ୟ କରିବାରେ କର୍ମଠ ଓ ମନୋଯୋଗୀ ହେବା ପାଇଁ ପ୍ରେରଣା ମିଳିଲା । ବିଶୃଙ୍ଖଳିତ ଭାବରେ ଜମା ହୋଇଥିବା ଅଳିଆଗଦା ପରିବର୍ତ୍ତେ ଫଳଫୁଲରେ

ଭରା ସୁନ୍ଦର ବଗିଚାଟିକୁ ଦେଖି ସେମାନଙ୍କ ଚେତନାରେ ଖୁବ୍ ସୁନ୍ଦର ପ୍ରଭାବ ପଡ଼ିଲା ।

ଏଇ କ୍ଷେତ୍ରରେ ପିଲାଟି ଯଦି ପ୍ରଥମେ ଜନ୍ଦା, ପିମ୍ପୁଡ଼ି ଓ ବିରୁଡ଼ିଙ୍କ ଦଂଶନ, ସାପର ଭୟ ତଥା ବିରାଟ ଅଳିଆଗଦାକୁ ଦେଖି ଭୟଭୀତ ଓ ହତାଶ ହୋଇପଡ଼ି କାମ ଛାଡ଼ି ଦେଇଥା'ନ୍ତା ତେବେ ସେ ସ୍ଥାନରେ ଆଜି ଏକ ନୂତନ ସୁନ୍ଦର ଫଳଫୁଲର ବଗିଚା ଦେଖିବାକୁ ମିଳି ନ ଥା'ନ୍ତା ଓ ତା'ର ନିଜର ମଧ୍ୟ ସାହସ, ନିଷ୍ଠା, ଭଗବାନଙ୍କ ଉପରେ ବିଶ୍ୱାସ, କିଛି ନୂତନ ସୃଷ୍ଟି କରିବାର ଉତ୍ସାହ ଆଦି ଗୁଣ ଭୟ, ସନ୍ଦେହ ଓ ଅବିଶ୍ୱାସର କଳା ପରଦାକୁ ଭେଦ କରି ପ୍ରକାଶିତ ହୋଇ ପାରି ନ ଥା'ନ୍ତା । ତେଣୁ ସମସ୍ତ ନୂତନ ସୃଷ୍ଟିପଥରେ ପୁରାତନର ବାଧାବିରୋଧର ସମ୍ମୁଖୀନ ହେବାକୁ ହୁଏ ।

ଆମ ନିଜ ଭିତରର ବିରୋଧ ମଧ୍ୟ ଠିକ୍ ଏଇଭଳି । ଆମ ପୁରାତନ ଚେତନାରେ ତଥା ପ୍ରକୃତିରେ ଯୁଗ ଯୁଗ ଧରି ରହି ଆସିଛନ୍ତି ଅସଂଖ୍ୟ ଜନ୍ଦା, ପିମ୍ପୁଡ଼ି, ବିରୁଡ଼ି, ସାପ, ବିଛା ଆଦି ମାରାତ୍ମକ ଜୀବ ସଦୃଶ କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ସଂକୀର୍ଣ୍ଣତା, ସ୍ୱାର୍ଥପରତା, ଅଜ୍ଞାନତା ତଥା ଅହଂକାର । ସେହିମାନଙ୍କର ଦଂଶନ ଆମ ଭିତରେ ସୃଷ୍ଟିକରେ ହତାଶା, ନୈରାଶ୍ୟ, ଅକ୍ଷମତା, ଦୁର୍ବଳତା ଓ ରୋଗଯନ୍ତ୍ରଣା ଏବଂ ଆମକୁ ନେଇଚାଲେ ମୃତ୍ୟୁର ଅନ୍ଧକାରମୟ ଗହ୍ୱର ମଧ୍ୟକୁ । ଆମେ ଯଦି ଠିକ୍ ସେଇ ପୁରାତନ ଢଙ୍ଗରେ ଚାଲୁ ତେବେ ଜୀବନରେ ବେଶୀ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ ନାହିଁ କି ଆମର ବିକାଶ ବି ହୁଏ ନାହିଁ । କିନ୍ତୁ ଯେତେବେଳେ ଏକ ନୂତନ ଚେତନାର ସ୍ପର୍ଶରେ ପୁରାତନକୁ ଶୁଦ୍ଧ କରିବାକୁ ଉଦ୍ୟମ ଆରମ୍ଭ କରିଦେଉ ସେତେବେଳେ ସେହି ମାରାତ୍ମକ ଜୀବମାନଙ୍କର ଜ୍ୱାଳାମୟୀ ଦଂଶନର ସମ୍ମୁଖୀନ ହେବାକୁ ହୁଏ । ସେଇ ସମୟରେ ବ୍ୟସ୍ତ, ବିଚଳିତ ଓ ନିରାଶ ନ ହେବାକୁ ସଂକଳ୍ପ କରି ଯିଏ ଏହି ପୁରାତନ ଚେତନାକୁ ରୂପାନ୍ତର କରି ନୂତନ ଚେତନା ସୃଷ୍ଟି ନିମନ୍ତେ କାର୍ଯ୍ୟ କରୁଛନ୍ତି ଓ ଆମକୁ ସେହି

ନୂତନ ଚେତନା, ଆଲୋକ, ଶକ୍ତି, ଜ୍ଞାନ ଓ ପ୍ରେରଣା ଯୋଗାଉଛନ୍ତି ଓ ଯାହାଙ୍କ ଚରଣରେ ଆମେ ସମର୍ପିତ ସେଇ ମା'ଙ୍କ ନାମ ସ୍ମରଣ କରି ତାଙ୍କରି ପ୍ରତି ନିଜକୁ ଅନ୍ତରରେ ଉନ୍ମୀଳିତ ରଖି ଶାନ୍ତ, ସ୍ଥିର ଅବିଚଳିତ ରହୁ ତେବେ ବାଧା ଚାଲିଯାଏ । ସମୟ ନିର୍ଭର କରେ ବ୍ୟକ୍ତିର ଅଭୀପ୍ସାର ତୀବ୍ରତା ଉପରେ । ଗୋଟିଏ ବାଧା ଚାଲିଯିବା ପରେ ପୂର୍ବ ଅପେକ୍ଷା ଶକ୍ତି, ଉତ୍ସାହ ଓ ସାମର୍ଥ୍ୟ ବହୁତ ବଢ଼ିଯାଏ ।

କିନ୍ତୁ ଥରେ ଗୋଟିଏ ବାଧା ଚାଲିଗଲେ ଯେ ଆଉ ଆସିବ ନାହିଁ ତା' ନୁହେଁ । ନିଜ ପ୍ରକୃତିରେ ସେଇ ବାଧା ପ୍ରତି ଯେତେଦିନ ପର୍ଯ୍ୟନ୍ତ ଗ୍ରହଣଶୀଳତା ଅଛି ତାହା ପରୀକ୍ଷା କରିବା ଲାଗି ବାରଂବାର ଆସୁଥିବ । ଗୋଟିଏ ବାଧା ଚାଲିଯିବା ପରେ ଆଉ ଅନ୍ୟ ପ୍ରକାର ବାଧା ଆସିବ । ପ୍ରକୃତି ସଂପୂର୍ଣ୍ଣରୂପେ ନୂତନ ତତ୍ତ୍ୱ, ନୂତନ ଚେତନାରେ ରୂପାନ୍ତରିତ ନ ହେବା ପର୍ଯ୍ୟନ୍ତ ବାଧା ରହିବ । କିଛି କାଳ ପାଇଁ ବାଧା ଚାଲିଗଲେ ବି ପରେ ଭିନ୍ନ ରୂପରେ ଆସିବ । କାରଣ ମା' କହନ୍ତି ଆମର ଯେଉଁ ବିକାଶର ପଥ ତାହା ସ୍ପ୍ରିଙ୍ଗ୍ ଭଳି ମୋଡ଼ି ମୋଡ଼ି ହୋଇ (in a spiral way)ଉପରକୁ ଉଠିଛି । ତା'ର ଗୋଟିଏ ପାଖ ଅନ୍ଧକାର ତ ଅନ୍ୟ ପାଖଟି ଆଲୋକିତ । ଆମେ ଯେତେବେଳେ ଅଗ୍ରଗତି କରୁ ସେତେବେଳେ ଆଲୋକରୁ ବି ପୁଣି ଅନ୍ଧକାର ଭିତର ଦେଇ ଯିବାକୁ ହୁଏ । ସେତିକିବେଳେ ଆମକୁ ଲାଗେ ଆମର ପତନ ହୋଇଗଲା । ପୂର୍ବେ ମୁଁ ବହୁତ ଭଲ ଥିଲି । ଏବେ ନଷ୍ଟ ହୋଇଗଲି । ଆଉ ଜୀବନରେ ଉତ୍‌ଥାନର କୌଣସି ଆଶା ନାହିଁ । କିନ୍ତୁ ଯଥାର୍ଥରେ ଘଟଣାଟି ତାହା ନୁହେଁ । ସେହି ଅନ୍ଧକାରମୟ ପଥତକ ଯେତେବେଳେ ଟପିଯିବୁ ଆହୁରି ଉଚ୍ଚତର ଆଲୋକର ସ୍ତରରେ ଆମେ ପହଞ୍ଚିବୁ । ତେଣୁ ବ୍ୟସ୍ତ ନ ହୋଇ ଧୀର ଶାନ୍ତ ଭାବରେ ସେ ଅବସ୍ଥାକୁ ମା'ଙ୍କୁ ସମର୍ପଣ କରି ଅପେକ୍ଷା କରିବାକୁ ହେବ । କାରଣ ଆମ ନିଜର ସୀମିତ ଶକ୍ତିବଳରେ ଆମେ କୌଣସି ପ୍ରତିବନ୍ଧକକୁ ଅତିକ୍ରମ କରିପାରିବୁ ନାହିଁ । କେବଳ ମା'ଙ୍କର ଦିବ୍ୟ ଶକ୍ତିର ସ୍ପର୍ଶହିଁ ଆମକୁ ସବୁକିଛିକୁ ଅତିକ୍ରମ

କରାଇନେବ । ତେଣୁ ପ୍ରତିବନ୍ଧକ ଯେତେ ବିରାଟ ହେଲେ ବି ନିରାଶ ହେବାର କୌଣସି କାରଣ ନାହିଁ; କାରଣ ମା'ଙ୍କ ଶକ୍ତି ତା'ଠାରୁ ବିରାଟତର । କେବଳ ତାଙ୍କରି ଶକ୍ତି ଉପରେ ଅବିଚଳିତ ବିଶ୍ୱାସ ରଖି ଲାଗି ରହିବାକୁ ହେବ ।

ଶେଷରେ ବାଧା ବିପତ୍ତି ସଂପର୍କରେ ମା'ଙ୍କର ଏକ ସୁନ୍ଦର ବାଣୀ ପଢ଼ି ଶେଷ କରିବା :

''For everytime you want to realise something the first difficulty that you meet is the opposition from all that has not active before and now awakes to offer resistance. All that does not want to acqui-esce in this change, naturally wakes up and revolts, but that has no importance....when you want to make a progress, the difficulty you wished to conquer increases tenfold in importance and intensity in your consciousness. You have only to persevere. That is all, it will pass away.''

ଅର୍ଥାତ୍, ''ପ୍ରତ୍ୟେକ ଥର ତୁମେ ଯେତେବେଳେ କିଛି ଉପଲବ୍ଧି କରିବାକୁ ଇଚ୍ଛା କର ସେତେବେଳେ ପ୍ରଥମ ଅସୁବିଧା ସ୍ୱରୂପ ଯେଉଁ ବିରୋଧର ସମ୍ମୁଖୀନ ହୁଅ ତାହା ହେଉଛି ପ୍ରକୃତି ଭିତରେ ପୂର୍ବରୁ ଯାହା ସକ୍ରିୟ ନ ଥିଲେ ବର୍ତ୍ତମାନ ସେସବୁ ଜାଗ୍ରତ ହୋଇ ପ୍ରତିବନ୍ଧକ ସୃଷ୍ଟି କରନ୍ତି । ଏହି ପରିବର୍ତ୍ତନକୁ ବିନା ଆପତ୍ତିରେ ଯେଉଁମାନେ ଗ୍ରହଣ କରିନେବାକୁ ଚାହାନ୍ତି ନାହିଁ, ସ୍ୱାଭାବିକଭାବେ ସେଇମାନେ ଉଠି ବିଦ୍ରୋହ କରିଥା'ନ୍ତି, କିନ୍ତୁ ଏହାର କୌଣସି ଗୁରୁତ୍ୱ ନାହିଁ... । ଯେତେବେଳେ ଏକ ଅଗ୍ରଗତି ନିମନ୍ତେ ତୁମେ କୌଣସି ବାଧାବିପତ୍ତି ଉପରେ ବିଜୟ ହାସଲ କରିବାକୁ ଚାହଁ ସେତେବେଳେ ତୁମ ଚେତନାରେ ତାହାର ଗୁରୁତ୍ୱ ଓ ତୀବ୍ରତା ଦଶଗୁଣ ବଢ଼ିଯାଏ । ତୁମକୁ କେବଳ ଲାଗି ରହିବାକୁ ହେବ । ସେତିକି ଯଥେଷ୍ଟ, ଏ ଅବସ୍ଥା ପୁଣି ଚାଲିଯିବ ।''

ପାଠଚକ୍ର କ'ଣ ଓ ଆମେ ସେଥିରେ କାହିଁକି ଯୋଗଦେବୁ ?

ପାଠଚକ୍ର ଅନେକ ବିଷୟ ଉପରେ ଅନେକ ଧରଣର ହୋଇପାରେ । ତୁମେ ଏଠାରେ କେଉଁ ପାଠଚକ୍ର କଥା କହୁଛ ? ଯଦି ଶ୍ରୀଅରବିନ୍ଦ ପାଠଚକ୍ର କଥା କହୁଥାଅ ତେବେ ସେଇକଥା ଆଲୋଚନା କରିବା ।

ମଧୁଚକ୍ର ଦେଖିଛ ? ମହୁଫେଣା । ବାଡ଼ିବଗିଚାର କିଂବା ବଣଜଙ୍ଗଲର ଗଛ ଡାଳରେ ମହୁମାଛିମାନେ ତାଙ୍କରି ଏହି ଫେଣା ତିଆରି କରିଥାଆନ୍ତି । ଏବେ କାଠବାକ୍ସରେ ବି ଲୋକମାନେ ମହୁମାଛିଙ୍କ ସାହାଯ୍ୟରେ ତାହା ତିଆରି କରାଇ ପାରୁଛନ୍ତି । ମହୁମାଛିମାନେ ଇଚ୍ଛା କଲେ ଅନ୍ୟାନ୍ୟ କୀଟପତଙ୍ଗଙ୍କ ଭଳି ବ୍ୟକ୍ତିଗତ ଭାବେ ନିଜର ଖାଦ୍ୟ ଆହରଣ, ବଂଶବିସ୍ତାର ଆଦି କରି ଜୀବନ କଟାଇ ପାରନ୍ତେ । କିନ୍ତୁ ସେମାନେ ଚାହାନ୍ତି ଏକ ସମଷ୍ଟିଗତ, ଗୋଷ୍ଠୀଗତ ନୂତନ ସୃଷ୍ଟି । ସେଇଥି ଲାଗି ସେମାନେ ସମସ୍ତେ ମିଳି ଫେଣାଟିଏ ରଚନା କରନ୍ତି । ବ୍ୟକ୍ତିଗତ ଭାବେ ଫୁଲରୁ ମଧୁ ଆହରଣ କରିଆଣି ଫେଣାରେ ଜମା କରନ୍ତି । ଫେଣାକୁ ଆସିଗଲେ ଆଉ ବ୍ୟକ୍ତିଗତ ଭାବ ରହେ ନାହିଁ । ଯୁଆଡ଼େ ଯାଆନ୍ତୁ, ଯାହା କରନ୍ତୁ, ସମସ୍ତଙ୍କର ସେହି ଗୋଟିଏ ଲକ୍ଷ୍ୟ– ଅଧିକରୁ ଅଧିକ ମଧୁ ସଞ୍ଚୟ କରି ଫେଣାକୁ ବୃଦ୍ଧି କରିବା । ସେମାନଙ୍କ ମଧ୍ୟରେ ଥିବା ଗୋଷ୍ଠୀବଦ୍ଧ ଜୀବନ, ଐକ୍ୟ ଓ ସୁସଙ୍ଗତି ଯୋଗୁଁ ଅନ୍ୟ କୌଣସି ବନ୍ୟ ଜୀବଜନ୍ତୁ ସେମାନଙ୍କ ନୂତନ ସୃଷ୍ଟିରେ ବାଧା ଦେଇ ପାରନ୍ତି ନାହିଁ କିଂବା ସେମାନଙ୍କ ସଂଗୃହୀତ ମଧୁକୁ ଅପହରଣ କରିପାରନ୍ତି ନାହିଁ । ଗୁଣୁଗୁଣୁ ଗୀତ ଗାଇ ଦୁନିଆର ଅନ୍ୟ କୌଣସି କଥା ପ୍ରତି ଭ୍ରୂକ୍ଷେପ ନ କରି, ନଜର ନ ଦେଇ ନିଜର ନୂତନ ମଧୁର ସୃଷ୍ଟି ରଚନାରେ ଲାଗି ଥାଆନ୍ତି ।

ପାଠଚକ୍ର ବି ଠିକ୍ ଏଇ ମଧୁଚକ୍ର ଭଳି । ପାର୍ଥକ୍ୟ ହେଉଛି ମଧୁଚକ୍ରର

ମଧୁମକ୍ଷିକା ବାହାରୁ ମଧୁ ସଂଗ୍ରହ କରିଆଣି ତା'ର ଚକ୍ରରେ ଜମା କରି ଏକ ନୂତନ ମଧୁର ସୃଷ୍ଟି ରଚନା କରେ; କିନ୍ତୁ ପାଠଚକ୍ରର ସଭ୍ୟ ପାଠଚକ୍ରରୁ ମଧୁ ଆହରଣ କରିଆଣି ତା'ର ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନରେ ତାକୁ ବ୍ୟବହାର କରି ଏକ ନୂତନ ମଧୁର ସୃଷ୍ଟି ରଚନାରେ ସହାୟତା କରେ । ଫୁଲର ମଧୁ ସୀମିତ; ପାଠଚକ୍ରର ମଧୁ ଅମାପ, ଅସରନ୍ତି । ଏହା ଅବାରିତ ଧାରାରେ ଊର୍ଦ୍ଧ୍ୱରୁ ଝରିଥାଏ ଓ ଅନ୍ତରରୁ ଉତ୍ସାରିତ ହୋଇଥାଏ । ସେ ମଧୁ ସ୍ଥୂଳ, ଦୃଶ୍ୟମାନ୍; ଏ ମଧୁ ଦିବ୍ୟ, ସୂକ୍ଷ୍ମ । କିନ୍ତୁ ଏ ମଧୁ ଆହରଣ ଓ ନୂତନ ସୃଷ୍ଟି ଏତେ ସହଜ ନୁହେଁ । ଏଥିଲାଗି ମହୁମାଛି ଭଳି ଅନ୍ୟ ସବୁକଥା ଭୁଲି ନିରନ୍ତର ସେଇ କାର୍ଯ୍ୟରେ ଲାଗିବାକୁ ହେବ, ତାହାରି ଉପରେ ଏକାଗ୍ର ହେବାକୁ ହେବ; ନିଜର ବ୍ୟକ୍ତିଗତ ଅହଂକାର, ଅଧିକାରବୋଧ, ଆତ୍ମବଡ଼ିମାକୁ ଜଳାଞ୍ଜଳି ଦେଇ ଆନନ୍ଦରେ ମହୁମାଛି ଭଳି ଆଗପଛକୁ ବିଚାର ନ କରି କାର୍ଯ୍ୟରେ ଲାଗିବାକୁ ହେବ । ମଧୁ ସଂଗ୍ରହ କରିବା, ମଧୁ ସଞ୍ଚୟ କରିବା, ମଧୁଚକ୍ର ରଚନା କରିବା, ଏଇଥିରେହିଁ ମହୁମାଛିର ଆନନ୍ଦ । ମହୁର ଅଧିକାରୀ କିଏ ହେବ, ତାକୁ କିଏ ପ୍ରଶଂସା କରୁଛନ୍ତି କି ନିନ୍ଦା କରୁଛନ୍ତି ସେଥିପ୍ରତି ତା'ର ଭ୍ରୂକ୍ଷେପ ନ ଥାଏ । ନୂତନ ମଧୁର ସୃଷ୍ଟି ରଚନାରେହିଁ ତା'ର ଆନନ୍ଦ ।

ପାଠଚକ୍ରର ସାଧାରଣ ଅର୍ଥ ହେଉଛି, ଯେଉଁଠି କୌଣସି ବିଷୟ ପାଠ କରାଯାଇ ଆଲୋଚନା କରାଯାଏ । ଏଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ଅର୍ଥ ହେଉଛି, ଯେଉଁଠି ଧ୍ୟାନ, ପ୍ରାର୍ଥନା, ନୀରବତା ଆଦି ସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗସାଧନା ସମ୍ବନ୍ଧୀୟ ପୁସ୍ତକ ପାଠ କରାଯାଇ ଆଲୋଚନା କରାଯାଏ ଓ ଏହି ଯୋଗର ଆଦର୍ଶକୁ ସାମୂହିକ କର୍ମ କ୍ଷେତ୍ରରେ ପ୍ରୟୋଗ କରିବାର ଯୋଜନା ଓ ସିଦ୍ଧାନ୍ତ ଆଦି ଗ୍ରହଣ କରାଯାଏ ।

ତା'ପରେ ପ୍ରଶ୍ନ ଉଠେ, ପାଠଚକ୍ରରେ ଆମେ କାହିଁକି ଯୋଗ ଦେବୁ ? ଠିକ୍ ଏହିଭଳି ପ୍ରଶ୍ନ ଆମ ଦେଶ ସ୍ୱାଧୀନ ହେବା ପୂର୍ବରୁ ସ୍ୱାଧୀନତା ପାଇଁ ଆନ୍ଦୋଳନ ହେବା ସମୟରେ ଲୋକମାନଙ୍କ ମନରେ ଉଠିଥିବ :

ସ୍ୱାଧୀନତା କ'ଣ ? ଆମେ ସେଥିଲାଗି ଆନ୍ଦୋଳନରେ କାହିଁକି ଯୋଗ ଦେବୁ ? ଯେତେବେଳେ କୌଣସି ଏକ ମହାନ୍ ନୂତନ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହୁଏ ସେତେବେଳେ ତାହାକୁ କାର୍ଯ୍ୟକାରୀ କରିବା ନିମିତ୍ତ ଆବଶ୍ୟକ ଗୋଷ୍ଠୀ ଓ ଅନୁଷ୍ଠାନ ସବୁ ଗଢ଼ି ଉଠେ । ସେହି ନୂତନ ପରିବର୍ତ୍ତନଟି ଆସିସାରିଲେ ଯଦି ଦରକାର ହୁଏ ତ ସେସବୁ ଗୋଷ୍ଠୀ ଓ ଅନୁଷ୍ଠାନ ରହେ, ନଚେତ୍ ଲୋପପାଏ । ଅନୁଷ୍ଠାନ ଆମର ଲକ୍ଷ୍ୟ ନୁହେଁ । ଅନୁଷ୍ଠାନ ଆମେ ଗଠନ କରିଥାଉ ଆବଶ୍ୟକ ପରିବର୍ତ୍ତନ ବା ଲକ୍ଷ୍ୟ ହାସଲ ନିମିତ୍ତ ।

ଏହି ନୂତନ ବୈପ୍ଳବିକ ପରିବର୍ତ୍ତନ ଆସିବାର ସୂଚନା ସମସ୍ତେ ପାଇ ନ ଥାନ୍ତି, କେବଳ ଭବିଷ୍ୟତ୍ ଦ୍ରଷ୍ଟା ମହାପୁରୁଷମାନେହିଁ ତା'ର ସନ୍ଧାନ ପାଇଥା'ନ୍ତି । ସେଇମାନେ ବ୍ୟକ୍ତି ପ୍ରାଣରେ, ଦେଶ ପ୍ରାଣରେ, ସମଗ୍ର ମାନବଜାତି ପ୍ରାଣରେ ସେହି ନୂତନ ବିପ୍ଳବ ନିମନ୍ତେ ଜ୍ଞାନ, ପ୍ରେରଣା ଓ ଉତ୍ସାହ ସଞ୍ଚାର କରନ୍ତି । ଏହିଭଳି ଘଟନା ସ୍ୱାଧୀନତା ପୂର୍ବରୁ ଆମ ଦେଶରେ ହୋଇଥିଲା । ବିପ୍ଳବର ବାଣୀ ପ୍ରଚାର ଲାଗି ଓ ବିପ୍ଳବର ଆଦର୍ଶକୁ ସଫଳ କରିବା ଲାଗି ଦେଶସାରା ବୈପ୍ଳବିକ ସଂସ୍ଥାସବୁ ଗଢ଼ି ଉଠିଥିଲା । ଫଳରେ ଦେଶ ସ୍ୱାଧୀନ ହେଲା ।

ସେତେବେଳେ ଆମ ମନରେ ଯେପରି ପ୍ରଶ୍ନ ଉଠିଥିଲା : ସ୍ୱାଧୀନତା କ'ଣ ? ଏଥିଲାଗି ଆନ୍ଦୋଳନରେ ଆମେ କାହିଁକି ଯୋଗ ଦେବୁ ? ବର୍ତ୍ତମାନ ଠିକ୍ ସେହିପରି ପ୍ରଶ୍ନ ଆସୁଛି ପାଠଚକ୍ର କ'ଣ, ଆମେ ସେଥିରେ କାହିଁକି ଯୋଗଦେବୁ ? ଏ ପ୍ରଶ୍ନ ଉଠିବା ଅର୍ଥ ସୂଚାଇ ଦେଉଛି ଯେ ପାଠଚକ୍ରର ଆବଶ୍ୟକତା ଅନିବାର୍ଯ୍ୟରୂପେ ବ୍ୟକ୍ତି ନିଜ ଭିତରେ ଅନୁଭବ କଲାଣି; କିନ୍ତୁ ତା'ର ବାହ୍ୟ ମନ ଏସବୁକୁ ବୁଝିପାରୁ ନାହିଁ । କୌଣସି କଥା ଲାଗି ଭିତରେ ଆଗ୍ରହ ନ ଆସିଲେ ବ୍ୟକ୍ତି କେବେ ସେ ସମ୍ବନ୍ଧେ ପ୍ରଶ୍ନ ପଚାରେ ନାହିଁ ।

ଯାହାହେଉ, ଆମେ ସାଧାରଣ ମଣିଷ; ଆମ ମନରେ ଏ ପ୍ରଶ୍ନ ସବୁବେଳେ ଉଠେ ଓ ଉଠିବା ସ୍ୱାଭାବିକ । କାରଣ ଆମର ଯୁଗସ୍ରଷ୍ଟା

ମହାପୁରୁଷଙ୍କ ଭଳି ସେ ଦିବ୍ୟ ଦୃଷ୍ଟି ନ ଥାଏ ଯାହା ବଳରେ ଯେଉଁ ମହାନ୍ ପରିବର୍ତ୍ତନର ମୁହୂର୍ତ୍ତ ଆସେ ତା' ଆମେ ଦେଖି ପାରିବୁ ଓ ବିନା ବାକ୍ୟବ୍ୟୟରେ ସେଥିରେ ଯୋଗ ଦେବୁ । ବର୍ତ୍ତମାନ ସେଭଳି ଏକ ମହାନ୍ ପରିବର୍ତ୍ତନର ମୁହୂର୍ତ୍ତ ଆସନ୍ନ । ଗୋଟିଏ ପୁରାତନ ଯୁଗ ବିଦାୟ ନେଇ ଏକ ନୂତନ ଯୁଗ ସ୍ଥାନ ଗ୍ରହଣ କରୁଛି । ଯାହାକୁ ପୁରାଣରେ ଆମେ କହୁ କଳିଯୁଗ (ଯାହା ମିଥ୍ୟା, ଅଚେତନ, ଅନ୍ଧକାର, ଦୁଃଖକଷ୍ଟ, ରୋଗ, ଜରା, ମୃତ୍ୟୁ ଆଦି ବିଭୀଷିକାରେ ପୂର୍ଣ୍ଣ) ତାହା ବିଦାୟ ନେଇ ସତ୍ୟଯୁଗ (ଯାହା ସତ୍ୟ, ଚେତନା, ଆଲୋକ, ଆନନ୍ଦ, ଚିରଯୌବନ ଓ ଅମରତ୍ୱରେ ପୂର୍ଣ୍ଣ) ଆସୁଛି । ଏଥିଲାଗି ମଣିଷର ପୁରାତନ ପ୍ରକୃତି, ଯାହାକି ତାକୁ ସତ୍ୟଠାରୁ, ଆଲୋକଠାରୁ, ଆନନ୍ଦଠାରୁ, ଅମରତ୍ୱଠାରୁ ଦୂରରେ ରଖୁଛି ତାହାର ରୂପାନ୍ତର ଘଟି ତା' ମଧ୍ୟରେ ଏକ ନୂତନ ଦିବ୍ୟ ପ୍ରକୃତିର ବିକାଶ ଆବଶ୍ୟକ । ଏହି ମହାନ୍ ରୂପାନ୍ତର ଲାଗି ଯେଉଁ ମହାନ୍ ନୂତନ ଶକ୍ତିର ଆବଶ୍ୟକ ତାହା ମା'ଶ୍ରୀଅରବିନ୍ଦ ତାଙ୍କ ସାଧନା ବଳରେ ଏହି ପୃଥିବୀପୃଷ୍ଠକୁ ଉତାରି ଆଣିଛନ୍ତି ଓ ତା'ର ନାମ ଦେଇଛନ୍ତି ଅତିମାନସ ଶକ୍ତି । ସେଇମାନେ ସେମାନଙ୍କ ଦିବ୍ୟଦୃଷ୍ଟିରେ ଦେଖି ପାରିଛନ୍ତି ଏହି ନୂତନ ଯୁଗର ଆଗମନୀ ଓ ସେଥିଲାଗି ଆବଶ୍ୟକ ଶକ୍ତି ଉତାରି ଆଣି ଆବଶ୍ୟକ କର୍ମ କରି ଚାଲିଛନ୍ତି । ମଣିଷଜାତିର ହୃଦୟରେ ଏଇ ନୂତନ ଯୁଗର ଆଗମନୀର ସଙ୍କେତ ସେଇ ମା'ଶ୍ରୀଅରବିନ୍ଦହିଁ ସଞ୍ଚାର କରିଛନ୍ତି । ଏସବୁ ପାଠଚକ୍ର, ଛାତ୍ରସମାଜ ଆଦି ସେଇ ମହାନ୍ ବାଣୀର ପ୍ରସାର ନିମନ୍ତେ ଓ ତାକୁ ସକ୍ରିୟ ରୂପ ଦେବା ନିମନ୍ତେ ସୃଷ୍ଟ ।

ପାଠଚକ୍ରରେ ଧ୍ୟାନ, ପ୍ରାର୍ଥନା, ନୀରବତା ସହ ସେଇ ମା'ଶ୍ରୀଅରବିନ୍ଦଙ୍କ ଯୋଗସାଧନା ସମ୍ବନ୍ଧୀୟ ପୁସ୍ତକ ପାଠ କରାଯାଏ, ଆଲୋଚନା କରାଯାଏ ଓ ତାକୁ ବ୍ୟକ୍ତିଗତ ଜୀବନ ତଥା ସମଷ୍ଟିଗତ ଜୀବନରେ କିପରି ରୂପାୟିତ କରିବାକୁ ହେବ ତାହାର ବ୍ୟବସ୍ଥା କରାଯାଏ । ଏଇ ପାଠଚକ୍ରକୁ କେନ୍ଦ୍ର କରି ଭବିଷ୍ୟତ୍ ଯୁଗର ଉପଯୋଗୀ ଏକ ନୂତନ ସାମାଜିକ ଚେତନା ବାତାବରଣରେ ଖେଳିଯାଏ, ଯାହା ଯୁଗ ଯୁଗ ଧରି

ପୁରାତନ ଅନ୍ଧକାର ଗହ୍ୱରରେ ଶଢୁଥିବା ବ୍ୟକ୍ତିକୁ ନୂତନ ଆଲୋକ, ନୂତନ ପଥ, ନୂତନ ଜୀବନର ସନ୍ଧାନ ଦିଏ । ଶିକ୍ଷା, କୃଷି, ଶିଳ୍ପ, ବାଣିଜ୍ୟ, ଚିକିତ୍ସା ଆଦି ଜୀବନର ସକଳ ବିଭାଗ ନୂତନ ଭାବରେ ସଂଗଠିତ ହୋଇ ଜୀବନକୁ ନୂତନ ଅର୍ଥ ପ୍ରଦାନ କରେ ଓ ଭବିଷ୍ୟତର ନୂତନ ସୃଷ୍ଟି ଦିଗରେ ବ୍ୟକ୍ତିକୁ ଓ ସମାଜକୁ ବିକଶିତ କରାଇ ନେଇଚାଲେ । ତେଣୁ ଯେଉଁମାନେ ଚାହାନ୍ତି ଏକ ନୂତନ ଜୀବନ, ନୂତନ ଚେତନା, ନୂତନ ସୃଷ୍ଟି, ସେମାନଙ୍କ ଲାଗି ପାଠଚକ୍ରରେ ନିଷ୍ଠାର ସହ ଯୋଗଦାନ କରିବା ଏକାନ୍ତ ଆବଶ୍ୟକ ।

ଯୋଗସାଧନା ପାଠଚକ୍ର ବିନା ମଧ୍ୟ କରାଯାଇପାରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ ଭିନ୍ନ ଓ ବର୍ତ୍ତମାନ କାଳ ମଧ୍ୟ ଭିନ୍ନ । ବର୍ତ୍ତମାନ ଖାଲି ବଣ ଜଙ୍ଗଲକୁ ସନ୍ନ୍ୟାସୀ ହୋଇ ଯାଇ ବ୍ୟକ୍ତିଗତ ଭାବେ ଭଗବାନଙ୍କୁ ଉପଲବ୍ଧି କରି ସନ୍ତୁଷ୍ଟ ହୋଇଗଲେ ଚଳିବ ନାହିଁ । ବର୍ତ୍ତମାନ ଏକ ମହାନ୍ ସମଷ୍ଟିଗତ, ଗୋଷ୍ଠୀଗତ ପରିବର୍ତ୍ତନର ସମୟ, ଯେଉଁଥିରେ ସମଗ୍ର ଜଗତରେ ଏକ ନୂତନ ଯୁଗ ଆସିବ, ଏକ ନୂତନ ଦିବ୍ୟ ମାନବଜାତି ପ୍ରତିଷ୍ଠିତ ହେବ । ଏଥିଲାଗି ଖାଲି ବ୍ୟକ୍ତିଗତ ମୁକ୍ତି ଓ ମୋକ୍ଷରେ ଚଳିବ ନାହିଁ, ସମୂହ ଭାବରେ ସାଧନା କରିବାକୁ ହେବ । ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିଗତ ହେବା ସଙ୍ଗେ ସଙ୍ଗେ ସମଷ୍ଟିଗତ ମଧ୍ୟ । ସେଥିପାଇଁ ପାଠଚକ୍ର ଗୁଡ଼ିକର ଗଠନ ଅନିବାର୍ଯ୍ୟରୂପେ ଦେଖା ଦେଇଛି ।

ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ ସିଦ୍ଧି ନିମିତ୍ତ, ସେହି ନୂତନ ଯୁଗର ଆଗମନୀ ନିମିତ୍ତ ଆମ୍ଭମାନଙ୍କୁ ଯେଉଁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ହେବ ସେ ସମ୍ବନ୍ଧେ ମା' କହିଛନ୍ତି :

(୧) ପ୍ରତ୍ୟେକଙ୍କୁ ବ୍ୟକ୍ତିଗତଭାବେ ନିଜ ମଧ୍ୟରେ ଭଗବାନଙ୍କ ଉପସ୍ଥିତି ସମ୍ବନ୍ଧରେ ସଚେତନ ହେବାକୁ ହେବ ଏବଂ ତାହା ସହିତ ଏକତ୍ୱ ଲାଭ କରିବାକୁ ହେବ ।

(୨) ଆଧାରର ସେହି ସକଳ ଅବସ୍ଥାକୁ ତାହାର ଯଥାର୍ଥ ବ୍ୟଷ୍ଟିରୂପ ଦେବାକୁ ହେବ ଯାହା ଏପର୍ଯ୍ୟନ୍ତ ତାହା ମଧ୍ୟରେ ସଚେତନ ହୋଇ ନାହିଁ

ଏବଂ ଏହା ଦ୍ୱାରା ଏହି ପୃଥିବୀକୁ ସଂଯୁକ୍ତ କରିବାକୁ ହେବ ଏକ ବା ତତୋଽଧିକ ବିଶ୍ୱଗତ ଶକ୍ତିର ଉତ୍ସ ସଙ୍ଗେ ଯାହା ଏ ପର୍ଯ୍ୟନ୍ତ ପୃଥିବୀରେ ପ୍ରକାଶିତ ହୋଇ ନାହିଁ ।

(୩) ପୁନର୍ବାର ଏହି ପୃଥିବୀରେ, ଆଧୁନିକ ଯୁଗର ଅନୁକୂଳ ଏକ ନୂତନ ରୂପରେ ସେହି ଶାଶ୍ୱତ ବାଣୀ ପ୍ରଚାର କରିବାକୁ ହେବ । ଏହାହିଁ ହେବ ସକଳ ମାନବିକ ଜ୍ଞାନର ସମନ୍ୱୟ ।

(୪) ଗୋଟିଏ ପବିତ୍ର କ୍ଷେତ୍ରରେ ସମଷ୍ଟିଗତ ଭାବେ ନୂତନ ମାନବ ଜାତିର— ଯେଉଁ ମାନବଜାତିକୁ ଭଗବାନଙ୍କର ସନ୍ତାନ ପ୍ରସ୍ଫୁରଣ ନିମିତ୍ତ ଏକ ଆଦର୍ଶ ସମାଜ ସ୍ଥାପନ କରିବାକୁ ହେବ ।

★

''ଏହି ପାର୍ଥିବ ରୂପାନ୍ତର ଓ ସମନ୍ୱୟ ସାଧନ ଦ୍ୱିବିଧ ଉପାୟ ଦ୍ୱାରା ସାଧିତ ହୋଇପାରେ— ଯଦିଓ ଏହି ଦୁଇଟି ଉପାୟ ଦୃଶ୍ୟତଃ ପରସ୍ପର ବିରୋଧୀ ତଥାପି ଉଭୟକୁ ମିଳାଇ ଦେବାକୁ ହେବ । ଉଭୟେ ପରସ୍ପର ଉପରେ କ୍ରିୟାଶୀଳ ହେବେ ଏବଂ ପରସ୍ପରକୁ ପୂର୍ଣ୍ଣତା ପ୍ରଦାନ କରିବେ :

(୧) ବ୍ୟକ୍ତିଗତ ରୂପାନ୍ତର : ଏକ ଆନ୍ତର ବିକାଶ ଯାହା ଦିବ୍ୟ ସାନ୍ନିଧ ସଙ୍ଗେ ଏକତ୍ୱ ଆଣିଦେବ ।

(୨) ସମଷ୍ଟିଗତ ରୂପାନ୍ତର : ଏପରି ଏକ ଆବେଷ୍ଟନୀ ସୃଷ୍ଟି କରିବାକୁ ହେବ ଯାହା ବ୍ୟକ୍ତିର ଅଭିବୃଦ୍ଧି ଓ ବିକାଶ ନିମିତ୍ତ ଅନୁକୂଳ ହେବ ।

ଯେହେତୁ ବାହ୍ୟ ଆବେଷ୍ଟନୀ ବ୍ୟକ୍ତିକୁ ପ୍ରଭାବିତ କରେ ଏବଂ ଅନ୍ୟ ପକ୍ଷରେ ବାହ୍ୟ ଆବେଷ୍ଟନୀର ମୂଲ୍ୟ ବ୍ୟକ୍ତି ଉପରେ ନିର୍ଭର କରେ— ଉଭୟ କାର୍ଯ୍ୟ ସେଥିପାଇଁ ଏକ ସଙ୍ଗରେ ଚାଲିବା ଉଚିତ । କିନ୍ତୁ ଏହା କେବଳ କର୍ମ ବିଭାଗ ଓ ଉଭୟଙ୍କ ଦ୍ୱାରା ନିଜ ନିଜର କର୍ତ୍ତବ୍ୟ ପାଳନ ବଳରେ ସାଧିତ ହୋଇପାରିବ ଏବଂ ଏଥିପାଇଁ ଆବଶ୍ୟକ ଏକ ସମଷ୍ଟି ବା କେନ୍ଦ୍ରପ୍ରତିଷ୍ଠା— ଯଦି ସମ୍ଭବ ହୁଏ କ୍ରମାନ୍ୱୟରେ ଗଠିତ ଏକ କେନ୍ଦ୍ର ।

ଏହି ସମଷ୍ଟିର କର୍ମୀମାନଙ୍କ କାର୍ଯ୍ୟ ତ୍ରିବିଧ ହେବା ଉଚିତ :

(୧) ଯେଉଁ ଲକ୍ଷ୍ୟରେ ଆମ୍ଭମାନଙ୍କୁ ପହୁଞ୍ଚିବାକୁ ହେବ, ପ୍ରଥମେ ତାକୁ ନିଜ ମଧ୍ୟରେ ସିଦ୍ଧ କରିବାକୁ ହେବ : ସେହି ଅବାଙ୍ମାନସଗୋଚରଙ୍କ ପ୍ରଥମ ଅଭିବ୍ୟକ୍ତିର ସକଳ ଗୁଣ, ସକଳ ଉନ୍ମେଷର ଏକ ପରିପୂର୍ଣ୍ଣ ପାର୍ଥିବ ପ୍ରତିନିଧି ହେବାକୁ ହେବ ।

(୨) ଏହି ଆଦର୍ଶକୁ ବାଣୀ ଦ୍ୱାରା ପ୍ରଚାର କରିବାକୁ ହେବ, କିନ୍ତୁ ମୁଖ୍ୟତଃ ଉଦାହରଣ ଦ୍ୱାରା : ଏହା ଦ୍ୱାରା ଆମ୍ଭେମାନେ ଆବିଷ୍କାର କରି ପାରିବା କେଉଁମାନେ ଏହାକୁ ନିଜ ଭିତରେ ସିଦ୍ଧ କରିବାକୁ ଓ ଏହି ମୁକ୍ତି ବାଣୀର ପ୍ରଚାରକ ହୋଇ ପାରିବା ପାଇଁ ପ୍ରସ୍ତୁତ ।

(୩) ଗୋଟିଏ ଆଦର୍ଶ ସମାଜ ପ୍ରତିଷ୍ଠା କରିବାକୁ ହେବ ଅଥବା ଯେଉଁ ସମାଜ ରହିଛି ତାହାର ପୁନର୍ଗଠନ କରିବାକୁ ହେବ ।''

★

ମା'ଙ୍କର ଏହି ଉପରୋକ୍ତ ମନ୍ତବ୍ୟରୁ ପାଠଚକ୍ରର ଲକ୍ଷ୍ୟ ଓ ଭୂମିକା ସ୍ପଷ୍ଟରୂପେ ଜଣାଯାଏ । ପାଠଚକ୍ର ବ୍ୟକ୍ତିକୁ ମା'ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧେ ଜ୍ଞାନ ପ୍ରଦାନ ଓ ଏହାକୁ ଅଭ୍ୟାସ କରିବାର ପ୍ରଣାଳୀ ଜଣାଇବା ସଙ୍ଗେ ସଙ୍ଗେ ବ୍ୟକ୍ତିର ବିକାଶ ଲାଗି ଏକ ସମଷ୍ଟିଗତ ବାତାବରଣ ସୃଷ୍ଟି କରେ, ଯାହା ନୂତନ ସମାଜ ଗଠନ ଦିଗରେ ସହାୟକ ହୁଏ । ପାଠଚକ୍ରରେ ଯୋଗ ଦେବାରେ କାହାରି କୌଣସି ଅସୁବିଧା ନାହିଁ । କାରଣ ପୁରାତନ ଯୋଗ ସଦୃଶ ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ଓ ଜୀବନକୁ ତ୍ୟାଗ କରିବାକୁ ହୁଏ ନାହିଁ; ବରଂ ସେସବୁରେ ଥିବା ତ୍ରୁଟିସକଳକୁ ସଂଶୋଧନ କରି ତାକୁ ପୂର୍ଣ୍ଣତା ପ୍ରଦାନ କରାଯାଇଥାଏ । ତେଣୁ ବ୍ୟକ୍ତି କୃଷକ ହେଉ, ଶ୍ରମିକ ହେଉ, ଶିକ୍ଷକ ହେଉ, ଛାତ୍ର ହେଉ, ଡାକ୍ତର ହେଉ, ଇଞ୍ଜିନିୟର ହେଉ ବା ଅନ୍ୟ ଯାହା କିଛି ହେଉ ଏଥିରେ ଯୋଗ ଦେବା ଫଳରେ ତା'ର ଦୈନନ୍ଦିନ କର୍ମରେ କିଛି ଆଞ୍ଚ ଆସେ ନାହିଁ; ବରଂ ସେସବୁ ଆହୁରି ନିଷ୍ଠା ଓ ଆହୁରି ନିର୍ଦୋଷ ଭାବେ କରିବାକୁ ପ୍ରେରଣା ପାଏ । କର୍ମହିଁ ହୋଇଉଠେ

ସାଧନା । ତାହାରି ମାଧ୍ୟମରେ ସେ ଭଗବତ୍ ଉପଲବ୍ଧି କରି ତାଙ୍କୁ ପ୍ରକାଶ କରେ ।

ତେବେ ଯାହାହେଉ ପାଠଚକ୍ରରେ କାହିଁକି ଯୋଗଦେବୁ ସେ ସମ୍ବନ୍ଧେ ଏତେ ଆଲୋଚନା ଅପେକ୍ଷା କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇ ଆମେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବା ଶହେଗୁଣ ଭଲ । କିନ୍ତୁ ସତର୍କ ରହିବାକୁ ହେବ; କାରଣ ନଡ଼ିଆର ସୁଶୀତଳ ଜଳପାନ ଓ ସୁମଧୁର ରସ ଆସ୍ୱାଦନ କରିବା ପୂର୍ବରୁ ଆମକୁ ତା'ର ବାହାରର କତା ଛଡ଼ାଇ ଶଢ଼େଇର କଠିନ ଆବରଣ ଭେଦ କରିବାକୁ ହେବ । ନଚେତ୍ କତାରେ ମୁହଁ ମାରି କିଂବା କତା ଛଡ଼ାଇ ଶଢ଼େଇ ପର୍ଯ୍ୟନ୍ତ ଯାଇ ନଡ଼ିଆଟା ଶୁଷ୍କ ନୀରସ ଫଳ ବୋଲି ତ୍ୟାଗ କଲେ ଆମେ ଯଥାର୍ଥ ଫଳ ଲାଭରୁ ବଞ୍ଚିତ ହୋଇ ମୂର୍ଖାମିର ପରିଚୟ ଦେବୁ । ଯୋଗ ସାଧନା ଅଧିକାଂଶ କ୍ଷେତ୍ରରେ ଏଇ ନଡ଼ିଆ ଭଳି । ଆମେ ପାଠଚକ୍ରରେ ଯୋଗ ଦେବା ସଙ୍ଗେ ସଙ୍ଗେ ନିଜକୁ ମା' ଶ୍ରୀଅରବିନ୍ଦଙ୍କୁ ସମର୍ପଣ କରିବା ପରିବର୍ତ୍ତେ ହଠାତ୍ କିଛି ଫଳଲାଭର ଆଶା ରଖୁ । ତା' ଯଦି ନ ହୁଏ ଆମେ ପାଠଚକ୍ର ତ୍ୟାଗ କରୁ । ଆହୁରି ମଧ୍ୟ ଅନ୍ୟ ଏକ କାରଣରୁ ଆମେ ପାଠଚକ୍ର ତ୍ୟାଗ କରିଥାଉ । ସେଇଟି ହେଉଛି ପାଠଚକ୍ରରେ ଯାହା ପଢ଼ାଯାଏ ଓ ଆଲୋଚନା କରାଯାଏ ତାହା ଆମ ବ୍ୟକ୍ତିଗତ ଜୀବନ, କର୍ମ ଓ ଚରିତ୍ରରେ ଥିବା ଦୋଷତ୍ରୁଟିକୁ ଆମ ଆଗରେ ସ୍ପଷ୍ଟ କରିଦିଏ । ଏହା ଫଳରେ ଆମକୁ ଚିଆଁ ଦେଲା ଭଳି ଲାଗେ । ଆମେ ଯଦି ନିଜକୁ ପରିବର୍ତ୍ତିତ କରିବାକୁ ନ ଚାହୁଁଥାଉ ତେବେ ଆମେ ବହୁତ ଅସ୍ୱସ୍ତି ଅନୁଭବ କରୁ, ଆମ ଭିତରର ସମତା ନଷ୍ଟ ହୁଏ, ଆମର ମନ ପ୍ରାଣ ସେ ପରିବେଶରେ ଛଟପଟ ହୋଇ ଉଠନ୍ତି । 'କଙ୍କଡ଼ାକୁ ଗୋଳିପାଣି ସୁଆଦ' ଭଳି ଆମେ ଆମର ପୂର୍ବ ଜୀବନର ଗୋଳିପାଣି ମଧ୍ୟରେ ବୁଡ଼ି ରହିବାକୁ ଭଲପାଉ । ଏଥିରେ ମନ ପ୍ରାଣ ସେମାନଙ୍କର ପୁରାତନ ଧାରା ଅନୁସାରେ ସମସ୍ତ କାମନା ବାସନା ପୂରଣରେ କିଛି ବାଧା ପାଆନ୍ତି ନାହିଁ । ଆମେ ପାଠଚକ୍ରର ଜଞ୍ଜାଳରୁ ମୁକ୍ତ ହୋଇ ଆରାମରେ ଦୀର୍ଘ ନିଃଶ୍ୱାସ ଛାଡୁ । ତେଣୁ ପାଠଚକ୍ରରେ ଯୋଗ

ଦେବା ପୂର୍ବରୁ ଏଇ ଦୁଇଟି କଥା ଲାଗି ସତର୍କ ରହିବାକୁ ହେବ । ଯାହା ବି ଘଟୁ ଶେଷ ପର୍ଯ୍ୟନ୍ତ ଯିବାର ସଙ୍କଳ୍ପ ନେବାକୁ ହେବ । ମୁହଁ ମାଡ଼ି ପଡ଼ି ରହି କଠିନ ଆବରଣକୁ ଭେଦ କଲେ ଯେଉଁ ମଧୁର ରସର ସ୍ପର୍ଶ ପାଇବୁ ତାହା ଆମ ଜୀବନକୁ ପୂର୍ଣ୍ଣ କରିଦେବ, ଜୀବନ ଆମର ସାର୍ଥକ ହୋଇ ଉଠିବ, ସକଳ ଦୁଃଖକଷ୍ଟର ଛଦ୍ମ ଆବରଣ ଖୋଲି ଯାଇ ତାହା ମଧୁର ଆନନ୍ଦରେ ପରିଣତ ହେବ ।

ଶେଷରେ ପାଠଚକ୍ର ଗଠନ ସମ୍ପର୍କରେ ମା'ଙ୍କର ଗୋଟିଏ ବାଣୀ ପାଠ କରି ଆମେ ଶେଷ କରିବା । ମା' ଚାହାନ୍ତି ଖାଲି ପାଠଚକ୍ରଟିଏ ଖୋଲିଦେଲେ ଯଥେଷ୍ଟ ହେଲା ନାହିଁ । ତାହା ଯେପରି ନିଜ ଜୀବନରେ ଭଗବାନଙ୍କୁ ପାଇ ତାଙ୍କୁ ପ୍ରକାଶ କରିବାର ଏକ ନିଷ୍ପାପର ସାଧନାପୀଠରେ ପରିଣତ ହୁଏ । ତାହାର ଆଦର୍ଶ ଯେପରି ଆମ ଜୀବନ ଓ ସକଳ କର୍ମରେ ଫୁଟିଉଠେ । ଖାଲି ଖାମଖିଆଲି ଭାବରେ, ନିଜର ଇଚ୍ଛା ମୁତାବକ କୌଣସି କ୍ଲବ, ସମିତି କିଂବା ମଜଲିସ୍‌ରେ ଯୋଗ ଦେଲା ଭଳି ତାହା ଯେପରି ନ ହୁଏ । ତା' ହେଲେ ଆମେ ନିଜକୁ ନିଜେ ପ୍ରତାରଣା କରିଚାଲିବୁ । ଜୀବନ ବି ଆମର ସେହିପରି ଖାମଖିଆଲି ଓ ଢିଲା ହୋଇଯିବ । ମା' କହିଛନ୍ତି :

''To open a centre is not sufficient in itself. It must be the pure hearth of a perfect sincerity in a total consecration to the Divine.

Let the flame of this sincerity rise high above the falsehoods and the deceptions of the world.''

''ଖାଲି କେନ୍ଦ୍ରଟିଏ ଖୋଲିଦେଲେ ଯେ ଯଥେଷ୍ଟ ହେଲା, ତା' ନୁହେଁ । ଏହି କେନ୍ଦ୍ର ହେବା ଉଚିତ ଭଗବାନଙ୍କ ନିକଟରେ ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ସହ ଅଖଣ୍ଡ ଆନ୍ତରିକତାର ଏକ ବିଶୁଦ୍ଧ ଯଜ୍ଞକୁଣ୍ଡ ।

ଆନ୍ତରିକତାର ଏହି ଅଗ୍ନିଶିଖା ଜଗତର ସକଳ ମିଥ୍ୟା ଓ ପ୍ରବଞ୍ଚନାକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଚାଲୁ ।''